


‘କ୍ୱିନ୍ ୨’ରେ କଙ୍ଗନା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-276 •SATURDAY •04 APRIL 2026 •PAGE-12 •₹ 7.00 | SAMBALPUR | •ବର୍ଷ-୪୩ •ସଂଖ୍ୟା-୨୭୬ •ଶନିବାର •୦୪ ଏପ୍ରିଲ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦


# ଚିନ୍ତାରେ ଟ୍ରମ୍ପ

# ଏଫ୍-୩୫ ଖସାଇଲା ଇରାନ



## ଇରାନ କବଜାରେ ଆମେରିକାର ପାଇଲଟ

## ଇରାନର ସର୍ବବୃହତ ସେତୁ ଧ୍ୱଂସ କଲା ଆମେରିକା

## ଉପସାଗରୀୟ ଦେଶଗୁଡ଼ିକର ୮ ସେତୁ ଉପରେ ଆକ୍ରମଣ ପାଇଁ ଇରାନର ଚେତାବନୀ

■ ତେହରାନ, ୩।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟ ଯୁଦ୍ଧ ୩୫ ଦିନରେ ପହଞ୍ଚିଥିବା ବେଳେ ଇରାନ ଆଜି ଆମେରିକାକୁ ପୁଣି ବଡ଼ ଧରଣର ଝଟକା ଦେଇଛି। ଇରାନ ପକ୍ଷରୁ ଦାବି କରାଯାଇଛି ଯେ କ୍ଷେପଣାସ୍ତ୍ର ମାଡ଼ କରି ଆମେରିକାର ଆଉ ଏକ ଅତ୍ୟାଧୁନିକ ଏଫ-୩୫ ଷ୍ଟିଲ୍ଥ ଲଢୁଆ ବିମାନକୁ ଖାସାଇଦେଇଛି। ଏହାର ପାଇଲଟ ପାରାଚୁଟ୍ ଜରିଆରେ ଓହ୍ଲାଇଛନ୍ତି। ତାଙ୍କୁ ଇରାନୀ ସେନା ଧରିଥିବା ଦାବି କରିଛି। ଇରାନ ଏହି ଯୁଦ୍ଧ ବିମାନ ଖସାଇଥିବା ନେଇ ଆମେରିକା ସ୍ୱୀକାର କରିବା ସହ ପାଇଲଟ୍ ନିଖୋଜ ଥିବା କହିଛି। ଅନ୍ୟପକ୍ଷରେ ପାଇଲଟ୍‌ଙ୍କୁ ଖୋଜୁଥିବା ଆମେରିକାର ‘ବ୍ଲାକ୍ ହକ୍’ ହେଲିକପ୍ଟରକୁ ମଧ୍ୟ ଇରାନ ରକେଟ୍ ମାଡ଼କରି ଖସାଇଦେଇଛି। ଇରାନ ଗତକାଲି ମଧ୍ୟ ଏଫ୍-୩୫ ବିମାନକୁ ମାରି ଖସାଇଥିଲା। ୨୪ ଘଣ୍ଟାରେ ଏହା ହେଉଛି ଦ୍ୱିତୀୟ ଘଟଣା ବୋଲି ଇରାନ କହିଛି।

ଇରାନର ଆଇଆରଜିସି ପକ୍ଷରୁ କୁହାଯାଇଛି ଯେ, ମଧ୍ୟ-ଇରାନର ଆକାଶମାର୍ଗରେ ଏକ ନୂତନ ଏବଂ ଅତ୍ୟାଧୁନିକ ପ୍ରତିରକ୍ଷା ପ୍ରଣାଳୀ ବ୍ୟବହାର କରି ଏହି ବିମାନକୁ ଆକ୍ରମଣ କରାଯାଇଥିଲା। ଯୁଦ୍ଧ ଆରମ୍ଭ ହେବା ପରଠାରୁ ସେମାନଙ୍କ ଦ୍ୱାରା ଖସାଯାଇଥିବା ଏହା ଦ୍ୱିତୀୟ ଏଫ୍-୩୫ ବିମାନ। ବିମାନଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଗତମାସରେ ଆମେରିକା ସ୍ୱୀକାର କରିଥିଲା ଯେ, ଏକ ଏଫ୍-୩୫ ବିମାନ ଇରାନ ଉପରେ କାର୍ଯ୍ୟାନୁଷ୍ଠାନ ସମୟରେ ଜରୁରୀକାଳୀନ ଅବତରଣ କରିଥିଲା। କିନ୍ତୁ ପାଇଲଟ ସୁରକ୍ଷିତ ଥିଲେ। ଏହାସହିତ ୩୫ ଦିନର ଯୁଦ୍ଧରେ ଆମେରିକାର ୧୨ଟି ଯୁଦ୍ଧ ବିମାନକୁ କ୍ଷେପଣାସ୍ତ୍ର ମାଡ଼ କରି ଖସାଇଲାଣି ଇରାନ। ଏଥିରେ ଏଫ-୧୫ ଏବଂ ଏଫ-୩୫ ଜେଟ୍ ବିମାନ ରହିଛି।

ଆମେରିକା ଓ ଇସ୍ରାଏଲ ବିମାନ ଆକ୍ରମଣରେ ଇରାନର ରାଜଧାନୀ ତେହରାନ ନିକଟସ୍ଥ କରାଜଠାରେ ଥିବା ସର୍ବବୃହତ୍ ବି୧ ସେତୁ ଧ୍ୱଂସ ହେବା ପରେ ପରିସ୍ଥିତି ଆହୁରି ଭୟଙ୍କର ହୋଇଛି। ଏହାର ପ୍ରତିଶୋଧ ନେବା ପାଇଁ ଇରାନ ପକ୍ଷରୁ ଉପସାଗରୀୟ ଦେଶରେ ଥିବା ୮ଟି ପ୍ରମୁଖ ବ୍ରିଜ୍‌ର ହିଟ୍ ଲିଷ୍ଟ ଜାରି କରିଛି। ଆମେରିକା- ଇସ୍ରାଏଲର ଏକ ସୂକ୍ଷ୍ମ ଆକ୍ରମଣରେ ଇରାନର ଏହି ବୃହତ୍ତମ ବ୍ରିଜ ଦୁଇଭାଗରେ ଭାଙ୍ଗିଯାଇଛି। ଏହା ତେହରାନକୁ ଅନ୍ୟାନ୍ୟ ଅଞ୍ଚଳ ସହ ଯୋଡୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗ ଥିଲା। ଏହି ଆକ୍ରମଣରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୯୫ଜଣ ଆହତ ହୋଇଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ▶ପୃଷ୍ଠା-୭

## ତୈଳ ଜାହାଜ ପାଇଁ ଜମା ହୋଇପାରିଲାନି ଟଙ୍କା

# ଭାରତ ଆସୁଥିଲା; ଚୀନ୍‌କୁ ପଳାଇଲା



■ ନୂଆଦିଲ୍ଲୀ, ୩।୪ (ଏଜେନ୍ସି): ଭାରତକୁ ଆଶୋଧିତ ତୈଳ ନେଇ ଆସୁଥିବା ଇରାନର ଏକ ବିଶାଳକାୟ ଜାହାଜ ‘ପିଙ୍ଗ ଶୁନ’ ହଠାତ ନିଜର ଗତିପଥ ବଦଳାଇଛି।। ଗୁଜରାଟର ବାଡ଼ିନାର ବନ୍ଦରକୁ ଆସୁଥିବା ଏହି ଜାହାଜଟି ଏବେ ଚୀନ୍‌ର ଦୋଙ୍ଗୟିଙ୍ଗ୍ ଅଭିମୁଖେ ଯାତ୍ରା କରୁଥିବା ଜଣାପଡ଼ିଛି। ଏହି ତେଲ ପାଇଁ ଭାରତ ଟଙ୍କା ଜମା କରିନଥିବାରୁ ଜାହାଜ ଚୀନ ଅଭିମୁଖେ ଯାତ୍ରା କରିଥିବା ଜଣାପଡ଼ିଛି।

୨୦୧୯ ପରଠାରୁ ଭାରତ ଇରାନଠାରୁ ତୈଳ ଆମଦାନୀ ବନ୍ଦ କରିଥିଲା। ଆମେରିକା ପକ୍ଷରୁ ନିକଟରେ ମିଳିଥିବା କୋହଳ ନିୟମ ଯୋଗୁଁ ପ୍ରାୟ ୭ ବର୍ଷ ପରେ ପ୍ରଥମଥର ପାଇଁ ଏହି ତୈଳ କାର୍ଗୋ ଭାରତ ଆସିବାର ଥିଲା। ‘ପିଙ୍ଗ ଶୁନ’ ନାମକ ଏହି ଆଫ୍ରାମ୍ୟାକ୍ସ ଟ୍ୟାଙ୍କରଟି ୨୦୦୨ରେ ନିର୍ମିତ ହୋଇଥିଲା। ଏହା ଉପରେ ୨୦୨୫ରେ ଆମେରିକା ପ୍ରତିବନ୍ଧକ ଲଗାଇଥିଲା। ଏଥିରେ ପ୍ରାୟ ୬ ଲକ୍ଷ ବ୍ୟାରେଲର ଆଶୋଧିତ ତୈଳ ରହିଛି। ସାମୁଦ୍ରିକ ତଥ୍ୟ ବିଶ୍ଲେଷଣକାରୀ ସଂସ୍ଥା ‘କେପଲର’ ଅନୁଯାୟୀ, ଅର୍ଥ ପୈଠ ଜନିତ ସମସ୍ୟା ଯୋଗୁଁ ଏହି ▶ପୃଷ୍ଠା-୭

## ଅବକାରୀ ନୀତିର ଭିତିରି କଥା

# ଗାଁରୁ ସହର ଭାସିବ ମଦ

## ମହାନଗରରେ ‘ସୁପର ପ୍ରିମିୟମ; ପାଣି କୂଳରେ ‘ମଦ କୁଟୀର’

■ ଭୁବନେଶ୍ୱର, ୩।୪ (ସମିସ): ଗତ ୧ ତାରିଖରୁ ରାଜ୍ୟରେ କାର୍ଯ୍ୟକାରୀ ହୋଇଛି ନୂଆ ଅବକାରୀ ନୀତି। ଆଗାମୀ ୩ ବର୍ଷ ପାଇଁ ଏହାକୁ ଲାଗୁ କରାଯାଇଥିବା ସଂକ୍ରାନ୍ତରେ ଅବକାରୀ ମନ୍ତ୍ରୀ ବିଧାନସଭାରେ ଘୋଷଣା କରିଛନ୍ତି। ନୂଆ ନୀତିରେ ରାଜ୍ୟରେ ଆଉ ଠିପି ବନ୍ଦ ମଦ ଦୋକାନ ଖୋଲାଯିବ ନାହିଁ, ତେବେ ଶିଳ୍ପାଞ୍ଚଳରେ ତିନି ତାରକାରୁ ଊର୍ଦ୍ଧ୍ୱ ହୋଟେଲ ଓ କ୍ଲବ୍‌ରେ ଠିପି ଖୋଲା ମଦ ବିକ୍ରି ଅନୁମତି ମିଳିବ ବୋଲି ମନ୍ତ୍ରୀ ବିଧାନସଭାରେ କହିଥିଲେ। ମାତ୍ର ସରକାର ପ୍ରସ୍ତୁତ କରିଥିବା ଅବକାରୀ ନୀତିରେ ରହିଥିବା ଛିଦ୍ର ଓ ବାସ୍ତବ ଯୋଜନା ସମ୍ପୂର୍ଣ୍ଣ ଭିନ୍ନ ମନେ ହେଉଛି। ଚଳିତ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା ୧୦ ହଜାର କୋଟି ଅବକାରୀ ଟିକସ ଆଦାୟ ଲକ୍ଷ୍ୟ ଏହା ଜରିଆରେ ପୂରଣ କରାଯିବାକୁ ମଧ୍ୟ ଯୋଜନା ହୋଇଥିବା ଅଭିଯୋଗ ହୋଇଛି।

## ୧୦ ହଜାର କୋଟିର ଅବକାରୀ ରାଜସ୍ୱ ପାଇଁ ଫନ୍ଦି

## ନଈ, ପୋଖରୀ, ଡ୍ୟାମ୍, ହ୍ରଦ କୂଳରେ ମିଳିବ ମଦ

## ଇକୋ ରିଟ୍ରିଟ୍ ସ୍ଥାନରେ ମଦ ବିକିବ ପର୍ଯ୍ୟଟନ ନିଗମ

ସୂଚନା ଅନୁସାରେ ନୂଆ ଅବକାରୀ ନୀତିରେ ରାଜ୍ୟର ମହାନଗରଗୁଡ଼ିକରେ ସରକାର ସୁପର ପ୍ରିମିୟମ ଠିପି ବନ୍ଦ ମଦ ଦୋକାନ ଖୋଲିବାକୁ ଅନୁମତି ଦେବେ। ଏହାର ଲିଜ୍ ଅବଧି ଲାଇସେନ୍ସ ପାଇବା ଦିନଠାରୁ ୫ ବର୍ଷ ରହିବ। ଏହାର ଆବେଦନ ଫି ୫ ଲକ୍ଷ ଓ ଲାଇସେନ୍ସ ଫି ୫୦ ଲକ୍ଷ ଟଙ୍କା ରଖାଯାଇଛି। ପ୍ରତିବର୍ଷ ଟିକସ ୧୦ % ବୃଦ୍ଧି କରାଯିବ ବୋଲି ମଧ୍ୟ ଏଥିରେ ଉଲ୍ଲେଖ ରହିଛି। କୌତୂହଳର କଥା ହେଉଛି ଏହି ବିଶାଳ ସୁପର ପ୍ରିମିୟମ ଠିପି ବନ୍ଦ ଦୋକାନଗୁଡ଼ିକରେ ଗୋଟିଏ ଲେଖାଏ ମଦ ଚଖା କୋଠରୀ (ୱାଇନ୍ ଟେଷ୍ଟିଂ ରୁମ୍) ରହିବ ବୋଲି କୁହାଯାଇଛି।

ଅନ୍ୟପକ୍ଷରେ ରାଜ୍ୟର ବିଭିନ୍ନ ନଈ, ପୋଖରୀ, ଡ୍ୟାମ, ହ୍ରଦ କୂଳରେ ମଦ ବିକ୍ରି ପାଇଁ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଛି ଅବକାରୀ ବିଭାଗ। ଲୋକମାନେ ଯେପରି ସହଜରେ ଓ ବିନା ଅସୁବିଧାରେ ମଦ ପାଇ ପାରିବେ, ସେଥିପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି। ରାଜ୍ୟର ବିଭିନ୍ନ ବେଳାଭୂଇଁଗୁଡ଼ିକରେ ମଦ କୁଟୀର ସ୍ଥାପନ ହେବ। ‘ବିଚ୍ ସ୍ନାକ୍ସ’ ନାମରେ ଏହି ମଦ କୁଟୀରଗୁଡ଼ିକୁ ଓଡ଼ିଶା ରାଜ୍ୟ ପର୍ଯ୍ୟଟନ ନିଗମ (ଓଟିଡ଼ିସି) ପରିଚାଳନା କରିବ। ଏପରିକି ଇକୋ-ରିଟ୍ରିଟ୍ (ପରିବେଶ ପର୍ଯ୍ୟଟନ ସ୍ଥଳ)ଗୁଡ଼ିକରେ ମଦ ବିକ୍ରି ପାଇଁ ମଧ୍ୟ ଓଟିଡ଼ିସି ଅସ୍ଥାୟୀ ଲାଇସେନ୍ସ ପାଇପାରିବ। କୌତୂହଳର କଥା ହେଉଛି ଅବକାରୀ ବିଭାଗର ଅନ୍ ସପ୍ (ଠିପି ଖୋଲା ମଦ ଦୋକାନ) ପାଇଁ ରେସ୍ତୋରାଁକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ▶ପୃଷ୍ଠା-୭

## ଦେଶର ୧୦ ଉତ୍ତପ୍ତ ସହର ମଧ୍ୟରେ ଓଡ଼ିଶାର ୪

# ଝାରସୁଗୁଡ଼ା ସବୁଠୁ ତତଲା



■ ଭୁବନେଶ୍ୱର, ୩।୪ (ସମିସ): ମାର୍ଚ୍ଚ ମାସରେ ତାପମାତ୍ରା ବୃଦ୍ଧିକୁ କାଳବୈଶାଖୀ ଜନିତ ବର୍ଷା ବାଧା ଦେଇଥିଲା। ଏପ୍ରିଲ ଆରମ୍ଭରୁ ତାଉ ଦେଖାଇଛି ତାତି। ଶୁକ୍ରବାର ରାଜ୍ୟର ୯ ଟି ସ୍ଥାନରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ୪୧.୬ ଡିଗ୍ରୀ ତାତି ସହ ଝାରସୁଗୁଡ଼ା ସାରା ଦେଶରେ ସବୁଠୁ ଉତ୍ତପ୍ତ ଅଞ୍ଚଳ ପାଲଟିଛି। ଦେଶର ୧୦ଟି ତତଲା ଅଞ୍ଚଳ ମଧ୍ୟରେ ଓଡ଼ିଶାରୁ ୪ଟି ଅଞ୍ଚଳ ଅନୁଗୋଳ, ଟିଟିଲାଗଡ଼ ଓ ବଲାଙ୍ଗିର ସ୍ଥାନ ପାଇଛି। ଆଜି ଅନୁଗୋଳରେ ୪୦.୭ ଡ଼ିଗ୍ରୀ, ଟିଟିଲାଗଡ଼ରେ ୪୦.୫ ଓ ବଲାଙ୍ଗୀରରେ ୪୦.୩ ଡ଼ିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଭଦ୍ରକରେ ଶୁକ୍ରବାର ତାପମାତ୍ରା ୪୦.୫ରେ ପହଞ୍ଚିଛି। ସେହିପରି ହୀରାକୁଦରେ ୪୦.୪, ପାରଳାଖେମୁଣ୍ଡି, ସମ୍ବଲପୁର ଓ ତାଳଚେରରେ ତାପମାତ୍ରା ୪୦ ଡିଗ୍ରୀ ଲେଖାଏଁ ରେକର୍ଡ ହୋଇଛି। ଆସନ୍ତା ଦୁଇ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ ଓ ଖରାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଅଧିକ ଗୁଳୁଗୁଳି ହେବା ଆଶଙ୍କା ରହିଛି। ରାଜ୍ୟରେ ଆଗକୁ ଏହି ସ୍ଥିତି ସହ ଅପରାହ୍ଣ ପରେ କାଳବୈଶାଖୀ ଜନିତ ବର୍ଷା ଓ ପବନ ହୋଇପାରେ ବୋଲି କୁହାଯାଇଛି। ୪ ତାରିଖଠାରୁ ଏହାର ପ୍ରଭାବ କିଛି କିଛି ଜିଲ୍ଲାରେ ଅନୁଭୂତ ହେବ ଏବଂ ୬ ଓ ୭ ତାରିଖରେ ଏହାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଶନିବାର ଓ ରବିବାର ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲା ସମେତ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜାଗାରେ ବର୍ଷା ହୋଇପାରେ। ଏହି ଜିଲ୍ଲାଗୁଡ଼ିକରେ ପବନର ବେଗ ମଧ୍ୟ ୩୦-୪୦ କିମି ପର୍ଯ୍ୟନ୍ତ ପହଞ୍ଚିପାରେ। ତେବେ ୬ ଓ ୭ ତାରିଖରେ ବର୍ଷାର ପ୍ରଭାବ ଅଧିକ ଜିଲ୍ଲାରେ ପଡ଼ିବା ସହ ପବନର ବେଗ ମଧ୍ୟ ବୃଦ୍ଧି ପାଇ ୪୦-୫୦ କିମି ପର୍ଯ୍ୟନ୍ତ ରହିପାରେ। ଏହି ସମୟରେ ବିଜୁଳି ଘଡ଼ଘଡ଼ିର ପ୍ରଭାବ ଅଧିକ ରହିବ ଓ କିଛି କିଛି ସ୍ଥାନରେ କୁଆପଥର ମଧ୍ୟ ପଡ଼ିବାର ଆଶଙ୍କା ରହିଛି।

## ୪୦ ଡିଗ୍ରୀ ଟପିଲା ରାଜ୍ୟର ୯ ସହର ତାପମାତ୍ରା

## ଆଫଗାନିସ୍ତାନରେ ୫.୯ ତୀବ୍ରତାର ଭୂକମ୍ପ

# ଥରିଲା ଉତ୍ତର ଭାରତ

■ ନୂଆଦିଲ୍ଲୀ, ୪।୨ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆର ଏବଂ ଉତ୍ତର ଭାରତର ଅନେକ ସ୍ଥାନରେ ଶୁକ୍ରବାର ରାତି ପ୍ରାୟ ୯.୫୦ରେ ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଆଫଗାନିସ୍ତାନରେ ବୋଲି ଜଣାପଡ଼ିଛି ଓ ଏହାର ତୀବ୍ରତା ରିକ୍ଟର ସ୍କେଲ୍‌ରେ ୫.୯ ରେକର୍ଡ କରାଯାଇଛି।



ରାଜଧାନୀ ଦିଲ୍ଲୀ, ନୋଏଡ଼ା, ଚଣ୍ଡୀଗଡ଼, ଲୁଧିଆନା ସମେତ ଜମ୍ମୁ-କଶ୍ମୀରର ଶ୍ରୀନଗର, ପୁଞ୍ଚ୍ ଓ ଉଧମପୁରରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଭୂକମ୍ପ ଯୋଗୁଁ ଲୋକମାନେ ଆତଙ୍କିତ ହୋଇ ନିଜ ଘର ଓ ବହୁତଳ ପ୍ରସାଦରୁ ବାହାରକୁ ଚାଲିଆସିଥିଲେ। ଅନେକ ସ୍ଥାନରେ ଘରର ଆସବାପତ୍ର ହଲୁଥିବା ଦେଖିବାକୁ ▶ପୃଷ୍ଠା-୭

## ସ୍କିମାଟିକ୍ ଶିକ୍ଷକ ନିୟମିତ ହେବା ପରେ ବିଗିଡ଼ିଗଲା ଗଣିତ

# କନିଷ୍ଠ ହୋଇଗଲେ ବରିଷ୍ଠ ଶିକ୍ଷକ

■ ଭୁବନେଶ୍ୱର, ୩।୪ (ସମିସ): ସ୍କିମାଟିକ୍ ଶିକ୍ଷକଙ୍କୁ ସରକାର ନିୟମିତ କରିବା ପରେ ବିଗିଡ଼ିଯାଇଛି ଗଣିତ। ପୂର୍ବରୁ ୬ ବର୍ଷ ଠିକା ଭିତ୍ତିରେ ଚାକିରି କରିଥିବା ଶିକ୍ଷକମାନେ କନିଷ୍ଠ ଏବଂ ମାତ୍ର ଦେଢ଼ ବର୍ଷ ପୂର୍ବରୁ ନିଯୁକ୍ତି ପାଇଥିବା ସ୍କିମାଟିକ୍ ଶିକ୍ଷକମାନେ ବରିଷ୍ଠ ହୋଇଯାଇଛନ୍ତି। ଦୀର୍ଘ ଦିନ ଚାକିରି କରିବା ପରେ ସରକାରଙ୍କ ନିଷ୍ପତ୍ତି ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି। ଏହା ପେ’ ପ୍ରୋଟେକସନ୍ ଆକ୍ଟର ଖୋଲା ଉଲଙ୍ଘନ ବୋଲି ବଞ୍ଚିତ ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

୨୦୧୬ ମସିହାରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୨୦୧୮ ରେ କନିଷ୍ଠ ଶିକ୍ଷକ ନିଯୁକ୍ତି ହୋଇଥିଲା। ସମୁଦାୟ ୧୪,୦୮୭ଟି ପଦରେ ନିଯୁକ୍ତି ପାଇଁ ପ୍ରକ୍ରିୟା ହୋଇଥିବାବେଳେ ପ୍ରାୟ ୧୦ହଜାର ପ୍ରାର୍ଥୀ ନିଯୁକ୍ତି ପାଇଲେ। ଦିବ୍ୟାଙ୍ଗ ଆଶାୟୀଙ୍କ ସମେତ ବିଭିନ୍ନ କୋଟା ଏବଂ କୋର୍ଟ କେସ୍ ଜିତିବା ପରେ ସେହି ସମାନ ବ୍ୟାଚ୍‌ରେ ପରବର୍ତ୍ତୀ ସମୟ ଅର୍ଥାତ୍ ୨୦୧୯ରେ ଆଉ ପ୍ରାୟ ୩୫୦ ଜଣ ନିଯୁକ୍ତି ପାଇଲେ। ୨୦୧୮ରେ ନିଯୁକ୍ତ ଶିକ୍ଷକଶିକ୍ଷୟତ୍ରୀମାନେ ୬ ବର୍ଷ ଠିକା କାର୍ଯ୍ୟକାଳ ପୂରଣ କରିବା ପରେ ୨୦୨୪ ଏପ୍ରିଲ୍- ମେ ମାସରେ ରେଗୁଲାର୍ ହୋଇଛନ୍ତି। ସେହିପରି ୨୦୧୯ରେ ନିଯୁକ୍ତ ପ୍ରାର୍ଥୀ ୬ ବର୍ଷ ପରେ ଅର୍ଥାତ୍ ୨୦୨୫ ଡିସେମ୍ବର-ଜାନୁଆରୀରେ ରେଗୁଲାର୍ ହୋଇଛନ୍ତି। ମାତ୍ର ୨୦୨୪ ଅକ୍ଟୋବରରେ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ଭାବେ ନିଯୁକ୍ତି ପାଇଥିବା ଶିକ୍ଷକଶିକ୍ଷୟତ୍ରୀଙ୍କୁ ଚାକିରି ପାଇବା ଦିନଠାରୁ ହିଁ ନିୟମିତ କରିବାକୁ ଗତକାଲି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ସମସ୍ତ ଗଣିତ ବିଗିଡ଼ି ଯାଇଛି। ନିୟମିତ ହେବା ତାରିଖ ଭିତ୍ତିରେ ଦୀର୍ଘ ୬ ବର୍ଷ କାଳ ସ୍ୱଳ୍ପ ଦରମାରେ ଚାକିରି କରିଥିବା ଶିକ୍ଷକମାନେ କନିଷ୍ଠ ହୋଇଯାଇଛନ୍ତି। ▶ପୃଷ୍ଠା-୭






# ଡବଲ ଇଞ୍ଜିନରେ ଦୋହରା ଦୁଃଖ

## ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରି ଦକ୍ଷିଣତଟ ଜୋନ୍ ଗଠନ




## ୱାଲଟିୟର ଡିଭିଜନ ଯାଇଥିଲା, ଏବେ ଗଲା ଦୁଇଟି ସେକ୍ସନ

## ପଲାସା-ଇଚ୍ଛାପୁରମ୍ ସେକ୍ସନ ପ୍ରତ୍ୟାହାର ପାଇଁ କେନ୍ଦ୍ରର ନିଷ୍ପତ୍ତି

## ଯେ କୌଣସି ମୁହୂର୍ତ୍ତରେ ପୂର୍ଣ୍ଣାଙ୍ଗ ଦକ୍ଷିଣତଟ ରେଳଜୋନ୍ ବିଜ୍ଞପ୍ତି

## ରାଜ୍ୟରେ ତୀବ୍ର ବିରୋଧ; ୨୦ ବିଜେପି ସାଂସଦଙ୍କ ତୁଣ୍ଡରେ ତୁଣ୍ଡି

■ ଭୁବନେଶ୍ୱର, ୩।୪ (ସମିସ): କେନ୍ଦ୍ର ସରକାରଙ୍କ ଆନ୍ଧ୍ର ପ୍ରୀତି ସର୍ବଦା ଓଡ଼ିଶା ପାଇଁ ଅଭିଶାପ ପାଲଟିଛି। ପୂର୍ବରୁ ପୋଲାଭରମ୍ ପ୍ରକଳ୍ପ କ୍ଷେତ୍ରରେ ଏହା ପ୍ରମାଣିତ ହୋଇଛି ଓ ନିକଟରେ ପୂର୍ବତଟ ରେଳବାଇକୁ ବିକଳାଙ୍ଗ କରି ଦକ୍ଷିଣତଟ ରେଳ ଜୋନ ଗଠନ ଡ଼ବଲ ଇଞ୍ଜିନ୍ ସରକାରରେ ଓଡ଼ିଶାର ଦୁଃଖକୁ ଦୋହରା କରିଛି। ୨୦୨୫ ଜାନୁଆରୀରେ ଦକ୍ଷିଣ ତଟ ରେଳ ଜୋନ୍ ଗଠନ ନିମନ୍ତେ କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ନେଲା ଓ ଏହା ସହ ପୂର୍ବତଟ ରେଳବାଇରୁ ୱାଲଟିୟର ଡ଼ିଭିଜନକୁ ଅପସାରଣ କରାଯାଇ ଦକ୍ଷିଣତଟ ରେଳ ଜୋନରେ ସାମିଲ ଘୋଷଣା କରାଗଲା। ବର୍ତ୍ତମାନ ସୁଦ୍ଧା ଦକ୍ଷିଣତଟ ରେଳଜୋନ୍ ଗଠନ ନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ବିଶାଖାପାଟଣାରେ ଦକ୍ଷିଣତଟ ରେଳ ଜୋନ୍ ମହାପ୍ରବନ୍ଧକ ସଞ୍ଜୟକୁମାର ଶ୍ରୀବାସ୍ତବ ଆଜି ଏକ ସାମ୍ବାଦିକ ▶ପୃଷ୍ଠା-୭

## “ଓଡ଼ିଶାର ଗୋଟିଏ ଇଞ୍ଚ୍ ଟ୍ରାକ୍ ଅନ୍ୟ ରାଜ୍ୟକୁ ଯାଉନାହିଁ”

■ ଭୁବନେଶ୍ୱର, ୩।୪ (ସମିସ):ପୂର୍ବତଟ ରେଳପଥ ଅଧୀନସ୍ଥ ପଲାସା-ଇଚ୍ଛାପୁରମ୍ ସେକ୍‌ସନ୍ ପ୍ରସ୍ତାବିତ ଦକ୍ଷିଣ-ପୂର୍ବ ରେଳପଥ ଜୋନ୍‌ର ବିଶାଖାପାଟଣା ଡିଭିଜନ୍‌ରେ ସାମିଲ ହେବାକୁ ନେଇ ରାଜ୍ୟରେ ପ୍ରବଳ ହୋ ହଲ୍ଲା ପରେ ରେଳବାଇ ପକ୍ଷରୁ ଆଜି ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦିଆଯାଇଛି। ଓଡ଼ିଶାରେ ରେଳ କ୍ଷେତ୍ରର ବିକାଶ ପାଇଁ ୯୩,୦୦୦ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। ରାୟଗଡା ଡିଭିଜନ୍‌କୁ ମଞ୍ଜୁର ଦିଆଯାଇଛି। ଏହାର କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ କରାଯିବ। ଅପରପକ୍ଷେ ରେଳବାଇର ସର୍ବାଧିକ ରାଜସ୍ୱ ସୃଷ୍ଟିକାରୀ କେକେ ଲାଇନ୍ କୋଠାଭାଲସା- ▶ପୃଷ୍ଠା-୭






# ସେନା ମୁଖ୍ୟଙ୍କୁ ହଟାଇଲେ ଅସହାୟ ଟ୍ରମ୍ପ

## ଇରାନରେ ବିଫଳତା ପାଇଁ ଦଣ୍ଡିତ ହେଲେ ଜର୍ଜ

ୱାସିଂଟନ, ୩।୪(ଏଜେନ୍ସି): ଇରାନ ଯୁଦ୍ଧରେ ବିଫଳତା ପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ସବୁ ରାଗ ସେନା ମୁଖ୍ୟଙ୍କ ଉପରେ ସୁଝାଇଛନ୍ତି। ବିଫଳତା ପାଇଁ ପରୋକ୍ଷରେ ତାଙ୍କୁ ଦାୟୀ କରି ସେନା ମୁଖ୍ୟ ପଦରୁ ରେଣ୍ଡି ଜର୍ଜଙ୍କୁ ହଟାଇ ଦେଇଛନ୍ତି। ଏହାସହିତ ଏପଷ୍ଟିନ ଫାଇଲ ପାଇଁ ଆଟର୍ଣ୍ଣି ଜେନେରାଲଙ୍କୁ ମଧ୍ୟ ବହିଷ୍କାର କରିଛନ୍ତି। ମାତ୍ର ୨୪ ଘଣ୍ଟା ମଧ୍ୟରେ ସେନା ମୁଖ୍ୟ ଏବଂ ଆଟର୍ଣ୍ଣି ଜେନେରାଲଙ୍କୁ ପଦରୁ ହଟାଇଛନ୍ତି।



ଆଟର୍ଣ୍ଣି ଜେନେରାଲ ବି ବହିଷ୍କୃତ

ଇରାନ ସହ ଚାଲିଥିବା ଯୁଦ୍ଧ ମଧ୍ୟରେ ଟ୍ରମ୍ପ ଆମେରିକା ସେନା ମୁଖ୍ୟ ଜେନେରାଲ ରେଣ୍ଡି ଜର୍ଜଙ୍କୁ ତୁରନ୍ତ ଅବସର ନେବାକୁ କୁହାଯାଇଛି। ଜର୍ଜଙ୍କ କାର୍ଯ୍ୟକାଳ ୨୦୨୭ରେ ଶେଷ ହେବାର ଥିଲା। କିନ୍ତୁ ଟ୍ରମ୍ପ ସରକାର ନିଜର ବିଶ୍ୱସ୍ତ ଲୋକଙ୍କୁ ସେନାର ଶୀର୍ଷ ପଦରେ ରଖିବାକୁ ଚାହୁଁଛନ୍ତି। ସେହିପରି ଦେଶର ଆଟର୍ଣ୍ଣି ଜେନେରାଲ ପ୍ୟାମ୍ ବଣ୍ଡିଙ୍କୁ ମଧ୍ୟ ବହିଷ୍କାର କରାଯାଇଛି। କୁହାଯାଉଛି ଯେ, ବଣ୍ଡି 'ଏପଷ୍ଟିନ ଫାଇଲ୍ସ' ମାମଲାକୁ ଠିକ୍ ଭାବେ ପରିଚାଳନା କରିପାରି ନଥିଲେ। ଲୋକଙ୍କ ଆଶା ଥିଲା ଯେ ଏହି ଫାଇଲ୍ସରୁ କିଛି ବଡ଼ ରହସ୍ୟ ଖୋଲିବ, କିନ୍ତୁ ବଣ୍ଡିଙ୍କ ଦ୍ୱାରା ଜାରି ତଥ୍ୟରେ କିଛି ନୂଆ ନଥିଲା, ଯାହାକୁ ସରକାରଙ୍କୁ ଅଡୁଆରେ ପକାଇଥିଲା।

ଏବେ କଥା ଉଠୁଛି ଯେ କାହିଁକି ଏହି ନିଷ୍ପତ୍ତି ନିଆଗଲା? ରିପୋର୍ଟ ଅନୁଯାୟୀ ରାଷ୍ଟ୍ରପତି ଟ୍ରମ୍ପ ଏବଂ ଯୁଦ୍ଧ ସଚିବ ପିଟ୍ ହେଗସେଥ ସେନାକୁ ନିଜର ନୂତନ ବିଚାରଧାରା ଅନୁଯାୟୀ, ପରିଚାଳିତ କରିବାକୁ ଚାହୁଁଛନ୍ତି। ଏହି କାରଣରୁ ଜେନେରାଲ ଜର୍ଜଙ୍କୁ ଇସ୍ତଫା ଦେବାକୁ କୁହାଯାଇଛି। ଜେନେରାଲ ଜର୍ଜ ୨୦୨୩ ଅଗଷ୍ଟରୁ ଆମେରିକା ସେନାର ୪୧ତମ ମୁଖ୍ୟ ଭାବେ କାର୍ଯ୍ୟ କରୁଥିଲେ। ସେ ୱେଷ୍ଟ ପଏଣ୍ଟ ମିଲିଟାରୀ ଏକାଡେମୀରୁ ସ୍ନାତକ ହାସଲ କରିଥିଲେ ଏବଂ ପ୍ରଥମ ଗଲ୍ ୱାର ସମେତ ଇରାକ ଓ ଆଫଗାନିସ୍ତାନ ଯୁଦ୍ଧରେ ଅଂଶଗ୍ରହଣ କରିଥିଲେ। ସେ ପୂର୍ବତନ ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନଙ୍କ ପ୍ରମୁଖ ସାମରିକ ସହାୟକ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ସାଧାରଣତଃ ଏହି ପଦବୀ ଅବଧି ୪ ବର୍ଷ ହୋଇଥାଏ। ଜର୍ଜ ୨୦୨୧-୨୨ରେ ବାଇଡେନ ପ୍ରଶାସନ ସମୟରେ ସେ ପ୍ରତିରକ୍ଷା ସଚିବ ଲଏଡ୍ ଅଷ୍ଟିନଙ୍କ ମୁଖ୍ୟ ସାମରିକ ସହଯୋଗୀ। ଜେନେରାଲ ଜର୍ଜଙ୍କ ଅବସର ପରେ ଜେନେରାଲ କ୍ରିଷ୍ଟୋଫର ଲା'ନେଭ କାମଚଳା ସେନା ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବେ। ପେଣ୍ଟାଗନ ମୁଖପାତ୍ର ସିନ ପାର୍ଣ୍ଣେଲ ନିଶ୍ଚିତ କରିଛନ୍ତି ଯେ ଜେନେରାଲ ଜର୍ଜଙ୍କ ସ୍ଥାନରେ ଲା'ନେଭ ଦାୟିତ୍ୱରେ ରହିବେ। ଲା'ନେଭଙ୍କୁ ହେଗସେଥଙ୍କର ଜଣେ ନିକଟତର ଅଧିକାରୀ ଭାବେ ବିଚାର କରାଯାଉଛି। ମାତ୍ର ଦୁଇବର୍ଷ ତଳେ ଲା'ନେଭ ଜଣେ ଟୁ ଷ୍ଟାର ଜେନେରାଲ ଥିଲେ।

ଟ୍ରମ୍ପ ପ୍ରଶାସନ କ୍ଷମତାକୁ ଆସିବା ପରେ ପ୍ରାୟ ଏକ ଡଜନରୁ ଅଧିକ ବରିଷ୍ଠ ସାମରିକ ଅଧିକାରୀଙ୍କୁ ପଦରୁ ହଟାଯାଇଛି କିମ୍ବା ସେମାନେ ଆଗୁଆ ଅବସର ନେଇଛନ୍ତି। ପ୍ରାୟ ୫ ସପ୍ତାହ ଧରି ଇରାନରେ ଆମେରିକା-ଇସ୍ରାଏଲର ମିଳିତ ସାମରିକ ଅପରେସନ ଜାରି ରହିଛି। ଏହି ସଙ୍କଟ ସମୟରେ ସେନା ମୁଖ୍ୟଙ୍କୁ ପରିବର୍ତ୍ତନ କରିବା ଏକ ବଡ଼ ସଙ୍କେତ ବୋଲି କୁହାଯାଉଛି। ତେବେ ପେଣ୍ଟାଗନ୍ ଏହି ବିବାଦୀୟ ନିଷ୍ପତ୍ତି ପଛରେ କୌଣସି ନିର୍ଦ୍ଦିଷ୍ଟ କାରଣ ଦର୍ଶାଇ ନାହିଁ। ୨୦୨୫ ଫେବୃଆରୀରେ ଟ୍ରମ୍ପଙ୍କ ଶାସନ ଆରମ୍ଭ ହେବା ପରଠାରୁ ଅନେକ ଶୀର୍ଷ ସାମରିକ ଅଧିକାରୀଙ୍କୁ ପଦରୁ ହଟାଇଛନ୍ତି।



# ହର୍ମୁଜ ପାଇଁ ଜାତିସଂଘ ତତ୍ପର; ଭୋଟ ଆଜି, ରୁଷ-ଚୀନ ଉପରେ ନଜର

■ ସାମରିକ ହସ୍ତକ୍ଷେପ ନେଇ ଇରାନର ଚେତାବନୀ
■ ଇରାନ- ଓମାନର ମିଳିତ ପ୍ରୋଟୋକଲ ଘୋଷଣା



ନ୍ୟୁୟର୍କ/ ତେହରାନ, ୩।୪(ଏଜେନ୍ସି): ପଶ୍ଚିମ ଏସିଆରେ ଚାଲିଥିବା ସଂଘର୍ଷ ମଧ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଯାତାୟତ ନିଶ୍ଚିତ କରିବା ପାଇଁ ବାହାରିନ ଦ୍ୱାରା ପ୍ରସ୍ତୁତ ଏକ ଚିଠା ପ୍ରସ୍ତାବ ଉପରେ ଶନିବାର ଦିନ ଜାତିସଂଘ ସୁରକ୍ଷା ପରିଷଦରେ ଭୋଟ ଗ୍ରହଣ କରାଯିବ। ଏହି ଭୋଟ ନିର୍ଦ୍ଧାରଣ କରିବ ଯେ, ଅନ୍ତର୍ଜାତୀୟ ସମୁଦାୟ ମିଳିତ ଭାବେ ହର୍ମୁଜ ପ୍ରଣାଳୀକୁ ଖୋଲିବା ପାଇଁ ସାମରିକ ଶକ୍ତି ବ୍ୟବହାର କରିବେ କି ନାହିଁ। ଯଦି ଏହି ପ୍ରସ୍ତାବ ପାରିତ ହୁଏ, ତେବେ ଇରାନ ବିରୋଧରେ ଚାଲିଥିବା ସାମରିକ ଅଭିଯାନକୁ ଏକ ଅନ୍ତର୍ଜାତୀୟ ବୈଧତା ପ୍ରଦାନ କରିପାରେ। ଏହି ପ୍ରସ୍ତାବରେ ସଦସ୍ୟ ଦେଶମାନଙ୍କୁ 'ସମସ୍ତ ଆବଶ୍ୟକ ପ୍ରତିରକ୍ଷା ବ୍ୟବସ୍ଥା' ଗ୍ରହଣ କରିବାକୁ ଅନୁମତି ଦେବା ପାଇଁ ଆହ୍ୱାନ ଦିଆଯାଇଛି। ତେବେ ଏହାକୁ ବିରୋଧ କରି ଇରାନ ଚେତାବନୀ ଦେଇଛି ଯେ ହର୍ମୁଜରେ ସାମରିକ ହସ୍ତକ୍ଷେପ ହେଲେ ପରିସ୍ଥିତି ଜଟିଳ ହୋଇପଡ଼ିବ।

ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତୈଳ ପରିବହନ ମାର୍ଗ ହର୍ମୁଜ ପ୍ରଣାଳୀ ପ୍ରାୟତଃ ବନ୍ଦ ରହିଛି। ଏହାଦ୍ୱାରା ବିଶ୍ୱ ଶକ୍ତି ବାଣିଜ୍ୟରେ ବଡ଼ ଧରଣର ବାଧା ସୃଷ୍ଟି ହୋଇଛି। ବାହାରିନ୍ ବର୍ତ୍ତମାନ ସୁରକ୍ଷା ପରିଷଦର ଅଧ୍ୟକ୍ଷତା କରୁଛି। ବାହାରିନର ବୈଦେଶିକ ମନ୍ତ୍ରୀ ଅବଦୁଲାତିଫ୍ ବିନ ରଶିଦ ଅଲ ଜାୟାନି କହିଛନ୍ତି ଯେ ଇରାନ ଦ୍ୱାରା ଅନ୍ତର୍ଜାତୀୟ ନୌଚାଳନାକୁ ନିୟନ୍ତ୍ରଣ କରିବା ପାଇଁ କରାଯାଉଥିବା ବେଆଇନ୍ ଓ ଅଯୌକ୍ତିକ ପ୍ରୟାସ ବିରୁଦ୍ଧରେ ଏକ ଦୃଢ଼ ଜବାବ ଦିଆଯିବା ଆବଶ୍ୟକ। ଅଲ ଜଜିରା ରିପୋର୍ଟ ଅନୁଯାୟୀ, ଏହି ଚିଠା ପ୍ରସ୍ତାବ ଏପର୍ଯ୍ୟନ୍ତ ୪ଥର ସଂଶୋଧନ କରାଯାଇଛି। ରୁଷ ଓ ଚୀନ ଏଥିରେ ଥିବା 'ବଳ ପ୍ରୟୋଗ' ଶବ୍ଦକୁ ବିରୋଧ କରିଥିଲେ, ଯାହା ଏହି ରଣନୈତିକ ଜଳପଥକୁ ଖୋଲିବା ପାଇଁ ବ୍ୟବହାର କରାଯାଉଥିଲା।

ଇତିମଧ୍ୟରେ ଇରାନ ଏକ ବଡ଼ଧରଣର କୂଟନୈତିକ ଏବଂ ସାମରିକ ପଦକ୍ଷେପ ନେଇଛି। ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳମାର୍ଗ ହର୍ମୁଜ ପ୍ରଣାଳୀକୁ ନେଇ ଇରାନ ଓ ଓମାନ ମଧ୍ୟରେ ଏକ ମିଳିତ ନୌଚାଳନା ପ୍ରୋଟୋକଲ ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ, ହର୍ମୁଜ ପ୍ରଣାଳୀର ଉତ୍ତର ଭାଗ ଇରାନର ନିୟନ୍ତ୍ରଣରେ ରହିବ ଓ ଦକ୍ଷିଣ ଭାବେ ଓମାନ ଦ୍ୱାରା ପରିଚାଳିତ ହେବ। ଏହି ମାର୍ଗ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଇରାନର ଏକ ଟୋଲ୍ ବା ଶୁଳ୍କ ବ୍ୟବସ୍ଥା ଲାଗୁ କରିବାକୁ ଘୋଷଣା କରିଛି। ଏହି ନିୟମକୁ ଇରାନର ସଂସଦ ଏବଂ ଗାର୍ଡିଆନ କାଉନସିଲର ଅନୁମୋଦନ ପରେ କାର୍ଯ୍ୟକାରୀ କରାଯିବ। ଇରାନ ନିଜର ପ୍ରଭାବ ବିସ୍ତାର କରିବା ପାଇଁ ୫ଟି ପାୱାର ସେଣ୍ଟର ବିଷୟରେ ଜଣାଇଛି, ଯେଉଁଥିରେ ମିସାଇଲ ହବ୍, ନୌସେନା ବେସ୍, ଅଣ୍ଡରୱାଟର ଡ୍ରୋନ ଏବଂ ମାଇନ ବିଛାଇବା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଇରାନ ଏହି ପ୍ରୋଟୋକଲ ଜାରିଆରେ ବିଶ୍ୱକୁ ଏହି ସଙ୍କେତ ଦେବାକୁ ଚାହୁଁଛି ଯେ ହର୍ମୁଜ ପ୍ରଣାଳୀ ଉପରେ ତା'ର ପୂର୍ଣ୍ଣ କର୍ତ୍ତୃତ୍ୱ ରହିଛି। ଓମାନ ସହ ମିଶି ଏହି ନିୟମ ପ୍ରଣୟନ କରି ଇରାନ ନିଜର ଆଞ୍ଚଳିକ ପ୍ରଭାବକୁ ବଢ଼ାଇବାକୁ ଚେଷ୍ଟା କରୁଛି।

# ଇରାନର ଅଧା ମିସାଇଲ୍ ଲଞ୍ଚର୍, ଡ୍ରୋନ୍ ସୁରକ୍ଷିତ

ୱାସିଂଟନ/ତେହରାନ, ୩।୪(ଏଜେନ୍ସି): ଆମେରିକା ଓ ଇସ୍ରାଏଲର କ୍ରମାଗତ ବିମାନ ଆକ୍ରମଣ ସତ୍ତ୍ୱେ ଇରାନର ସାମରିକ ଶକ୍ତି ଏବେ ମଧ୍ୟ ଯଥେଷ୍ଟ ପରିମାଣରେ ସୁରକ୍ଷିତ ରହିଛି। ସିଏନ୍ଏନ୍‌ର ରିପୋର୍ଟ ଅନୁଯାୟୀ, ଆମେରିକୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକରେ ଆକଳନ କହୁଛି ଯେ ଇରାନର ପ୍ରାୟ ୫୦ ପ୍ରତିଶତ ମିସାଇଲ ଲଞ୍ଚର ଏବଂ ହଜାର ହଜାର ଆତ୍ମଘାତୀ ଡ୍ରୋନ୍ ଏବେ ମଧ୍ୟ କାର୍ଯ୍ୟକ୍ଷମ ରହିଛି। ଇରାନର ଅଧା ମିସାଇଲ ଲଞ୍ଚର ଏବଂ ୫୦ ପ୍ରତିଶତ ଡ୍ରୋନ ଭଣ୍ଡାର ଆକ୍ରମଣରୁ ବର୍ତ୍ତିଯାଇଛି। ଏହା ସମଗ୍ର ଅଞ୍ଚଳରେ ଏକ ବଡ଼ ଧରଣର ବିପର୍ଯ୍ୟୟ ସୃଷ୍ଟି କରିବା ପାଇଁ ଯଥେଷ୍ଟ। ଇରାନର ବ୍ୟାପକ ସୁଡ଼ଙ୍ଗ ବ୍ୟବସ୍ଥା ଏବଂ ମୋବାଇଲ ଲଞ୍ଚ ପ୍ଲାଟଫର୍ମ ଯୋଗୁଁ ଆକ୍ରମଣର ପ୍ରଭାବ ସୀମିତ ରହିଛି। ଆକ୍ରମଣ ପରେ ଲଞ୍ଚରଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଛି। ଇରାନର ରିଭୋଲ୍ୟୁସନାରୀ ଗାର୍ଡ (ଆଇଆରଜିସି) ପାଖରେ ଏବେ ମଧ୍ୟ ହଜାର ହଜାର ଛୋଟ ଡଙ୍ଗା ଏବଂ ମାନବବିହୀନ ଜଳ ଜାହାଜ ଅଛି, ଯାହା ସାମୁଦ୍ରିକ ସୁରକ୍ଷା ପାଇଁ ଚ୍ୟାଲେଞ୍ଜ।

### ଆମେରିକୀୟ ଗୁଇନ୍ଦା ରିପୋର୍ଟ

ତେବେ ଆମେରିକାର ପ୍ରଶାସନ ତରଫରୁ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଆମେରିକାର ପ୍ରତିରକ୍ଷା ବିଭାଗ ପେଣ୍ଟାଗନ ମଧ୍ୟ ସମାନ ମନ୍ତବ୍ୟ ଦେଇଛି। ହ୍ୱାଇଟ୍ ହାଉସ୍‌ର ଜଣେ ମୁଖପାତ୍ର କହିଛନ୍ତି ଯେ ଇରାନର ସାମରିକ ଶକ୍ତି ପ୍ରାୟତଃ ନଷ୍ଟ ହୋଇଯାଇଛି ଏବଂ ସେମାନଙ୍କୁ ଆକ୍ରମଣ କ୍ଷମତା ୯୦ ପ୍ରତିଶତ ହ୍ରାସ ପାଇଛି। ପେଣ୍ଟାଗନ ମୁଖପାତ୍ର ସିନ୍ ପାର୍ଣ୍ଣେଲ ଏହି ରିପୋର୍ଟକୁ ସମ୍ପୂର୍ଣ୍ଣ ଭୁଲ ବୋଲି କହିଛନ୍ତି ଏବଂ ଦାବି କରିଛନ୍ତି ଯେ ଆମେରିକା ଧାର୍ଯ୍ୟ ସମୟ ପୂର୍ବରୁ ଇରାନର ସାମରିକ ଶକ୍ତିକୁ ଧ୍ୱଂସ କରିବାରେ ସଫଳ ହେଉଛି।

ଆମେରିକା ଦାବି କରିଛି ଯେ ସେମାନେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମନେଇ ଏବଂ ଜାତୀୟ ସୁରକ୍ଷା ମୁଖ୍ୟ ଅଲି ଲାରିଜାନିଙ୍କ ସମେତ ଅନେକ ଶୀର୍ଷ ନେତାଙ୍କୁ ସମାପ୍ତ କରିଛନ୍ତି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ ଇରାନର କ୍ଷମତାକୁ ବହୁ ମାତ୍ରାରେ ହ୍ରାସ କରାଯାଇଛି, ଯଦିଓ ଗୁଇନ୍ଦା ରିପୋର୍ଟ ଏହା ସହ ସମ୍ପୂର୍ଣ୍ଣ ଏକମତ ନୁହେଁ। ତେବେ ଇସ୍ରାଏଲ ଅଧିକାରୀମାନଙ୍କ ମତରେ କେବଳ ୨୦ରୁ ୨୫ ପ୍ରତିଶତ ଲଞ୍ଚର ବାକି ଅଛି, କିନ୍ତୁ ଏଥିରେ ସୁଡଙ୍ଗ ଭିତରେ ଲୁଚି ରହିଥିବା ଅସ୍ତ୍ରଶସ୍ତ୍ର ଅନ୍ତର୍ଭୁକ୍ତ ନାହିଁ।

# ଭାରତକୁ ମିଳିଲା ତୃତୀୟ ପାରମାଣବିକ ବୁଡ଼ାଜାହାଜ

ନୂଆଦିଲ୍ଲୀ, ୩।୪(ଏଜେନ୍ସି): ଭାରତୀୟ ସାମରିକ ଶକ୍ତିରେ ଆଉ ଏକ ସୁବର୍ଣ୍ଣ ଅଧ୍ୟାୟ ଯୋଡ଼ି ହୋଇଛି। ଶୁକ୍ରବାର ଦିନ ଭାରତୀୟ ନୌସେନାରେ ତୃତୀୟ ପାରମାଣବିକ ବାଲିଷ୍ଟିକ ମିସାଇଲ ସବମାରିନ (ଏସ୍ଏସ୍‌ବିଏନ୍) 'ଆଇଏନ୍ଏସ୍ ଅରିଦମନ'କୁ ସାମିଲ କରାଯାଇଛି। ଏହା ପୂର୍ବରୁ ଆଇଏନ୍ଏସ୍ ଅରିହନ୍ତ (୨୦୧୬) ଓ ଆଇଏନ୍ଏସ୍ ଅରିଘାତ (୨୦୨୪ ଅଗଷ୍ଟ) ନୌସେନାରେ କାର୍ଯ୍ୟ କରୁଛନ୍ତି। କେରଳର ନୌସେନା ବାସଘାଟିରେ ଆୟୋଜିତ ଏକ ଗୁପ୍ତ କାର୍ଯ୍ୟକ୍ରମରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ଥିଲେ। ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛନ୍ତି ଯେ, ଅରିଦମନ କେବଳ ଏକ ଶବ୍ଦ ନୁହେଁ, ଏହା ଏକ ଶକ୍ତିର ପ୍ରତୀକ। ଏହି ବୁଡ଼ା ଜାହାଜଟି ବିଶାଖାପାଟଣାର ଶିପ ବିଲ୍ଡିଂ ସେଣ୍ଟର (ଏସ୍‌ବିସି)ରେ ନିର୍ମିତ ହୋଇଛି। ଏହା ଭାରତର ଅତ୍ୟନ୍ତ ଗୋପନୀୟ ନ୍ୟୁକ୍ଲିୟାର ବାଲିଷ୍ଟିକ ସବ୍‌ମାରିନ ପ୍ରୋଗ୍ରାମର ଅଂଶବିଶେଷ। ଏହି ବର୍ଗର ବୁଡ଼ା ଜାହାଜଗୁଡ଼ିକ ପାରମାଣବିକ ଅସ୍ତ୍ରଶସ୍ତ୍ର ବହନ କରିବା ସହ ଦୀର୍ଘ ସମୟଧରି ସମୁଦ୍ର ମଧ୍ୟରେ ମୁତୟନ ରହିବାକୁ ସକ୍ଷମ। ଅରିଦମନ ନୌସେନାରେ ସାମିଲ ହେବା ସହ ଭାରତର ନ୍ୟୁକ୍ଲିୟାର ଟ୍ରାଏଡ଼ କ୍ଷମତା ଆହୁରି ଶକ୍ତିଶାଳୀ ହୋଇଛି। ଜଳ, ସ୍ଥଳ, ଆକାଶ- ଏହି ୩ଟି ମାଧ୍ୟମରୁ ପାରମାଣବିକ ଆକ୍ରମଣ କରିବାର କ୍ଷମତାକୁ ନ୍ୟୁକ୍ଲିୟାର ଟ୍ରାଏଡ୍ କୁହାଯାଇଥାଏ। ଏଥିସହ ଭାରତ ବିଶ୍ୱରେ କେତୋଟି ବଛାବଛା ଦେଶମାନଙ୍କ ତାଲିକାରେ ଅଛି। ଏହି ତାଲିକାରେ ଆମେରିକା, ରୁଷ, ବ୍ରିଟେନ, ଫ୍ରାନ୍ସ ଓ ଚୀନ୍ ରହିଛନ୍ତି। ଏହି ଦେଶଗୁଡ଼ିକ ନିକଟରେ ଏହି ୩ ପ୍ରକାର ଆକ୍ରମଣର କ୍ଷମତା ରହିଛି।

# ପୁଣି ବନ୍ଧୁତ୍ୱର ପ୍ରମାଣ ଦେଲେ ପୁଟିନ

ନୂଆଦିଲ୍ଲୀ, ୩।୪(ଏଜେନ୍ସି): ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ପୁଣି ଭାରତ ସହ ତାଙ୍କର ଥିବା ପୁରୁଣା ବନ୍ଧୁତ୍ୱର ପ୍ରମାଣ ଦେଇଛନ୍ତି। ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଯୋଗୁଁ ଭାରତରେ ଦେଖା ଦେଇଥିବା ଶକ୍ତି ସଙ୍କଟ ସମୟରେ ରୁଷ୍ ପୁଣିଥରେ ନିଜ ବନ୍ଧୁତ୍ୱର ପ୍ରମାଣ ଦେଇଛି। ରୁଷର ଉପ-ପ୍ରଧାନମନ୍ତ୍ରୀ ଡେନିସ ମାଣ୍ଟୁରୋଭଙ୍କ ଭାରତ ଗସ୍ତ ସମୟରେ ଦୁଇ ଦେଶ ମଧ୍ୟରେ ଶକ୍ତି ଓ ବାଣିଜ୍ୟିକ ସହଯୋଗକୁ ନେଇ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ହର୍ମୁଜ ପ୍ରଣାଳୀ ବନ୍ଦ ହେବା ଯୋଗୁଁ ଭାରତରେ ତେଲ ଓ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି। ଏହି ସମୟରେ ରୁଷ ଭାରତକୁ ଅଧିକ ପରିମାଣର ଅଶୋଧିତ ତୈଳ ଏବଂ ଏଲ୍ଏନ୍‌ଜି ଯୋଗାଇ ଦେବାକୁ ପ୍ରସ୍ତାବ ଦେଇଛି। ରୁଷି ମଧ୍ୟ ୨୦୨୫ ଶେଷ ସୁଦ୍ଧା ଭାରତକୁ ଖଣିଜ ସାର ଓ ସାର ଯୋଗାଣ ପ୍ରାୟ ୪୦ ପ୍ରତିଶତ ବୃଦ୍ଧି କରିଛି। ଏଥିସହ ୟୁରିଆ ଉତ୍ପାଦନ ପାଇଁ ଉଭୟ ଦେଶ ଏକ ମିଳିତ ପ୍ରକଳ୍ପରେ କାର୍ଯ୍ୟ କରୁଛନ୍ତି। ଭାରତ ରୁଷଠାରୁ ଆହୁରି ୫ଟି ଏସ- ୪୦୦ ଏୟାର ଡିଫେନ୍ସ ସିଷ୍ଟମ କିଣିବାକୁ ନିଷ୍ପତ୍ତି ନେଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଡେନିସ ମାଣ୍ଟୁରୋଭଙ୍କ ବୈଠକ ପରେ ସାମାଜିକ ଗଣମାଧ୍ୟମରେ ଖୁସି ବ୍ୟକ୍ତ କରିଛନ୍ତି।

ସଙ୍କଟ ସମୟରେ ଭାରତକୁ ସହାୟତାର ହାତ ବଢ଼ାଇଲେ

# ଟ୍ରମ୍ପ ଭୂତାଇବାରେ ଲାଗିଛନ୍ତି: ମାକ୍ରନ



■ ୬ମାସ ତଳେ କୁହାଯାଇଥିଲା ଇରାନର ସବୁକିଛି ଧ୍ୱଂସ ହୋଇଯାଇଛି
■ ନାଟୋକୁ ନେଇ ଦେଲେ ଚେତାବନୀ

ପ୍ୟାରିସ/ସିଓଲ, ୩।୪(ଏଜେନ୍ସି): ଇରାନ ଯୁଦ୍ଧ ଓ ନାଟୋ ସଂଗଠନକୁ ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୟାନବାଜି ଉପରେ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ ମାକ୍ରନ। ଟ୍ରମ୍ପଙ୍କ ବିରୋଧାଭାସୀ ବାର୍ତ୍ତା ଅନ୍ତର୍ଜାତୀୟସ୍ତରରେ ବିଶ୍ୱାସ ହ୍ରାସ କରୁଛି ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ଅନ୍ତର୍ଜାତୀୟ ନେତୃତ୍ୱରେ ସ୍ଥିରତା ରହିବା ଜରୁରୀ। ଯଦି ଆପଣ ଗମ୍ଭୀର ରହିବାକୁ ଚାହୁଁଛନ୍ତି, ତେବେ ଗତକାଲି ଯାହା କହିଥିଲେ ଆଜି ତା'ର ଓଲଟା କଥା କୁହନ୍ତୁ ନାହିଁ। ବୋଧହୁଏ ଆପଣ ପ୍ରତିଦିନ କହିବା ଉଚିତ ନୁହେଁ। ମାକ୍ରୋନ ଚେତାବନୀ ଦେଇଛନ୍ତି ଯେ, ନାଟୋ ପ୍ରତିବଦ୍ଧତା ଉପରେ ବାରମ୍ବାର ପ୍ରଶ୍ନ ଉଠାଇବା ଦ୍ୱାରା ଏହି ସାମରିକ ମେଣ୍ଟ ଦୁର୍ବଳ ହେବାରେ ଲାଗିଛି। ଟ୍ରମ୍ପ ଇରାନ ସଂଘର୍ଷକୁ ନେଇ ଦ୍ୱନ୍ଦାତ୍ମକ ବାର୍ତ୍ତା ଦେବା ସହିତ ନଟୋର ବିଶ୍ୱସନୀୟତାକୁ ଦୁର୍ବଳ କରିବାରେ ଲାଗିଛନ୍ତି।

ସେ କହିଲେ ଯେ ୬ ମାସ ପୂର୍ବେ ଆମକୁ କୁହାଯାଇଥିଲା ଯେ ଇରାନର ସବୁକିଛି ଧ୍ୱଂସ ହୋଇଯାଇଛି ଏବଂ ସମସ୍ୟାର ସମାଧାନ ହୋଇସାରିଛି। ଯଦି ସବୁକିଛି ଧ୍ୱଂସ ହୋଇଯାଇଛି, ତାହାହେଲେ ପୁଣି ଆକ୍ରମଣ କର ପାଇଁ? କେବଳ ସାମରିକ କାର୍ଯ୍ୟାନୁଷ୍ଠାନ ଦ୍ୱାରା ଇରାନ ସମସ୍ୟାର ସମାଧାନ ହୋଇପାରିବ ନାହିଁ, ଏଥିପାଇଁ ଅନ୍ତର୍ଜାତୀୟସ୍ତରରେ ନଜର ରଖିବା ଓ କୂଟନୀତିର ଆବଶ୍ୟକତା ରହିଛି।

ନାଟୋ ପ୍ରତିବଦ୍ଧତା ଉପରେ ଟ୍ରମ୍ପ ସନ୍ଦେହ ପ୍ରକଟ କରୁଥିବାରୁ ଏହାର ମେଣ୍ଟର ଶକ୍ତିକୁ ହ୍ରାସ କରୁଛି ବୋଲି ମାକ୍ରନ ଚେତାବନୀ ଦେଇଛନ୍ତି। ତୁରନ୍ତ ଯୁଦ୍ଧବିରତି ଏବଂ କୂଟନୈତିକ ଆଲୋଚନା ପାଇଁ ଆହ୍ୱାନ ଦେଇଛନ୍ତି। ହର୍ମୁଜ ପ୍ରଣାଳୀ ବଳପୂର୍ବକ ଖୋଲିବା ଯୋଜନାକୁ ଅବାସ୍ତବ ବୋଲି ଉଲ୍ଲେଖ କରି ମାକ୍ରନ କହିଛନ୍ତି ଯେ ହର୍ମୁଜ ଉପରେ ଇରାନର ସାର୍ବଭୌମ ଅଧିକାର ରହିଛି ଏବଂ ଏହାକୁ ଛଡ଼ାଇବା ଲାଗି ବଳ ପ୍ରୟୋଗ କରାଯାଇପାରିବ ନାହିଁ। ଏକ୍ଷେତ୍ରରେ ସେ ଇରାନ ସପକ୍ଷରେ ମତ ଦେଇଥିବାରୁ ଇରାନ ତାଙ୍କୁ ସାଧୁବାଦ ଜଣାଇବା ସହିତ ହର୍ମୁଜ ଦେଇ ଫ୍ରାନ୍ସର ତୈଳବାହୀ ଜାହାଜ ଯିବାକୁ ଅନୁମତି ପ୍ରଦାନ କରିଛି।

# ବିହାରରେ ବିଷାକ୍ତ ମଦ ପିଇ ୪ ମୃତ ଦୃଷ୍ଟିଶକ୍ତି ହରାଇଲେ ଆଉ ୬ ଜଣ

ମୋତିହାରୀ, ୩।୪(ଏଜେନ୍ସି): ବିହାରରେ ପୁଣିଥରେ ବିଷାକ୍ତ ମଦ ପିଇ ମୃତ୍ୟୁ ଘଟିଥିବା ଖବର ସାମ୍ନାକୁ ଆସିଛି। ମୋତିହାରୀ ଜିଲ୍ଲାରେ ବିଷାକ୍ତ ମଦ ପିଇ ୪ ଜଣଙ୍କର ପ୍ରାଣହାନୀ ଘଟିଥିବା ବେଳେ ପ୍ରାୟ ୧୫ ଜଣ ଗୁରୁତର ଅବସ୍ଥାରେ ଅଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ଦୃଷ୍ଟିଶକ୍ତି ହରାଇଛନ୍ତି। ଏହି ଘଟଣା ରଘୁନାଥପୁର ଥାନା ଅନ୍ତର୍ଗତ ବାଲଗଙ୍ଗା ଗ୍ରାମରୁ ଆରମ୍ଭ ହୋଇ ବର୍ତ୍ତମାନ ଆଖପାଖ ଅଞ୍ଚଳକୁ ବ୍ୟାପୀଛି। ୧୫ଜଣ ବିଭିନ୍ନ ଡାକ୍ତରଖାନରେ ଚିକିତ୍ସିତ ହେଉଛନ୍ତି, ଯେଉଁଥିରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପର୍ଣ୍ଣ ରହିଛି। ବିହାରରେ ମଦ ନିଷେଧ ଆଇନ ଲାଗୁ ହେବା ସତ୍ତ୍ୱେ ଏଭଳି ଘଟଣା ବାରମ୍ବାର ଘଟିବା ସରକାରୀ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ମାମଲାରେ ଜଣେ ସ୍ଥାନୀୟ ଚୌକିଦାରଙ୍କୁ ପୁଲିସ ଗିରଫ କରିଛି। ପୁଲିସ ଏହି ଘଟଣାରେ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ପୁଲିସ ବର୍ତ୍ତମାନ ମଦ ବିକ୍ରେତା ଓ ଏହି ରାକେଟ୍ ପଛରେ ଥିବା ଅନ୍ୟ ସଦସ୍ୟମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି।

## ମାଲଦାରେ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିବା ଘଟଣା

# ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୩୫ ଗିରଫ

କୋଲକାତା, ୩।୪(ଏଜେନ୍ସି): ପଶ୍ଚିମବଙ୍ଗରେ ମାଲଦା ଜିଲ୍ଲାରେ ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ସମୟରେ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିବା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମେତ ମୋଟ୍ ୩୫ ଜଣଙ୍କୁ ଗିରଫ କରାଯାଇଛି। ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ ଏହି ମାମଲାର ତଦନ୍ତ ଭାରତ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)କୁ ହସ୍ତାନ୍ତର କରାଯାଇଛି। ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ହେଲେ, ମୋଫାକେରୁଲ ଇସ୍‌ଲାମ। ସେ କୋଲକାତା ହାଇକୋର୍ଟର ଜଣେ ଆଇନଜୀବୀ ଓ ୨୦୨୧ରେ ଏଆଇଏମ୍ଏମ୍ ପ୍ରାର୍ଥୀ ଥିଲେ। ସେ ବାଗଡ଼ୋଗରା ବିମାନବନ୍ଦର ଦେଇ ବେଙ୍ଗାଲୁରୁ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ସିଆଇଡି ଦ୍ୱାରା ଗିରଫ ହୋଇଛି। ତାଙ୍କ ବିରୋଧରେ ଅଭିଯୋଗ ରହିଛି ଯେ, ସେ ଏପ୍ରିଲ ୧ରେ ସୁଜାପୁରରେ ଏକ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇଥିଲେ, ଯାହା ପରେ ଲୋକମାନେ ନ୍ୟାୟିକ ଅଧିକାରୀଙ୍କୁ ବନ୍ଧକ ରଖିଥିଲେ। ସୂଚନାଯୋଗ୍ୟ ଯେ, ମାଲଦାର କାଳିଆଚକ-୨ ବ୍ଲକ ଅଫିସ୍‌ରେ ଏସ୍ଆଇଆର୍ କାର୍ଯ୍ୟ ଚାଲିଥିବା ବେଳେ ପ୍ରାୟ ୭ ଜଣ ନ୍ୟାୟିକ ଅଧିକାରୀଙ୍କୁ (ଯେଉଁଥିରେ ୩ ଜଣ ମହିଳା ଥିଲେ) ଉତ୍ତ୍ୟକ୍ତ ଲୋକମାନେ ୯ ଘଣ୍ଟା ଧରି ବନ୍ଧକ ରଖିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ରାତି ୧ଟାରେ ଭାରି ସୁରକ୍ଷା ବଳୟ ସହାୟତାରେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଏହି ବିରୋଧ ପ୍ରଦର୍ଶନ ମାଲଦା ସମେତ ଜଲପାଇଗୁଡ଼ି, କୁଚବିହାର ଏବଂ ପୂର୍ବବର୍ଦ୍ଧମାନକୁ ବ୍ୟାପିଥିଲା। ଇତିମଧ୍ୟରେ ଏନ୍ଆଇଏର ଆଇଜି ସୋନିଆ ସିଂ ମାଲଦାରେ ପହଞ୍ଚିଛନ୍ତି। ଏନ୍ଆଇଏ ଖୁବଶୀଘ୍ର ଗିରଫ ବ୍ୟକ୍ତିମାନଙ୍କୁ ନିଜ ହେପାଜତକୁ ନେବ ଏବଂ ଏପ୍ରିଲ ୬ ସୁଦ୍ଧା କୋର୍ଟରେ ପ୍ରାଥମିକ ରିପୋର୍ଟ ଦାଖଲ କରିବ।

# ନିରବ ଅଛି; ପରାଜିତ ନୁହେଁ: ରାଘବ ଚଡ଼ା

ନୂଆଦିଲ୍ଲୀ, ୩।୪(ଏଜେନ୍ସି): ଆମ ଆଦମୀ ପାର୍ଟି (ଆପ୍) ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ମଧ୍ୟରେ ତିକ୍ତତା ବଢ଼ିବାରେ ଲାଗିଛି। ରାଜ୍ୟସଭାର ଉପ-ନେତା ପଦରୁ ହଟାଯିବା ପରେ ରାଘବ ପ୍ରଥମଥର ପାଇଁ ନିଜର ପ୍ରତିକ୍ରିୟା ରଖିଛନ୍ତି। ଶୁକ୍ରବାର ଏକ ଭିଡ଼ିଓ ଜାରି କରି ରାଘବ କହିଛନ୍ତି 'ମୋତେ ଚୁପ୍ କରାଯାଇଛି, କିନ୍ତୁ ପରାଜିତ ହୋଇନାହିଁ'। ସେ ଦଳର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ, ସେ କେବଳ ଜନସାଧାରଣଙ୍କ ସମସ୍ୟା ଉଠାଇଥିଲେ, ଏଥିରେ ଦଳର କ୍ଷତି କେଉଁଠି ହେଲା? ସେ ନିଜକୁ ଏକ ନଦୀ ସହ ତୁଳାନ କରି କହିଛନ୍ତି ଯେ, ସମୟ ଆସିଲେ ଏହା ଏକ ବନ୍ୟାର ରୂପ ନେବ। ଏହି ଭିଡ଼ିଓ ସାମ୍ନାକୁ ଆସିବା ପରେ ଆପ୍‌ର ଅନ୍ୟ ନେତାମାନେ କଡ଼ା ପ୍ରତିକ୍ରିୟା ଦେଇଛନ୍ତି। ଦଳ ଅଭିଯୋଗ କରିଛି ଯେ ରାଘବ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଡରୁଛନ୍ତି, ସେଥିପାଇଁ ସେ ସଂସଦରେ ଦଳୀୟ ଆଭିମୁଖ୍ୟ ରଖୁନାହାନ୍ତି। ଆପ ନେତା ସୌରଭ ଭରଦ୍ୱାଜ କହିଛନ୍ତି ଯେ ଦଳ ସଫ୍ଟ ପିଆର୍ ରେ ବିଶ୍ୱାସ କରେ ନାହିଁ। ରାଘବଙ୍କ ସ୍ଥାନରେ ପଞ୍ଜାବର ସାଂସଦ ଅଶୋକ ମିତ୍ତଲଙ୍କୁ ରାଜ୍ୟସଭାରେ ଆପ୍‌ର ନୂଆ ଉପ-ନେତା ଭାବେ ନିଯୁକ୍ତ କରାଯାଇଛି। ଗତକିଛି ମାସ ହେବ ରାଘବ ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହୁଥିଲେ। ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲ ଜେଲ ଯିବା ସମୟରେ ସେ ବ୍ରିଟେନରେ ଥିଲେ ଏବଂ ସେ ଖଲାସ ହେବାପରେ ମଧ୍ୟ କୌଣସି ପ୍ରତିକ୍ରିୟା ରଖି ନଥିଲେ। ଖାସ୍ ଏହି କାରଣରୁ ରାଘବ ଓ ଦଳ ମଧ୍ୟରେ ଦୂରତା ଓ ମତପାର୍ଥକ୍ୟ ବୃଦ୍ଧି ପାଇଥିଲା।

# ଭାରତ- ପାକିସ୍ତାନ ଉପରେ ୧୦୦୦ କିମିର ବାଦଲ

ନୂଆଦିଲ୍ଲୀ, ୩।୪(ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ଜାରି କରାଯାଇଥିବା ସଦ୍ୟତମ ଉପଗ୍ରହ ଚିତ୍ରରେ ଏକ ଅଜବ କଥା ଦେଖିବାକୁ ମିଳିଛି। ଏହି ଚିତ୍ର ଅନୁଯାୟୀ, ଭାରତ ଓ ପାକିସ୍ତାନର ଏକ ବଡ଼ ଅଂଶ ଉପରେ ପ୍ରାୟ ୧, ୦୦୦ କିଲୋମିଟର ଲମ୍ବର ଏକ ବିଶାଳ ବାଦଲ ସ୍ତର ସୃଷ୍ଟି ହୋଇଛି। ଏହା ଫଳରେ ଆଗାମୀ କିଛି ଦିନ ମଧ୍ୟରେ ପ୍ରବଳ ବର୍ଷା ଓ ପବନ ହେବାର ଆଶଙ୍କା ରହିଛି। ଏହି ସକ୍ରିୟ ପଶ୍ଚିମା ଝଡ଼ ପ୍ରଭାବରେ ଏହି ବିଶାଳ ବାଦଲ ସୃଷ୍ଟି ହୋଇଛି। ଏହି ପାଣିପାଗ ଜନିତ ସ୍ଥିତି ଭୂମଧ୍ୟସାଗରୀୟ ଅଞ୍ଚଳରୁ ସୃଷ୍ଟି ହୋଇ ଏବେ ପୂର୍ବ ଦିଗକୁ ଗତି କରୁଛି। ଉପଗ୍ରହ ଚିତ୍ରରେ ଜମ୍ମୁ-କଶ୍ମୀର, ହିମାଚଳ ପ୍ରଦେଶ, ପଞ୍ଜାବ, ହରିୟାଣା ଏବଂ ରାଜସ୍ଥାନର କିଛି ଅଂଶରେ ଘନ ବାଦଲ ଦେଖିବାକୁ ମିଳିଛି।

# ଆକ୍ରମଣରେ ଇରାନର କ୍ୟୁସମ ବନ୍ଦର କ୍ଷତିଗ୍ରସ୍ତ

ତେହରାନ/ନ୍ୟୁୟର୍କ, ୩।୪(ଏଜେନ୍ସି): ଇରାନର ରଣନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ କ୍ୟୁସମ ଦ୍ୱୀପ ଉପରେ ହୋଇଥିବା ଆକ୍ରମଣର ଭୟଙ୍କର ଚିତ୍ର ସାମ୍ନାକୁ ଆସିଛି। ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣରେ ଏହି ଦ୍ୱୀପର କ୍ୟୁସମ ବନ୍ଦରରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ରଏଟର୍ସ ପକ୍ଷରୁ ଜାରି କରାଯାଇଥିବା ଉପଗ୍ରହ ଚିତ୍ର ଅନୁଯାୟୀ, ଗୁରୁବାର କ୍ୟୁସମ ଦ୍ୱୀପର ବନ୍ଦର ଅଞ୍ଚଳରୁ କଳା ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ୧ରୁ ୨ ତାରିଖ ମଧ୍ୟରେ ହୋଇଥିବା ଏହି ଆକ୍ରମଣରେ କ୍ୟୁସମ ଦ୍ୱୀପର ବାହମାନ ବାଣିଜ୍ୟିକ ବନ୍ଦର ଏବଂ ଫିସିଂ ପିଅରର ଅନେକ ଅଂଶ ଧ୍ୱଂସ ହୋଇଯାଇଛି। ଇରାନ କହିଛି ଯେ ବାହମାନ ବନ୍ଦର ଏକ ବ୍ୟାପାରିକ କେନ୍ଦ୍ର। ଏହା ଉପରେ ଆକ୍ରମଣ କରିବା ଅନ୍ତର୍ଜାତୀୟ ମାନବିକ ନିୟମର ଖୋଲାଖୋଲି ଉଲ୍ଲଂଘନ। ତେବେ ଆକ୍ରମଣରେ କୌଣସି ଜୀବନହାନୀ ହୋଇନାହିଁ ବୋଲି କୁହାଯାଇଛି।

## ବଢ଼ିଲା ଚୌଦ୍ୱାର ଜେଲ୍ ସୁରକ୍ଷା

# ରାଜା ଗୋଡ଼ରେ ପଡ଼ିବ ବେଡ଼ି

କଟକ, ୩।୪ (ସମିସ): ଚୌଦ୍ୱାର ଜେଲ୍‌ରୁ ଫେରାର୍ ଦୁର୍ଦ୍ଦାନ୍ତ ଅପରାଧୀ ରାଜା ସାହାଣୀ ଶେଷରେ ଗିରଫ ହୋଇଛି। ଉତ୍ତରାଖଣ୍ଡର ରଷିକେଶରୁ କଡ଼ା ସୁରକ୍ଷା ମଧ୍ୟରେ ତାକୁ କଟକ ଡିସିପିଙ୍କ କାର୍ଯ୍ୟାଳୟକୁ ଅଣାଯାଇ ମାରାଥନ୍ ଜେରା କରାଯାଇଛି। ତା' ଅପରାଧ ସାମ୍ରାଜ୍ୟ, ଫେରାର୍ ହେବାର କାରଣ ଏବଂ ୨୦ କୋଟି ଟଙ୍କାର ଗହଣା ଲୁଟ୍‌କୁ ନେଇ ପୁଲିସ୍ ତାକୁ ଗୁଡ଼େଇତୁଡ଼େଇ ପ୍ରଶ୍ନ କରିଛି। ଜେଲ୍‌ରୁ ଚମ୍ପଟ ମାରିବା ଭଳି ସଙ୍ଗୀନ ମାମଲାରେ ରାଜାକୁ କୋର୍ଟ ଚାଲାଣ କରାଯାଇଛି। ଚୌଦ୍ୱାର ଜେଲ୍‌ରେ ତାକୁ ଅତିରିକ୍ତ ସୁରକ୍ଷାବଳୟ ମଧ୍ୟରେ ରଖାଯାଇଛି। ବିଶେଷକରି, ତା' ଗୋଡ଼ରେ 'ହେଟୋ' ବା ବେଡ଼ି ପକାଇ ରଖିବା ପାଇଁ ଜେଲ୍ କର୍ତ୍ତୃପକ୍ଷ କୋର୍ଟରେ ଆବେଦନ କରିବେ। ତା'ର ସମସ୍ତ କାର୍ଯ୍ୟକଳାପ ଉପରେ ସିସିଟିଭି ମାଧ୍ୟମରେ ୨୪ଘଣ୍ଟିଆ ନଜର ରଖାଯାଇଛି।

ଅନ୍ୟପଟେ ତାକୁ ଅଧିକ ପଚରାଉଚରା ପାଇଁ ପୁଲିସ ରିମାଣ୍ଡରେ ନେବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଡିସିପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ଏହି ଅପରେସନ୍ 'ରଷିକେଶ' ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ରଖିଛନ୍ତି। ଜେଲ୍‌ରୁ ଫେରାର୍ ହେବା ପରେ ରାଜା ଛଦ୍ମବେଶରେ ବିଭିନ୍ନ ସହର ବୁଲୁଥିଲା। କର୍ଣ୍ଣାଟକରେ ନିଜ ଗାର୍ଲଫ୍ରେଣ୍ଡ ସହ ରହି ମୌଜମଜଲିସ୍ କରୁଥିବା ବେଳେ କେମିତି କମିଶନରେଟ୍ ପୁଲିସର 'ସ୍ପେଶାଲ-୨୬' ଟିମ୍ ତା' ଉପରେ କଡ଼ା ନଜର ରଖିଥିଲା, ତାହା କହିଥିଲେ। ପ୍ରଥମେ ବୃନ୍ଦାବନରୁ ତା'ର ସହଯୋଗୀ ମଧୁକାନ୍ତକୁ ଗିରଫ କରାଯାଇଥିଲା। ମଧୁକାନ୍ତ ହିଁ ପୁଲିସ ଆଗରେ ଜେଲ୍‌ରୁ ଖସିବାର ସମସ୍ତ ଗୁମର ଓ ରାଜାର ଗତିବିଧି ସମ୍ପର୍କରେ ସୂଚନା ଦେଇଥିଲା। ଏହାପରେ ପୁଲିସ ରଷିକେଶରେ ଚଢ଼ଉ କରି ରାଜାକୁ କାବୁ କରିବାରେ ସଫଳ ହୋଇଥିଲା। ରାଜା ସାହାଣୀ ନାମରେ ରହିଥିବା ୨୦ କୋଟି ଟଙ୍କାର ବହୁଚର୍ଚ୍ଚିତ ଗହଣା ଲୁଟ୍ ମାମଲାର ଏବେ ପୁଣି ତଦନ୍ତ ଜୋରଦାର ହେବ। ଏହି ବିପୁଳ ପରିମାଣର ସମ୍ପତ୍ତି କେଉଁଠି ଅଛି ଏବଂ ଏଥିରେ ଆଉ କାହାର ସଂପୃକ୍ତି ରହିଛି, ସେ ସଂପର୍କରେ ରାଜାକୁ




ମୁହାଁମୁହିଁ ଜେରା କରାଯିବ। ପୁଲିସ ହେପାଜତରେ ରହିଲେ ସେ ସମସ୍ତ ସତ ଓଗାଳିବ ବୋଲି କମିଶନର ଶ୍ରୀ ସିଂ କହିଛନ୍ତି।

ଚୌଦ୍ୱାର ଜେଲ୍‌ରୁ ଫେରାର୍ ହେବା ପରେ କର୍ଣ୍ଣାଟକର ମହୀଶୂରରେ ନିଜ ଗ୍ୟାଙ୍ଗ୍‌ର ସଦସ୍ୟଙ୍କ ସହ ମିଶି ଏକ ସୁନା ଦୋକାନରୁ ଲୁଟ୍ କରିଥିଲା ରାଜା ସାହାଣୀ। ତା'ପରେ ଆନ୍ଧ୍ରପ୍ରଦେଶର ବିଶାଖାପଟନମ୍ ପାଖରେ ଏକ ସ୍ଥାନରେ ମଧ୍ୟ ସେମାନେ ଲୁଟ୍ ଉଦ୍ୟମ କରିଥିଲେ। କମିଶନରେଟ୍ ପୁଲିସର ଏକ ଟିମ୍ ରାଜା ସାହାଣୀକୁ ଉତ୍ତରାଖଣ୍ଡର ରଷିକେଶରୁ ଗିରଫ କରି କଟକ ଆଣିବା ପରେ ଆଜି ସାମ୍ବାଦିକ ସମ୍ମିଳନୀରେ ଡିସିପି ଖିଲାରୀ ରଷିକେଶ ଦ୍ୟାନଦେଓ ତମାମ ଅପରେସନ୍ ସମ୍ପର୍କରେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ରାଜା ସାହାଣୀକୁ ଧରିବା ପାଇଁ ନର୍ଥ-ଇଷ୍ଟ ରାଜ୍ୟଗୁଡ଼ିକ ସହ ବିହାର, କର୍ଣ୍ଣାଟକ ଓ ଦିଲ୍ଲୀକୁ କମିଶନରେଟ୍ ପୁଲିସ୍‌ର ଟିମ୍ ଯାଇ ଖୋଜାଖୋଜି କରିଥିଲା। ଶେଷରେ ତା' ଠିକଣା ମିଳିଥିଲା। ସେ ଉତ୍ତରାଖଣ୍ଡର ରଷିକେଶରେ ଥିବା ଜଣାପଡ଼ିଥିଲା। ଡିଜିଟାଲ ଫୁଟ୍‌ପ୍ରିଣ୍ଟ, ବିଭିନ୍ନ ଏଜେନ୍ସିରୁ ମିଳିଥିବା ସୂଚନା, ବିଭିନ୍ନ ରାଜ୍ୟରେ ସେ କରିଥିବା ଅପରାଧର ରେକର୍ଡ ଆଦିକୁ ତର୍ଜମା କରିବା ପରେ ତାକୁ ଠାବ କରାଯାଇଥିଲା। ରାଜା ନାଁରେ ବିଭିନ୍ନ ରାଜ୍ୟରେ

- ପ୍ରଥମ ଦିନରେ ମାରାଥନ ଜେରା
- ପୁଣି ରିମାଣ୍ଡରେ ଆସିବ ଅଭିଯୁକ୍ତ
- ଖୁବ୍‌ଶୀଘ୍ର ଖୋଲିବ ୨୦ କୋଟି ଲୁଟ୍‌ର ଗୁମର
- ରାଜା ଉପରେ ସ୍ୱତନ୍ତ୍ର ନଜର

ମୋଟ ୨୮ ମାମଲା ରହିଛି। ଚୌଦ୍ୱାର ଜେଲ୍‌ରୁ ଫେରାର୍ ହେବା ପରେ ସେ ତା' ଗ୍ୟାଙ୍ଗ୍‌ର ସଦସ୍ୟମାନଙ୍କ ସହ ମିଶି ମହୀଶୂରରେ ଗତ ଡିସେମ୍ବରରେ ଏକ ସୁନା ଦୋକାନରୁ ଲୁଟ୍ କରିଥିଲା। ଅନ୍ୟପଟେ ଲୁଟ୍ ପୂର୍ବରୁ ସେମାନେ ହୋଟେଲ୍ ବା ଘର ଭଡ଼ା ନେଇ ୧୫ଦିନ ପର୍ଯ୍ୟନ୍ତ ରେକି କରନ୍ତି। କେଉଁ ସୁନା ଦୋକାନରେ କେତେ ପୁରୁଷ ଓ ମହିଳା କର୍ମଚାରୀ ଅଛନ୍ତି, ସୁନା କେତେବେଳେ ଦୋକାନକୁ ଆସେ, ଲୁଟ୍ ପରେ ପୁଲିସ ପହଞ୍ଚିବାକୁ କେତେ ସମୟ ଲାଗିବ, ସେସବୁ ବିଷୟରେ ସମସ୍ତ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରୁଥିଲେ। ସେମାନଙ୍କ ଟିମ୍‌ରେ ଟେକ୍ନିକାଲ ଏକ୍ସପର୍ଟ ମଧ୍ୟ ସାମିଲ୍ ଥିଲେ।

## ମାଛ ଧରୁଥିଲେ, ପାଟିରେ ପଶିଗଲା

# ଜୀବନ ନେଇଗଲା କଉ ମାଛ

ବାରିପଦା, ୩।୪ (ସମିସ): ମାଛ ଧରିବା ବେଳେ ପାଟିରେ ଜୀବନ୍ତ କଉ ପଶିଯିବାରୁ ଯୁବକଙ୍କ ମୃତ୍ୟୁ। ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦିଘି ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ଯୁବକ ହେଲେ, ସ୍ଥାନୀୟ ଅଞ୍ଚଳର ଅବିନାଶ ବିଜୁଳି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

ସୂଚନାନୁଯାୟୀ, ଅବିନାଶ ଆଜି ସ୍ଥାନୀୟ ଏକ ଜଳାଶୟ (ବନ୍ଧ)ରୁ ମାଛ ଧରୁଥିଲେ। ଏହି ସମୟରେ ତାଙ୍କ ହାତରେ ଏକ କଉ ମାଛ ପଡ଼ିଥିଲା। ସେ ତାହାକୁ ଦାନ୍ତରେ କାମୁଡ଼ି ମାରିବାକୁ ଚେଷ୍ଟା କରୁଥିବା ବେଳେ ଅଚାନକ ମାଛଟି ତାଙ୍କ ପାଟି ଭିତରକୁ ପଶି ଯାଇ ତଣ୍ଟିରେ ଲାଗିଥିଲା। ଅବିନାଶ ନା ତାହାକୁ ଗିଳିପାରିଲେ ନା ବାହାରକୁ ବାହାର କରିପାରିଲେ। ତାଙ୍କ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ପରିବାରଲୋକ ତାଙ୍କୁ ବାଙ୍ଗିରିପୋଷି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। କିନ୍ତୁ ଅବିନାଶଙ୍କ ମୃତ୍ୟୁ ପାଇଁ ତାଙ୍କ ବାପା ଶିବଚରଣ ବିଜୁଳି ଚିକିତ୍ସା କରୁଥିବା ଡାକ୍ତର ଡାକ୍ତର ତୁଷାର ରଞ୍ଜନ ବେହେରାଙ୍କୁ ଦାୟୀ କରିଛନ୍ତି। ଡାକ୍ତରଙ୍କ ଅବହେଳାରୁ ତାଙ୍କ ପୁଅର ମୃତ୍ୟୁ ହୋଇଛି ବୋଲି କହିଛନ୍ତି। ଏପରିକି, ସଂପୃକ୍ତ ଡାକ୍ତର ପୁଅର ଚିକିତ୍ସା ପ୍ରତି ଧ୍ୟାନ ନ ଦେଇ ଓଲଟି ଜାତିକୁ ନେଇ ଗାଳିଗୁଲଜ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ଅଭିଯୋଗ ଆଧାରରେ ବାଙ୍ଗିରିପୋଷି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



**ଡାକ୍ତରଙ୍କ ଅବହେଳାରୁ ମୃତ୍ୟୁ ଅଭିଯୋଗ**

# ବିଲରେ ଟଳିପଡ଼ିଲେ ଚାଷୀ!

**ଅଂଶୁଘାତ ମୃତ୍ୟୁ !**

ରାସଗୋବିନ୍ଦପୁର, ୩।୪ (ସମିସ): ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ ବନ୍ଧମୁଣ୍ଡି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଛି। ଧାନ ବିଲରେ କାମ କରୁଥିବା ବେଳେ ଜଣେ ଚାଷୀ ଟଳି ପଡ଼ିଛନ୍ତି। ସେ ହେଲେ, ଗାଁର ରଘୁନାଥ ମାହନା। ଅଂଶୁଘାତ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା କୁହାଯାଉଛି। ସୂଚନାନୁସାରେ, ରଘୁନାଥ ଆଜି ଭୟଙ୍କର ଖରାରେ ବିଲରେ କାମ କରୁଥିଲେ। ଅସହ୍ୟ ଗରମରେ ଅସୁସ୍ଥ ହୋଇ ଚେତା ହରାଇ ସେ ବିଲ ପାଣିରେ ପଡ଼ିଯାଇଥିଲେ ଏବଂ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖରାର ତୀବ୍ରତା ଏତେ ଅଧିକ ଥିଲା ଯେ ପାଣି ଗରମ ହୋଇଥିବାରୁ ତାଙ୍କ ଗୋଡ଼ ଶିଝିଯାଇଥିଲା। ଏହା ଅଂଶୁଘାତଜନିତ ମୃତ୍ୟୁ ବୋଲି ପରିବାରଲୋକେ ଅଭିଯୋଗ କରିଛନ୍ତି। ଏହି ଦୁର୍ଘଟଣା ପରେ ଗାଁରେ ଶୋକର ଛାୟା ଖେଳିଯାଇଛି।

# ଆଜି ଖଡ଼ି ଛୁଇଁବେ ଛାତ୍ରଛାତ୍ରୀ

ଭୁବନେଶ୍ୱର,୩।୪(ସମିସ): ଆଜି ବିଦ୍ୟାଳୟରେ ଅନୁଷ୍ଠିତ ହେବ ଖଡ଼ିଛୁଆଁ ଉତ୍ସବ। ପ୍ରଥମଥର ବିଦ୍ୟାଳୟକୁ ଆସୁଥିବା ଛାତ୍ରଛାତ୍ରୀମାନେ ବିଦ୍ୟାରମ୍ଭ କରିବେ। ଓଡ଼ିଆ ପକ୍ଷ ପାଳନ ଅବସରରେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରସ୍ଥିତ ରାଜଭବନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଉତ୍ସବରେ ସାମିଲ ହେବେ। ସୂଚନାଯୋଗ୍ୟ, ପୂର୍ବରୁ ଗତ ୨ତାରିଖ ଦିନ ଖଡ଼ିଛୁଆଁ ଉତ୍ସବ ପାଳନ କରିବାକୁ ସମସ୍ତ ପ୍ରସ୍ତୁତି ସରିଥିଲେ ମଧ୍ୟ ପ୍ରଶାସନିକ ଜରୁରୀକାଳୀନ ପରିସ୍ଥିତି ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ଅପରପକ୍ଷରେ, ବିଦ୍ୟାଳୟକୁ ଶିଶୁଙ୍କୁ ଆଣିବା ପାଇଁ ଖଡ଼ିଛୁଆଁ ଉତ୍ସବ ପରେ ଅର୍ଥାତ୍ ୪ତାରିଖଠାରୁ ୧୦ ତାରିଖ ପର୍ଯ୍ୟନ୍ତ ଶିକ୍ଷା ସଚେତନତା ରଥ ବୁଲିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ନାବାଳିକାକୁ ହତ୍ୟା କରି କେନାଲରେ ଫିଙ୍ଗିଦେଲେ

ରାଜନଗର, ୩।୪ (ସମିସ): ୭ ବର୍ଷୀୟା ନାବାଳିକାକୁ ହତ୍ୟା କରି କେନାଲରେ ଶବ ଫିଙ୍ଗିଦେଲେ। କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅନ୍ତର୍ଗତ ଚାନ୍ଦିବାଉଁଶମୂଳ ପଞ୍ଚାୟତ ବଡ଼କୋଲ୍ଲା ଗ୍ରାମରେ ଏପରି ଏକ ଚର୍ଚ୍ଚା ଏବେ ଜୋର୍ ଧରିଛି। ମୃତ ନାବାଳିକାଜଣଙ୍କ ହେଲେ, ଶୁଭଲକ୍ଷ୍ମୀ ସେନାପତି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ପୁଲିସ ପଡ଼ୋଶୀ ବାପା-ପୁଅଙ୍କୁ ସନ୍ଦେହରେ ଉଠାଇ ଆଣି ପଚରାଉଚରା କରୁଛି।



ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ମାଳିପୁର ଗ୍ରାମର ମାନଗୋବିନ୍ଦ ସେନାପତିଙ୍କ ଝିଅ ଶୁଭଲକ୍ଷ୍ମୀ। ସେ ବର୍ଷେ ହେଲା ମାଆ ସହ ମାମୁଘର ବଡ଼କୋଲ୍ଲାରେ ରହୁଥିଲା। ଗାଁରେ ଚାଲିଥିବା କୀର୍ତ୍ତନ ନିକଟରେ ଅନ୍ୟ ପିଲାଙ୍କ ସହ ଖେଳୁଥିଲା। ହେଲା ଦିନ ପ୍ରାୟ ୧୧ଟା ପରଠାରୁ ତା'ର ଆଉ ପତ୍ତା ମିଳି ନଥିଲା। ଘରଲୋକ ବହୁ ଖୋଜାଖୋଜି କରିଥିଲେ ହେଁ ପାଇନଥିଲେ। ଖବର ପାଇ ପୁଲିସ, ଅଗ୍ନିଶମବାହିନୀ ପହଞ୍ଚି ଖୋଜାଖୋଜି କରି ଖାଲି ହାତରେ ଫେରିଥିଲେ। ୫ ମାସ ତଳେ ପଡ଼ୋଶୀ ବେଣୁ ଦାସଙ୍କ ନାତି ପୋଖରୀରେ ବୁଡ଼ି ପ୍ରାଣ ହରାଇଥିଲା। "ମୋ ନାତି ତୁମ ନାତୁଣୀ ପାଇଁ ମରିଛି। ତୁମ ନାତୁଣୀକୁ ୬ ମାସ ଭିତରେ ମରିବ' ବୋଲି ବେଣୁ ବାରମ୍ବାର ଧମକ ଦେଇ ଆସୁଥିବା ନେଇ ପରିବାରଲୋକେ ଗତକାଲି ପୁଲିସକୁ କହିଥିଲେ। ଆଜି ପଟ୍ଟାମୁଣ୍ଡାଇ, ରାଜନଗର ଅଗ୍ନିଶମ ବାହିନୀ ଓ ଏସଡିପିଓ ସୁକାନ୍ତ କୁମାର ପାତ୍ର, ଆଇଆଇସି ନରେଶ କୁମାର ସାହୁ ପୁଲିସ ବାହିନୀ ସହିତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ସମୟରେ ହଠାତ୍ କେନାଲରେ କଲଭର୍ଟ ତଳୁ ଶୁଭଲକ୍ଷ୍ମୀର ମୃତଦେହ ଭାସିଭାସି ଆସିଥିଲା। ଅଗ୍ନିଶମବାହିନୀ କର୍ମଚାରୀ କେନାଲ ମଧ୍ୟରୁ ଶୁଭଲକ୍ଷ୍ମୀଙ୍କୁ ଉଦ୍ଧାର କରି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ କରିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପରେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସାହାଯ୍ୟରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ସନ୍ଧାନୀ କୁକୁର ପଡ଼ୋଶୀ ବେଣୁ ଦାସଙ୍କ ଘର, ରୋଷେଇ ଘରକୁ ଯିବା ପରେ ଘର ଦେଇ ପଛପଟେ ଥିବା କେନାଲ ନିକଟକୁ ଯାଇ ଶୋଇ ରହିଥିଲା। କୁକୁର ବାରମ୍ବାର ବେଣୁ ଦାସଙ୍କ ଘରକୁ ଯାଇଥିବା ଓ ପରିବାରଲୋକେ ବେଣୁ ଦାସଙ୍କ ନାଁରେ ଗତକାଲି ପୁଲିସ ନିକଟରେ ଅଭିଯୋଗ କରିଥିବାରୁ ପୁଲିସ ବେଣୁ ଓ ତାଙ୍କ ପୁଅକୁ ଉଠାଇ ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଏସ୍‌ପି ସିଦ୍ଧାର୍ଥ କଟାରିଆ ପହଞ୍ଚି ତଦନ୍ତ କରିଥିବା ବେଳେ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଛି।

# ବାଣ କାରଖାନାରେ ବିସ୍ଫୋରଣ; ୬ ଗୁରୁତର

ନୟାଗଡ଼, ୩।୪ (ସମିସ): ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ଅନ୍ତର୍ଗତ କୋରଡ଼ା ଗ୍ରାମରେ ବାଣ ବିସ୍ଫୋରଣ ଘଟି ୬ଜଣ ଗୁରୁତର ହୋଇଛନ୍ତି। ୬ଜଣଙ୍କ ମଧ୍ୟରେ ଜଣେ ନାବାଳକ ରହିଛି। ସେମାନଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ସଂକଟାପନ୍ନ ରହିଛି। ସମସ୍ତଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। କୋରଡ଼ା ଗ୍ରାମର ହାଡ଼ିବନ୍ଧୁ ସେଠୀ ଏବଂ ତାଙ୍କ ପୁଅ ନବକିଶୋର ସେଠୀ ଦୀର୍ଘ ଦିନ ଧରି ବାଣ ନିର୍ମାଣ କରିବା ସହ ବ୍ୟବସାୟ କରିଆସୁଥିଲେ। ହାଡ଼ିବନ୍ଧୁଙ୍କ ପତ୍ନୀ ଏହି କାରବାରର ମୁଖ୍ୟ କାର୍ପଟଦାର ଥିଲେ। ଆଗକୁ ଲଙ୍କାପୋଡ଼ି ଓ ପଣାଯାତ୍ରା ପାଇଁ ଅନେକ ସ୍ଥାନରୁ ବାଣ ପାଇଁ ହାଡ଼ିବନ୍ଧୁ ପରିବାର ଆଡଭାନ୍ସ ଅର୍ଡର ରଖିଥିଲେ। ଆଜି ହାଡ଼ିବନ୍ଧୁ ଘର ବାରିପଟ କଦଳୀ ବଗିଚା ନିକଟରେ ରହିଥିବା କୁଡ଼ିଆରେ ବାଣ ନିର୍ମାଣ କରୁଥିଲେ। ହାଡ଼ିବନ୍ଧୁଙ୍କ ସମେତ ତାଙ୍କ ପୁଅ ନବ, କୋରଡ଼ା ଗ୍ରାମର ନିରଞ୍ଜନ ନାୟକ, ମୀନା ଗାଡ଼ିଆ ଗ୍ରାମର ବାପି ନାୟକ, ମନୋଜ ନାୟକ ସେଠାରେ ବସି ବାଣ ପ୍ରସ୍ତୁତି କରୁଥିଲେ। ଏହି ସମୟରେ ଉକ୍ତ ସ୍ଥାନରେ ପଡ଼ୋଶୀ ଘରେ ରହି ପାଠ ପଢୁଥିବା ଗଞ୍ଜାମ ଅଞ୍ଚଳର ନାବାଳକ ଅମ୍ରିତ ସେଠି ଖେଳୁଥିଲେ। ତେବେ ବାଣ ଭିଡ଼ିବା ବେଳେ ହଠାତ୍ ବାଣ ବିସ୍ଫୋରଣ ଘଟିବାରୁ ଉପରୋକ୍ତ ୬ ଜଣ ଗୁରୁତର ହୋଇଥିଲେ। କାହାର ହାତ ଛିଣ୍ଡି ଯାଇଛି ତ ପୁଣି କାହାର ଦେହରୁ ଚମଡ଼ା ଉତୁରି ଯାଇଛି। ଏଭଳି ଅବସ୍ଥାରେ ସମସ୍ତଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସମସ୍ତଙ୍କୁ ପ୍ରାଥମିକ ଚିକିତ୍ସା ଦିଆଯିବା ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।



ନୟାଗଡ଼ ଜିଲ୍ଲା ନୂଆଗାଁ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନ୍ କରିଥିବା ବେଳେ ବିସ୍ଫୋରଣ କାରଣରୁ ଲାଗିଥିବା ନିଆଁକୁ ନୂଆଗାଁ ଅଗ୍ନିଶମବାହିନୀ ନିୟନ୍ତ୍ରଣ କରିଛି। ନୟାଗଡ଼ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରହି ଚିକିତ୍ସା ସୁବିଧା ପାଇଁ ବ୍ୟବସ୍ଥା କରିବା ସହ ସମସ୍ତଙ୍କୁ ଭୁବନେଶ୍ୱର ପଠାଇଛନ୍ତି। ଏହି ବିସ୍ଫୋରଣ ଘଟଣାକୁ ନେଇ କୋରଡ଼ାଠାରୁ ନୟାଗଡ଼ ଯାଏଁ ଲୋକଙ୍କ ମନରେ ଭୟ ଓ ଅସନ୍ତୋଷ ଦେଖାଯାଇଛି।

# ଚୋର ସନ୍ଦେହରେ ଦୁଇ ଯୁବକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼

ମାଲକାନଗିରି,୩।୪(ସମିସ):ଚୋର ସନ୍ଦେହରେ ଖୁଣ୍ଟରେ ବାନ୍ଧି ଦୁଇ ଯୁବକଙ୍କୁ ନିସ୍ତୁକ ମାଡ଼। ମାଲକାନଗିରି ଜିଲ୍ଲାର କୁମ୍ଭିଗୁଡ଼ା ଗ୍ରାମରେ ଏଭଳି ଏକ ଘଟଣା ଘଟିଛି। ଏହାର ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। କିନ୍ତୁ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାଯାଇଛି। ସୂଚନାନୁଯାୟୀ, ମାଲକାନଗିରି ଜିଲ୍ଲା ଏମ୍‌ଭି-୪୦ ଗ୍ରାମର ଯୁବକ ଅଜିତ ଡାକୁଆ ଓ ତାଙ୍କର ଜଣେ ସହଯୋଗୀ ବଦଲି ପଞ୍ଚାୟତ ଅନ୍ତର୍ଗତ କୁମ୍ଭିଗୁଡ଼ା ଗାଁକୁ ଯାଇଥିଲେ। କିଛି ଗ୍ରାମବାସୀ ସେମାନଙ୍କୁ ଚୋର ବୋଲି ସନ୍ଦେହ କରି ଗାଁ ଦାଣ୍ଡରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଆଉ କିଛି ଯୁବକ ଏହାର ଭିଡିଓ ଉତ୍ତୋଳନ କରିଥିଲେ। ଦୁହେଁ ଦରମରା ହେବା ପରେ ଗ୍ରାମବାସୀ ସେମାନଙ୍କୁ ଛାଡ଼ି ଦେଇଥିଲେ।



# ବାରମ୍ବାର ପେନସନ୍, ଗ୍ରାଚ୍ୟୁଇଟି ଦେଇ ୩ କୋଟିରୁ ଊର୍ଦ୍ଧ୍ୱ ହରିଲୁଟ୍



ସମ୍ବଲପୁର, ୩।୪(ସମିସ): ସରକାରୀ କର୍ମଚାରୀ ଖାଇଗଲେ ସରକାରୀ ଟଙ୍କା। ସରକାରଙ୍କ ପାଖରୁ ଆସୁଥିବା ଟଙ୍କା ବିଭିନ୍ନ ବିଲ୍ କରି କୋଟିକୋଟି ଟଙ୍କା ଆତ୍ମସାତ୍ କଲେ। ଏପରିକି, ଜଣକୁ ଏକାଧିକଥର ପେନସନ୍, ଏରିୟର୍, ଗ୍ରାଚ୍ୟୁଇଟି ଦେଲେ। ଏପରି କରି ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରୁ ୩.୬୭ କୋଟି ଟଙ୍କା ଲୁଟ୍ ହୋଇଥିବା ଜଣାପଡ଼ିଛି। ଏପରି ଘଟଣା ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ ଘଟିଛି। ବାରମ୍ବାର ମିଥ୍ୟା ବିଲ୍ କରି ସରକାରୀ ଟଙ୍କା ଆତ୍ମସାତ କରିଥିବା ଅଭିଯୋଗରେ ଅଇଁଠାପାଲି ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ଜଣେ ନିଲମ୍ବିତ କିରାଣୀ ଓ ଜଣେ ଅବସରପ୍ରାପ୍ତ ଏଏସ୍‌ଆଇ ରହିଛନ୍ତି। ଗିରଫଦ୍ୱୟ ହେଲେ, ଗଜପତି ପାରଳାଖେମୁଣ୍ଡିର ସନ୍ଦୀପ କୁମାର ପଟ୍ଟନାୟକ (୩୮) ଓ କଟକ ଖୁଣ୍ଟୁଣି ଥାନା ମହାଲକ୍ଷ୍ମୀପୁରର ଶରତ ଚନ୍ଦ୍ର ବେହେରା (୬୫)। ସନ୍ଦୀପ ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରୁଥିବା ବେଳେ ଶରତ କାର୍ଯ୍ୟରୁ ଅବସର ନେଇଥିଲେ। ସେମାନଙ୍କ ନିକଟରୁ ୨୩ଲକ୍ଷ ୪୬ହଜାର ୫ଶହ ନଗଦ ଟଙ୍କା ଜବତ ହୋଇଛି। ଏହାସହ ଡିଡିଓ ବ୍ୟାଙ୍କଖାତାରେ ଜମା ୧୪ଲକ୍ଷ, ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ଦୁଇଟି ବ୍ୟାଙ୍କଖାତାରେ ଜମା ୩୦ଲକ୍ଷ ଟଙ୍କାକୁ ପୁଲିସ୍ ଅଚଳ କରିଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ ଏହି ସୂଚନା ଦେଇଛନ୍ତି।

ସୂଚନାନୁସାରେ, ନଭେମ୍ବର ୨୦୨୨ରୁ ଅକ୍ଟୋବର ୨୦୨୫ ମଧ୍ୟରେ ସରକାରୀ ଟଙ୍କା ଅନିୟମିତତା ହୋଇଥିବା ଅଡିଟ୍ ବେଳେ ଜଣାପଡ଼ିଥିଲା। ଏନେଇ ଅବକାରୀ ନିର୍ଦ୍ଦେଶାଳୟ କଟକରୁ ଅଡିଟ୍ ରିପୋର୍ଟ ଆସିଥିଲା। ସମ୍ବଲପୁର ଅବକାରୀ ଏସପି ଅଶୋକ କୁମାର ସେଠ ଏ ନେଇ ଅଇଁଠାପାଲି ଥାନାରେ ଅଭିଯୋଗ କରିଥିଲେ। ପୁଲିସ ତଦନ୍ତ ବେଳେ କୋଟିକୋଟି ଟଙ୍କା ହଡ଼ପ ହୋଇଥିବା ଜାଣିବାକୁ ପାଇଥିଲା। ପୁଲିସ ସୂଚନା ଅନୁସାରେ ଗିରଫ କିରାଣୀ ପେନସନ୍ ଆଳରେ ମିଥ୍ୟା ବିଲ୍ କରୁଥିଲେ। ଆଇଏଫଏମ୍‌ଏସ୍ ପୋର୍ଟାଲ ମାଧ୍ୟମରେ ଜାଲ୍ ସାଙ୍କସନ ଅର୍ଡର ପ୍ରସ୍ତୁତ କରି ପେନସନ୍ ଏବଂ ବକେୟା ଦରମା ବାବଦରେ କୋଟି କୋଟି ଟଙ୍କା ବେଆଇନ ଭାବେ ଉଠାଇ ନେଇଥିଲେ। ଏପରିକି, ଜଣେ ହିତାଧିକାରୀଙ୍କୁ ଏକାଧିକଥର ପେନସନ ଓ ଗ୍ରାଚ୍ୟୁଇଟି ମଧ୍ୟ ଦେଉଥିଲେ। ଗିରଫ ଅବସରପ୍ରାପ୍ତ ଏଏସ୍‌ଆଇ ଶରତଙ୍କ ବ୍ୟାଙ୍କ ଖାତାକୁ ବାରମ୍ବାର ଟଙ୍କା ଯାଉଥିଲା। ପରେ ସେ କମିଶନ ରଖି କିରାଣୀଙ୍କୁ ଦେଇ ଦେଉଥିଲେ। ଅନ୍ୟ ଅଭିଯୁକ୍ତ ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ସମ୍ପୃକ୍ତି ଥିବା ପୁଲିସ ସୂଚନା ଦେଇଛି। ସେପଟେ ଅବକାରୀ ଏସପି ଡିଡିଓଙ୍କ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ମଧ୍ୟ କରିଛନ୍ତି।

# କେସିଙ୍ଗା ରେଳ ଷ୍ଟେସନ୍‌ରୁ ୪୦ ଲକ୍ଷ ଜବତ

କେସିଙ୍ଗା/ବଲାଙ୍ଗିର, ୩।୪ (ସମିସ): ବଲାଙ୍ଗିର ଜିଲ୍ଲା ଟିଟିଲାଗଡ଼ ରେଳବାଇ ପୁଲିସ ଟିମ୍ କେସିଙ୍ଗା ଷ୍ଟେସନ୍‌ରୁ ଜଣେ ଯୁବକଙ୍କ ପାଖରୁ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ କରିଛି। ଏହାସହ ସଂପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଟକ ଯୁବକଜଣଙ୍କ ହେଲେ, ପଶ୍ଚିମବଙ୍ଗର ପ୍ରଭାତ ସାମୁଏଲ୍। ଏନେଇ ପୁଲିସ ଅଧିକ ତଦନ୍ତ ଚଳାଇଛି।

ସୂଚନାନୁସାରେ, ଆଜି ପ୍ରଭାତ ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ଧରି କେସିଙ୍ଗା ଷ୍ଟେସନ୍‌ରୁ ତିରୁପତି-ବିଲାସପୁର ଏକ୍ସପ୍ରେସ୍‌ରେ ଚଢ଼ିଥିଲେ। ତାଙ୍କର ହାବଭାବ ଦେଖି ରେଳବାଇ ପୁଲିସର ସନ୍ଦେହ ହେବାରୁ ପୁଲିସ ତାଙ୍କୁ ଅଟକ ରଖି ପଚରା ଉଚରା କରିଥିଲା। ଏହାସହ ତାଙ୍କ ବ୍ୟାଗ୍ ଯାଞ୍ଚ କରିବାରୁ ସେଥିରୁ ପୁଲିସ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ନଗଦ ଟଙ୍କା ମିଳିଥିଲା। ଏତେ ଟଙ୍କା ସେ କେଉଁଠାରୁ ଓ କେଉଁ ଉଦ୍ଦେଶ୍ୟରେ ଆଣିଛନ୍ତି, ସେନେଇ ରେଳବାଇ ପୁଲିସ ତାଙ୍କୁ ପଚରାଉଚରା କରିଥିଲେ ହେଁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଫଳରେ ପୁଲିସ୍ ତାଙ୍କୁ ଅଟକ ରଖିଛି। ଶନିବାର ଆୟକର ବିଭାଗର ଟିମ୍ ଆସିବା ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ରେଳବାଇ ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ସେପଟେ, ପଶ୍ଚିମବଙ୍ଗରେ ଆଗକୁ ନିର୍ବାଚନ ଥିବା ବେଳେ ଜଣେ ବଙ୍ଗାଳୀ ଯୁବକଠାରୁ ଲକ୍ଷାଧିକ ଟଙ୍କା ଜବତ ହେବା ଚର୍ଚ୍ଚାର ବିଷୟ ହୋଇଛି।

## ପଲାସା ଓ ଇଚ୍ଛାପୁରମକୁ ପୂର୍ବତଟରୁ ହଟାଇବା ନିଷ୍ପତ୍ତି

# ଓଡ଼ିଶା ଦିବସରେ ଡବଲ ଇଞ୍ଜିନ୍ ସରକାରଙ୍କ ଉପହାର: ବିଜେଡି

ଭୁବନେଶ୍ୱର, ୩।୪(ସମିସ): 'ଡବଲ ଇଞ୍ଜିନ, ଡବଲ ବିକାଶ' ନାରା ଦେଇ ରାଜ୍ୟରେ କ୍ଷମତାକୁ ଆସିଥିବା ବିଜେପି ସରକାର ଓଡ଼ିଶାକୁ ଅଧିକ ସହାୟତା ପ୍ରଦାନ କରିବା ପରିବର୍ତ୍ତେ ହକ୍‌କୁ ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର ଚଳାଇଛି। ଓଡ଼ିଶା ଦିବସ ପାଳନ ସମୟରେ ପଲାସା ଓ ଇଚ୍ଛାପୁରମ ଅଞ୍ଚଳକୁ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇରୁ କାଢିନେଇ ଆନ୍ଧ୍ରପ୍ରଦେଶରେ ଥିବା ଦକ୍ଷିଣତଟ ରେଳବାଇରେ ମିଶ୍ରଣ କରାଯାଇଛି । ବିଜେପି ସରକାରଠାରୁ ଓଡ଼ିଶାବାସୀଙ୍କ ପାଇଁ ଏହାଠାରୁ ମହାର୍ଘ୍ୟ ଉପହାର ଆଉ କ'ଣ ଥାଇପାରେ ବୋଲି କଟାକ୍ଷ କରିଛି ବିଜେଡ଼ି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଅତନୁ ସବ୍ୟସାଚୀ ନାୟକ ଓ ଦଳର ମୁଖପାତ୍ର ଲେନିନ ମହାନ୍ତି ଡବଲ ଇଞ୍ଜିନ ସରକାର ରାଜ୍ୟକୁ ଡବଲ ଧୋକା ଦେଉଛନ୍ତି ବୋଲି ଅଭିଯୋଗ କରିଛନ୍ତି।




- ଆନ୍ଧ୍ରକୁ ଖୁସି କରିବା ପାଇଁ ଓଡିଶାର ଅଞ୍ଚଳକୁ ଟେକି ଦିଆଯାଇଛି
- ୨୦ ସାଂସଦ ଓ ରାଜ୍ୟ ବିଜେପି ନେତାଙ୍କ ନିରବତାକୁ ନେଇ ପ୍ରଶ୍ନ

ଅତନୁ କହିଛନ୍ତି ଯେ ପୂର୍ବତଟ ରେଳବାଇ ଦେଶରେ ଥିବା ସମସ୍ତ ରେଳବାଇ ଡିଭିଜନ ଭିତରେ ସବୁଠାରୁ ଅଧିକ ରାଜସ୍ୱ ଦେଉଥିବା ଡିଭିଜନ। ମାତ୍ର ଆନ୍ଧ୍ରକୁ ଖୁସି କରାଇବାକୁ ଯାଇ ଓଡ଼ିଶାରେ ଥିବା ପୂର୍ବତଟ ରେଳବାଇକୁ ଦୁର୍ବଳ କରିବାକୁ ଲଗାତର ଉଦ୍ୟମ ହେଉଛି। ବର୍ଷେ ତଳେ କୋରାପୁଟ ଜିଲ୍ଲା ଓ ରାୟଗଡା ଜିଲ୍ଲାର କିଛି ଅଂଶକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଥିଲା। ଏବେ ଓଡ଼ିଶା ଦିବସ ପାଳିତ ହେଉଥିବା ବେଳେ ପଲାସା ଓ ଇଚ୍ଛାପୁରମକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଥିବା ବିଜେପିର ନେତାମାନେ ରାଜ୍ୟ ପ୍ରତି ଏହି ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ପାଇଁ ସାହସ ଜୁଟାଇ ପାରୁନାହାନ୍ତି। ପୂର୍ବତଟ ରେଳବାଇକୁ ଲଗାତର ଭାବେ ସଙ୍କୁଚିତ କରାଯାଉଛି, କିନ୍ତୁ ଓଡ଼ିଶାର ୨୦ ଜଣ ବିଜେପି ଲୋକସଭା ସାଂସଦ ଓ ରାଜ୍ୟ ନେତୃତ୍ୱ ମୁହଁରେ ତୁଣ୍ଡି ଦେଇ ବସି ରହିଛନ୍ତି। ଯେଉଁ ୨୦ ଜଣ ବିଜେପି ସାଂସଦ ରାଜ୍ୟରୁ ଯାଇଛନ୍ତି, ସେମାନଙ୍କ ଭୂମିକା କ'ଣ ବୋଲି ରାଜ୍ୟବାସୀ ଜାଣିବାକୁ ଚାହୁଁଛନ୍ତି ? ଓଡ଼ିଶାର ସାଂସଦ ରେଳମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିବା ବେଳେ ଓଡ଼ିଶାର ସ୍ୱାର୍ଥକୁ ଆନ୍ଧ୍ର ପାଖରେ ବନ୍ଧା ପକାଇଦେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନାୟକ କହିଛନ୍ତି। ସେହିପରି ଲେନିନ କହିଛନ୍ତି ଯେ ରାଜ୍ୟରେ ୬ଟି ଜିଲ୍ଲାକୁ ରେଳ ସଂଯୋଗ ହୋଇପାରି ନାହିଁ। ଡବଲ ଇଞ୍ଜିନ ଡବଲ ବିକାଶ ନାରା ଦେଇ କ୍ଷମତାକୁ ଆସିଲେ, ଓଡିଶାକୁ ଅଧିକ କ'ଣ ଦେବେ, ଓଡ଼ିଶାର ହକ୍‌କୁ ଛଡାଇ ନେଉଛନ୍ତି। ଏହାକୁ ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାହାର କରିବା ସହିତ ଓଡ଼ିଶାର ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଥିବା ରେଳ ଅଞ୍ଚଳ ଗୁଡିକୁ ଦକ୍ଷିଣ-ପୂର୍ବ ରେଳବାଇରୁ କାଢି ପୂର୍ବତଟ ରେଳବାଇରେ ମିଶ୍ରଣ କରି ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ଦାବି କରିଛନ୍ତି ।

# ‘ଗଣତନ୍ତ୍ରରେ ଶାସକମାନେ ସବୁବେଳେ ଉତ୍ତରଦାୟୀ’

**ସମ୍ବଲପୁର, ୩।୪ (ସମିସ)**

ଗଣତନ୍ତ୍ର ରାଜତନ୍ତ୍ରଠାରୁ ଭିନ୍ନ। ସାଧାରଣ ନାଗରିକଙ୍କ ମିଲିଟାରୀ ଉପରେ ନିୟନ୍ତ୍ରଣ, ଠିକ୍ ସମୟ ବ୍ୟବଧାନରେ ନିରପେକ୍ଷ ନିର୍ବାଚନ ଆୟୋଜନ କରିବା ଇତ୍ୟାଦି ହେଉଛି ଗଣତନ୍ତ୍ରର ମୌଳିକ ଆଚରଣ। ଆଇନର ସଚ୍ଚୋଟ ଶାସନ ଗଣତନ୍ତ୍ରର ହୃଦୟ ହୋଇଥିବାବେଳେ ପ୍ରେସ୍ ବା ଗଣମାଧ୍ୟମ ହେଉଛି ଗଣତନ୍ତ୍ରର ଆଖି, କାନ ଓ ପାଟି। ଗଣତନ୍ତ୍ରରେ ଶାସକମାନେ ସବୁବେଳେ ଜନତାଙ୍କ ପାଖରେ ଉତ୍ତରଦାୟୀ ରହିବେ ବୋଲି ଆୟକର ବିଭାଗର ପ୍ରାକ୍ତନ ପ୍ରମୁଖ ଆୟୁକ୍ତ ତଥା ବିଶିଷ୍ଟ ସ୍ତମ୍ଭକାର ଶ୍ରୀକାନ୍ତ ଚାଟାର୍ଜୀ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଅଧାପନା ପ୍ରକୋଷ୍ଠ-୧ରେ ଆଜି ଅଗ୍ରଣୀ ଶିକ୍ଷା ଓ ସାମାଜିକ ଅନୁଷ୍ଠାନ ‘ସେତୁ’ ପକ୍ଷରୁ ଇଂ କରୁଣାକର ସୂପକାର ୫ମ ବକ୍ତୃତାମାଳା ଆୟୋଜିତ ହୋଇଯାଇଛି। ‘ସେତୁ’ ସଭାପତି ଡଃ ମୀନକେତନ ପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଷୟ ଥିଲା “ଗଣତନ୍ତ୍ର ଓ ସଂସ୍ଥାଗତ ସ୍ୱାୟତ୍ତତା”।

ସଂସ୍ଥା ଓ ଏହାର ସ୍ୱାୟତ୍ତତା ଉପରେ ମନ୍ତବ୍ୟ ଦେଇ ଶ୍ରୀ ଚାଟାର୍ଜୀ କହିଥିଲେ ଯେ, ସଦସ୍ୟମାନଙ୍କ ଉକ୍ତ ସଂସ୍ଥା ଉପରେ ନିଜସ୍ୱ ମାଲିକାନାର ଭାବନା ରଖିବା ଉଚିତ। ସ୍ୱାଧୀନ ଦେଶରେ ସଂସ୍ଥାମାନଙ୍କ ସ୍ୱାୟତ୍ତତା ଗଣତନ୍ତ୍ରକୁ





## ଇଂ. କରୁଣାକର ସୂପକାର ସ୍ମାରକୀ ବକ୍ତୃତାମାଳା

ଶକ୍ତିଶାଳୀ କରିଥାଏ। ସେ ଆମେରିକା, ଇଂଲଣ୍ଡ ଓ ଜର୍ମାନୀ ଭଳି ବିଭିନ୍ନ ରାଷ୍ଟ୍ରରେ ସଂସ୍ଥାଗତ ସ୍ୱାୟତ୍ତତା ବିଷୟରେ ଅନେକ ଦୃଷ୍ଟାନ୍ତ ଉପସ୍ଥାପନ କରି ଭାରତୀୟ ସଂସ୍ଥାଗତ ସ୍ୱାୟତ୍ତତାକୁ ବିଶ୍ଳେଷଣ କରିଥିଲେ। ବିଧାନମଣ୍ଡଳ, ନ୍ୟାୟପାଳିକା, କାର୍ଯ୍ୟକାରିଣୀ ଓ ଗଣମାଧ୍ୟମ ଗଣତନ୍ତ୍ରର ଗୋଟିଏ ଗୋଟିଏ ସଂସ୍ଥା ତେବେ ସେମାନେ ନିଜ ସୀମା ଭିତରେ ସ୍ୱାୟତ୍ତ। କୌଣସି ସଂସ୍ଥା ଅନ୍ୟ ସଂସ୍ଥାର କାର୍ଯ୍ୟରେ ବିନା ଅନୁମତି ବା ବିଚାରରେ ହସ୍ତକ୍ଷେପ କରିବା ଅନୁଚିତ, ଏଭଳି ହେଲେ ତାହା ଗଣତନ୍ତ୍ର ସକାଶେ ଶୁଭଙ୍କର ହେବନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ରାଜନୈତିକ ନେତୃତ୍ୱ ଓ ଅମଲାତାନ୍ତ୍ରିକ ନେତୃତ୍ୱର ସମୁଚିତ ତାଳମେଳ ରହିଲେ ଗଣତନ୍ତ୍ର ମଜବୁତ ହୁଏ। ଗଣତନ୍ତ୍ରର ସଶକ୍ତିକରଣ ନାଗରିକମାନଙ୍କ ସଚେତନତାରେ ହିଁ ରହିଛି।

ମୁଖ୍ୟ ଅତିଥି ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସୁଶାନ୍ତ କୁମାର ଦାସ କହିଥିଲେ ଯେ, ‘ସେତୁ’ ପକ୍ଷରୁ ବିଭିନ୍ନ ଶୈକ୍ଷିକ ଏବଂ ଗବେଷଣାତ୍ମକ କାର୍ଯ୍ୟକ୍ରମ ଆୟୋଜନ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏଭଳି ବୌଦ୍ଧିକ କାର୍ଯ୍ୟରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସହଯୋଗ ସବୁବେଳେ ରହିଛି ଓ ରହିବ। ସ୍ୱର୍ଗତ ଇଂ. କରୁଣାକର ସୂପକାରଙ୍କ ପୁଅ କୌଶିକ ସୂପକାର ମଧ୍ୟ ମଞ୍ଚାସୀନ ଥିଲେ। ସମ୍ପାଦକ ହରିନାରାୟଣ ପଣ୍ଡା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିବାସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଉପସଭାପତି ଡଃ କାମଦେବ ସାହୁ ଅତିଥି ପରିଚୟ ପ୍ରଦାନ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଡଃ ସିଦ୍ଧାର୍ଥ ପଣ୍ଡା ସ୍ମାରକୀ ବକ୍ତୃତାମାଳା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟବକ୍ତାଙ୍କ ବକ୍ତବ୍ୟ ପରେ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ କାର୍ଯ୍ୟକାରିଣୀ ସଦସ୍ୟ ସୁକାନ୍ତ କୁମାର କର ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ ସଦସ୍ୟ ବିଦ୍ୟାର୍ଣ୍ଣ ପଣ୍ଡା, ରବିନାରାୟଣ ପ୍ରଧାନ, ଦେବେନ୍ଦ୍ର କୁମାର ନାଥ, ଦୀପାଳି ଚୌଧୁରୀ, ଜୟକୃଷ୍ଣ ବେହେରା, ସୁବ୍ରତ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ।

# କେବେ ବନ୍ଦ ହେବ ଶ୍ୟାମ ମେଟାଲିକ୍ସ ?

**ସମ୍ବଲପୁର, ୩।୪(ସମିସ):** କେବେ ବନ୍ଦ ହେବ ରେଙ୍ଗାଲି ବ୍ଲକ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସ ଏନର୍ଜି ଲିମିଟେଡ। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପକ୍ଷରୁ ଶ୍ୟାମ ମେଟାଲିକ୍ସକୁ ବନ୍ଦ(କ୍ଲୋଜର)ପାଇଁ ନୋଟିସ ଦେଇଛି। ପାଣି ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଉଲ୍ଲଂଘନ କରୁଥିବାରୁ କେନ୍ଦ୍ରୀୟ ଟିମ୍ ନୋଟିସ ଜାରି କରିଛି। ସିପିସିବି ପକ୍ଷରୁ ଏହି ନୋଟିସ ଗତ ମାର୍ଚ୍ଚ ୩୦ ତାରିଖରେ ଆସିଛି। କମ୍ପାନୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଓଡ଼ିଶା ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ, ପରିବେଶ ବିଭାଗର ପ୍ରମୁଖ ଶାସନ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅଧ୍ୟକ୍ଷ, ସମ୍ବଲପୁର ଜିଲ୍ଲାପାଳ, ପରିବେଶ ମନ୍ତ୍ରଣାଳୟ ନିର୍ଦ୍ଦେଶକ, ମୁଖ୍ୟ ଯନ୍ତ୍ରୀଙ୍କ ସମେତ ୯ ଅଧିକାରୀଙ୍କୁ ଏହି କ୍ଲୋଜର ନୋଟିସ ପଠାଯାଇଛି। ନୋଟିସ ଆସିବା ଘଟଣାକୁ ୪ ଦିନ ବିତିଲାଣି, ହେଲେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବା ଜଣା ପଡ଼ିଛି। କମ୍ପାନୀକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ କରିବାକୁ ଜିଲ୍ଲାପାଳଙ୍କୁ ଚିଠିରେ ଦର୍ଶାଯାଇଛି। ସୂଚନା ଅନୁସାରେ ୨୦୨୪ ଅଗଷ୍ଟ ମାସରେ କୋଲକାତାର କେନ୍ଦ୍ରୀୟ ଟିମ କମ୍ପାନୀ ପରିଦର୍ଶନରେ ଆସିଥିଲେ। ତେଣୁ ୨୦୨୫ ମେ ମାସରେ ବିଭିନ୍ନ ପ୍ରକାରର ନିର୍ଦ୍ଦେଶ ପାଳନ କରିବାକୁ କମ୍ପାନୀକୁ କହିଥିଲେ। କିନ୍ତୁ କମ୍ପାନୀ ପ୍ରଦୂଷଣ ବୋର୍ଡର କୌଣସି ନିୟମ ମାନିନଥିଲା।

**କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନୋଟିସକୁ ୪ ଦିନ ପୂରିଲା**

**ବିଦ୍ୟୁତ୍ ସେବା ବନ୍ଦ ପାଇଁ ଜିଲ୍ଲାପାଳଙ୍କୁ ଚିଠି**

ସୂଚନା ଅନୁସାରେ ଷ୍ଟିଲ ତିଆରି କରୁଥିବା ଫର୍ନେସ ଗୁଡ଼ିକରୁ ବହୁତ ଧୂଆଁ ଓ ଧୂଳି ବାହାରିଥାଏ। କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାକ ବ୍ୟବସ୍ଥା କମ୍ପାନୀ ପାଖରେ ରହିନାହି। ଆର୍ଥିକ ବର୍ଷ ୨୦୨୪-୨୦୨୫ ପାଇଁ ବାର୍ଷିକ ଆସ୍ ଅଡିଟ ରିପୋର୍ଟକୁ ନିର୍ଦ୍ଧାରିତ ସମୟ ୨୦୨୫ ମସିହା ନଭେମ୍ବର ୩୦ ତାରିଖ ସୁଦ୍ଧା ସିପିସିବି ପାଖରେ ଦାଖଲ କରିବାରେ ବିଫଳ ହୋଇଛି। ପ୍ରାୟ ୨୬ ନିୟମର ଉଲ୍ଲଂଘନ କରିଥିବା ଜଣାପଡ଼ିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏହି ନୋଟିସକୁ ଏତେ ଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସାଧାରଣରେ ଚର୍ଚ୍ଚାର ବିଷୟ ସାଜିଛି। ଏ ନେଇ ଜିଲ୍ଲାପାଳଙ୍କ ଯୋଗଯୋଗ ହୋଇ ପାରିନାହି।

## ଅବକାରୀ କାର୍ଯ୍ୟାଳୟରେ ୩.୬୭ କୋଟି ଟଙ୍କା ହେରଫେର


# ଅନ୍ୟ ଅଧିକାରୀଙ୍କୁ କେବେ ଗିରଫ

**ସମ୍ବଲପୁର, ୩।୪ (ସମିସ):** ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ ୩.୬୭ କୋଟି ସରକାରୀ ଟଙ୍କା ହେରଫେର ହୋଇଛି। ଏ ଅଭିଯୋଗରେ ପୁଲିସ ଜଣେ କିରାଣି ଓ ଜଣେ ଅବସରପ୍ରାପ୍ତ ଏଏସଆଇଙ୍କୁ ଗିରଫ କରିଛି। ହେଲେ ଏତେ ବଡ଼ ରାକେଟ କିପରି ବିଭାଗ ଜାଣି ପାରିଲା ନାହି। ଦାୟିତ୍ୱରେ ଥିବା ଡିଡିଓଙ୍କ ଭୂମିକାକୁ ମଧ୍ୟ ସନ୍ଦେହ ଘେରରେ ରହିଛି। ବିଭାଗରେ ସରକାରୀ ଟଙ୍କା ଖର୍ଚ୍ଚ କରିବାକୁ ହେଲେ ଡିଡିଓଙ୍କ ଦସ୍ତଖତ ଲାଗିଥାଏ। ଡିଡିଓଙ୍କ ଅଜାଣତରେ ଏପରିକି ଦରମା, ପେନସନ ପାଇଁ ମଧ୍ୟ କାହାକୁ ଦିଆଯାଇନଥାଏ। ବିଲ ଭାଉଚର, କାଗଜ ଇତ୍ୟାଦି କିରାଣି ପ୍ରସ୍ତୁତ କରୁଥିଲେ ମଧ୍ୟ ଡିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଇଏଫଏମଏସ ପୋର୍ଟାଲ ମାଧ୍ୟମରେ ଟଙ୍କା ଖର୍ଚ୍ଚ ହୋଇଥାଏ। ହେଲେ ସମ୍ବଲପୁର ଅବକାରୀ କାର୍ଯ୍ୟାଳୟରେ ସବୁ ନିୟମ ଫେଲ ମାରିଥିଲା। ଡିଡିଓଙ୍କ ଅଜାଣତରେ ଜଣେ କିରାଣୀ ଏତେ ଟଙ୍କା ଏକୁଟିଆ କାରବାର କରିବା ସମ୍ଭବ




ପର ନୁହେ। ଏହି ଘଟଣାରେ ଅଇଁଠାପାଲି ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଅନ୍ୟ ଜଣେ ଅବସରପ୍ରାପ୍ତ ଏଏସଆଇ ଅଚ୍ୟୁତ ଦେହୁରୀଙ୍କ ଏହି ଘଟଣାରେ ସମ୍ପୃକ୍ତି ରହିଛି। ତାଙ୍କୁ ମଧ୍ୟ ଗିରଫ କରାଯାଇନାହି। ନଭେମ୍ବର ୨୦୨୨ ମସିହାରୁ ଅକ୍ଟୋବର ୨୦୨୫ ମଧ୍ୟରେ ଏହି ଅନିୟମିତତା ହୋଇଛି। ଅଡିଟ ବେଳେ ଏ ଘଟଣା ସାମ୍ନାକୁ ଆସିଛି। ତେଣୁ ପୁଲିସ ଅନ୍ୟ ମାନଙ୍କୁ କେତେ ଶୀଘ୍ର ଗିରଫ କରି ତାହା ଦେଖିବାକୁ ବାକି ରହିଲା।

# ଭିମସାରର ନୂଆ ଅଧୀକ୍ଷକ ହେଲେ ଡା. ସୁନୀଲ ଶର୍ମା



**ସମ୍ବଲପୁର, ୩।୪ (ସମିସ) :** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର୍) ହସ୍ପିଟାଲ୍‌ର ନୂତନ ଅଧୀକ୍ଷକ ଭାବେ ହୃଦ୍‌ରୋଗ ବିଶେଷଜ୍ଞ ପ୍ରଫେସର ଡା. ସୁନୀଲ ଶର୍ମାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଭିମସାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ଲାଲମୋହନ ନାୟକ ଏହି ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରଫେସର ଶର୍ମା ହୃଦ୍‌ରୋଗ ବିଭାଗୀୟ ମୁଖ୍ୟ ସହିତ ଭିମସାର ହସପିଟାଲର ଅଧୀକ୍ଷକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ପ୍ରଫେସର ଡା. ସୁନୀଲ ଶର୍ମାଙ୍କ ବହୁ ବର୍ଷର ଅଭିଜ୍ଞତା ରହିଥିବାରୁ ତାଙ୍କ ସମୟରେ ଭିମସାରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହେବ ବୋଲି ସାଧାରଣରେ ଆଶାପ୍ରକାଶ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରଫେସର ନାୟକ ଏହାପୂର୍ବରୁ ହସପିଟାଲ ଅଧୀକ୍ଷକ ଦାୟିତ୍ୱରେ ଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ମାସରେ ତାଙ୍କୁ ଭାରପ୍ରାପ୍ତ ନିର୍ଦ୍ଦେଶକ ଭାବେ ଅବସ୍ଥାପିତ କରାଯାଇଥିଲା।

# ଆଇଆଇଏମ୍ ସମାବର୍ତ୍ତନ ଉତ୍ସବରେ ୪୧୬ ଜଣଙ୍କୁ ଡିଗ୍ରୀ ପ୍ରଦାନ

**ସମ୍ବଲପୁର, ୩।୪ (ସମିସ) :** ଆସନ୍ତାକାଲି ଶନିବାର ଆଇଆଇଏମ୍ ସମ୍ବଲପୁର ତାହାର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳନ କରିବ। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ଡକ୍ଟର ହରିବାବୁ କାମ୍ଭମପତି ମୁଖ୍ୟ ଅତିଥି ଭାବରେ ଯୋଗଦେବେ ଏବଂ ସମାବର୍ତ୍ତନ ଭାଷଣ ଦେବେ। ତାଙ୍କ ସହିତ ଆଡୋବ୍ ଇଣ୍ଡିଆର ଉପାଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ପ୍ରତିଭା ମହାପାତ୍ର, ଆଇଆଇଏମ୍ ସମ୍ବଲପୁରର ବୋର୍ଡ ଅଫ୍ ଗଭର୍ଣ୍ଣର୍ସ ଚେୟାରପର୍ସନ ପ୍ରଫେସର ଚନ୍ଦନ ଚୌଧୁରୀ, ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଭାରତର ପ୍ରମୁଖ ମ୍ୟାନେଜମେଣ୍ଟ ପ୍ରତିଷ୍ଠାନ ମଧ୍ୟରୁ ଗୋଟିଏ, ଆଇଆଇଏମ୍ ସମ୍ବଲପୁର ଏହାର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବ ପାଳନ କରିବାକୁ ଯାଉଛି। ଏଥିରେ ୫ଟି କାର୍ଯ୍ୟକ୍ରମରେ ୪୧୬ ଜଣ ଛାତ୍ରଛାତ୍ରୀ ସେମାନଙ୍କର ଡିଗ୍ରୀ ଗ୍ରହଣ କରିବେ। ୭୬% ମହିଳା ଥିବା ଏମ୍‌ବିଏ ବ୍ୟାଚ (୨୦୨୪-୨୬) ର ୩୧୪ ଜଣ, ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ବ୍ୟାଚ୍ (୨୦୨୩-୨୫) ର ୩୯ ଜଣ, ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ବ୍ୟାଚ୍ (୨୦୨୪-୨୬) ର ୩୬ ଜଣ, ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ ଫର୍ ୱାର୍କିଂ ପ୍ରଫେସନାଲ୍ସ ବ୍ୟାଚ୍ (୨୦୨୪-୨୬) ର ୧୭ ଜଣ, ୫ ଜଣ ପିଏଚ୍‌ଡି ୱାର୍କିଂ ପ୍ରଫେସନାଲସ୍ ଏବଂ ୫ ଜଣ ପିଏଚ୍‌ଡି ସ୍କୋଲାର୍ ରହିଛନ୍ତି। ଆସନ୍ତାକାଲି ଏହି ଭବ୍ୟ କାର୍ଯ୍ୟକ୍ରମରେ ସେମାନେ ଡିଗ୍ରୀ ଗ୍ରହଣ କରିବେ।

# କଂଗ୍ରେସ ପାଇଁ ପ୍ରଚାର କରୁଛନ୍ତି ବିଜେପି ପଦାଧିକାରୀ

**ସମ୍ବଲପୁର, ୩।୪(ସମିସ):** କଂଗ୍ରେସ ପାଇଁ ଭୋଟ ମାଗୁଛନ୍ତି ବିଜେପ ପଦାଧିକାରୀ। ପଶ୍ଚିମବଙ୍ଗରେ ଆଗକୁ ନିର୍ବାଚନ ରହିଛି। ତେଣୁ ଓଡ଼ିଶା ସମେତ ସମ୍ବଲପୁରର ମଧ୍ୟ ଅନେକ କର୍ମୀ ନିଜର ନିର୍ବାଚନୀ ପାଇଁ ଯାଉଛନ୍ତି। ହେଲେ ସମ୍ବଲପୁରରେ ଏକ ତଥ୍ୟ ଭାଇରାଲ ହେଉଛି। କିଛି ଦିନ ପୂର୍ବରୁ ମାଇନୋରଟି ମୋର୍ଚ୍ଚାରେ ସମ୍ବଲପୁରର ଜଣେ ରାଜ୍ୟ ପଦ ପାଇଥିଲେ। ତେଣୁ ସେ ବିଜେପରି ଜଣେ ସଦସ୍ୟ ବୋଲି ଜଣା ପଡ଼ିଥିଲା। ହେଲେ ଏବେ ଉକ୍ତ ବ୍ୟକ୍ତି ଜଣକ ପଶ୍ଚିମ ବଙ୍ଗରେ କଂଗ୍ରେସ ପାଇଁ ପ୍ରଚାର କରୁଥିବା ଫୋଟ ଭାଇରାଲ ହେଉଛି।

# ଭାରତୀ ଉତ୍ସବରେ ୨୫ ଜାତି ସମାଜ ସମ୍ବର୍ଦ୍ଧିତ

**ସମ୍ବଲପୁର, ୩।୪(ସମିସ):** ଭାରତୀ ସମାଜ ପକ୍ଷରୁ ୨୫ ତମ ଭାରତୀ ଉତ୍ସବ କ୍ଷେତ୍ରୀୟ ସଂଯୋଜକ ଡ. ସ୍ୱର୍ଣ୍ଣ ପ୍ରକାଶ ପଣ୍ଡା ସଂଯୋଜନାରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ପାଳିତ ହୋଇଛି। ଉତ୍ସବରେ ଛତିଶଗଡ଼ର ସାମାଜିକ କାର୍ଯ୍ୟକର୍ତ୍ତା ତଥା ସ୍ୱାଧୀନତା ସଂଗ୍ରାମୀ ପରିବାର ସଦସ୍ୟ ବିଦ୍ୟାଭୂଷଣ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜର ସଞ୍ଚାଳକ ଭବାନୀଶ ଭୋଇ ବିଗତ ବର୍ଷରେ ଭାରତୀ ସମାଜ ପକ୍ଷରୁ କରାଯାଇଥିବା କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ଭାରତୀ ସମାଜର ବରିଷ୍ଠ ସଦସ୍ୟ କାର୍ତ୍ତିକ ପ୍ରସାଦ ବହିଦାର ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚର ମୁଖ୍ୟ ସଂଯୋଜକ ମାନସ ରଞ୍ଜନ ବକ୍ସୀ ପ୍ରମୁଖ ମଞ୍ଚାସୀନ ଥିଲେ। ଚଳିତ ବର୍ଷ ୨୫ ତମ ଭାରତୀ ଉତ୍ସବ ଅବସରରେ ୨୫ଟି ଜାତି ସମାଜକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେବଗଡ଼ରୁ ବିପ୍ରଚରଣ ଜୟପୁରୀଆ, ବଲାଙ୍ଗିରରୁ ଭୋଲା ରାମ କୁମ୍ଭାର, ରାଉରକେଲାରୁ ରମେଶ ସୁନା, ବରଗଡ଼ରୁ ଜଗନ୍ନାଥ କୁମ୍ଭାର, ସମ୍ବଲପୁରରୁ ଅରୁଣ ସୂରଜାଲଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ଭାରତୀ ସମାଜର ମହାସଚିବ ଦେବୀ ପ୍ରସାଦ ଭୋଇ, ସହସଞ୍ଚାଳକ ଜୟପାଳ ବାଗ, ଅଶୋକ ତ୍ରିପାଠୀ, ସୁରେନ୍ଦ୍ର ବଗର୍ତ୍ତୀ, ଗୋପବନ୍ଧୁ ସେନାପତି, ଗଦାଧର ନିଆଲ, ଶେଖର ସାହାଣୀ, ବିରଞ୍ଚୀ ନାରାୟଣ ନାୟକ, ରାଜେଶ ସ୍ୱାଇଁ, ଦଶରଥ ମେହେର, ସୁଷମା ପ୍ରଧାନ, ଲଳିତା ଭୋଇ ପ୍ରମୁଖ ସହଯୋଗ କରିଥିଲେ।

## କୁଚିଣ୍ଡା କେନ୍ଦୁପତ୍ର ଡ଼ିଭିଜନରେ ଶ୍ରମିକଙ୍କୁ ମିଳୁନି ମଜୁରୀ

# ଦୁର୍ଦ୍ଦଶାରେ ରହୁଛନ୍ତି ଶ୍ରମିକ ପରିବାର

**ଜମନକିରା, ୩।୪ (ସମିସ):** କୁଚିଣ୍ଡା କେନ୍ଦୁପତ୍ର ଡ଼ିଭିଜନ ସମସ୍ତ ରେଞ୍ଜରେ ପ୍ରାୟ ଦେଢ଼ ମାସ ହେବ ଗୁଛା କଟେଇ ଶ୍ରମିକଙ୍କ ମଜୁରୀ ଆଜି ପର୍ଯ୍ୟନ୍ତ ମିଳି ନାହିଁ। ଯାହା ଫଳରେ ବିଭିନ୍ନ ଦୁର୍ଦ୍ଦଶା ଭିତରେ ରହୁଛନ୍ତି ଶ୍ରମିକ ପରିବାର, ଆଉ ସପ୍ତାହ ପରେ ହୋଇପାରେ ଖର୍ଦ୍ଦି। ଶ୍ରମିକଙ୍କ ମଧ୍ୟରେ ସବୁ ସମୟରେ ଅଶାନ୍ତି ପ୍ରକାଶ ପାଉଛି। ଦିନ ମଜୁରିଆ ଶ୍ରମିକ ନୀତି କାମକରି ଟଙ୍କା ଆଣିଲେ ପରିବାର ବର୍ଗରେ ବିଭିନ୍ନ ପ୍ରକାରର କାମରେ ଲାଗି ଥାଏ। ପ୍ରତି ଗାଁମାନଙ୍କରେ ବିଭିନ୍ନ ପ୍ରକାରର ପର୍ବ ପର୍ବାଣି ଚାଲି ଥିବା ବେଳେ, ପିଲାମାନଙ୍କ ପାଠ ପଢ଼ା ସହ ଅନ୍ୟାନ୍ୟ ଅନେକ ସମସ୍ୟାରେ ଶ୍ରମିକ ପରିବାରଙ୍କୁ ଚଳିବାକୁ କଷ୍ଟ ହେଉଛି। ଫେବୃୟାରୀ ମାସ ୧୬ ତାରିଖରୁ ଗୁଛା କଟେଇ କାମ ଆରମ୍ଭ ହୋଇ ଥିବା ବେଳେ ଏତେ ଦିନ ପର୍ଯ୍ୟନ୍ତ ମଜୁରି ପ୍ରଦାନରେ ବିଭାଗ ଅବହେଳା କରିବା ଫଳରେ ଶ୍ରମିକ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ସରକାର ଶ୍ରମିକ ମଜୁରୀ ଦିନକୁ ୫୦୩ ଟଙ୍କା ରହିଥିବା ବେଳେ ପ୍ରତି ରେଞ୍ଜରେ ହଜାର ହଜାର ଶ୍ରମିକ କାମ କରି ମଜୁରୀ ପାଇଁ ହିନସ୍ତା ହେବାକୁ ପଡୁଛି। ଓଡ଼ିଶା କେନ୍ଦୁପତ୍ର କର୍ମଚାରି ସଂଘ ପଦକ୍ଷେପ ନେଇ ଶ୍ରମିକ ମଜୁରୀ ପାଇବାର ବ୍ୟବସ୍ଥା କରାଯାଉ ବୋଲି କିଛି ଶ୍ରମିକ ପ୍ରକାଶ କରିଛନ୍ତି। ଏ ନେଇ କୁଚିଣ୍ଡା ଡ଼ିଭିଜନ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗା ଯୋଗ କରିବାରୁ ଫୋନ ଲାଗି ନ ଥିଲା।

# ପିପିଲିରେ ଓଡ଼ିଶା ସାଂସ୍କୃତିକ ସମାଜ ସମ୍ବର୍ଦ୍ଧିତ

**ସମ୍ବଲପୁର, ୩।୪ (ସମିସ) :** ଓଡ଼ିଶା ଗଠନର ୯୦ ବର୍ଷ ପୂରଣ ଉପଲକ୍ଷେ ପିପିଲି ସାଂସ୍କୃତିକ ପରିଷଦ ଓଡ଼ିଶା ଗଠନରେ ଯେଉଁ ଅଞ୍ଚଳର ଭୂମିକା ଥିଲା ତଥା ସେଇ ଅଞ୍ଚଳର ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ଭାଷା, କଳା, ସାହିତ୍ୟ ଓ ସଂସ୍କୃତିକୁ ପ୍ରୋତ୍ସାହିତ କରୁଛନ୍ତି, ସେମାନଙ୍କୁ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଥିଲା। ଏହି କ୍ରମରେ ସମ୍ବଲପୁରର ଓଡ଼ିଶା ସାଂସ୍କୃତିକ ସମାଜ ସହ କୋରାପୁଟ ଓ ରାଉରକେଲାର ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ସାଂସ୍କୃତିକ ପରିଷଦର ଉପଦେଷ୍ଟା ଲେଫ୍ଟନାଣ୍ଟ ଜେନେରାଲ ନାରାୟଣ ମହାନ୍ତି। ମୁଖ୍ୟଅତିଥି ଭାବେ ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଏବଂ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଅନୁଷ୍ଠାନ ତଥା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁରର ସଭାପତି ଡ. ପରେଶ ଚନ୍ଦ୍ର ଦାନୀ ଓ ସମ୍ପାଦକ ଦୀନବନ୍ଧୁ ପଣ୍ଡା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସମ୍ମାନର ପ୍ରତ୍ୟୁତ୍ତରରେ ସେମାନେ ଦୀର୍ଘ ୫୫ବର୍ଷ ଧରି ଏହି ଅନୁଷ୍ଠାନ କିପରି ସମ୍ବଲପୁରୀ ଭାଷା, ସଂସ୍କୃତି ସୁରକ୍ଷା ତଥା ଉପେକ୍ଷିତ ବରପୁତ୍ର ମାନଙ୍କର ବଳିଦାନକୁ ଆଗାମୀ ପିଢ଼ି ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଅନବରତ ଭାବରେ ଉଦ୍ୟମ କରୁଛି ତାହା ବର୍ଣ୍ଣନା କରିଥିଲେ। ସଭାରେ ସାଂସଦ ଓ ବିଧାୟକ ଏହି କାର୍ଯ୍ୟର ପ୍ରଶଂସା କରି ସରକାର ସେମାନଙ୍କ ପାଇଁ ସବୁବେଳେ ସହଯୋଗର ହାତ ବଢ଼େଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

# ହୀରାକୁଦ ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଦିବସ

**ହୀରାକୁଦ, ୩।୪ (ସମିସ) :** ହୀରାକୁଦ ଉତ୍କଳ ସମ୍ମିଳନୀ ଶାଖା ପକ୍ଷରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସକାଳ ସମୟରେ ବିଦ୍ୟାଳୟ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନେଇ ପ୍ରଭାତ ଫେରି କରାଯାଇଥିଲା। ମାର୍କେଟ ଛକଠାରେ ଥିବା ମଧୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହାପରେ ହୀରାକୁଦ ଟିଂରୋଡରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟା ସମୟରେ ହିଣ୍ଡାଲକୋ କମ୍ୟୁନିଟି ସେଣ୍ଟର ଠାରେ ଉତ୍କଳ ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ହୀରାକୁଦ ଉତ୍କଳ ସମ୍ମିଳନୀର ସଭାପତି ସୁରେନ୍ଦ୍ର ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧ୍ୟକ୍ଷ ରାଧାମୋହନ ପଣ୍ଡା ରଚିତ କବିତା ପଠନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଅଧ୍ୟାପିକା ଡକ୍ଟର ସଙ୍ଗୀତା ନାୟକ, ମୁଖ୍ୟଅତିଥି ଭାବେ ଇଆର ମୁଖ୍ୟ ଅଧିକାରୀ ସତ୍ୟ ପ୍ରକାଶ ଦାଶ, ସିଏସ୍‌ଆର ମୁଖ୍ୟ ଆନନ୍ଦ ଚକ୍ରବର୍ତ୍ତୀ, କର୍ମଚାରୀ ସଙ୍ଘର ସମ୍ପାଦକ ନନ୍ଦଲାଲ ଦାଶ ପ୍ରମୁଖ ଯୋଗଦେଇ ଓଡ଼ିଶା ପ୍ରଦେଶ କିପରି ଗଠନ ହୋଇଥିଲା କହିବାସହ ଭାଷା, ସଂସ୍କୃତିକୁ ରକ୍ଷା କରିବା ପାଇଁ ଆହ୍ୱାନ ଦେଇଥିଲେ। ଉତ୍କଳ ସମ୍ମିଳନୀର ଓଡ଼ିଶା ପ୍ରତି ଅବଦାନ ବିଷୟରେ ପ୍ରାଞ୍ଜଳ ଭାବେ ବୁଝାଇଥିଲେ। ସରୋଜ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ଡକ୍ଟର ଅକ୍ଷୟ ସୁତାର ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ ଏବଂ ଉତ୍କଳ ସମ୍ମିଳନୀର ସମ୍ପାଦକ ବୀରେନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡିଶୀ ନୃତ୍ୟଗୁରୁ ମନୀଷା ସରକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପସଭାପତି ହିମାଂଶୁ ଶେଖର ହୋତା, ଫଗନୁ ସେଠ, ଭଜରାମ ସ୍ୱାଇଁ, ପ୍ରଫୁଲ୍ଲ ନନ୍ଦ, ଦୁଃଶାସନ ମହାନ୍ତି, ପ୍ରଫୁଲ୍ଲ ପଡ଼ିଆରୀ, ପ୍ରଭାକର ମହାନ୍ତି, ଗୋବିନ୍ଦ ଚନ୍ଦ୍ର ରାଉଳ, ରାଇଫଲ ମିଶ୍ର, ସୋମନାଥ ସ୍ୱାଇଁ, ବେଦବ୍ୟାସ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଶାସନରେ ଆନ୍ତଃ-ବିକାଶ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

**ସମ୍ବଲପୁର, ୩।୪ (ସମିସ) :** ବିଦ୍ୟା ବିକାଶ ଅନୁଷ୍ଠାନ ସମୂହ ପକ୍ଷରୁ ଶାସନସ୍ଥିତ ବିଦ୍ୟା ବିକାଶ ଅନୁଷ୍ଠାନର ଖେଳପଡ଼ିଆରେ ମାର୍ଚ୍ଚ ୨୮ ଓ ୨୯ ତାରିଖ ଦୁଇଦିନ ଧରି ଆନ୍ତଃ-ବିକାଶ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ ଭୁବନେଶ୍ୱର, ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ ଭବାନୀପାଟଣା, ବିକାଶ ହାୟର ଏଡୁକେସନ୍ ବରଗଡ଼, ବିଦ୍ୟା ବିକାଶ ରାୟଗଡ଼ ଓ ଝାରସୁଗୁଡ଼ା, ବିକାଶ ହସ୍‌ପିଟାଲ ସମ୍ବଲପୁର ଏବଂ ବିକାଶ ଦି କନ୍‌ସେପ୍ଟ ସ୍କୁଲ, ଶାସନ, ସମ୍ବଲପୁରର ଷ୍ଟାଫ୍‌ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଫାଇନାଲ୍ ମ୍ୟାଚ୍‌ରେ ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ, ଭୁବନେଶ୍ୱର ଓ ବିକାଶ ଦ କନ୍‌ସେପ୍ଟ ସ୍କୁଲ ମଧ୍ୟରେ ମୁକାବିଲା ହୋଇଥିଲା।



ଭୁବନେଶ୍ୱର ଦଳ ଟସ୍ ଜିଣି ୧୨ ଓଭର୍‌ରେ ୮୨ ରନ୍ ସଂଗ୍ରହ କରିଥିବାବେଳେ ସମ୍ବଲପୁର ଦଳ ୧୨ ଓଭର୍‌ରେ ୭୭ ରନ୍ ହିଁ କରିପାରିଥିଲେ। ଭୁବନେଶ୍ୱରର ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ ଟୁର୍ଣ୍ଣାମେଣ୍ଟର ବିଜେତା ଘୋଷିତ ହୋଇଥିବାବେଳେ ସମ୍ବଲପୁର ବିକାଶ ଦ କନ୍‌ସେପ୍ଟ ସ୍କୁଲ ରନର୍ସ-ଅପ୍ ହୋଇଥିଲା। ସମ୍ବଲପୁର ଦଳର ସୁନିଲ କୁମାର ସିଂହ ବେଷ୍ଟ ବୋଲର୍ ହୋଇଥିବା ବେଳେ ବିକାଶ ରେସିଡେନ୍‌ସିଆଲ୍ ସ୍କୁଲ ଭୁବନେଶ୍ୱରର ଶ୍ରୀଯୁକ୍ତ ଭରତ ବେଷ୍ଟ ବ୍ୟାଟର ଭାବେ ବିବେଚିତ ହୋଇଥିଲେ।

ବିଦ୍ୟା ବିକାଶ ଅନୁଷ୍ଠାନ ସମୂହର ଚେୟାରମେନ୍ ତଥା ମେନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଲକ୍ଷ୍ମୀ ବିକାଶ ଅନୁଷ୍ଠାନ ସମୂହର ଚେୟାରମେନ୍ ଡି. ନାଗେଶ୍ୱର ରାଓ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ଦ କନ୍‌ସେପ୍ଟ ସ୍କୁଲର ଅଧ୍ୟକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀର ଅଧ୍ୟକ୍ଷା ଡ. ପୁଷ୍ପିତା ପଣ୍ଡା, ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଭାରପ୍ରାପ୍ତ ଅଧ୍ୟକ୍ଷ ଦିବ୍ୟସିଂହ ମହାନ୍ତ, ବିକାଶ ନର୍ସିଂ କଲେଜର ଅଧ୍ୟକ୍ଷ ଈଶ୍ୱର ନାଗ ପ୍ରମୁଖଙ୍କ ଉପସ୍ଥିତିରେ ପୁରସ୍କୃତ କରାଯାଇଥିଲା। ଖେଳ ପ୍ରତିଯୋଗିତାରେ କ୍ରୀଡ଼ା ଶିକ୍ଷକମାନେ ପ୍ରେମରାଜ ବଘାରଙ୍କ ତତ୍ତ୍ୱାବଧାନରେ ଖେଳରେ ସକ୍ରିୟ ସହଯୋଗ କରିଥିଲେ।

# ଧାନଗାଡ଼ି ଯୋଗୁଁ ଟ୍ରାଫିକ୍ ସମସ୍ୟା

**ସମ୍ବଲପୁର, ୩।୪ (ସମିସ) :** ଚଳିତବର୍ଷ ଖରିଫ୍‌ରେ ଧାନ ସଂଗ୍ରହରେ ବ୍ୟାପକ ଅବ୍ୟବସ୍ଥା ହୋଇଛି। ସମ୍ବଲପୁର ଜିଲ୍ଲାର ଚାଷୀମାନଙ୍କ ବହୁ ସଂଖ୍ୟାରେ ଧାନ ଖଳା ମାନଙ୍କରେ ପଡ଼ିରହିଛି। ଟୋକନ ନଥିବାରୁ ଚାଷୀମାନେ ଧାନ ବିକ୍ରୟ କରିପାରିନାହାନ୍ତି। ଏପରିସ୍ଥଳେ ଅନ୍ୟ ଜିଲ୍ଲାର ଧାନ ରଖିବାକୁ ସମ୍ବଲପୁରର ମିଲର୍ ମାନଙ୍କୁ ଅନୁମତି ମିଳିଥିବା ଜଣାପଡ଼ିଛି। ଧାନ ଗାଡ଼ିଗୁଡ଼ିକ ସପ୍ତାହ ସପ୍ତାହ ଧରି ମିଲ୍ ସମ୍ମୁଖରେ ଛିଡ଼ା ହୋଇଥିବାରୁ ରାସ୍ତାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଅନ୍‌ଲୋଡ୍ କରିବାରେ ମିଲର୍‌ମାନେ ବିଳମ୍ବ କରୁଥିବା ଅଭିଯୋଗ ହେଉଛି। ସମ୍ପ୍ରତି ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସମବାୟ ସମିତିରୁ ଧାନ ବୋଝେଇ ଟ୍ରକ୍ ଗୁଡ଼ିକ ଆସି ଗୋଶାଳା ବୈଜାମୁଣ୍ଡାସ୍ଥିତ ଶ୍ରୀ ବାଲାଜି ରାଇସ ମିଲ୍ ସମ୍ମୁଖରେ ଛିଡ଼ା ହୋଇଛି। ଦିନ ଦିନ ଧରି ଅନ୍‌ଲୋଡ୍ ହେଉନଥିବାରୁ ଗାଡ଼ି ଚାଳକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଜଣେ ଟ୍ରକ୍ ଚାଳକ କହିଛନ୍ତି, ସେ ବାଲେଶ୍ୱରର ସୋସାଇଟିରୁ ଧାନ ଆଣି ଗତ ୩୧ ତାରିଖ ଦିନ ପହଞ୍ଚିଥିଲେ। ପ୍ରତିଦିନ ୫ରୁ ୬ଟି ଗାଡ଼ି ଅନ୍‌ଲୋଡ୍ ହେଉଛି। କିନ୍ତୁ ପ୍ରତିଦିନ ୧୦ରୁ ୧୫ ଗାଡ଼ି ଆସୁଥିବାରୁ ଧାନ ଅନ୍‌ଲୋଡ୍‌ରେ ଅହେତୁକ ବିଳମ୍ବ ହେଉଛି। ସମଲେଶ୍ୱରୀ ମନ୍ଦିରକୁ ରାସ୍ତା ହୋଇଥିବାରୁ ସିଙ୍ଗଲ୍ ରୋଡ୍‌ରେ ରାସ୍ତା ଜାମ୍ ଏବଂ ଯିବାଆସିବା ପାଇଁ ଲୋକେ ହନ୍ତସନ୍ତ ହେଉଛନ୍ତି। ଶତାଧିକ ଗାଡ଼ି ଛିଡ଼ା ହୋଇଥିବାବେଳେ ଚାଳକମାନଙ୍କ ଖାଇବା ପିଇବା ନେଇ ଅସୁବିଧା ହେଉଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ସରକାରୀ ଧାନ ହୋଇଥିବାରୁ ଚାଳକମାନେ ବାଧ ହୋଇ ସେମାନଙ୍କ ନମ୍ବର ଆସିବା ପର୍ଯ୍ୟନ୍ତ ଅପେକ୍ଷା କରୁଛନ୍ତି।



## ମହାବୀର ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ରାଉରକେଲା ମହିଳା କ୍ରିକେଟ ଦଳ ଚାମ୍ପିଅନ

**ରେଙ୍ଗାଲି, ୩।୪(ସମିସ)**

ସମ୍ବଲପୁର ଜିଲ୍ଲା ରେଙ୍ଗାଲି ମିନି ଷ୍ଟାଡିୟମରେ ଚାଲିଥିବା ମହାବୀର ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ୍ ରାଉରକେଲା ଜୀମାଖାନା ଓ ବଲାଙ୍ଗିର ନାଏକ କ୍ରିକେଟ ଏକାଡେମୀ ମଧ୍ୟରେ ହୋଇଥିଲା। ବଲାଙ୍ଗିରକୁ ହରାଇ ରାଉରକେଲା ଦଳ ଚାମ୍ପିଅନ ହେଇଥିଲା। ଚାମ୍ପିଅନ ରାଉଲକେଲା ମହିଳା କ୍ରିକେଟ ଦଳକୁ ୨୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନର୍ସ ବଲାଙ୍ଗିର ମହିଳା କ୍ରିକେଟ ଦଳକୁ ୧୫ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ସମାରୋହରେ ଆଦିତ୍ୟ ଆଲୁମିନିୟମର ସିଏସଆର ହେଡ ରବି ନିୱାସ, ଓଡ଼ଶା ଅଲମ୍ପିକ୍ସ ଆସୋସିଏସନର ଉପସଭାପତି ତଥା ଭାରତୀୟ ମହିଳା କ୍ରିକେଟ




ଦଳର ପୂର୍ବତନ ମ୍ୟାନେଜର ଦୁଲାଲଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ଆଦିତ୍ୟ ଆଲୁମିନିୟମର ଡେପୁଟି ମ୍ୟାନେଜର ସିଏସଆର ମନୋରଞ୍ଜନ ବେହେରା, ଦିଲୀପ ସାହୁ, ଉମାପତି ତ୍ରିପାଠୀ, ଆନନ୍ଦ ପତି, କାର୍ତ୍ତିକ ବାରିକ, ପ୍ରଶାନ୍ତ ସେଟ, ସରୋଜ ମେହେର, ନବୀନ ପଧାନ, ସରୋଜ ମେହେର, ହୃଦାନନ୍ଦ ମେହେର, ଟିଙ୍କୁ ମେହେର ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ଆୟୋଜକ ରେଙ୍ଗାଲି ସ୍ପୋର୍ଟ ଆସୋସିଏସନର ସଭାପତି ପ୍ରଫୁଲ୍ଲ ଗହୀର, ସମ୍ପାଦକ ବ୍ରଜେନ୍ଦ୍ର ପ୍ରସାଦ ପଣ୍ଡା, ଉପାସଭାପତି ରାଜେନ୍ଦ୍ର ଓରାମ, ଯୁଗ୍ମ ସମ୍ପାଦକ ସୁମନ୍ତ ଦାସଙ୍କ ସହ ଆସୋସିଏସନର ସମସ୍ତ ସଭ୍ୟମାନେ ସହଯୋଗ କରିଥିଲେ। ଓସିଏର ପୂର୍ବତନ ଉପସଭାପତି ସାବିର ହୁସେନ, ପିଏମ୍‌ଶ୍ରୀ ନୂଆଁ ରମ୍ଭେଲା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଝରଣା ବେହେରା ଓ ଡ.ଅର୍ଜୁନ ନାଏକ ପ୍ରମୁଖ ଯୋଗଦାନ କରି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ର ବିଭିନ୍ନ ଜିଲ୍ଲାରୁ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ରେଙ୍ଗାଲି ସ୍ପୋର୍ଟ ଆସୋସିଏସନ୍ ଟୁର୍ଣ୍ଣାମେଣ୍ଟ ଅୟୋଜନ କରିଥିବା ବେଳେ ମହାବୀର କ୍ରିକେଟ ଏକାଡେମୀ ସହଯୋଗ କରିଛି।

# ପଦ୍ମପୁର ଏନ୍‌ଏସିର ସ୍ୱୟଂଗଣନା କାର୍ଯ୍ୟକ୍ରମ

ପଦ୍ମପୁର, ୩।୪(ସମିସ): ଜନଗଣନା-୨୦୨୭ ଅଭିଯାନର ଅଂଶ ଭାବରେ ସ୍ୱୟଂ ଗଣନା କାର୍ଯ୍ୟକ୍ରମ ଶୁକ୍ରବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ଦ୍ୱାରା ଆରମ୍ଭ ହୋଇଛି। ଏହି ଅବସରରେ ପଦ୍ମପୁର ଡେପୁଟି କଲେକ୍ଟର ସୁମତୀ ପଣ୍ଡା, ଜିଲ୍ଲା ଜନଗଣନା ଅଧିକାରୀ ଆଶୁତୋଷ ସିଂ, ପଦ୍ମପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଲୋକମାନଙ୍କୁ ଡିଜିଟାଲ ମାଧ୍ୟମରେ ସ୍ୱୟଂ ତଥ୍ୟ ଭରଣା କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। ସମସ୍ତ ଜନସାଧାରଣ ସ୍ୱ-ଗଣନା କରିବା ପାଇଁ ବିଧାୟିକା ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଦ୍ମପୁର ଏନ୍‌ଏସିର ସୌମ୍ୟ ବଲ୍ଲଭ ମହାପାତ୍ର, ଦୀନବନ୍ଧୁ ମହାପାତ୍ର, କିଶୋର ପଣ୍ଡା, ଦିବ୍ୟ କିଶୋର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ବତନ ନଗରପାଳଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ରୋଗୀଙ୍କୁ ଫଳ ବଣ୍ଟନ

ପଦ୍ମପୁର, ୩।୪(ସମିସ): ଭାରତୀୟ ଜନତା ପାର୍ଟି ପଦ୍ମପୁର ନିର୍ବାଚନ ମଣ୍ଡଳୀ ର ବରିଷ୍ଠ ନେତା ତଥା ପୂର୍ବତନ ନଗରପାଳ ସ୍ୱର୍ଗତ ସତ୍ୟବାନ ଅଗ୍ରୱାଲଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଭାରତୀୟ ଜନତା ପାର୍ଟି ତରଫରୁ ନଗର ସଭାପତି ପ୍ରମୋଦ ମେହେରଙ୍କ ନେତୃତ୍ୱରେ ପଦ୍ମପୁର ହସ୍ପିଟାଲରେ ଫଳ ବଣ୍ଟନ କରାଯାଇଥିଲା। ସ୍ୱର୍ଗତ ଅଗ୍ରୱାଲ ୧୯୯୭ ରୁ ୨୦୦୩ ପର୍ଯ୍ୟନ୍ତ ପଦ୍ମପୁର ନଗରପାଳ ଦାୟିତ୍ୱ ତୁଲାଇଥିବା ବେଳେ ଦୁଇ ଥର କାଉନସିଲର ଭାବରେ ନିର୍ବାଚିତ ହୋଇଥିଲେ। ସେ ବିଜେପିର ଜଣେ ଟାଣୁଆ ନେତା ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ଆଜିର ଏହି ଫଳବଣ୍ଟନ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ଗୋବର୍ଦ୍ଧନ ଭୋଏ, ପ୍ରିତମ ମେହେର, ରମେଶ ଅଗ୍ରୱାଲ, ଜିଲ୍ଲା ପରିଷଦ ସଦସ୍ୟା ସରସ୍ୱତୀ ସାହୁ, ସାମଲ ଦାଶ, ପ୍ରଦୀପ ଦାଶ, ସୁବାସ ପାତ୍ର, ଅଶୋକ ମିଶ୍ର, ସରୋଜ ମିଶ୍ର, ହରିଶଙ୍କର ସିଂହ, ସୁନୀଲ ଅଗ୍ରୱାଲ, ଅଶୋକ ସାହୁ, ପିଣ୍ଟୁ ପାଢ଼ୀ, ନରୋତ୍ତମ ପ୍ରଧାନ, ସୁରେଶ ସାହୁ, ହରେଶ ଷଣ୍ଢ ପ୍ରମୁଖ ଯୋଗଦେଇ ଥିଲେ।

# ନୃସିଂହ ନାଥରେ ଚୈତ୍ର ବାସନ୍ତୀକ ପୂଜା

ପାଇକମାଲ, ୩।୪(ସମିସ): ପାଇକମାଲ ବ୍ଲକ ଯାଦବ ସମାଜ ତଥା ଝାରବନ୍ଧ ବ୍ଲକ ଯାଦବ ସମାଜ ମିଳିତ ଉଦ୍ୟମରେ ନୃସିଂହନାଥ ମନ୍ଦିର ପରିସରରେ ଚଳିତବର୍ଷ ଚୈତ୍ର ବାସନ୍ତୀକ ପୂଜା ପାଳିତ ହୋଇଯାଇଛି। କର୍ତ୍ତା ଭାବେ ବାବୁଲୁ ମାହାର ତାଙ୍କ ପତ୍ନୀ ସରୋଜିନୀ ମାହାର ଦାୟିତ୍ୱ ତୁଲାଇ ଥିବାବେଳେ ପଣ୍ଡିତ ଜୟ କୁମାର ଆଚାର୍ଯ୍ୟା ଓ ସମଲେଶ୍ୱରୀ ମନ୍ଦିର ପୂଜକ ଗୋବର୍ଦ୍ଧନ ମାହାର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ପୂଜା ମହୋତ୍ସବରେ ସମଲେଶ୍ୱରୀ ମନ୍ଦିର ସଭାପତି ମଧୁସୂଦନ ପାଣ୍ଡେ, ପାଇକମାଲ ବ୍ଲକ ସଭାପତି ବନମାଳୀ ଚନ୍ଦନ, ଝାରବନ୍ଧ ବ୍ଲକ ସଭାପତି ଧ୍ରୁବ ଚରଣ ହାତୀ, ଯୁବ ସଭାପତି ମାନସ ନାଗ, ପୂର୍ବତନ ଜିଲ୍ଲା ସଭାପତି ଡୋଲମଣୀ ମାହାର, ବରଗଡ଼ ଜିଲ୍ଲା ନୀତି ନିୟମ ସଭାପତି ଅମୃତ ବନଛୋର, ପାଇକମାଲ ବ୍ଲକ ସମ୍ପାଦକ ବାଲକୃଷ୍ଣ ବନଛୋର, ମନ୍ଦିର କୋଷାଧ୍ୟକ୍ଷ ସଚ୍ଚିଦା ନାଗ, ମନ୍ଦିର ସମ୍ପାଦକ ଦେବାର୍ଚ୍ଚନ ବାଗ, ପୂର୍ବତନ ମନ୍ଦିର ସଭାପତି ଗାନ୍ଧୀ ବାଗ, ଜୋନ୍ ସଭାପତି ନଳନି ଥପା, ମନୋହର ପୁଞ୍ଜି, ଭୁବନେଶ୍ୱର ବନଛୋର ପ୍ରମୁଖ ଉପସ୍ଥିତ ରହି ଶ୍ରମଦାନ କରି ଥିବା ରୋଷେଇଆ ରାମ ପ୍ରସାଦ ଷଣ୍ଢଙ୍କୁ ସମ୍ବର୍ଦ୍ଧାତ କରିଥିଲେ। କର୍ତ୍ତା ସପତ୍ନୀକ ଦୁହେଁ ପାଇକମାଲ ବ୍ଲକ ଏବଂ ଝାରବନ୍ଧ ବ୍ଲକ କର୍ମକର୍ତ୍ତାଙ୍କୁ ସମ୍ମାନିତ କରିଥିଲେ। ପଦ୍ମପୁର, ପାଇଲମାଳ, ଝାରବନ୍ଧ ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ତୈଳିକ ବୈଶ୍ୟ ସାହୁ ସମାଜର ପ୍ରଶିକ୍ଷଣ ଶିବିର

ପଦ୍ମପୁର, ୩।୪(ସମିସ): ବରଗଡ଼ ଜିଲ୍ଲା ତୈଳିକ ବୈଶ୍ୟ ସାହୁ ସମାଜର ଜିଲ୍ଲା କମିଟିର ତତ୍ତ୍ୱାବଧାନରେ ସାହୁ ସମାଜର ନିୟମାବଳୀ ଓ ସାଙ୍ଗଠନିକ କାର୍ଯ୍ୟ ପ୍ରଣାଳୀ ଉପରେ ସ୍ଥାନୀୟ ସିଦ୍ଧିବିନାୟକ କଲ୍ୟାଣ ମଣ୍ଡପ ଠାରେ ଏକ ଦିନିକିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା।

ଜିଲ୍ଲା ସଭାପତି ଶ୍ରୀ ଭିକାରି ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଜିଲ୍ଲାର ସମସ୍ତ ବ୍ଲକ ଓ ପଞ୍ଚାୟତ ଯୋନର ସଭାପତି ଓ ସମ୍ପାଦକମାନେ ଅଂଶ ଗ୍ରହଣ କରିଥିଲେ। ଶ୍ରୀ ମନୋରଞ୍ଜନ ସାହୁ (ମନ ମାଷ୍ଟ୍ରେ ), ଉପଦେଷ୍ଟା, ଜିଲ୍ଲା କମିଟିର ଆଇନ ପରାମର୍ଶଦାତା ଶ୍ରୀରାଜକିଶୋର ସାହୁ, ଉପ ସଭାପତି ମାର୍କଣ୍ଡ ସା ଓ ତୋସବନ୍ତ ସାହୁ, ସମ୍ପାଦକ ଡ. ଭକ୍ତ ପୂରଣ ସାହୁ, କୋଷାଧ୍ୟକ୍ଷରାଜେନ୍ଦ୍ର ପ୍ରସାଦ ସାହୁ, ବରିଷ୍ଠ ସଭ୍ୟ ବେଣୁଧର ସାହୁ ମଞ୍ଚାସୀନ ଥିଲେ। ଆଇନ ପରାମର୍ଶଦାତାରାଜ କିଶୋର ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ।ସମ୍ପାଦକ ଜାତିର ସମ୍ବିଧାନ ପୁସ୍ତିକା ପାଠ କଲା ପରେ ଆଲୋଚନା ଓ ପ୍ରଶ୍ନୋତ୍ତର ମାଧ୍ୟମରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଥିଲା।

ଏହି କର୍ମଶାଳାରେ ତୈଳିକ ବୈଶ୍ୟ ସାହୁ ଜାତିର ସାମାଜିକ ଏକତାକୁ ବଜାୟରଖିବା, ସଂଗଠନକୁ ମଜଭୁତ କରି ଅପସଂସ୍କୃତି ଠାରୁ ଦୁରେଇରହିବା ପାଇଁ ମତ ପ୍ରକାଶ ପାଇଥିଲା। ଦୁଇଟି ଅଧି ବେଶନରେ ଅନୁଷ୍ଠିତ ଏହି ସଭାରେ ବରଗଡ଼ ସଭାପତି ପ୍ରେମରାଜ ସାହୁ, ଭେଡେନ ସଭାପତି ନବକିଶୋର ମେହେର, ସୋହେଲା ସଭାପତି ବୁଦ୍ଧଦେବ ସାହୁ, ପଦ୍ମପୁର ଉପସଭାପତି ପଞ୍ଚାନନ ସାହୁ, ଗାଇସିଲେଟ ସଭାପତି ପରମେଶ୍ୱର ସାହୁ, ପାଇକମାଳ ସଭାପତି ବଳରାମ ସାହୁ, ଝାରବନ୍ଧ ସଭାପତି ଅଧ୍ୟାପକ ସାତ୍ତ୍ୱିକ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପଦ୍ମପୁର ନଗର ପଞ୍ଚାୟତ କମିଟିର ସଭାପତି ବିଶେଶ୍ୱର ସାହୁ ସଭା ଆୟୋଜନରେ ସକ୍ରିୟ ସହଯୋଗ କରିଥିଲେ। ବରିଷ୍ଠ ଜିଲ୍ଲା କମିଟି ସଭ୍ୟ ପିତାମ୍ବର ସାହୁ ଧନ୍ୟବାଦ ଅର୍ପଣ କଲା ପରେ ସଭାପତି ସଭା ସାଙ୍ଗ କରିଥିଲେ।

# ବିଦ୍ୟୁତ ତାର ଲାଗି ଯୁବକ ମୃତ

ଭେଡେନ, ୩।୪(ସମିସ): ଭେଡେନ ଥାନା ଅଧୀନ ବକଟି ପଞ୍ଚାୟତ ସ୍ଥିତ ଅପାମରା ଗ୍ରାମର ଡାକ୍ତର ଛନ୍ଦ(୪୫) ବିଦ୍ୟୁତ ଆଘାତରେ ମୃତ୍ୟୁବରଣ କରିଛନ୍ତି। ସବୁଦିନ ପରି ଡାକ୍ତର ନିଜେ ରଖିଥିବା ଛେଳି ଗୁହାଳକୁ ସଫା କରିବା କୁ ଯିବା ସମୟରେ ଗୁହାଳ ନିକଟରେ ପଡ଼ିଥିବା ଏକ ଇଲେକ୍ଟ୍ରିକ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଏହାଦେଖି ପରିବାର ଲୋକେ ଓ ଗ୍ରାମର ଯୁବକମାନେ ତାଙ୍କୁ ଭେଡେନ ମୁଖ୍ୟ ଡାକ୍ତରଖାନାକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଏନେଇ ଭେଡେନ ଥାନାରେ ଏକ ମମାଲା ରୁଜୁ ହୋଇଛି।

# ରାୟପୁର ଲୋକଭବନରେ ଉତ୍କଳ ଦିବସ

ବରଗଡ଼, ୩।୪(ସମିସ)



ରାୟପୁର ସହରର ଲୋକଭବନ ପରିସରରେ ଉତ୍କଳ ଦିବସ ପାଳିତ ହୋଇଥିଲା। ଛତିଶଗଡ଼ ସର୍ବଓଡ଼ିଆ ସମାଜର ଆନୁକୂଲ୍ୟରେ ଗତ ବୁଧବାର ସନ୍ଧ୍ୟାବେଳେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ସାଂସ୍କୃତିକ ପରିଷଦର ସଭାପତି ତଥା ଛତିଶଗଡ଼ ସର୍ବଓଡ଼ିଆ ସମାଜର କୋଷାଧ୍ୟକ୍ଷ, ବିଶିଷ୍ଟ ସ୍ନାୟୁରୋଗ ବିଶେଷଜ୍ଞ ଡା. କମଳା କାନ୍ତ ଭୋଇ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ରାୟପୁର ଉତ୍ତର ବିଧାନସଭା ମଣ୍ଡଳୀର ବିଧାୟକ ତଥା ଛତିଶଗଡ଼ ସର୍ବ ଓଡ଼ିଆ ସମାଜର ସଭାପତି କାର୍ଯ୍ୟକ୍ରମରେ ଯୋଗଦେଇ ଅଭିନନ୍ଦନ ଜଣାଇଥିଲେ। ଉତ୍କଳର ବରପୁତ୍ରମାନଙ୍କ ଅବଦାନ, ତ୍ୟାଗ ଓ ନିଷ୍ଠାକୁ ସ୍ମରଣ କରି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ସେମାନଙ୍କ ଭୂମିକା ବିଷୟରେ ମତ ପ୍ରକାଶ କରିଥିଲେ। ଏହି ସମୟରେ ରାଜ୍ୟପାଳ ରମେନ ଡେକା କହିଥିଲେ ଯେ ଅନ୍ୟ ରାଜ୍ୟମାନଙ୍କର ଗୌରବମୟ ଇତିହାସକୁ ସ୍ମରଣ କରିବାର ଏହା ଏକ ମହତ୍ତ୍ୱପୂର୍ଣ୍ଣ ଅବସର ଏବଂ 'ଏକ ଭାରତ ଶ୍ରେଷ୍ଠ ଭାରତ' ଅଭିଯାନ ଦେଶର ୧୪୦ କୋଟି ଲୋକଙ୍କୁ ଏକତ୍ର କରୁଛି। ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାୟ ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ ଯେ ଭାଷା, ପୋଷାକ ଓ ଖାଦ୍ୟରେ ଭିନ୍ନତା ଥିଲେ ମଧ୍ୟ ଏକତା ହେଉଛି ଭାରତର ପ୍ରମୁଖ ବିଶେଷତା ଏବଂ ଏପରି କାର୍ଯ୍ୟକ୍ରମ ଜାତୀୟ ଏକତାକୁ ଆହୁରି ସୁଦୃଢ଼ କରେ। ଉତ୍ସବରେ ରାୟପୁରର ଶତାଧିକ ଓଡ଼ିଆ ପରିବାର ସହିତ ମିଜୋରମ, ଅରୁଣାଚଳ ପ୍ରଦେଶ, ବିହାର ଓ ରାଜସ୍ଥାନର ବାସିନ୍ଦାମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ରାଜ୍ୟର ପ୍ରତିନିଧିମାନେ ନିଜନିଜ ସଂସ୍କୃତି ଓ ପରମ୍ପରା ପ୍ରଦର୍ଶନ କରିଥିଲେ। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ବିଧିକ ପରାମର୍ଶଦାତା ଭୀଷ୍ମ ପ୍ରସାଦ ପାଣ୍ଡେୟଙ୍କୁ ସମ୍ମାନିତ କରାଯାଇଥିଲା। ଉପସଚିବ ନିଧି ସାହୁଙ୍କ ଦେହଦାନ ନିଷ୍ପତ୍ତିକୁ ପ୍ରଶଂସା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ପୁରନ୍ଦର ମିଶ୍ର, ରାଜ୍ୟପାଳଙ୍କ ସଚିବ ଡ. ସି.ଆର. ପ୍ରସନ୍ନ ଓ ଅନ୍ୟାନ୍ୟ ଯୋଗଦେଇ ଥିଲେ।

# ପଶ୍ଚିମ ଓଡ଼ିଶା କାପୁଡି ସମାଜ ପକ୍ଷରୁ ମା' ହିଙ୍ଗୁଳାଇ ପୂଜା



ସୋହେଲା, ୩।୪(ସମିସ): ସୋହେଲା ବ୍ଲକ ଅଧୀନ ଗର୍ଭଣା ଗ୍ରାମରେ ଥିବା ପଶ୍ଚିମ ଓଡ଼ିଶା କାପୁଡି ସମାଜର ମା' ହିଙ୍ଗୁଳାଇଙ୍କ ପୁରୁଣା ପୀଠରେ ଗତକାଲି ମା' ହିଙ୍ଗୁଳାଇଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସକାଳେ ଶତାଧିକ ମହିଳା ଏକ ଶୋଭାଯାତ୍ରାରେ ଯାଇ କଟାବନ୍ଧରୁ ପୂର୍ଣ୍ଣକଳସ ଆଣି ପୂଜା ପୀଠରେ ସ୍ଥାପନ କରିବା ପରେ ମା'ଙ୍କ ପୂଜା ଶୁଭାରମ୍ଭ ହୋଇଥିଲା। ଦୁବରାଜ ନାଏକ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ତରଣୀ ନାଏକ ଏବଂ ବୃନ୍ଦାବନ ନାଏକ ପୂଜାରେ ସହଯୋଗ କରିଥିଲେ। ଏହି ପୂଜାରେ କାପୁଡି ସମାଜର ଚିଚିଣ୍ଡା, ହଲଦିପାଲି, ତାଲପାଲି, ପିପ୍ପଲଖୁଣ୍ଟା, ଟୁଙ୍ଗିବନ୍ଧଲୀ ଗ୍ରାମର ଜାତି ଭାଇ ମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟଙ୍କ ମାଆ ସିନ୍ଧୁ ନନ୍ଦିନୀ ଆଚାର୍ଯ୍ୟ ଏବଂ ବିଜୁ ଜନତା ଦଳର ରାଜ୍ୟ ଉପ ସଭାପତି ସୁବ୍ରତ ସିଂହ ଯୋଗ ଦେଇଥିଲେ। ପୂଜା କମିଟିର ଆନନ୍ଦ ନାଏକ ଓ ଯୁବରାଜ ନାଏକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉମାଶଙ୍କର ବଣିଆ, ପରମାନନ୍ଦ ନାଏକ, ମୁନି ନାଏକ, ରାଜେଶ ନାଏକ, ମନବୋଧ ନାଏକ, ରାଧାକାନ୍ତ ନାଏକ, ଲକ୍ଷ୍ମୀକାନ୍ତ ନାଏକ ପ୍ରମୁଖ ସହଯୋଗ କରିଥିଲେ।

# ଆଥଲେଟ୍ ସନ୍ତୋଷ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



ବରଗଡ଼, ୩।୪(ସମିସ): ଅନ୍ତର୍ଜାତିକ ମାଷ୍ଟର୍ସ ଆଥଲେଟ ଡ.ସନ୍ତୋଷ କୁମାର ପଧାନଙ୍କୁ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ସମ୍ବର୍ଦ୍ଧିତ କରିଛନ୍ତି। ଚଣ୍ଡୀଗଡ଼ ସେକ୍ଟର ୭ଠାରେ ଆୟୋଜିତ ୫ମ ଖେଲୋ ମାଷ୍ଟର୍ସ ନ୍ୟାସନାଲ୍ ଗେମ୍ସ ପ୍ରତିଯୋଗିତାରେ ଓଡ଼ିଶା ତରଫରୁ ପ୍ରତିନିଧିତ୍ୱ କରି ନିଜର ବ୍ୟକ୍ତିଗତ ଇଭେଣ୍ଟରୁ ଯଥା ଟ୍ରିପଲ ଜମ୍ପ, ଲମ୍ବ ଡିଆଁ ଏବଂ ୧୦୦ ମିଟର ବାଧାଦୌଡ଼ରେ ତିନୋଟିରେ ପ୍ରଥମ ସ୍ଥାନ ହାସଲ କରି ମାଷ୍ଟର ଖେଳରେ ଏକ ନୂତନ ରେକର୍ଡ ସୃଷ୍ଟି କରିଛନ୍ତି। ଏଥିପାଇଁ ଆଜି ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରେ ଆଦିତ୍ୟ ଗୋୟଲ ଉତ୍ତରୀୟ ଓ ମାନପତ୍ରଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉକି ମଧ୍ୟପ୍ରଦେଶର ଜବଲପୁର ଠାରେ ଅନୁଷ୍ଠିତ ହୋଇଥିବା ୪୫ତମ ଜାତୀୟମାଷ୍ଟର୍ସ ଆଥଲେଟିକ୍ସ ଚାମ୍ପିୟନସିପ୍‌ରେ ମଧ୍ୟ ଡ.ପଧାନ ହ୍ୟାଟ୍ରିକ ସ୍ୱର୍ଣ୍ଣପଦକ ହାସଲ କରିଥିଲେ। ଖେଲୋମାଷ୍ଟର୍ସ ନ୍ୟାସନାଲ ଗେମ୍ସରେ ଏକ ନୂତନ ରେକର୍ଡ ହାସଲ କରିବା ସହିତ ଜାପାନ ଠାରେ ଆୟୋଜିତ ହୋଉଥିବା ବିଶ୍ୱ ମାଷ୍ଟର୍ସ ଗେମ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ନିଜ ଜିଲ୍ଲା ରାଜ୍ୟ ତଥା ଦେଶ ପାଇଁ ପୁଣି ପଦକ ହାସଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି।

# ଏସ୍‌ବିଆଇ ବରଗଡ଼ ପକ୍ଷରୁ ସିଏସ୍‌ଆର୍ ଅନୁଦାନ ବଣ୍ଟନ




ବରଗଡ଼, ୩।୪(ସମିସ): ବରଗଡ଼ ସିମେଣ୍ଟ ନଗର ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀର ଛାତ୍ରୀମାନଙ୍କୁ ଏସବିଆଇ ବରଗଡ଼ ପକ୍ଷରୁ ସିଏସଆର୍ ଫଣ୍ଡରୁ ଷଷ୍ଠ ଓ ସପ୍ତମଶ୍ରେଣୀ ବାଳିକାମାନଙ୍କୁ ବାଇସାଇକେଲ, ଛାତ୍ରଛାତ୍ରୀଙ୍କ ପାଇଁ ଥଣ୍ଡା ପାନୀୟ ଯନ୍ତ୍ର, କମ୍ପ୍ୟୁଟର, ପ୍ରିଣ୍ଟର ଆଦି ବଣ୍ଟନ କରାଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ ଡଲି ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ବରଗଡ଼ ଏସବିଆଇ ରିଜୋନାଲ ମ୍ୟାନେଜର ମଧୁ ସୁଦନ ରଥ, ଚିଫ୍ ମ୍ୟାନେଜର ଜୟକିଶନ ମହାରଣା, ଏର୍‌ଆର୍ ହିମାଂଶୁ ମେହେର, ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜ୍ଞାନପ୍ରକାଶ ସାହୁ, ସୁନନ୍ଦା ମହାପାତ୍ର, ସୁଜାତା ମହାପାତ୍ର, ଶୁଭଶ୍ରୀ କୁମ୍ଭାର, ଗୋପୀକାନ୍ତ ମେହେର, ସଦାନନ୍ଦ ସେଟ୍, ସୁଜାତା ଦୀପ, ରଞ୍ଜିତା ସାହୁ, ଘନଶ୍ୟାମ ମୟୁର ଚୁଲିଆ, କୃଷ୍ଣଚନ୍ଦ୍ର ପାଣ୍ଡେ, ଲକ୍ଷ୍ମଣ ଭଗତ, ସୀମା ହର୍ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ସ୍ୱାଭିମାନର ପ୍ରତୀକ ଥିଲେ ଉତ୍କଳ ଗୌରବ ମଧୁସୁଦନ



ବରଗଡ଼, ୩। ୪(ସମିସ): ଉତ୍କଳ ଗୌରବ ମଧୁସୂଦନ ଥିଲେ ଓଡ଼ିଆ ଜାତିର ସ୍ୱାଭିମାନ ଓ ଓଡ଼ିଆ ଅସ୍ମିତାର ପ୍ରତୀକ। ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ଉତ୍କଳ ଦିବସ ଓ ବରଗଡ଼ ଜିଲ୍ଲା ପ୍ରତିଷ୍ଠା ଦିବସରେ ଏନେଇ ମତ ପ୍ରକାଶ ପାଇଛି। ପ୍ରଧାନଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଭାଷା ସଂସ୍କୃତି ସୁରକ୍ଷା ମଞ୍ଚର ଆବାହକ କପିଳେଶ୍ୱର ବାଗ ଯୋଗ ଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଡ. ଡୋଳାମଣି ଶତପଥୀ ଯୋଗଦେଇ ଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁନୀତା ମିଶ୍ର, ଛାତ୍ରୀ ସାଲିନି ସା, ଆର୍ ଜୟଶ୍ରୀ, ଆଦ୍ୟାଶା ବାରିକ ପ୍ରମୁଖ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ରେନ୍‌ବୋ ପବ୍ଲିକ୍ ସ୍କୁଲ୍‌ରେ ବାର୍ଷିକ ଉତ୍ସବ

ବରଗଡ଼, ୩। ୪(ସମିସ): ବୁଧବାର ରେନ୍‌ବୋ ପବ୍ଲିକ୍ ସ୍କୁଲ୍ ଓ ରେନବୋ କିଡ୍ସପ୍ଲେ ସ୍କୁଲରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ୩୫୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ।




ଏହି ଅବସରରେ ମୁଖ୍ୟଅତିଥି ଭାବେ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ହିମାଂଶୁ ଶେଖର ମେହେର ଓ ସେକ୍ରେଟାରୀ ଚନ୍ଦନ ରଥଙ୍କ ନିର୍ଦ୍ଦେଶନାରେ ଆୟୋଜିତ ହୋଇଥିଲା। ଏହି ଅବସରରେ ଫ୍ୟାଶନ୍ ଶୋ, ମାର୍ଶଲ୍ ଆର୍ଟସ୍ ଓ ବିବିଧ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକ ମାନଙ୍କୁ ମନୋମୁଗ୍ଧ କରିଥିଲା। ମୀନତି ଶତପଥୀ ଓ ମୋନାଲିସା ମିଶ୍ରଙ୍କ ଦ୍ୱାରା ଧନ୍ୟବାଦ ଜ୍ଞାପନ କରାଯାଇଥିଲା।

# ସୌନ୍ଦର୍ଯ୍ୟ ହରାଇଲାଣି ଶିଶୁ ଉଦ୍ୟାନ

ପଦ୍ମପୁର, ୩। ୪(ସମିସ): ସହରକୁ ସରସ ସୁନ୍ଦର କରିବା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏସବୁ ନଷ୍ଟ ହେଉଛି। ପଦ୍ମପୁର ସହର ବ୍ଲକ କଲୋନୀ ପାର୍ଶ୍ୱରେ ଥିବା ଏକମାତ୍ର 'ଚିଲ୍‌ଡ୍ରେନ ପାର୍କ' ବା ଶିଶୁ ଉଦ୍ୟାନ ଅବହେଳାର ଶିକାର ହୋଇଛି।



ପାର୍କ ଭିତରେ ଥିବା ବିଭିନ୍ନ ଖେଳଣା ସାମଗ୍ରୀ ଭାଙ୍ଗିରୁଜି ଗଲାଣି। ଏହି ଭଙ୍ଗାରୁଜା ଖେଳଣାରେ ଖେଳିବାକୁ ବାଧ୍ୟ ହେଉଛନ୍ତି ଛୋଟ ପିଲା। ପ୍ରାୟ ୧୫ ବର୍ଷ ତଳେ ପୂର୍ବତନ ମନ୍ତ୍ରୀ ବିଜୟ ରଞ୍ଜନ ସିଂ ବରିହାଙ୍କ ଦ୍ୱାରା ଏହି ପାର୍କ ନିର୍ମାଣ ହୋଇଥିଲା। ମାତ୍ର ପାର୍କ ନିର୍ମାଣର ୧୫ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ନବୀକରଣ ହେଉନାହିଁ। ପାର୍କରେ ଥିବା ପ୍ଲାଷ୍ଟିକ ନିର୍ମିତ ଜୀବଯନ୍ତୁ, ପକ୍ଷୀ ଯେଉଁ ଟା ଶିଶୁ ମାନଙ୍କୁ ଆକୃଷ୍ଟ କରୁଥିଲା ତାହା ଭାଙ୍ଗି ଗଲାଣି। ପାର୍କ ଥିବା ଡଷ୍ଟବିନ୍, ଦୋଳିର ଅବସ୍ଥା କହିଲେ ନସରେ। ତେଣୁ ଏନ୍‌ଏସି ପ୍ରଶାସନ ଦୃଷ୍ଟିଦେଇ ଏହାର ନବୀକରଣ କାମ କରିବା ପାଇଁ ସହର ବାସିନ୍ଦା ମତ ଦେଇଛନ୍ତି।

## ଉପରପଡ଼ା ନାମଯଜ୍ଞର ସୁବର୍ଣ୍ଣ ଜୟନ୍ତୀ

# ୫୬ପ୍ରହର ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

ଭେଡେନ, ୩।୪(ସମିସ)



ଭେଡେନ ଉପରପଡ଼ାଠାରେ ଅନୁଷ୍ଠିତ ହେଉଥିବା ନାମଯଜ୍ଞର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ୫୬ପ୍ରହରୀ ନାମଯଜ୍ଞ ଓ ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଯଜ୍ଞ ପୂଜାରେ ପୂଜକ ଭାବରେ ପଣ୍ଡିତ ରାଜ କୁମାର ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ସହଯୋଗୀ ଭାବରେ ଆକାଶ ନନ୍ଦ, ସୁରୁନନ୍ଦ ହୋମକାର୍ଯ୍ୟର ଦାୟିତ୍ୱ ତୁଲାଇଥିଲେ। କର୍ତ୍ତାଭାବରେ ତୁଷାରକାନ୍ତ ମିଶ୍ର ଓ ପ୍ରିୟଙ୍କା ଦାସ, ଜୟନାରାୟଣ ମେହେର ଓ ପୂର୍ଣ୍ଣିମା ମେହେର, ଲିଙ୍ଗରାଜ ମେହେର ଓ ବାସନ୍ତୀ ମେହେର, ନିମାଇଚରଣ ମେହେର ଓ ପ୍ରେମସିଲା ମେହେର, ତରଣୀ ମେହେର ଓ ତିଲୋତ୍ତମା ମେହେର, ହେମନ୍ତ ଅଦାବର ଓ ଚିଦ୍ମାମଳୀ ଅଦାବର, ସତ୍ୟ ପ୍ରକାଶ ମେହେର ଓ ନମିତା ମେହେର, ରାମାକାନ୍ତ ଭୁକ୍ତା ଓ ରାସେଶ୍ୱରୀ ଭୁକ୍ତା ସପତ୍ନୀକ ଦାୟିତ୍ୱ ତୁଲାଇଥିଲେ। ଉଦଯାପନୀ କାର୍ଯ୍ୟକ୍ରମରେ ଶତାଧିକ ଭକ୍ତଙ୍କ ସମାବେଶ ନାମମଣ୍ଡପ ଓ ବିଶ୍ୱଶାନ୍ତି ମହାଯଜ୍ଞ ମଣ୍ଡପରେ ହୋଇଥିଲା। ନାମଯଜ୍ଞରେ ବିଭିନ୍ନ ଦିନରେ ରେମଣ୍ଡା(କୁଷ୍ଟା ପଡ଼ା), ପଧାନପାଲି (ବରଗଡ଼), ବାଗେଇବିରା, ରାମ ବାବା ମଠ ଦଳ, ଧନକାଉଡ଼ା ଦଳ, ଭଟଲି, ରଷୁଡ଼ା, ବକଟି, କଣ୍ଟାପାଲି, କାଦୋବାଲ, ଝାରସୁଗୁଡ଼ା ତେଲେନପାଲି, ପରମାନପୁର, ବାଗବାଡ଼ି, ଭେଡେନ, ଅପାମରା ଗ୍ରାମର ସଂକୀର୍ତ୍ତନ ଦଳ ସହିତ ଅଞ୍ଚଳ ତଥା ଅଞ୍ଚଳ ବାହାରୁ ସଂକୀର୍ତ୍ତନ ମଣ୍ଡଳୀ ଯୋଗଦାନ କରିଥିଲେ। ନାମଯଜ୍ଞ ରେ ବିଭିନ୍ନ ଦିନରେ ନେହେରୁ ମେହେର, ହୀରାଲାଲ ମେହେର, ତୋପବନ୍ତ ମେହେର, ପ୍ରମୋଦ ମେହେର, ଶିବଲାଲ ମେହେର, ବାବୁଲୁ ମେହେର, ବିଶାଖା ମେହେର, ଆନନ୍ଦ ମେହେର, ଭୀଷ୍ମଦେବ ମେହେର, ମନୋଜ ରଥ, ରୋହିତ ମେହେର, ବୃନ୍ଦାବନ ମେହେର, ମନୋଜ ମେହେର, ରାଜେଶ ଅଗ୍ରୱାଲ ଭକ୍ତମାନଙ୍କ ପାଇଁ ଅନ୍ନପ୍ରସାଦ ପ୍ରଦାନ କରିଥିଲେ। କମିଟିର ଗଜରାଜ ମେହେର, ବିଶ୍ୱ ମେହେର, ସରୋଜ ମିଶ୍ର, ଦଶରଥ ମେହେର, ମନୋଜ ରଥ, ସୁବାସ ମହାରଣା, ପୁଟୁ ଚିନ୍ଦ୍ରା, ଜୟଦେବ ମେହେର, ବାପି ଭୁକ୍ତା, ପ୍ରଦୀପ ମେହେର, ସନ୍ତୋଷ ମେହେର, ମୁନ୍ନା ମିଶ୍ରଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

# ମହାବିଦ୍ୟାଳୟରେ ଜାତୀୟ ସମ୍ମାନ ଓ ଆଲୋଚନାଚକ୍ର

ଗାଇସିଲେଟ, ୩।୪(ସମିସ): ଗାଇସିଲେଟ ବ୍ଲକ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଗାଇସିଲେଟରେ ଜାତୀୟ ସମ୍ମାନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି।




ଅଧ୍ୟକ୍ଷ ଡ.ଜୟକେତନ ତ୍ରିପାଠୀ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଅରବିନ୍ଦ ପ୍ରଧାନ ସାଗତ ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମପୁର ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଅଞ୍ଚଳ ମହାବିଦ୍ୟାଳୟର ପ୍ରାଧାପକ ଡ.ସରୋଜ ନାଏକ, ମୁଖ୍ୟ ଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରଫେସର ଡ.ବବ୍ରୁବାହାନ ମହାପାତ୍ର, ସମ୍ବଲପୁର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ମୁଖ୍ୟ ଡ.ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଏବଂ ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗର ଅତିରିକ୍ତ ପ୍ରଫେସର ଡ.ପ୍ରମୋଦ ପାଢ଼ୀ ଯୋଗ ଦେଇଥିଲେ। ସହଆଲୋଚକ ଭାବେ ଅବସରପ୍ରାପ୍ତ ପ୍ରଫେସର ଡ.ମହାପାତ୍ର, ଅଧ୍ୟାପକ ଅରବିନ୍ଦ ପଧାନ, ଅଧ୍ୟାପିକା ଡ.ବିଣାପାଣୀ ତାଣ୍ଡି ତଥା ତୃତୀୟ ଅଧିବେସନରେ ଡ.ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀ, ଅତିରିକ୍ତ ଅଧାପକ ଡ.ପ୍ରମୋଦ ପାଢ଼ୀ, ଅତିରିକ୍ତ ପ୍ରଫେସର ସନତ ବାଗ ପ୍ରମୁଖ ଓଡିଆ ସାହିତ୍ୟ ଉପରେ ବକ୍ତବ୍ୟ ରଖିଥିଲେ। ଛାତ୍ରୀ ଆରତୀ ଭୋଇ ଝିଅ ମାନଙ୍କ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶେଷରେ ଅଧାପିକା ସଙ୍ଘମିତ୍ରା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



କୃତ୍ରିମ ବୁଦ୍ଧିମତ୍ତା ବିକାଶ ପ୍ରକ୍ରିୟାର ବେଗ ଖୁବ୍ ପ୍ରଖର। ଆସନ୍ତା ପାଞ୍ଚ ବର୍ଷ କିମ୍ବା ଅତିବେଶୀରେ ଦଶବର୍ଷ ଭିତରେ ଏଥିରେ ଥିବା ବିପଦ ଆଶଙ୍କା ସାମ୍ନାକୁ ଆସିବ।

- ଏଲୋନ୍ ମସ୍କ

## ମାତୃତ୍ୱ-ଛୁଟି ଦ୍ୱନ୍ଦ୍ୱ

ଗତ ଦୁଇସପ୍ତାହ ତଳେ ସର୍ବୋଚ୍ଚ ନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ କହିଛନ୍ତି ଯେ ପୋଷ୍ୟସନ୍ତାନ ଗ୍ରହଣ କରୁଥିବା ସମସ୍ତ କର୍ମଜୀବୀ ମହିଳା ୧୨ ସପ୍ତାହର ସବୈତନିକ ମାତୃତ୍ୱ ଛୁଟି ପାଇବାକୁ ହକ୍‌ଦାର। ପୋଷ୍ୟସନ୍ତାନମାନଙ୍କୁ ଗ୍ରହଣ କରିବା ସମୟରେ ସେମାନଙ୍କର ବୟସ ଯେତେ ହୋଇଥାଉ ନା କାହିଁକି ମହିଳମାନଙ୍କୁ ଏହି ଅଧିକାର ଓ ସୁଯୋଗରୁ ସେମାନଙ୍କ ନିଯୁକ୍ତିଦାତାମାନେ ବଞ୍ଚିତ କରିପାରିବେ ନାହିଁ। ପ୍ରଚଳିତ ସାମାଜିକ ସୁରକ୍ଷା ସଂହିତା ୨୦୨୦ର ଧାରା ୬୦(୪)(ପୂର୍ବରୁ ମାତୃତ୍ୱ ସୁବିଧାସୁଯୋଗ ଆଇନ-୧୯୬୧ର ଧାରା ୫-୪) ଅନୁଯାୟୀ କେବଳ ତିନିମାସ କିମ୍ବା ତା'ଠାରୁ କମ୍ ବୟସର ଶିଶୁମାନଙ୍କୁ ପୋଷ୍ୟଭାବେ ଗ୍ରହଣ କରୁଥିବା ମହିଳାମାନେ ୧୨ ସପ୍ତାହର ସବୈତନିକ ମାତୃତ୍ୱ ଛୁଟି ଲାଭ କରିପାରୁଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଏହି ଧାରାକୁ ରଦ୍ଦ କରି ଯେକୌଣସି ବୟସର ପୋଷ୍ୟସନ୍ତାନ ଗ୍ରହଣ କରୁଥିବା ମହିଳାମାନଙ୍କୁ ସମାନ ଅଧିକାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

କର୍ମଜୀବୀ ମହିଳାମାନଙ୍କୁ ସବୈତନିକ ମାତୃତ୍ୱ ଛୁଟି ମଞ୍ଜୁର ବ୍ୟବସ୍ଥା ବ୍ରିଟିଶ୍ ଅମଳରୁ ଭାରତରେ କାର୍ଯ୍ୟକାରୀ ହୋଇଆସୁଛି। ବ୍ରିଟିଶ୍ ଶାସନ ଅମଳରେ ବମ୍ବେର ବିଭିନ୍ନ କାରଖାନାରେ କାମ କରୁଥିବା ମହିଳାମାନଙ୍କୁ ମାତୃତ୍ୱ ଛୁଟି ସୁବିଧା ଦେବା ଲାଗି 'ବମ୍ବେ ମାଟର୍ନିଟି ବେନିଫିଟ୍ ଆକ୍ଟ ୧୯୨୯' ପ୍ରଣୀତ ହୋଇ ପରବର୍ତ୍ତୀ ସମୟରେ ଦେଶର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟକାରୀ ହୋଇଥିଲା। ସ୍ୱାଧୀନତା ପରେ ୧୯୬୧ ମସିହାରେ 'ମାଟର୍ନିଟି ବେନିଫିଟ୍ ଆକ୍ଟ' ପ୍ରଣୟନ ହୋଇ କର୍ମଜୀବୀ ମହିଳାଙ୍କୁ ସବୈତନିକ ୧୨ ସପ୍ତାହ ଛୁଟିରେ ରହିବାର ଅଧିକାର ଦେଇଥିଲା। ୨୦୧୭ରେ ଏଥିରେ କେତେକ ସଂଶୋଧନ ଅଣାଯାଇ 'ମାଟର୍ନିଟି ବେନିଫିଟ୍(ଆମେଣ୍ଡମେଣ୍ଟ) ଆକ୍ଟ' ପ୍ରଣୟନ ହେଲା, ଯେଉଁଥିରେ କର୍ମଜୀବୀ ପ୍ରସୂତିଙ୍କୁ ମାତୃତ୍ୱ ଛୁଟି ୨୬ ସପ୍ତାହ ପର୍ଯ୍ୟନ୍ତ ବୃଦ୍ଧି କରାଗଲା। ଏଥିସହିତ ଏହି ସୁବିଧାକୁ ପ୍ରଥମ ଥର ପାଇଁ 'ଆଡପ୍ଟିଭ୍ ମଦର'(ପୋଷ୍ୟସନ୍ତାନ ଗ୍ରହଣ କରୁଥିବା ମହିଳା) ଏବଂ 'ସରୋଗେଟ୍ ମଦର'(ଅନ୍ୟ ମହିଳାଙ୍କ ଡିମ୍ବାଣୁକୁ ନିଜ ଗର୍ଭାଶୟରେ ବିକଶିତ କରି ସନ୍ତାନ ଜନ୍ମ କରୁଥିବା ମହିଳା)ଙ୍କ କ୍ଷେତ୍ରକୁ ପରିବର୍ଦ୍ଧିତ କରାଯାଇ ୧୨ ସପ୍ତାହର ସବୈତନିକ ଛୁଟି ଅଧିକାର ପ୍ରଦାନ କରାଗଲା।

୨୦୨୧ରେ ହଂସନନ୍ଦିନୀ ନନ୍ଦୁରୀ ନାମ୍ନୀ ଜଣେ ମହିଳା ଆଇନଜୀବୀ ଆଇନରେ ପାତରଅନ୍ତର ଓ ସମ୍ବିଧାନ ପ୍ରଦତ୍ତ ସମାନ ଅଧିକାର ଉଲ୍ଲଙ୍ଘନର ଅଭିଯୋଗ ଆଣି ଅଦାଲତର ଦ୍ୱାରସ୍ଥ ହେବା ପରେ ଆଇନର ସର୍ତ୍ତାବଳୀ ବିବାଦୀୟ ଓ ଦ୍ୱନ୍ଦ୍ୱାତ୍ମକ ହୋଇପଡ଼ିଲା। ୨୦୧୭ରେ ହଂସନନ୍ଦିନୀ ପୋଷ୍ୟସନ୍ତାନ ଗ୍ରହଣ କରିବା ପରେ ଆଇନତଃ ୧୨ ସପ୍ତାହର ଛୁଟିରେ ରହିଥିଲେ ମଧ୍ୟ ତାଙ୍କ ନିଯୁକ୍ତିଦାତା ସଂସ୍ଥା ମାତ୍ର ଛଅ ସପ୍ତାହର ବେତନ ଦେଇ ଅନ୍ୟ ଛଅମାସର ଛୁଟିକୁ ଅବୈତନିକ କରିଥିଲା। ଏହା ବିରୋଧରେ ସେ ଆଇନ ଅଦାଲତର ଆଶ୍ରୟ ନେବା ପରେ ସର୍ବୋଚ୍ଚ ନ୍ୟାୟାଳୟ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି। ସର୍ବୋଚ୍ଚ ଅଦାଲତ ଏହି ଗମ୍ଭୀର ଓ ସମ୍ବେଦନଶୀଳ ପ୍ରସଙ୍ଗରେ ଗୂଢ଼ ପର୍ଯ୍ୟବେକ୍ଷଣ ପରେ ମତ ଦେଇଛନ୍ତି ଯେ ମାତୃତ୍ୱର ପରିଭାଷା ବା ସଂଜ୍ଞା ନିରୂପଣ କରାଯାଇପାରିବ ନାହିଁ। ଏହା ବହୁ ବ୍ୟାପକ। ଏହାଛଡ଼ା ଅନାଥ ଆଶ୍ରମରେ ରହୁଥିବା ପିଲାମାନଙ୍କର ଅବସାଦ ସୃଷ୍ଟି କରୁଥିବା ହରମୋନ୍ କ୍ଷରଣ ମାତ୍ରା ଅଧିକ ଥିବାରୁ ସେମାନଙ୍କ ଯତ୍ନ ପାଇଁ ଅଧିକ ସମୟ ଆବଶ୍ୟକ। ତେଣୁ ପୋଷ୍ୟସନ୍ତାନ ଗ୍ରହଣ କରୁଥିବା ମହିଳାମାନେ ପୋଷ୍ୟସନ୍ତାନଙ୍କ ବୟସ ନିର୍ବିଶେଷରେ ଆଇନ ଅନୁଯାୟୀ ୧୨ ସପ୍ତାହର ସବୈତନିକ ଛୁଟି ପାଇବାକୁ ହକ୍‌ଦାର। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ରାୟ ପରେ ନ୍ୟାୟ ପାଇବା ପାଇଁ ବା ମାତୃତ୍ୱ ଛୁଟିରେ ହରାଇଥିବା ଦରମା ଭରଣା କରିବା ପାଇଁ ଅନେକ କର୍ମଜୀବୀ ମହିଳା ଆଇନ ଅଦାଲତମାନଙ୍କର ଦ୍ୱାରସ୍ଥ ହେଉଥିବା ଜଣାପଡ଼ିଛି। ଏଥିସହିତ ସବୈତନିକ ପିତୃତ୍ୱ ଛୁଟି ପାଇଁ ଏକ ସ୍ୱଷ୍ଟ ଓ ବିସ୍ତୃତ ନିୟମ ପ୍ରଣୟନ କରିବାକୁ ଅଦାଲତ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଚଳିତ ନିୟମ ଅନୁଯାୟୀ କେବଳ ସରକାରୀ ପୁରୁଷ କର୍ମଚାରୀମାନେ ୧୫ ଦିନର ସବୈତନିକ ପିତୃତ୍ୱ ଛୁଟି ପାଉଛନ୍ତି। ଘରୋଇ କ୍ଷେତ୍ରରେ ଏହା ଆଦୌ ଦିଆଯାଉନାହିଁ କିମ୍ବା ସମ୍ପୃକ୍ତ ସଂସ୍ଥାର ଛୁଟି ମଞ୍ଜୁର ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭର କରୁଛି।

ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ମହିଳା ସଶକ୍ତୀକରଣ, ସର୍ବୋପରି ମାତୃତ୍ୱର ସମ୍ମାନ ଦୃଷ୍ଟିରୁ ନିଶ୍ଚୟ ସ୍ୱାଗତଯୋଗ୍ୟ। କିନ୍ତୁ ଏହାଦ୍ୱାରା କର୍ମକ୍ଷେତ୍ରରେ ମହିଳାମାନଙ୍କ ଉପସ୍ଥିତି ହାର ଆହୁରି ଅଧିକ ସଂକୁଚିତ ହୋଇଯିବାର ଆଶଙ୍କା ରହିଛି। ମହିଳାମାନଙ୍କୁ ଋତୁସ୍ରାବ ଛୁଟି ମଞ୍ଜୁର କରିବା ପାଇଁ ଓଡ଼ିଶା ସମେତ କେତେକ ରାଜ୍ୟ ନିୟମ ପ୍ରଣୟନ କରିଥିଲେ ମଧ୍ୟ ଏହା ଏପର୍ଯ୍ୟନ୍ତ ବାସ୍ତବବାଦୀ ବା କାର୍ଯ୍ୟକାରୀ ହୋଇପାରିନାହିଁ। ବେସରକାରୀ କ୍ଷେତ୍ରରେ ଏହାକୁ ସରକାରଙ୍କ ଦ୍ୱାରା ବାଧ୍ୟତାମୂଳକ କରାଗଲେ ହୁଏତ ସମ୍ପୃକ୍ତ ସଂସ୍ଥାମାନେ ମହିଳା କର୍ମଚାରୀଙ୍କୁ ନିଯୁକ୍ତି ଦେବାରୁ ପଛଘୁଞ୍ଚା ଦେବେ। ନିଯୁକ୍ତିଦାଦାଙ୍କ ଏହି ମାନସିକତାକୁ ପଢ଼ି ପାରିଥିବା ସର୍ବୋଚ୍ଚ ନ୍ୟାୟାଳୟ ନିକଟରେ ଋତୁସ୍ରାବ ଛୁଟି ସୁବିଧା ବିପକ୍ଷରେ ମତ ଦେଇଥିଲେ।

ଆମ ଦେଶର ଚାକିରି ଓ ବେତନ ସଂସ୍କୃତି ଏତେ ଉଦାର ଓ ମାନବବାଦୀ ନୁହେଁ। ତେଣୁ ଅନେକ ବେସରକାରୀ କ୍ଷେତ୍ରରେ ମାତୃତ୍ୱ ଛୁଟିରେ ରହୁଥିବା ମହିଳାମାନେ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି। ଏପରିକି ଉଚ୍ଚ ପଦପଦବୀରେ କିମ୍ବା ସମ୍ମାନଜନକ ପେସାରେ ନିଯୁକ୍ତ ମହିଳାମାନେ ମଧ୍ୟ ଚାକିରି ଓ ଅଭିଭାବକତ୍ୱ ମଧ୍ୟରୁ ଦ୍ୱିତୀୟଟିକୁ ଅଗ୍ରାଧିକାର ଦେଇ ଚାକରି ଛାଡ଼ୁଛନ୍ତି। ଯେଉଁଠି ମାସକୁ ଗୋଟିଏ କିମ୍ବା ଦୁଇଦିନ ମହିଳାଙ୍କୁ ଋତୁସ୍ରାବ ଛୁଟି ମଞ୍ଜୁର କରିବାରେ ନିଯୁକ୍ତିଦାତାମାନେ କାର୍ପଣ୍ୟ ପ୍ରଦର୍ଶନ କରୁଛନ୍ତି, ୨୬ ସପ୍ତାହ କିମ୍ବା ୧୨ ସପ୍ତାହର ସବୈତନିକ ମାତୃତ୍ୱ ଛୁଟି ମଞ୍ଜୁର କରିବା ଆଶା କରାଯାଇପାରୁନାହିଁ। ଅଧିକନ୍ତୁ ବିନା ଉତ୍ପାଦକତାରେ ବା ବିନା କାମରେ ସବୈତନିକ ଛୁଟି ଦେଇ ଆର୍ଥିକ ବୋଝ ସହିବା ଅପେକ୍ଷା ନିଯୁକ୍ତିଦାତାମାନେ ମହିଳାମାନଙ୍କ ପ୍ରାର୍ଥିତ୍ୱ ଆବେଦନକୁ ନାକଚ କରିଦେବା ହିଁ ଉଚିତ ମଣିବେ। ଅନେକ କ୍ଷେତ୍ରରେ ନିଯୁକ୍ତିଦାତାଙ୍କ ଏହି ମାନସିକତା ପ୍ରତିଫଳିତ ହେଉଥିବାରୁ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ବୈଷମ୍ୟ ବଢ଼ୁଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଉପରୋକ୍ତ ମାନବସମ୍ବେଦୀ ରାୟ ପରେ ଏହି ବୈଷମ୍ୟ ଆହୁରି ଉତ୍କଟ ହେବା ଆଶଙ୍କା ଅଧିକ।

## ସାମୁଦ୍ରିକ ପ୍ରଣାଳୀ: ବିବାଦ ଓ ବ୍ୟବସ୍ଥା

**ସନ୍ତୋଷ କୁମାର ମିଶ୍ର**

ପଶ୍ଚିମ-ଏସିଆରେ ଭୟଙ୍କର ଯୁଦ୍ଧ ଫଳରେ ସମଗ୍ର ବିଶ୍ୱରେ ଭୟଙ୍କର ଶକ୍ତି ସଙ୍କଟ ଦେଖାଦେଇଛି। ଆମେରିକା ହର୍ମୁଜ୍ ପ୍ରଣାଳୀକୁ ମୁକ୍ତ କରିବା ପାଇଁ ନୌସେନା ଶକ୍ତିର ଏକ ବଡ଼ ଅଂଶକୁ ବ୍ୟବହାର କରିବାକୁ ଯୋଜନା କରିଛି। ବର୍ତ୍ତମାନ ଆମେରିକା କିପରି ହର୍ମୁଜ୍ ପ୍ରଣାଳୀକୁ ମୁକ୍ତ କରିବା ତା'ଉପରେ ବିଶ୍ୱର ଧ୍ୟାନ କେନ୍ଦ୍ରିତ ହୋଇରହିଛି। ଅପରପକ୍ଷରେ ପଶ୍ଚିମ-ଏସିଆର ଏହି ଯୁଦ୍ଧ ପ୍ରମାଣିତ କରିପାରିଛି ଯେ ସାମୁଦ୍ରିକ ଗତିପଥକୁ ଉପଯୁକ୍ତ ଭାବରେ ନିୟନ୍ତ୍ରଣ କରାଯାଇ ପାରିଲେ ଏକ ବଡ଼ ସାମରିକ ଶକ୍ତିକୁ ମଧ୍ୟ ଅତିସହଜରେ ପ୍ରତିହତ କରାଯାଇପାରେ। ଏକ ମାସ ଧରି ଯୁଦ୍ଧ କରିବା ପରେ ଆମେରିକା ହୃଦୟଙ୍ଗମ କରିଛି ଯେ ହର୍ମୁଜ ପ୍ରଣାଳୀକୁ ଇରାନର ଅକ୍ତିଆରରୁ ମୁକ୍ତ ନ କରିବା ପର୍ଯ୍ୟନ୍ତ ଇରାନକୁ ପରାସ୍ତ କରିବା ସମ୍ଭବ ନୁହେଁ। ଯୁଦ୍ଧ ହେତୁ ଇରାନରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟର ମୂଲ୍ୟ ୭୦ ଶତାଂଶ ବୃଦ୍ଧି ପାଇଛି ସତ; କିନ୍ତୁ ହର୍ମୁଜ ପ୍ରଣାଳୀ ମାଧ୍ୟମରେ ଇରାନ ଚୀନକୁ ତୈଳ ଯୋଗାଇ ନିଜର ସାମରିକ ଶକ୍ତିକୁ ଅକ୍ଷୁଣ୍ଣ ରଖିପାରିଛି।

ଉନବିଂଶ ଶତାବ୍ଦୀରେ ଆମେରିକା ଯେତେବେଳେ ସମଗ୍ର ବିଶ୍ୱକୁ ନିଜ ଅକ୍ତିଆରରେ ରଖିବା ପାଇଁ ବିଭିନ୍ନ ପ୍ରକାରର ନୀତି ପ୍ରସ୍ତୁତ କରୁଥିଲା ସେତେବେଳେ ଆମେରିକୀୟ ନୌସେନାର ବିଶିଷ୍ଟ ରଣନୀତି ବିଶେଷଜ୍ଞ ଆଲଫ୍ରେଡ୍ ଥିୟ ମହନ 'ସମୁଦ୍ର ଶକ୍ତି ସିଦ୍ଧାନ୍ତ' ଉପସ୍ଥାପନ କରିଥିଲେ। ଏହି ସିଦ୍ଧାନ୍ତ ଅନୁଯାୟୀ ଯେଉଁ ଦେଶ ସକ୍ରିୟ ସାମୁଦ୍ରିକ ଗତିପଥ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିପାରିବ, ସେହି ଦେଶ ବିଶ୍ୱ ବାଣିଜ୍ୟକୁ ମଧ୍ୟ ନିଜ ଇଚ୍ଛା ଅନୁସାରେ ଚଳାଇ ପାରିବ ଏବଂ ଏହାଦ୍ୱାରା ବିଶ୍ୱର ବିଭିନ୍ନ କ୍ଷେତ୍ରରେ ନିଜର ନିୟନ୍ତ୍ରଣ ରଖିବା ପାଇଁ ସମର୍ଥ ହେବ। ଏହି ସିଦ୍ଧାନ୍ତର ତର୍କ ଏତେ ବଳିଷ୍ଠ ଥିଲା ଯେ ଆମେରିକା ସରକାର ଏହାକୁ ଅଣଦେଖା କରିପାରିଲେ ନାହିଁ। ଏହି ସିଦ୍ଧାନ୍ତ ଅନୁଯାୟୀ ଆମେରିକା ତାହାର ନୌସେନା ଶକ୍ତିରେ ବ୍ୟାପକ ପରିବର୍ତ୍ତନ କଲା। ସମଗ୍ର ବିଶ୍ୱରେ ନୌସେନା ଶିବିର, ଯୁଦ୍ଧ ପୋତ ଓ ବିମାନ, ଅତ୍ୟାଧୁନିକ ନୌସୈନିକ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଦ୍ୱାରା ଆଜି ଆମେରିକା ବିଶ୍ୱର ଯେକୌଣସି ସ୍ଥାନରେ ନିଜର ସାମରିକ ଶକ୍ତି ପ୍ରଦର୍ଶନ କରିପାରୁଛି। ଏହି ସିଦ୍ଧାନ୍ତ ସଠିକ ବୋଲି ଇରାନ ମଧ୍ୟ ପ୍ରମାଣିତ କରିଛି। କେବଳ ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ଇରାନ ସମଗ୍ର ବିଶ୍ୱରେ ଇନ୍ଧନ ସଙ୍କଟ ସୃଷ୍ଟି କରିପାରିଛି। ଯୁଦ୍ଧ କେବଳ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବୋମା ଓ କ୍ଷେପଣାସ୍ତ୍ର ପ୍ରୟୋଗରେ ସୀମିତ ନ ରହି ଏବେ ଏକ ବିଶ୍ୱ ଇନ୍ଧନ-ଆର୍ଥିକ ଯୁଦ୍ଧରେ ପରିଣତ ହୋଇଛି।

କୌଣସି ସାମୁଦ୍ରିକ ପଥରେ ଉତ୍ତେଜନା ପ୍ରକାଶ ପାଇଲେ ସର୍ବପ୍ରଥମେ ସାଧାରଣ ବୀମା କମ୍ପାନୀମାନେ ସେହି ଗତିପଥ ଉପରୁ ନିଜର ଆପଦକାଳୀନ ଭରଣା ନିୟମ ପ୍ରତ୍ୟାହାର କରିନିଅନ୍ତି। ଯାହାଫଳରେ ଜାହାଜ ବିକଳ୍ପ ପଥ ଦେଇ ଗତି କରନ୍ତି। ପରିବହନ ଖର୍ଚ୍ଚ ବୃଦ୍ଧି ପାଏ, ଦ୍ରବ୍ୟ ମହଙ୍ଗା ହୁଏ। କିନ୍ତୁ ବର୍ତ୍ତମାନ ପ୍ରାୟ ସବୁ ସାମୁଦ୍ରିକ ପଥରେ କିଛି ନା କିଛି ଉତ୍ତେଜନା ଲାଗି ରହୁଛି। ତେଣୁ ଜାହାଜ କମ୍ପାନୀମାନେ ବାଧ୍ୟ ହୋଇ ଯେକୌଣସି ପ୍ରକାରର ବିପଦପୂର୍ଣ୍ଣ ପରିସ୍ଥିତିକୁ ଆଖି ଆଗରେ ରଖି ଜାହାଜର ବୀମା କରି ଯାତ୍ରା କରୁଛନ୍ତି। ବିଶ୍ୱବାଣିଜ୍ୟରେ ଦର ନିର୍ଣ୍ଣୟରେ ଜାହାଜ ବୀମା ରାଶିର ଭୂମିକା ସାଧାରଣ କଥା ହେଲାଣି। ଏହାଫଳରେ ପରିବହନ ଖର୍ଚ୍ଚ ୨୦ ରୁ ୪୦ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି ପାଉଛି। ଅତ୍ୟନ୍ତ ବ୍ୟସ୍ତବହୁଳ ସାମୁଦ୍ରିକ ପ୍ରଣାଳୀ ବା ଚୋକ୍ ପଏଣ୍ଟଗୁଡ଼ିକରେ ସାମାନ୍ୟ ଉତ୍ତେଜନା ସମଗ୍ର ବିଶ୍ୱର ଅର୍ଥନୀତିକୁ ଅତି ସହଜରେ ପ୍ରଭାବିତ କରିପାରୁଛି।

ବିଶ୍ୱରେ ବର୍ତ୍ତମାନ ଗୁରୁତ୍ୱପୂର୍ଣ୍ଣ ଓ ବିବାଦୀୟ ସାତଟି ଚୋକ୍ ପଏଣ୍ଟ ରହିଛି। ହର୍ମୁଜ ପ୍ରଣାଳୀ ମାଧ୍ୟମରେ ପ୍ରାୟ ଦୈନିକ ୨୧ ନିୟୁତ ବ୍ୟାରେଲରୁ ଅଧିକ ତୈଳ ଦକ୍ଷିଣ ଏସିଆକୁ ଆସେ। ବିଶ୍ୱରେ ମୋଟ ବ୍ୟବହୃତ ତରଳୀକୃତ ପ୍ରାକୃତିକ ବାଷ୍ପର ୨୨ ଶତାଂଶ କେବଳ ହର୍ମୁଜ ପଥରେ ବିଶ୍ୱ ବଜାରକୁ ଆସେ। ବିଶ୍ୱର ସର୍ବବୃହତ ପ୍ରଥମ ଦଶଟି ତୈଳ ଉତ୍ପାଦକ ଦେଶ ମଧ୍ୟରୁ ପାଞ୍ଚୋଟି ଦେଶ (ଇରାକ, ଇରାନ, କୁଏତ, ସାଉଦି ଆରବ ଓ ସଂଯୁକ୍ତ ଆରବ ଏମିରଟ) ସମ୍ପୂର୍ଣ୍ଣ ଭାବରେ ହର୍ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳ। ହର୍ମୁଜର ବିକଳ୍ପ ପଥ ସୌହର, ସଲାଲାହା ଓ ଦୁକମ୍‌ରେ ଆକ୍ରମଣର ଭୟ ଦେଖାଦେଇଛି। ସାଉଦି ଆରବ ଓ ଆବୁଧାବିର ପାଇପଲାଇନ ଚାହିଦାକୁ ପୂରଣ କରିବା ପାଇଁ ସମର୍ଥ ହୋଇ ପାରୁନାହାନ୍ତି। ହର୍ମୁଜ ଅବରୋଧମୁକ୍ତ ହେଲେ ମଧ୍ୟ ଏଠାରେ ସର୍ବଦା ଏକ ଅଜଣାଭୟ ଲାଗି ରହିବ। ଜାହାଜମାନଙ୍କ ବୀମା କିସ୍ତି ନିଶ୍ଚିତ ଭାବରେ ସ୍ଥାୟୀ ଭାବରେ ବୃଦ୍ଧି ପାଇବ। ତେଣୁ ତୈଳ ଓ ଜାଳେଣି ଗ୍ୟାସର ମୂଲ୍ୟ ବୃଦ୍ଧି ପାଇବ। ପଶ୍ଚିମ ଏସିଆରେ ଅନ୍ୟ ଏକ ବିବାଦୀୟ ପ୍ରଣାଳୀ ହେଉଛି 'ବାବ୍ ଏଲ-ମନ୍ଦବ'। ଏହି ପ୍ରଣାଳୀ ଲୋହିତ ସାଗରକୁ ଆଦେନ୍ ଉପସାଗର ସହିତ ସଂଯୋଗ କରେ। ଏହା ମଧ୍ୟରେ ଦୈନିକ ୬ ନିୟୁତ ବ୍ୟାରେଲ ତୈଳ ରପ୍ତାନି ହୁଏ। ଏହାସହିତ ବାର୍ଷିକ ୨ ଟ୍ରିଲିୟନ୍ ଡଲାରର ଅନ୍ୟ ଦ୍ରବ୍ୟ ପରିବହନ ହୁଏ। ବିଶ୍ୱ ବାଣିଜ୍ୟର ପ୍ରାୟ ୯ ଶତାଂଶ ଏହା ପ୍ରଣାଳୀ ମାଧ୍ୟମରେ ସମ୍ପୂର୍ଣ୍ଣ ହୁଏ। କୌଣସି ଦେଶ ଏହାକୁ ଅବରୋଧ କରି ନ ଥିଲେ ମଧ୍ୟ ୨୦୨୩ରୁ ହୁତି ଆତଙ୍କବାଦୀମାନେ ଏଠାରେ ବିପଦପୂର୍ଣ୍ଣ ପରିସ୍ଥିତି ସୃଷ୍ଟି କରି ପାରିଛନ୍ତି। ଆମେରିକା ଓ ବ୍ରିଟେନ ଏହାକୁ ହୁତି ବିଦ୍ରୋହୀଙ୍କଠାରୁ ମୁକ୍ତ କରିବା ପାଇଁ ଆପ୍ରାଣ ଚେଷ୍ଟା ସତ୍ତ୍ୱେ ସମ୍ଭବ ହୋଇପାରି ନାହିଁ। ତେଣୁ ବାଧ୍ୟ ହୋଇ ଜାହାଜ କମ୍ପାନୀମାନେ ନିଜର ଗତିପଥ ପରିବର୍ତ୍ତନ କରିଛନ୍ତି। ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଜାହାଜଗୁଡ଼ିକ ୧୪ ରୁ ୨୦ ଦିନ ପର୍ଯ୍ୟନ୍ତ ଅଧିକ ସମୟ ନେଉଛନ୍ତି।

ହର୍ମୁଜ ପ୍ରଣାଳୀ ତଳେ ରହିଛି ଦ୍ୱିତୀୟ ବ୍ୟସ୍ତବହୁଳ ଜଳପଥ 'ମଲକ୍କା ପ୍ରଣାଳୀ'। ଏହି ଜଳପଥର ପ୍ରସ୍ଥ ମାତ୍ର ଅଢ଼େଇ କିଲୋମିଟର। ଏହି ଜଳପଥ ଦେଇ ଦୈନିକ ୨୩ ନିୟୁତ ବ୍ୟାରେଲ୍ ତୈଳ ପରିବହନ ହୁଏ। ବିଶ୍ୱବାଣିଜ୍ୟର ସାମୁଦ୍ରିକ ପଥରେ ହେଉଥିବା ପରିବହନର ପ୍ରାୟ ୩୦ ଶତାଂଶ ଏହି ଜଳପଥ ମାଧ୍ୟମରେ ସମ୍ପନ୍ନ ହୁଏ, ଯାହାର ମୂଲ୍ୟ ସାଢ଼େ ତିନି ଟ୍ରିଲିୟନ ଡଲାରରୁ ଅଧିକ। ଚୀନ ଓ ଜାପାନର ତୈଳ ଚାହିଦାର ୮୦ ଶତାଂଶ ଓ ଦକ୍ଷିଣ କୋରିଆର ୭୦ ଶତାଂଶ ମଲକ୍କା ପ୍ରଣାଳୀ ମାଧ୍ୟମରେ ପୂରଣ ହୁଏ। ଏଠାରେ କୌଣସିପ୍ରକାରର ଯୁଦ୍ଧ ଉତ୍ତେଜନା ନାହିଁ। କିନ୍ତୁ ଜଳଦସ୍ୟୁମାନଙ୍କ ଆକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ୨୦୨୪ ରେ ପ୍ରଥମ ଛଅ ମାସ ମଧ୍ୟରେ ୨୧ ଟି ଜଳଦସ୍ୟୁ ଆକ୍ରମଣ ହୋଇଥିବା ବେଳେ ୨୦୨୫ ପ୍ରଥମ ଛଅ ମାସ ମଧ୍ୟରେ ୮୦ ଟି ଆକ୍ରମଣ ହୋଇଥିଲା। ତାଇୱାନ ଓ ଚୀନ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଲେ ଏହି ପଥ ଦେଇ ଯାଉଥିବା ଜାହାଜମାନେ ଅଧିକ ବୀମା କିସ୍ତି ପ୍ରଦାନ କରନ୍ତି। ଚୀନ ଏହି ପଥ ଉପରୁ ନିଜର ନିର୍ଭରଶୀଳତାକୁ ହ୍ରାସ କରିବା ପାଇଁ ଚେଷ୍ଟା କରୁଛି। ମିଆଁମାର ମଧ୍ୟରେ ପାଇପ୍‌ଲାଇନ୍ ପକେଇଛି। ସବୁଠାରୁ ବଡ଼ କଥା ହେଉଛି ତୈଳ ଓ ଗ୍ୟାସ ସଙ୍କଟ ଯେପରି ସୃଷ୍ଟି ନ ହୁଏ ସେଥିପାଇଁ ୧.୨ ବିଲିୟନ ବ୍ୟାରେଲ ତୈଳ ଗଚ୍ଛିତ ରଖିବା ନିମନ୍ତେ ଚୀନ୍ ଯୋଜନା କରିଛି ଏବଂ ଇରାନରୁ ଶସ୍ତାରେ ତୈଳ କିଣୁଛି।

ତାଇୱାନ ଓ ଚୀନ ମଧ୍ୟରେ ରହିଛି ଅନ୍ୟ ଏକ ଚୋକ୍ ପଏଣ୍ଟ, ଯାହାର ନାମ ହେଉଛି 'ତାଇୱାନ ପ୍ରଣାଳୀ'। ଏଠାରେ ଯୁଦ୍ଧ ଭଳି କୌଣସି ପରିସ୍ଥିତି ନ ଥିଲେ ମଧ୍ୟ ଚୀନ ସୈନିକ ଯେତେବେଳେ ଅଭ୍ୟାସ କରନ୍ତି ଏହି ପ୍ରଣାଳୀକୁ ଅବରୋଧ କରାଯାଏ। ଏହି ପ୍ରଣାଳୀ ମାଧ୍ୟମରେ କେବଳ ଇଲେକ୍ଟ୍ରୋନିକ ଯନ୍ତ୍ରାଂଶ ଓ ଚିପ୍ ସମଗ୍ର ବିଶ୍ୱକୁ ରପ୍ତାନି କରାଯାଏ। ଯଦି କେବେ ଏହି ପ୍ରଣାଳୀରେ ଉତ୍ତେଜନା ସୃଷ୍ଟି ହୁଏ ତେବେ ସମଗ୍ର ବିଶ୍ୱରେ ଦେଖାଦେବ ପ୍ରଯୁକ୍ତି ବିଜ୍ଞାନ ସଙ୍କଟ। ଏହାର ମଧ୍ୟ କିଛି ସମାଧାନ ନାହିଁ। କୌଣସି ଦେଶ ବହୁତ ପରିମାଣରେ ଚିପ୍ କ୍ରୟ କରି ନିଜ ପାଖରେ ଗଚ୍ଛିତ ରଖିବା ସମ୍ଭବ ନୁହେଁ। କାରଣ ଚିପ୍ ଉତ୍ପାଦନ କ୍ଷେତ୍ରରେ ସର୍ବଦା ଗବେଷଣା ଚାଲିଥାଏ ଏବଂ ସେହି ଅନୁସାରେ ଉତ୍ପାଦନ ହୁଏ। ଚିପ୍ ଯୋଗାଣ ବାଧାପ୍ରାପ୍ତ ହେଲେ ହଠାତ୍ ପ୍ରଭାବ ଦେଖା ନ ଦେଲେ ମଧ୍ୟ ଏକ ବର୍ଷ ପରେ ଏହାର ପ୍ରଭାବ ଜଣାପଡ଼େ। କରୋନା ମହାମାରୀ ସମୟରେ ଚିପ୍ ସଙ୍କଟ ଶିଳ୍ପ କ୍ଷେତ୍ରରେ ଏକ ବୃହତ ପ୍ରଭାବ ପକାଇ ପାରିଥିଲା।

ଅନ୍ୟ ଏକ ବିବାଦୀୟ ପ୍ରଣାଳୀ ହେଉଛି 'ବୋସଫୋରୋସ' ଓ 'ଡାର୍ଡେନେଲସ୍' ଚୋକ୍ ପଏଣ୍ଟ। ଏହା ମଧ୍ୟରେ ଦୈନିକ ୩.୭ ନିୟୁତ ବ୍ୟାରେଲ୍ ତୈଳ ବିଶ୍ୱ ବଜାରକୁ ଯାଏ। ଏଥିମଧ୍ୟରୁ ୪୦ ଶତାଂଶ ତୈଳ ରୁଷରୁ ଆସେ। କିନ୍ତୁ ୨୦୨୨ରେ ରୁଷ ଓ ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ତୁର୍କୀ 'ମଣ୍ଟେକ୍ସ ଘୋଷଣାନାମା'କୁ ବ୍ୟବହାର କରି ଏହି ପ୍ରଣାଳୀରେ ଜାହାଜ ଚଳାଚଳକୁ ନିୟନ୍ତ୍ରଣ କରୁଛି। ସେହିପରି 'ଦାନିଶ' ପ୍ରଣାଳୀ ବାଲ୍ଟିକ ସାଗରକୁ ଉତ୍ତରସାଗର ସହିତ ସଂଯୋଗ କରେ। ଏହା ମଧ୍ୟରେ ଦୈନିକ ୪.୯ ନିୟୁତ ବ୍ୟାରେଲ ତୈଳ ବିଶ୍ୱବଜାରକୁ ଯାଏ। ଏହି ପ୍ରଣାଳୀ ଉପରେ ଡେନମାର୍କ ଓ ସ୍ୱିଡେନର ଗୁପ୍ତ ଅବରୋଧ ରହିଛି।

ଅନ୍ତଃରାଷ୍ଟ୍ରୀୟ ଆଇନରେ ସମସ୍ତ ପ୍ରଣାଳୀକୁ ଅବରୋଧମୁକ୍ତ ଓ ସୁରକ୍ଷିତ ରଖିବାର ବ୍ୟବସ୍ଥା ରହିଛି। କିନ୍ତୁ ତୃଣମୂଳ ସ୍ତରରେ ବାସ୍ତବତା ସମ୍ପୂର୍ଣ୍ଣ ବିପରୀତ। ଚୋକ୍ ପଏଣ୍ଟଗୁଡ଼ିକରେ ସ୍ଥାୟୀ ସାମରିକ ଉତ୍ତେଜନା ଲାଗି ରହିବା ଫଳରେ ବିଶେଷଭାବରେ ଏସୀୟ ଦେଶଗୁଡ଼ିକ ନିଜ ପାଇଁ ଏକ ବଡ଼ ତୈଳ ଓ ଗ୍ୟାସ୍ ଭଣ୍ଡାର ନିର୍ମାଣ କରିବାର ଆବଶ୍ୟକତା ରହିଛି। ଏହାସହିତ ଗୁରୁତ୍ୱପୂର୍ଣ୍ଣ ଚୋକ୍ ପଏଣ୍ଟ ନିକଟବର୍ତ୍ତୀ ଦେଶମାନଙ୍କ ସହ ମଧୁର କୂଟନୈତିକ ସମ୍ପର୍କ ସ୍ଥାପନର ଆବଶ୍ୟକତା ରହିଛି। ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତାକୁ ହ୍ରାସ କରି ଅକ୍ଷୟ ଶକ୍ତିର ଗବେଷଣା, ଉତ୍ପାଦନ ଓ ବଣ୍ଟନ ଉପରେ ବ୍ୟାପକ ପୁଞ୍ଜି ବିନିଯୋଗ ହେବା ଆବଶ୍ୟକ।

ବେଲେଶ୍ୱର(କଟକ),
ମୋ: ୯୪୩୭୧୨୮୪୬୪

## ସୂଚନା ଅଧିକାର: ଗଣତନ୍ତ୍ରର ଶକ୍ତି ନା ପ୍ରଶାସନିକ ପ୍ରହସନ?

**ଅମରେଶ କୁମାର ନନ୍ଦ**

'ସୂଚନା ହିଁ ଶକ୍ତି'। ଏହି ମୂଳ ମନ୍ତ୍ରକୁ ଆଧାର କରି ୨୦୦୫ ମସିହାରେ ଭାରତରେ ସୂଚନାର ଅଧିକାର ଆଇନ (ଆରଟିଆଇ) ଲାଗୁ ହୋଇଥିଲା। ଏହାର ଉଦ୍ଦେଶ୍ୟ ଥିଲା ସରକାରୀ କାର୍ଯ୍ୟପ୍ରଣାଳୀକୁ ପାରଦର୍ଶୀ କରିବା, ଦୁର୍ନୀତିକୁ ରୋକିବା ଓ ସାଧାରଣ ନାଗରିକଙ୍କୁ ସଶକ୍ତ କରିବା। ସେତେବେଳେ ଏହାକୁ ଗଣତନ୍ତ୍ରର ଏକ ବଡ଼ ଉପଲବ୍ଧି ଭାବେ ଦେଖାଯାଇଥିଲା। କିନ୍ତୁ ଦୁଇ ଦଶନ୍ଧି ପରେ, ବିଶେଷକରି ଓଡ଼ିଶାରେ, ଏହି ଆଇନର ବାସ୍ତବ ଚିତ୍ର ଆମକୁ ଗଭୀର ଚିନ୍ତାରେ ପକାଉଛି। ପ୍ରଶ୍ନ ଉଠୁଛି ଏହି ଆଇନ ସତରେ ଜନତାଙ୍କୁ ଶକ୍ତିଶାଳୀ କରୁଛି ନା କେବଳ ପ୍ରଶାସନିକ ପ୍ରହସନରେ ପରିଣତ ହୋଇପଡ଼ିଛି।

ଆଇନ ଅନୁସାରେ, ଯେକୌଣସି ନାଗରିକ ଆରଟିଆଇ ଆବେଦନ କଲେ ୩୦ ଦିନ ମଧ୍ୟରେ ସୂଚନା ପାଇବାର ଅଧିକାର ରଖନ୍ତି। କିନ୍ତୁ ବାସ୍ତବରେ ଏହି ସମୟସୀମା ଅନେକ ସ୍ଥାନରେ ମାତ୍ର ଏକ ଔପଚାରିକତା ହୋଇ ରହିଯାଇଛି। ସରକାରୀ କାର୍ଯ୍ୟାଳୟଗୁଡ଼ିକରେ ଆରଟିଆଇ ଆବେଦନକୁ ଗୁରୁତ୍ୱ ଦିଆଯାଉନାହିଁ। ବହୁ ସମୟରେ ଆବେଦକମାନେ ମାସମାସ ଧରି ଅପେକ୍ଷା କରୁଛନ୍ତି। କେଉଁଠି ସୂଚନାକୁ ଇଚ୍ଛାକୃତ ଭାବେ ଲୁଚାଯାଉଛି, କେଉଁଠି ଅଧୁରା କିମ୍ବା ଭ୍ରମାତ୍ମକ ତଥ୍ୟ ଦେଇ ଲୋକମାନଙ୍କୁ ହତାଶ କରାଯାଉଛି। ଏହି ପ୍ରବୃତ୍ତି ଆଇନର ମୂଳ ଉଦ୍ଦେଶ୍ୟକୁ ନଷ୍ଟ କରୁଛି ଏବଂ ପ୍ରଶାସନର ଉତ୍ତରଦାୟିତ୍ୱତାକୁ ପ୍ରଶ୍ନଚିହ୍ନ ତଳେ ରଖୁଛି।

ଓଡ଼ିଶା ସୂଚନା ଆୟୋଗର ସ୍ଥିତି ମଧ୍ୟ ଅତ୍ୟନ୍ତ ଚିନ୍ତାଜନକ। ଆୟୋଗ ଆରଟିଆଇ ଆଇନର ରକ୍ଷକ। କିନ୍ତୁ ସେଠାରେ ହଜାରହଜାର ମାମଲା ବର୍ଷବର୍ଷ ଧରି ପଡ଼ିରହିଛି। ନ୍ୟାୟ ପାଇଁ ଆସୁଥିବା ସାଧାରଣ ଲୋକମାନେ ବର୍ଷ ପରେ ବର୍ଷ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରୁଛନ୍ତି। ଅନେକ ଅଭିଯୋଗ ଆସୁଛି ଯେ କେତେକ ମାମଲାରେ ଯଥାପ୍ରକାର ଶୁଣାଣି ବିନା କିମ୍ବା ଯଥେଷ୍ଟ ନ୍ୟାୟସଙ୍ଗତ ନିଷ୍ପତ୍ତି ନ ନେଇ ବନ୍ଦ କରାଯାଉଛି। ଏହା ଆଇନ ପ୍ରତି ଲୋକମାନଙ୍କର ଆସ୍ଥାକୁ ଦୁର୍ବଳ କରୁଛି। ବିଶେଷଭାବେ ଚିନ୍ତାଜନକ ଯେ, ବର୍ଷର ପରେ ବର୍ଷ ଲମ୍ବିତ ଥିବା ମାମଲାରେ ମଧ୍ୟ ପବ୍ଲିକ୍ ଇନ୍‌ଫର୍ମେସନ୍ ଅଫିସର ବା ଜନସୂଚନା ଅଧିକାରୀମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନ ହେବାରୁ ଆଇନର ଭୟ ପ୍ରାୟ ଶୂନ୍ୟ ହୋଇଯାଇଛି। ଫଳସ୍ୱରୂପ, ଅନେକ ଅଧିକାରୀ ଆଇନକୁ ଗୁରୁତ୍ୱ ନ ଦେଇ ଅବହେଳା କରୁଛନ୍ତି।

ଏହାସହିତ, କେତେକ କ୍ଷେତ୍ରରେ ସୂଚନା କର୍ମୀମାନେ ପୌନଃପୁନିକ ସୂଚନା ଚାହିବାରୁ ବିଭିନ୍ନ ପ୍ରକାର ଚାପ, ଅସୁବିଧା କିମ୍ବା ଅନୌପଚାରିକ ନିଷେଧର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଏହା ଗଣତନ୍ତ୍ରର ମୂଳ ଆଦର୍ଶକୁ ଆଘାତ କରୁଛି। ଯେଉଁଠାରେ ପ୍ରଶ୍ନ କରିବାର ଅଧିକାରକୁ ଅସ୍ୱୀକାର କରାଯାଉଛି, ସେଠାରେ ସତ୍ୟ ଓ ପାରଦର୍ଶିତାର କଥା କହିବା ଅର୍ଥହୀନ। ଏହାଠାରୁ ମଧ୍ୟ ଗଭୀର ସମସ୍ୟା ହେଉଛି କେତେକ ସ୍ଥାନରେ ଆଇନର ସଠିକ୍ ବୁଝାମଣା ଓ ପ୍ରୟୋଗର ଅଭାବ। ଯଦି ଆଇନକୁ ରକ୍ଷା କରିବା ଓ ବ୍ୟବହାର କରିବା ଦାୟିତ୍ୱରେ ଥିବା ସଂସ୍ଥା ନିଜେ ଏହାକୁ ଭଲଭାବେ ବୁଝିପାରୁନାହିଁ, ତେବେ ସାଧାରଣ ଲୋକଙ୍କ ପାଇଁ ନ୍ୟାୟପ୍ରାପ୍ତି ଏକ ଦୁଃସ୍ୱପ୍ନ ହୋଇଯାଏ।

ତଥାପି, ଏହି ଅନ୍ଧକାର ମଧ୍ୟରେ ଆଶାର କିଛି କିରଣ ଅଛି। ଅନେକ ସଚେତନ ନାଗରିକ ଓ ସୂଚନାକର୍ମୀ ଏହି ଆଇନକୁ ବ୍ୟବହାର କରି ଦୁର୍ନୀତିକୁ ପ୍ରକାଶ କରିଛନ୍ତି ଓ ପ୍ରଶାସନକୁ ଉତ୍ତରଦାୟୀ କରିଛନ୍ତି। ଏହା ପ୍ରମାଣ କରେ ସମସ୍ୟା ଆଇନରେ ନୁହେଁ, ତାହାର ପ୍ରୟୋଗରେ ଅଛି। ଏହି ପରିସ୍ଥିତିରେ କିଛି ତୁରନ୍ତ ଓ ଦୃଢ଼ ପଦକ୍ଷେପ ଆବଶ୍ୟକ। ପ୍ରଥମେ, ସୂଚନା ପ୍ରଦାନରେ ଅବହେଳା କରୁଥିବା ଅଧିକାରୀମାନଙ୍କ ଉପରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରାଯିବା ଉଚିତ। କଡ଼ା ଆର୍ଥିକ ଜରିମାନା ଓ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହେବା ଆବଶ୍ୟକ। ଦ୍ୱିତୀୟତଃ, ସମ୍ପୂର୍ଣ୍ଣ ଆରଟିଆଇ ବ୍ୟବସ୍ଥାକୁ ଡିଜିଟାଲ୍ କରି ସରଳ ଓ ପାରଦର୍ଶୀ କରାଯିବା ଉଚିତ, ଯାହା ମାଧ୍ୟମରେ ପ୍ରତ୍ୟେକ ଆବେଦନ ଓ ତାହାର ଅବସ୍ଥା ସହଜରେ ଟ୍ରାକ୍ ହୋଇପାରିବ। ତୃତୀୟତଃ, ସୂଚନା ଆୟୋଗରେ ଖାଲି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରି ଲମ୍ବିତ ମାମଲାର ଦ୍ରୁତ ସମାଧାନ କରାଯିବା ଆବଶ୍ୟକ। ଚତୁର୍ଥତଃ, ସରକାରୀ କର୍ମଚାରୀମାନଙ୍କୁ ଆରଟିଆଇ ଆଇନ ସମ୍ପର୍କରେ ଯଥେଷ୍ଟ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ଦାୟିତ୍ୱବାନ କରାଯିବା ଆବଶ୍ୟକ। ପଞ୍ଚମତଃ, ସୂଚନା କର୍ମୀମାନଙ୍କୁ ସୁରକ୍ଷା ଓ ସମ୍ମାନ ଦେବା ଆବଶ୍ୟକ, ଯାହାଫଳରେ ସେମାନେ ଭୟମୁକ୍ତ ଭାବରେ ସୂଚନା ଚାହିଁପାରିବେ।

ଆରଟିଆଇ କେବଳ ଏକ ଆଇନ ନୁହେଁ, ଏହା ଗଣତନ୍ତ୍ରର ଆତ୍ମା। ଯଦି ଏହି ଆଇନକୁ ସଠିକ୍ ଭାବରେ ଲାଗୁ କରାଯାଏ, ଏହା ସରକାରକୁ ପାରଦର୍ଶୀ ଓ ଉତ୍ତରଦାୟୀ କରିପାରିବ। କିନ୍ତୁ ଯଦି ଏହାକୁ ଅବହେଳା କରାଯାଏ, ତେବେ ଏହା କେବଳ ଏକ ନିଷ୍ପ୍ରାଣ ଆଇନ ଭାବେ ଇତିହାସରେ ରହିଯିବ।


ଯାଜପୁର, ମୋ: ୯୫୫୬୬୯୬୪୧୮

## କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରସାର

**ପ୍ରବୀର କୁମାର ପଟ୍ଟନାୟକ**

*ପୂର୍ବପ୍ରକାଶିତ ଉତ୍ତାରୁ...*

ଅଶୋକ ଓ ବୌଦ୍ଧ ଧର୍ମ: ଯୁଦ୍ଧ ପରେ ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଥିଲେ ମଧ୍ୟ ତାଙ୍କ ଅଭିଲେଖଗୁଡ଼ିକରୁ ଯାହା ଜଣାପଡ଼େ, ସେ ବୌଦ୍ଧଧର୍ମର ଗୂଢ଼ ଦାର୍ଶନିକ ତତ୍ତ୍ୱ (ଉପାସକ ଧର୍ମ) ବାଣ୍ଟିବା ଅପେକ୍ଷା ଜଣେ ରାଜା ଭାବରେ ପ୍ରଜାଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ, ନୀତିଶିକ୍ଷା, ଦୟା ଓ ଅହିଂସା ଭଳି ରାଜଧର୍ମ ଉପରେ କଳିଙ୍ଗରେ ଅଧିକ ଗୁରୁତ୍ୱ ପ୍ରଦାନ କରିଥିଲେ। ସ୍ୱଷ୍ଟ ଭାବରେ କଳିଙ୍ଗରେ ଅଶୋକ ବୌଦ୍ଧ ଉପାସକ ଧର୍ମ, ଯାହା ସାମାଜିକ-ନୈତିକ ବ୍ୟବସ୍ଥାର ମୂଳଦୁଆ, ତାହାର ପ୍ରଚାର ଅପେକ୍ଷା ରାଜଧର୍ମ, ଯାହା ରାଜନୈତିକ ନୀତି ତଥା ସିଦ୍ଧାନ୍ତ ଉପରେ ଆଧାରିତ, ତାହାର ପ୍ରଚାର ଉପରେ ଅଧିକ ଗୁରୁତ୍ୱ ଦେଇଥିବାର ମନେହୁଏ। ଅଶୋକ ତାଙ୍କର ଶିଳାଲେଖ ମାଧ୍ୟମରେ ପ୍ରକୃତରେ ବୌଦ୍ଧଧର୍ମ ପ୍ରଚାର କରୁଥିଲେ ନା ଆଉ କିଛି, ସେ ବିଷୟରେ ଗବେଷକମାନଙ୍କ ମଧ୍ୟରେ ଅସହମତି ଦେଖାଯାଏ। ଅନେକ ଗବେଷକ ବିଶ୍ୱାସ କରନ୍ତି ଯେ ଅଶୋକଙ୍କ ଧର୍ମ (ଧମ୍ମ) ସିଧାସଳଖ ବୌଦ୍ଧ ଧର୍ମ ନଥିଲା, ବରଂ ଏହା ଏକ ସାର୍ବଜନୀନ ମାନବ ଧର୍ମ ଅଥବା ଏକ ନୈତିକ ଆଚରଣ ବିଧି ହିଁ ଥିଲା। ଏ ସଂପର୍କରେ ପ୍ର. ନଳିନାକ୍ଷ ଦତ୍ତଙ୍କ ମତ ହେଲା ଅଶୋକଙ୍କ ଅଭିଲେଖଗୁଡ଼ିକରେ




ନିର୍ବାଣ, ଶୂନ୍ୟତା, ଅନାତ୍ମା କିମ୍ବା ଦୁଃଖ ଆଦି ବିଷୟରେ ପଦଟିଏ ମଧ୍ୟ ଉଲ୍ଲେଖ ନାହିଁ। ଅନ୍ୟପକ୍ଷରେ ସେଗୁଡ଼ିକ ସ୍ୱର୍ଗ ଏବଂ ସ୍ୱର୍ଗୀୟ ସୁଖ ଆଦି ବିଷୟରେ କହିଥା'ନ୍ତି, ଯାହା ଆଦ୍ୟ ବୌଦ୍ଧଧର୍ମର ଆଦର୍ଶ ନଥିଲା। କାରଣ ପ୍ରାରମ୍ଭିକ ବୌଦ୍ଧଧର୍ମ କାମ, ରୂପ ଓ ଅରୂପ ଏହି ତିନୋଟି ଧାତୁ (ତିନି ପ୍ରକାରର ଅସ୍ତିତ୍ୱ) ମଧ୍ୟରୁ ଯେକୌଣସି ସ୍ଥାନରେ ଜନ୍ମ ନେବାକୁ ଦୁଃଖ ଭାବେ ଗ୍ରହଣ କରୁଥିଲା। ଏହାର ସ୍ୱଷ୍ଟ ସାରାଂଶ ହେଉଛି ଯେ ଅଶୋକଙ୍କ ଶିଳାଲେଖରେ ବୌଦ୍ଧଧର୍ମର ଦାର୍ଶନିକ ଶବ୍ଦ ନିର୍ବାଣ, ଶୂନ୍ୟତା ଆଦି ପରିବର୍ତ୍ତେ ଏକ ନୈତିକ ଧର୍ମ ଏବଂ ସ୍ୱର୍ଗପ୍ରାପ୍ତିର କଥା ଅଧିକ କୁହାଯାଇଛି। ଯାହା ମୂଳ ବୌଦ୍ଧଧର୍ମଠାରୁ ଭିନ୍ନ। ଅନ୍ୟପକ୍ଷରେ ପ୍ର. ଭଣ୍ଡାରକରଙ୍କ ମତରେ ଅଶୋକଙ୍କ 'ଧମ୍ମ' କୌଣସି ନୂତନ ଧର୍ମ ନଥିଲା। ବରଂ ପ୍ରାଚୀନ ବୌଦ୍ଧଧର୍ମର ଯେଉଁ ସବୁ ନୀତି, ଆଦର୍ଶ, ଶିକ୍ଷାଗୁଡ଼ିକ ସାଧାରଣ ଲୋକ (ଗୃହସ୍ଥ) ନିଜ ଦୈନନ୍ଦିନ ଜୀବନରେ ପାଳନ କରିବା ପାଇଁ ଉଦ୍ଦିଷ୍ଟ ଥିଲା, ଅଶୋକ ତାହାକୁ ହିଁ ନିଜ ପ୍ରଜାଙ୍କ ମଧ୍ୟରେ ସେମାନଙ୍କ ପାଇଁ ପ୍ରଚାର କରିଥିଲେ। ଏହା ପ୍ରାଥମିକ ପର୍ଯ୍ୟାୟର ବୌଦ୍ଧଧର୍ମର ନୈତିକ ସଂସ୍କରଣ ଥିଲା। ଅଶୋକଙ୍କ 'ଧମ୍ମ' ପ୍ରାଥମିକ ବୌଦ୍ଧଧର୍ମର ସେହିଅଂଶ ବ୍ୟତୀତ ଅନ୍ୟ କିଛି ନଥିଲା, ଯାହା ବୁଦ୍ଧଙ୍କର ସାଧାରଣ ଉପାସକ ବା ଗୃହସ୍ଥ ଭକ୍ତମାନଙ୍କ ପାଇଁ ଉଦ୍ଦିଷ୍ଟ ଥିଲା।

ଏଥିରେ ସନ୍ଦେହ ନାହିଁ ଯେ ବୌଦ୍ଧଧର୍ମ ଅଶୋକଙ୍କ ବ୍ୟକ୍ତିଗତ ଧର୍ମ ଥିଲା ଏବଂ ସେ ନିଜର ଶିଳାଲେଖଗୁଡ଼ିକରେ ଅନେକ ଥର ଏହି କଥା ଖୋଲାଖୋଲି ଭାବେ ପ୍ରକାଶ କରିଥିଲେ। କିନ୍ତୁ ତାଙ୍କ ସମୟକୁ ବୌଦ୍ଧଧର୍ମ ଆଉ ଗୋଟିଏ ସମାନଧର୍ମୀ ଧର୍ମ ଭାବରେ ରହି ନଥିଲା। ଏହା ମୁଖ୍ୟତଃ ତିନୋଟି ଶାଖାରେ ବିଭକ୍ତ ହୋଇ ସାରିଥିଲା। ତାହା ଥିଲା ଥେରବାଦ, ସର୍ବାସ୍ତିବାଦ ଓ ମହାସଂଘିକ। ଆମେ ଏପର୍ଯ୍ୟନ୍ତ ମଧ୍ୟ ସ୍ଥିର ନିଶ୍ଚିତ ନୋହୁ କି ଅଶୋକ ନିଜେ ଏହି ତିନୋଟି ଖାଖା ମଧ୍ୟରୁ କେଉଁଟିର ଅନ୍ତର୍ଭୁକ୍ତ କିମ୍ବା ଅନୁଗାମୀ ଥିଲେ। ବୌଦ୍ଧଗ୍ରନ୍ଥ ମହାବଂଶ (ସିଂହଳ) ରୁ ଯାହା ଜଣାଯାଏ ସମ୍ରାଟ ଅଶୋକ ବିଭଜ୍ଜବାଦୀ ଅଥବା ଥେରବାଦୀ ବୌଦ୍ଧ ସଂପ୍ରଦାୟର ସମର୍ଥକ ଓ ପୃଷ୍ଠପୋଷକ ଥିଲେ ଏବଂ ଥେରବାଦ ଶାଖର ନେତା ମୋଗଲିପୁତ୍ତ ତିସ୍ସ ତାଙ୍କର ଆଧ୍ୟାତ୍ମିକ ଗୁରୁ ଥିଲେ। ଅନ୍ୟପକ୍ଷରେ ସଂସ୍କୃତ ବୌଦ୍ଧ ଗ୍ରନ୍ଥ 'ଅବଦାନ'ରେ ଲିପିବଦ୍ଧ ସର୍ବାସ୍ତିବାଦୀ ପରମ୍ପରା ଅନୁଯାୟୀ ଅଶୋକ ସର୍ବାସ୍ତିବାଦ ଶାଖାର ପ୍ରମୁଖ ଆଚାର୍ଯ୍ୟ ଉପଗୁପ୍ତଙ୍କର ଜଣେ ଜଣାଶୁଣା ଭକ୍ତ ଥିଲେ। (କ୍ରମଶଃ...)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଓଡ଼ିଶାର ଅଙ୍ଗ ଛେଦନ କରି ଆନ୍ଧ୍ରକୁ ବଳୁଆ କରୁଛି ଡବଲ ଇଞ୍ଜିନ: କଂଗ୍ରେସ



ଭୁବନେଶ୍ୱର, ୩।୪ (ସମିସ): ପ୍ରସ୍ତାବିତ ଦକ୍ଷିଣତଟ ରେଳପଥ ଜୋନ୍‌ର ଅଧିକାର କ୍ଷେତ୍ରକୁ ସଂଶୋଧନ ନିଷ୍ପତ୍ତିକୁ ଓଡ଼ିଶାରେ ପ୍ରବଳ ବିରୋଧ କରାଯାଉଛି। ଏହାଦ୍ୱାରା ଓଡ଼ିଶାର ବର୍ତ୍ତମାନ ପୂର୍ବତଟ ରେଳପଥ ଅଧୀନରେ ଥିବା ଖୋର୍ଦ୍ଧା ରୋଡ୍ ଡିଭିଜନର ପଲାସା ଓ ଇଚ୍ଛାପୁରମ୍ ଅଂଶକୁ ପ୍ରସ୍ତାବିତ ଦକ୍ଷିଣ ତଟ ଜୋନ୍‌ର ବିଶାଖାପାଟନା ଡିଭିଜନ୍ ଅଧୀନକୁ ସ୍ଥାନାନ୍ତରିତ କରାଯିବ। ଫଳରେ ଓଡ଼ିଶା ପ୍ରତି ଡବଲ ଇଂଜିନ ସରକାରର ପ୍ରତାରଣା ଜଳଜଳ ଦିଶୁଛି ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି ଯେ ଏହି ପଦକ୍ଷେପ ଦ୍ୱାରା ଅଞ୍ଚଳର ଏକ ଗୁରୁତ୍ୱପୂର୍ଣ୍ଣ ରେଳ ଅଂଶର ପ୍ରଶାସନିକ ନିୟନ୍ତ୍ରଣ ପରିବର୍ତ୍ତନ ହେବ। ଏଥିସହ ଏହାର ପରିଚାଳନା ଏବଂ ଆଞ୍ଚଳିକ ସଂଯୋଗଗୀକରଣ ଉପରେ ମଧ୍ୟ ପ୍ରଭାବ ପଡ଼ିବ। ଏହି ସ୍ଥାନାନ୍ତରଣ ପରେ ପ୍ରଶାସନିକ ନିୟନ୍ତ୍ରଣ ଏବଂ ଆଞ୍ଚଳିକ ସ୍ୱାର୍ଥ ସାଉଥ୍ କୋଷ୍ଟ ରେଳପଥ ଅଧୀନରେ ଆସିବ। ଏହା ପୂର୍ବରୁ ପୂର୍ବତଟ ରେଳବାଇରୁ ୱାଲଟିୟର ଡିଭିଜନକୁ ଅଲଗା କରାଯାଇଥିଲା। ଖଣିଜ ପରିବହନରେ ଭାରତୀୟ ରେଳକୁ ପୂର୍ବତଟ ରେଳ ପଥ ବହୁ ପରିମାଣରେ ରାଜସ୍ୱ ଦେଉଛି। ସମ୍ବଲପୁର, ଖୋର୍ଦ୍ଧା ଓ ୱାଲଟିୟର ଡିଭିଜନକୁ ନେଇ ପୂର୍ବତଟ ରେଳପଥ ଗଠିତ ହୋଇଥିଲା। କିନ୍ତୁ କେନ୍ଦ୍ର ସରକାରଙ୍କ ଆନ୍ଧ୍ର ପ୍ରୀତି ଯୋଗୁଁ ୱାଲଟିୟର ଡିଭିଜନ ଆନ୍ଧ୍ରକୁ ଚାଲିଗଲା। ଏହାର ଆହୁରି ପୂର୍ବରୁ ଖଡ଼ଗପୁର ଜୋନରେ ଓଡ଼ିଶାର ବାଲେଶ୍ୱର ମୟୂରଭଞ୍ଜର ବହୁ ଖଣିଜ ବହୁଳ ଅଞ୍ଚଳ ପୂର୍ବରୁ ଚାଲିଯାଇଛି। ଚକ୍ରଧରପୁର ଡିଭିଜନରେ ଝାରସୁଗୁଡା, ବାଂଶପାଣି, କେନ୍ଦୁଝର, ବଣାଇ ଅଞ୍ଚଳ ରହିଯାଇଛି। ତେଣୁ ଏବେ ପୂର୍ବତଟ ରେଳପଥରେ ରହିଛି ଆଉ କ'ଣ ବୋଲି ଶ୍ରୀ ଦାସ ପ୍ରଶ୍ନ କରିଛନ୍ତି। ରାଜ୍ୟର ଭୌଗୋଳିକ ସୀମା ଉପରେ ରେଳ ଡିଭିଜନର ଗଠନ ନିର୍ଭର କରେନାହିଁ ବୋଲି କୁହାଯାଉଛି। ଯୁକ୍ତି ଅନୁଯାୟୀ ଯଦି ଆନ୍ଧ୍ର ପ୍ରଦେଶ ସାଉଥ କୋଷ୍ଟରେ ପଲାସାଠାରୁ ଇଚ୍ଛାପୁରମ ପର୍ଯ୍ୟନ୍ତ ମିଶିବ, ତା'ହେଲେ ଓଡ଼ିଶାର ପୂର୍ବରେ ଥିବା ଲକ୍ଷ୍ମଣନାଥ, ବାଲେଶ୍ୱର ଓ ପଶ୍ଚିମରେ ଝାରସୁଗୁଡା, ବାଂଶପାଣି ଓ ବଣେଇ ଆଦି ଅଞ୍ଚଳ ମଧ୍ୟ ପୂର୍ବତଟରେ ମିଶିବା ଉଚିତ୍ ବୋଲି ସେ ଦାବି କରିଛନ୍ତି। ମହାନଦୀ, ପୋଲାଭରମର କ୍ଷତ ଲିଭିନାହିଁ। ଓଡ଼ିଶାକୁ ଖଣ୍ଡବିଖଣ୍ଡିତ କରିବା ପାଇଁ ରେଳବାଇର ଷଡ଼ଯନ୍ତ୍ର ଆଜି ପୁଣି ଧରାପଡ଼ିଛି। ବିଜେପିର ଡବଲ ଇଞ୍ଜିନ୍ ସରକାର ଓଡ଼ିଶା ଅସ୍ମିତା ଉପରେ ଏଭଳି କୁଠାରଘାତ କରିଚାଲିଛି। ପରିବହନ କ୍ଷେତ୍ରରେ ପୂର୍ବରୁ ପୂର୍ବତଟ ରେଳପଥ ପାଖାପାଖି ତିରିଶ ହଜାର କୋଟି ଅର୍ଥ ଦେଉଛି। ୱାଲଟିୟର ଡିଭିଜନ ୮ ରୁ ୧୦ ହଜାର କୋଟି ଦେଉଥିଲା। ଏବେ ଓଡ଼ିଶା ଏହି ରାଜସ୍ୱ ହରାଇସାରିଛି। ପଲାସା ଓ ଇଚ୍ଛାପୁରମ ଏବେ ସାଉଥ କୋଷ୍ଟକୁ ଚାଲିଗଲା ପରେ ପୂର୍ବତଟ ଏବେ ସମ୍ପୂର୍ଣ୍ଣ ମୂଲ୍ୟହୀନ ହୋଇପଡିବ ବୋଲି ଭକ୍ତ କହିଛନ୍ତି।

■ ରାଜଧାନୀରେ ଦୁଷ୍କର୍ମ ପୀଡ଼ିତାଙ୍କୁ ପୁଲିସର ନିର୍ଯାତନା ପ୍ରସଙ୍ଗ

## ଡବଲ ଇଞ୍ଜିନ ସରକାର ଉପରେ ବର୍ଷିଲା କଂଗ୍ରେସ

ଭୁବନେଶ୍ୱର, ୩।୪ (ସମିସ): ରାଜ୍ୟ ରାଜଧାନୀରେ ଜଣେ ଦୁଷ୍କର୍ମ ପୀଡ଼ିତାଙ୍କୁ ପୁଲିସର ନିର୍ଯାତନା ଏବଂ ଅର୍ଥ ଆଦାୟ ବିଷୟକୁ ନେଇ ଓଡିଶା ପୁଲିସ ପୁଣି ଥରେ କଳା କାରନାମା ରଚିଛି ବୋଲି କଂଗ୍ରେସ କହିଛି। ଶୁକ୍ରବାର କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସର ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ରାଜ୍ୟରେ ଆଇନ ଓ ମହିଳାଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତି ଚିନ୍ତା ପ୍ରକଟ କରି ଗୃହ ବିଭାଗ ଉପରେ ବର୍ଷିଛନ୍ତ। ସେ କହିଛନ୍ତି ସତ୍ୟକୁ ଚୁପ୍ କରାଇବା ପାଇଁ ସରକାର ସତ୍ତାର ଲାଠି ଚଳାଉଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲା, ଶଶୁର ଘର ଜିଲ୍ଲା ଓ ବସବାସ କରୁଥିବା ଜିଲ୍ଲା ଯଥା କେନ୍ଦୁଝର, ମୟୂରଭଞ୍ଜ ଓ ଭୁବନେଶ୍ୱରରେ ମହିଳା ନିର୍ଯାତନାରେ ଏକ, ଦୁଇ ଓ ତିନି ନଂ ର୍ୟାଙ୍କରେ ରହିଛି। ବହୁ ଚର୍ଚ୍ଚିତ ବଳାତ୍କାରୀ ପୀଡିତା ଘୁଙ୍ଘୁର ମିଶ୍ରଙ୍କ ଘଟଣାର ତଦନ୍ତ ପ୍ରକ୍ରିୟା ଓଡ଼ିଶା ଶାସନ ଓ ପୁଲିସ ବ୍ୟବସ୍ଥାର ନଗ୍ନଚିତ୍ର ସାମ୍ନାକୁ ଆଣିଥିବା ସେ କହିଛନ୍ତି।

ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ସାନ ଭାଇକୁ ଗିରଫ ନକରିବା ଘଟଣାକୁ ଉଦାହରଣ ଦେଇ, ପୁଲିସ ଆଇନର ରକ୍ଷକ ନୁହେଁ, ସତ୍ତାର ସୁରକ୍ଷା କର୍ମୀ ବୋଲି ଶ୍ରୀ ମହାପାତ୍ର ଅଭିଯୋଗ କରିଛନ୍ତି। ଆର୍ଥିକ ବଳକା ରାଜ୍ୟର ଡିଣ୍ଡିମ ପିଟୁଥିବା ସରକାର, ଆମ ଟିକସ ପଇସାରେ କଣ କରୁଛନ୍ତି ବୋଲି ପ୍ରଶ୍ନ କରିବା ସହ ଅଭିଯୁକ୍ତକୁ ଧରିବାକୁ ଅଭିଯୋଗକାରୀଙ୍କ ଠାରୁ ଟଙ୍କା ନେବା ଘଟଣାର ନ୍ୟାୟିକ ତଦନ୍ତ ଦାବି ସହ ଭୁବନେଶ୍ୱରରେ ଯଦି ଏଭଳି ଅବସ୍ଥା, ତେବେ ଉପାନ୍ତ ଅଞ୍ଚଳ କଥା ଉଠାଇ ସେ ଚିନ୍ତା ପ୍ରକଟ କରିଛନ୍ତି। ପିସିସିର ଅନ୍ୟତମ ମୁଖପାତ୍ର ଜୟଶ୍ରୀ ପାତ୍ର, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠର ସଫଳତା ଉପରେ ପ୍ରଶ୍ନ କରିବା ସହ ଭୁବନେଶ୍ୱରରେ ରକ୍ଷକ ଭକ୍ଷକ ସାଜିଛି ବୋଲି କହିଛନ୍ତି। ରାଜଧାନୀ ଛାତି ଉପରେ ମହିଳାଙ୍କୁ ଦୁଷ୍କର୍ମ କରାଯିବ ଅଥଚ ଭୁବନେଶ୍ୱର ମହିଳା ସାଂସଦ ନୀରବଦ୍ରଷ୍ଟା କାହିଁକି ପ୍ରଶ୍ନ କରିବା ସହ ଡିଜି ପୁଲିସଙ୍କ ଅପାରଗତାକୁ ସେ ପ୍ରଶ୍ନ କରିଛନ୍ତି।

## ନବଜାତ ଶିଶୁକନ୍ୟାକୁ ପଡ଼ିଆରେ ଫିଙ୍ଗିଦେଲା ମାଆ

ରାଇରଙ୍ଗପୁର/ଗୋରୁମହିଷାଣି, ୩।୪ (ସମିସ): ଲୋକଲଜ୍ଜା ଭୟରେ ଜନ୍ମଦାତ୍ରୀ ମା' ହୃଦୟହୀନ ହୋଇଗଲା। ନବଜାତ ଶିଶୁକନ୍ୟାକୁ ଅଲୋଡ଼ା କରିଦେଲା। ମୟୂରଭଞ୍ଜ ଜିଲ୍ଲା ଗୋରୁମହିଷାଣି ଥାନା ଅଞ୍ଚଳରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମବାସୀ ଶିଶୁକନ୍ୟାକୁ ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ସୂଚନା ମୁତାବକ, ଶୁକ୍ରବାର ପୂର୍ବାହ୍ନରେ ଗୋରୁମହିଷାଣି ଥାନା ଅନ୍ତର୍ଗତ ସାନମୌଦା ଗ୍ରାମର ଖେଳପଡ଼ିଆ ନିକଟରୁ ଏକ ନବଜାତ ଶିଶୁକନ୍ୟା ଉଦ୍ଧାର ହୋଇଛି। ଉକ୍ତ ଗ୍ରାମର ଲୋକେ ପଡ଼ିଆ ନିକଟରେ ଶିଶୁର କାନ୍ଦ ଶୁଣିବାକୁ ପାଇଥିଲେ। ଖୋଜାଖୋଜି କରିବାରୁ ପଡ଼ିଆ ନିକଟରୁ ନବଜାତ ଶିଶୁ କନ୍ୟାକୁ ଦେଖିବାକୁ ପାଇଥିଲେ। ନବଜାତକଟି ଅସହ୍ୟ ସୂର୍ଯ୍ୟତାପ ଯୋଗୁଁ ଜୋରରେ କାନ୍ଦୁଥିଲା। ଗ୍ରାମବାସୀ ତାକୁ ଉଦ୍ଧାର କରିବା ସହ ଗୋରୁମହିଷାଣୀ ପୁଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଶିଶୁକନ୍ୟାକୁ ଗୋରୁମହିଷାଣି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। ନବଜାତକ ଅସୁସ୍ଥ ହେବାରୁ ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ତା'ର ଚିକିତ୍ସା ଜାରି ରହିଛି। କେହି ଜଣେ ଲୋକଲଜ୍ଜା ଭୟରେ ଶିଶୁକୁ ଜନ୍ମ ଦେଇ ଫିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ଏ ନେଇ ପୁଲିସ୍ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ବନ୍ଧୁକ ମୁନରେ ଅଳଙ୍କାର ଲୁଟ୍

ରାଉରକେଲା,୩।୪(ସମିସ): ସୁନ୍ଦରଗଡ ସଦରଥାନା କରମଡିହ ଅଞ୍ଚଳରେ ଶୁକ୍ରବାର ରାତି ସାଢେ ୮ଟାରେ ବନ୍ଧୁକ ମୁନରେ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେବା ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି। ସଦର ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାନୁଯାୟୀ, ଆଜି ରାତି ପ୍ରାୟ ସାଢେ ୮ଟାରେ କରମଡିହ ଅନ୍ତର୍ଗତ ଦାଇଜମହୁଲ ଗାଁର ଭେଙ୍କଟରମଣ ସିଂହଙ୍କ ପରିବାର ଖାଇ ବସିଥିବା ବେଳେ ୨ ଜଣ ମୁଖା ପିନ୍ଧା ସଶସ୍ତ୍ର ଦୁର୍ବୃତ୍ତ ତାଙ୍କ ଘରେ ପଶିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ମାଆଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ଧମକଚମକ ଦେଇ ୨୦ ଗ୍ରାମ ଓଜନର ସୁନା ଚେନ୍ ଓ ୩ ଗ୍ରାମ ଓଜନର କାନଫୁଲ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏଥିସହ ତାଙ୍କ ଭାଉଜ ମାଳତୀ କୁଅଁରଙ୍କ ମୁଣ୍ଡରେ ମଧ୍ୟ ବନ୍ଧୁକ ଲଗାଇ ତାଙ୍କ ଠାରୁ ୩ ଗ୍ରାମ ଓଜନର କାନଫୁଲ ନେଇ ଯାଇଥିଲେ। ଏହାପରେ ସେମାନେ ଆଲମିରା ଚାବି ମାଗି ଆଲମିରା ଭିତର ଖୋଲି ସମସ୍ତ ସାମଗ୍ରୀ ଛିନ୍ନଛତ୍ର କରି ଦେଇଥିଲେ। ପରେ ବାଇକରେ ଫେରାର ହୋଇଯାଇଥିଲେ। ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସ୍‌ଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସଦର ଥାନା ଇନ୍ସପେକ୍ଟର ଏସ୍. ଦେବତା ଘଟଣାର ଛାନଭିନ କରୁଛନ୍ତି।

## ଗାଡ଼ି ଶୋ' ରୁମ୍‌ରେ ଭୟଙ୍କର ଅଗ୍ନିକାଣ୍ଡ

ବସ୍ତା ବ୍ଲକ, ୩।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଗାନ୍ଧୀ ଛକ ଠାରେ ଥିବା ଏସ୍‌ଆର୍ ଟିଭିଏସ୍ ବାଇକ୍ ଶୋ' ରୁମ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ହୋଇଛି। ଏହି ଅଘଟଣରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ଛାରଖାର୍ ହୋଇ ଯାଇଛି। ଶୁକ୍ରବାର ଅପରାହ୍ଣରେ ମଧ୍ୟାହ୍ନଭୋଜନ ପାଇଁ କାର୍ଯ୍ୟରତ କର୍ମଚାରୀ ୱାର୍କ-ସପ୍ ବନ୍ଦ କରି ଖାଇବାକୁ ଯାଇଥିବା ବେଳେ ଭିତରୁ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। କିଛି ସମୟ ପରେ, କର୍ମଚାରୀମାନେ ୱାର୍କ-ସପ୍ ଖୋଲିବା ବେଳକୁ ଭିତରେ ନିଆଁ ଭୟଙ୍କର ରୂପ ନେଇ ସାରିଥିଲା। କର୍ମଚାରୀମାନେ ପ୍ରଥମେ ବିକ୍ରି ହେବାକୁ ଥିବା ନୂଆ ଗାଡ଼ି ସବୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲେ। ସେତେବେଳକୁ ନିଆଁ ଆଉ ଉଗ୍ରରୂପ ଧାରଣ କରିଥିଲା। ଖବର ପାଇ ବସ୍ତା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚିବା ବେଳକୁ ଶୋ' ରୁମ୍ ଓ ୱାର୍କସପ୍ ଭିତରକୁ ପଶିବା ଅସମ୍ଭବ ହୋଇ ପଡ଼ିଥିଲା। ଭିତରେ କାମ ହେଉଥିବା ଗ୍ରାହକଙ୍କ ଗାଡ଼ି, ପାର୍ଟ୍ସ, ଏସି ସହିତ ସବୁ ସାମଗ୍ରୀ ହୁତୁହୁତୁ ହୋଇ ଜଳୁଥିଲା। ଦମକଳ ବାହିନୀ ଦୀର୍ଘ ୪ଘଣ୍ଟା ଧରି ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲା। ତେବେ, କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା, ତାହା ଜଣାପଡ଼ିନଥିବା ବେଳେ ସର୍ଟସର୍କିଟ୍‌ରୁ ହୋଇଥିବା ଅନୁମାନ କରାଯାଉଛି।

**ଲକ୍ଷାଧିକ ଟଙ୍କାର ସାମଗ୍ରୀ ଓ ଯନ୍ତ୍ରାଂଶ ଭସ୍ମୀଭୂତ**

## ସଦର ଡାକ୍ତରଖାନାରେ ଶିଶୁ ମୃତ୍ୟୁକୁ ନେଇ ଉତ୍ତେଜନା

ସମ୍ବଲପୁର, ୩।୪ (ସମିସ): ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମାତୃ-ଶିଶୁ ୱାର୍ଡରେ ଚିକିତ୍ସା ଅବହେଳାରୁ ଦୁଇ ଦିନର ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଭଳି ସଙ୍ଗୀନ ଅଭିଯୋଗ ହୋଇଛି। ଏହାକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏନେଇ ଟାଉନ୍ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ବେଳେ ସିଡିଏମ୍‌ଓଙ୍କ ପକ୍ଷରୁ ଆଭ୍ୟନ୍ତରୀଣ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ମିଳିଛି। ଅଭିଯୋଗ ଅନୁଯାୟୀ, ସମ୍ବଲପୁର ସାକ୍ଷୀପଡ଼ାର ମହେଶ ବରର୍ତ୍ତିଙ୍କ ପତ୍ନୀ ସୁସ୍ମିତା ବରର୍ତ୍ତି ଗତ ବୁଧବାର ଏପ୍ରିଲ ୧ ତାରିଖ ରାତି ସାଢ଼େ ୮ଟା ବେଳକୁ ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ। ୨୧୦୦ ଗ୍ରାମ ଓଜନର ହୋଇଥିଲା। ଗୁରୁବାର ଦିନ ଟୀକା ଦେଲା ପରେ ଛୁଆ କ୍ଷୀର ପିଇ ଶୋଇଥିଲା। ଦିନ ୧୨ଟା ବେଳୁ ହାକୁଟି ଆରମ୍ଭ ହୋଇ ଛୁଆ କାନ୍ଦୁଥିଲା। ନର୍ସମାନଙ୍କୁ କହିବାରୁ ଏହା ଆପେଆପେ ବନ୍ଦ ହୋଇଯିବ ବୋଲି କହିଥିଲେ। କିନ୍ତୁ ହାକୁଟି ବନ୍ଦ ହେଲାନି ଏବଂ ଛୁଆଟି କ୍ଷୀର ପିଇନଥିଲା। ଆଜି ଭୋର୍ ୪ଟା ବେଳେ ନର୍ସଙ୍କୁ କହିବାରୁ ଡାକ୍ତର ସକାଳ ୯ଟାରେ ଦେଖିବେ ବୋଲି କହିଥିଲେ। ଶିଶୁର ପରିବାର ଲୋକେ ବାରମ୍ବାର ଡାକ୍ତରଙ୍କୁ ଡାକିବା ପାଇଁ ଅନୁରୋଧ କରିଥିଲେ ବି ଭୋର୍ ୪ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ କୌଣସି ଡାକ୍ତର ଦେଖିବାକୁ ଆସିନଥିବା ସେମାନେ ଅଭିଯୋଗ କରିଛନ୍ତି। ଶେଷରେ ଜଣେ ଆଶାକର୍ମୀଙ୍କ ସହାୟତାରେ ଶିଶୁଟିକୁ ଡାକ୍ତରଙ୍କ ପାଖକୁ ନିଆଯାଇଥିଲା। ମାତ୍ର ସେତେବେଳକୁ ଶିଶୁଟିର ମୃତ୍ୟୁ ହୋଇସାରିଥିଲା। ପରିବାର ପକ୍ଷରୁ ସକାଳେ ଡ୍ୟୁଟିରେ ଥିବା ଡାକ୍ତର ଓ ନର୍ସ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। ଏହାକୁ ନେଇ ଡାକ୍ତରଖାନା ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରିବାର ପକ୍ଷରୁ ସମ୍ବଲପୁର ଟାଉନ୍ ଥାନାରେ ଏକ ମାମଲା ରୁଜୁ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଏଫ୍ ୩୫ ଖସାଇଲା...

ଏହି ଧ୍ୱଂସାବଶେଷର ଭିଡ଼ିଓ ସେୟାର କରି କହିଛନ୍ତି ଯେ, ଯଦି ଇରାନ ବୁଝାମଣା ନ କରେ, ତେବେ ଏମିତ ଆହୁରି ଅନେକ ଆକ୍ରମଣ କରାଯିବ। ଆମେରିକା ଦାବି କରିଛି ଯେ ଏହି ବ୍ରିଜ୍ ସାମରିକ ଉପକରଣ ପରିବହନ ପାଇଁ ବ୍ୟବହାର ହେଉଥିଲା। ମାତ୍ର ଇରାନ ଏହାକୁ ବେସାମରିକ ଭିତ୍ତିଭୂମି ଉପରେ ଆକ୍ରମଣ କହି ନିନ୍ଦା କରିଛି। ଏହାର ଜବାବରେ ଇରାନ ଗଲ୍ଫ ସହଯୋଗୀ ଦେଶଗୁଡ଼ିରେ ଥିବା ୮ଟି ରଣନୈତିକ ବ୍ରିଜ୍‌କୁ ଟାର୍ଗେଟ କରିବାକୁ ତାଲିକା ପ୍ରସ୍ତୁତ କରିଛି। ଏହି ତାଲିକାରେ ଦୁବାଇ, କୁଏତ ଓ ଅନ୍ୟାନ୍ୟ ଉପସାଗରୀୟ ଦେଶଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ସଂଯୋଗ ମାର୍ଗ ରହିଥିବା ଜଣାଯାଇଛି।

ଆମେରିକା ନେତୃତ୍ୱରେ ହୋଇଥିବା ସାମ୍ପ୍ରତିକ ଆକ୍ରମଣର ଜବାବରେ ଇରାନ ପକ୍ଷରୁ ଏକ ବଡ଼ ଧରଣର ପାଲଟା ଆକ୍ରମଣ କରାଯାଇଛି। ଇରାନ ଦାବି କରିଛି ଯେ ସେମାନେ ଶତ୍ରୁ ପକ୍ଷର ୭ଟି ପ୍ରମୁଖ ଏୟାରବେସ୍ ଓ ଏକ ବୈଷୟିକ ସୁବିଧା କେନ୍ଦ୍ର ଉପରେ ଆକ୍ରମଣ କରିଛନ୍ତି। ଇରାନ ଏହି ଆକ୍ରମଣକୁ ନିଜର ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣର ଏକ ସିଧାସଳଖ ଜବାବ ବୋଲି କହିଛି। ଇରାନ ଅଧିକାରୀଙ୍କ ଅନୁଯାୟୀ, ଚୟନ କରାଯାଇଥିବା ଲକ୍ଷ୍ୟଗୁଡ଼ିକ ସାମରିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଏହି ଆକ୍ରମଣର ଉଦ୍ଦେଶ୍ୟ ହେଉଛି, ଶତ୍ରୁକୁ ଏକ ଶକ୍ତ ବାର୍ତ୍ତା ଦେବା ଓ ଭବିଷ୍ୟତର ଆକ୍ରମଣକୁ ରୋକିବା। ଗତ ସପ୍ତାହ ମଧ୍ୟରେ ଉଭୟ ପକ୍ଷ ମଧ୍ୟରେ ପାଲଟା ଆକ୍ରମଣ ବୃଦ୍ଧି ପାଇଛି, ଯାହା ମଧ୍ୟପ୍ରାଚ୍ୟରେ ଅସ୍ଥିରତା ସୃଷ୍ଟି କରିଛି। ବର୍ତ୍ତମାନର ଯୁଦ୍ଧ କେବଳ ସୈନ୍ୟବାହିନୀରେ ସୀମିତ ନ ରହି ଶକ୍ତିକେନ୍ଦ୍ର, ପ୍ରଯୁକ୍ତି ବିଦ୍ୟା କେନ୍ଦ୍ର ଏବଂ ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରୁଛି। କ୍ରମାଗତ ଆକ୍ରମଣ ଯୋଗୁଁ ବିଶ୍ୱ ଶକ୍ତି ବଜାର ଏବଂ ଆଞ୍ଚଳିକ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି ଯେ ଏହି ପ୍ରତିଶୋଧ ପରାୟଣ ଚକ୍ର ଯୋଗୁଁ ଯୁଦ୍ଧ ଆହୁରି ବ୍ୟାପକ ରୂପ ଧାରଣ କରିପାରେ।

### ଭାରତ ଆସୁଥିଲା...

ଜାହାଜ ଦିଗ ପରିବର୍ତ୍ତନ କରିଥାଇପାରେ। ଇରାନୀ ବିକ୍ରେତାମାନେ ଏବେ ପୂର୍ବଭଳି ୩୦-୬୦ ଦିନିଆ ଋଣ ବଦଳରେ ତୁରନ୍ତ ଟଙ୍କା ପୈଠ ପାଇଁ ଚାପ ପକାଉଛନ୍ତି। ଇରାନ ଅନ୍ତର୍ଜାତୀୟ ବ୍ୟାଙ୍କିଙ୍ଗ ବ୍ୟବସ୍ଥା 'ସ୍ୱିଫ୍ଟ'ରୁ ବାଦ୍ ପଡ଼ିଥିବା ଟଙ୍କା କାରବାର କରିବା ଭାରତ ପାଇଁ ଏକ ବଡ଼ ଆହ୍ୱାନ ହୋଇଛି। ଯଦି ପୈଠ ଜନିତ ସମସ୍ୟାର ସମାଧାନ ହୁଏ, ତେବେ ଏହି ଜାହାଜ ପୁଣି ଭାରତ ଆସିପାରେ ବୋଲି କୁହାଯାଉଛି।

### ଗାଁରୁ ସହର...

କଥିତ ମଦ କୁଟୀର ଲାଇସେନ୍ସ ପ୍ରଦାନରେ ଏହି ନୀତିକୁ କୋହଳ କରାଯାଇଛି। ଯେଉଁମାନେ ନଈ, ସମୁଦ୍ର, ହ୍ରଦ, ଝରଣା, ପୋଖରୀ କୂଳରେ ଏପରି ମଦ କୁଟୀର ଖୋଲିବାକୁ ଆଗ୍ରହ ଦେଖାଇବେ; ସେମାନଙ୍କୁ ଓଟିଡ଼ିସି ସବୁ ପ୍ରକାର ସହାୟତା ଯୋଗାଇ ଦେବ। ଏପରିକି ପାଣି, ବିଜୁଳି ସଂଯୋଗ ସହ ବର୍ଜ୍ୟ ପରିଚାଳନାରେ ପୂର୍ଣ୍ଣ ସହାୟତା ପ୍ରଦାନ କରିବ ବୋଲି ନୂଆ ନୀତିରେ ଉଲ୍ଲେଖ କରାଯାଇଛି । ମାତ୍ର ଗତବର୍ଷ ବିରୋଧ ହୋଇଥିବାରୁ ପୁରୀ ପୌରାଞ୍ଚଳ ଓ ପୁରୀ ବେଳାଭୂମିରେ ମଦ କୁଟୀର ଖୋଲାଯିବ ନାହିଁ।

### ଥରିଲା ଉତ୍ତର ଭାରତ...

ମିଳିଥିଲା। ଭାରତ ବ୍ୟତୀତ ପାକିସ୍ତାନ ରାଜଧାନୀ ଇସଲାମାବାଦ୍, ପେଶାୱର ଓ ଖାଇବର ପଖତୁନଖ୍ୱା ଅଞ୍ଚଳରେ ମଧ୍ୟ ଭୂକମ୍ପ ଅନୁଭୂତ ହୋଇଛି। ବର୍ତ୍ତମାନ ସୁଦ୍ଧା କୌଣସି ସ୍ଥାନରୁ କ୍ଷୟକ୍ଷତି କିମ୍ବା ଜୀବନହାନିର ସୂଚନା ମିଳିନାହିଁ। ଭୂକମ୍ପର କେନ୍ଦ୍ର ସ୍ଥଳୀ ଆଫଗାନିସ୍ତାନରେ ହୋଇଥିଲେ ମଧ୍ୟ ଏହା ସଠିକ୍ ସ୍ଥାନ ଏବଂ ଗଭୀରତା ସମ୍ପର୍କରେ ଅଧିକ ତଥ୍ୟକୁ ଅପେକ୍ଷା କରାଯାଇଛି।

### କନିଷ୍ଠ ହୋଇଗଲେ...

ପେ' ପ୍ରୋଟେକସନ୍ ଆକ୍ଟ ଅନୁଯାୟୀ, ଚାକିରିରେ ଯୋଗଦେବା ଦିନ ଅନୁସାରେ ବରିଷ୍ଠତା ମିଳିବ। ଅର୍ଥାତ୍ ପୂର୍ବରୁ ଚାକିରିରେ ଯୋଗଦେଇଥିବା ଶିକ୍ଷକ ବରିଷ୍ଠ ଓ ପରେ ଯୋଗଦେଇଥିବା ଶିକ୍ଷକ କନିଷ୍ଠ ହେବେ। ମାତ୍ର ସରକାରଙ୍କ ଦୂରଦୃଷ୍ଟିବିହୀନ ନିଷ୍ପତ୍ତି ଏହି ନିୟମର ଖୋଲା ଉଲଂଘନ କରିଥିବା ଶିକ୍ଷକମାନେ ଅଭିଯୋଗ କରିଛନ୍ତି। ପୂର୍ବବ୍ୟାଚ୍ ଅର୍ଥାତ୍ ୨୦୧୮ ଓ ୨୦୧୯ରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ମଧ୍ୟ ଚାକିରିରେ ଯୋଗଦାନଠାରୁ ନିୟମିତ କରିବାକୁ କନିଷ୍ଠ ଶିକ୍ଷକ ସଂଘ ପକ୍ଷରୁ ଦାବି କରାଯାଇଛି। ଅପରପକ୍ଷରେ ସରକାରଙ୍କ ଏହି ନିଷ୍ପତ୍ତିରେ ଶିକାର ହୋଇଥିବା ଶିକ୍ଷକଶିକ୍ଷୟତ୍ରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ପ୍ରସ୍ତୁତି ଆରମ୍ଭ କରିଛନ୍ତି।

### ଡବଲ ଇଞ୍ଜିନରେ...

ସମ୍ମିଳନୀରେ ଯେ କୌଣସି ମୁହୂର୍ତ୍ତରେ ପୂର୍ଣ୍ଣାଙ୍ଗ ଜୋନ୍ ଗଠନ ବିଜ୍ଞପ୍ତି ପ୍ରକାଶ ପାଇପାରେ ବୋଲି ଘୋଷଣା କରିଛନ୍ତି। ମାତ୍ର ୱାଲଟିୟର ଡ଼ିଭିଜନକୁ ପ୍ରତ୍ୟାହାର କରି ପୂର୍ବରୁ ଓଡ଼ିଶାକୁ ରାୟଗଡ଼ା ଡ଼ିଭିଜନ ଲଲିପପ୍ ଧରାଇଥିବା ରେଳ ମନ୍ତ୍ରଣାଳୟ ଏବେ ପୂର୍ବତଟ ରେଳବାଇ ଅଧୀନସ୍ଥ ପଲାସା-ଇଚ୍ଛାପୁରମ୍ ସେକ୍ସନକୁ ପ୍ରସ୍ତାବିତ ଦକ୍ଷିଣତଟ ରେଳବାଇରେ ସାମିଲ କରିବାକୁ ନିଷ୍ପତ୍ତି ନେଇଛି। ବିଡ଼ମ୍ବନା ହେଉଛି ଓଡ଼ିଶାରୁ ରାଜ୍ୟସଭାକୁ ନିର୍ବାଚିତ ଅଶ୍ୱିନୀ ବୈଷ୍ଣବ କେନ୍ଦ୍ରରେ ରେଳବାଇ ମନ୍ତ୍ରୀ ଅଛନ୍ତି; ବିଜେପିର ୨୦ ସାଂସଦ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି । ମାତ୍ର ଏହି ପ୍ରସଙ୍ଗରେ ଓଡ଼ିଶାର ବିଜେପି ସାଂସଦ, ରାଜ୍ୟ ବିଜେପି ସରକାର ତୁଣ୍ଡ ଖୋଲୁନାହାନ୍ତି। ସାରା ଦେଶରେ ରେଳବାଇର ୧୭ ଡ଼ିଭିଜନ ମଧ୍ୟରୁ ମାତ୍ର ୧୦ଟି ଡ଼ିଭିଜନ ଲାଭରେ ଚାଲୁଛି ଓ ଏହା ମଧ୍ୟରୁ ସର୍ବାଧିକ ଲାଭ ଦେଉଛି ପୂର୍ବତଟ ରେଳବାଇ। ଅନ୍ୟ ଡ଼ିଭିଜନରେ ୧୦୦ ଟଙ୍କା ଆୟ ନିମନ୍ତେ ରେଳବାଇକୁ ୧୦୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବାବେଳେ ପୂର୍ବତଟ ରେଳବାଇରେ ୧୦୦ ଟଙ୍କା ଆୟ ପାଇଁ ରେଳବାଇକୁ ମାତ୍ର ୪୭ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ୧୯୯୮ରେ ଗଠନ ହୋଇଥିବା ପୂର୍ବତଟ ରେଳବାଇ ଇତିମଧ୍ୟରେ ରେଳ ବିଭାଗକୁ ୩ ଲକ୍ଷ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରାଜସ୍ୱ ଦେଇଛି ଏବଂ ଏହାର ୬୦ ପ୍ରତିଶତ ୱାଲଟିୟର ଡ଼ିଭିଜନରୁ ଆସିଛି। ଆନ୍ଧ୍ରପ୍ରଦେଶର ବିଭାଜନ ସମୟରେ ନୂଆ ରାଜ୍ୟକୁ ନୂଆ ରେଳ ଜୋନ୍ ପ୍ରଦାନ କରାଯିବ ବୋଲି ସର୍ତ୍ତ ରଖାଯାଇଥିଲା। ମାତ୍ର ପୁରୁଣା ଜୋନ୍‌କୁ ଭାଙ୍ଗି ନୂଆ ଜୋନ୍ ଗଠନ ସମ୍ପର୍କରେ କୌଣସିଠାରେ ଉଲ୍ଲେଖ କରାଯାଇ ନ ଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପୂର୍ବତଟ ରେଳବାଇକୁ ଭଙ୍ଗା ଗଲେ ଓଡ଼ିଶା ଯେ ବିପୁଳ କ୍ଷତିଗ୍ରସ୍ତ ହେବ, ସେ ସମ୍ପର୍କରେ ଜାଣି ସୁଦ୍ଧା ଏପରି ନିଷ୍ପତ୍ତି ନିଆଗଲା। ୱାଲଟିୟର ଡ଼ିଭିଜନ ଭାଙ୍ଗି ଏହାର ସିଂହ ଭାଗ ଆନ୍ଧ୍ରପ୍ରଦେଶରେ ମୁଖ୍ୟାଳୟ ଥିବା ଦକ୍ଷିଣ ତଟ ରେଳବାଇରେ ସାମିଲ କରାଯିବା ଦ୍ୱାରା ରାୟଗଡ଼ା ଡ଼ିଭିଜନ ଭାଗରେ ମାତ୍ର ଅଳ୍ପ କିଛି ଅଞ୍ଚଳ ରହିବ। ତେଣୁ କେନ୍ଦ୍ରରେ ଏନ୍‌ଡ଼ିଏ ମେଣ୍ଟ ସହଯୋଗୀ ଚନ୍ଦ୍ରବାବୁଙ୍କୁ ଖୁସି କରିବା ପାଇଁ ଓଡ଼ିଶାର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଇଛି ଓ ୱାଲଟିୟର ଡ଼ିଭିଜନକୁ ଦକ୍ଷିଣତଟ ରେଳବାଇରେ ସାମିଲ କରାଯାଇଛି ବୋଲି ଅଭିଯୋଗ ହୋଇଛି। ଏବେ ପୁଣି ଖୋର୍ଦ୍ଧାରୋଡ଼ ଡ଼ିଭିଜନରୁ ପଲାସା ଓ ଇଚ୍ଛାପୁରମ୍ ସେକ୍ସନକୁ ଦକ୍ଷିଣତଟକୁ ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି।

ଅନ୍ୟପକ୍ଷରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଟି ଏହାମଧ୍ୟରେ ଲୁଚି ଯାଇଛି ତାହା ହେଉଛି ପୂର୍ବତଟ ରେଳବାଇର ସଂକୋଚନ। ପୂର୍ବତଟ ରେଳବାଇରେ ୨୩୨୧ କିଲୋମିଟର ରେଳପଥ ରଖାଯିବାକୁ ଯୋଜନା ରହିଥିବାବେଳେ ନବଗଠିତ ଦକ୍ଷିଣତଟ ରେଳବାଇରେ ୱାଲଟିୟର ଡ଼ିଭିଜନ ସହ ମୋଟ ୩୪୯୬ କିଲୋମିଟର ରେଳପଥ ରହିବ । ସେହିପରି ରାଜସ୍ୱ ସଂଗ୍ରହର ପ୍ରମୁଖ ଉତ୍ସ କୁହାଯାଉଥିବା ଭାଇଜାଗ ଷ୍ଟିଲ, ଭାଇଜାଗ ବନ୍ଦର, ଗଙ୍ଗାଭରମ୍ ପୋର୍ଟ ଅଞ୍ଚଳ ଦକ୍ଷିଣତଟ ରେଳବାଇକୁ ଚାଲଯିବ ଏବଂ ଏହାଦ୍ୱାରା ପୂର୍ବତଟ ରେଳବାଇ ବର୍ଷକୁ ଅନ୍ୟୂନ ୬ ହଜାର କୋଟି ଟଙ୍କା ରାଜସ୍ୱ କ୍ଷତିର ସମ୍ମୁଖୀନ ହେବ । ଦକ୍ଷିଣ ପୂର୍ବ ରେଳବାଇରେ ଓଡ଼ିଶାର ବେଲପାହାଡ-ବ୍ରଜରାଜନଗର, ବାଂଶପାଣି-ବଡ଼ବିଲ, ରାଣୀତାଲ-ରୁପ୍‌ସା-ବାଙ୍ଗିରିପୋଷି, ଜରେଇକେଲା-ବନ୍ଧମୁଣ୍ଡା-ରାଉରକେଲା-ଝାରସୁଗୁଡ଼ା ଅଞ୍ଚଳରୁ ବିପୁଳ ରାଜସ୍ୱ ସଂଗ୍ରହ କରୁଥିଲେ ହେଁ ଏହାଦ୍ୱାରା ଓଡ଼ିଶା ଉପକୃତ ହୋଇ ପାରୁ ନ ଥିଲା ଏବଂ ଏହି କ୍ଷତିର ଭରଣା ୱାଲଟିୟର ଡ଼ିଭିଜନରୁ ହେଉଥିଲା। ମାତ୍ର ୱାଲଟିୟର ଡ଼ିଭିଜନ ଆନ୍ଧ୍ର ପ୍ରଦେଶର ଦକ୍ଷିଣ ତଟ ରେଳବାଇରେ ସାମିଲ କରାଯାଇଥିବାବେଳେ ଉପରୋକ୍ତ ଅଞ୍ଚଳଗୁଡ଼ିକୁ ନେଇ ରାଉରକେଲାରେ ନୂତନ ଡ଼ିଭିଜନ ସ୍ଥାପନ ଦାବିକୁ କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଓଡ଼ିଶା ଦୋହରା କ୍ଷତିର ସମ୍ମୁଖୀନ ହୋଇଛି । ରାଉରକେଲା ଓ ଯାଜପୁର ରୋଡ଼ରେ ନୂଆ ଡ଼ିଭିଜନ ସ୍ଥାପନ ସଂକ୍ରାନ୍ତ ଓଡ଼ିଶାର ଦାବି ଏବେ ବି କେନ୍ଦ୍ର ସରକାରଙ୍କ ଶୀତଳଭଣ୍ଡାରରେ ପଡ଼ି ରହିଛି । କେନ୍ଦ୍ର ସରକାରଙ୍କ ଏହି ପକ୍ଷପାତ ପଦକ୍ଷେପକୁ ବିଜେଡି ବିରୋଧ କରି ଆସିଛି । କେନ୍ଦ୍ରରେ ବିଜେପି ସରକାର ପ୍ରତ୍ୟେକ କ୍ଷେତ୍ରରେ ଓଡ଼ିଶାର ସ୍ୱାର୍ଥକୁ ଉପେକ୍ଷା କରି ଚାଲିଛି। ଡ଼ବଲ ଇଞ୍ଜିନ୍ ସରକାରରେ ଓଡ଼ିଶାକୁ ଡ଼ବଲ ଲାଭ ପ୍ରତିଶ୍ରୁତି ଏବେ ପ୍ରତାରଣାରେ ପରିଣତ ହୋଇଛି। ଯଦି ୱାଲଟିୟର ଡ଼ିଭିଜନ, ପଲାସା-ଇଚ୍ଛାପୁରମ୍ ସେକ୍ସନ ପୂର୍ବତଟ ରେଳବାଇରୁ ପ୍ରତ୍ୟାହାର କରାଯାଉଛି, ତେବେ ଚକ୍ରଧରପୁର ଓ ଖଡ଼ଗପୁର ଡିଭିଜନରେ ଥିବା ଓଡ଼ିଶାର ଲାଇନ ପୂର୍ବତଟ ରେଳବାଇକୁ କାହିଁକି ପ୍ରଦାନ କରାଯାଉ ନାହିଁ ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ।

### "ଓଡ଼ିଶାର ଗୋଟିଏ...

କିରାଣ୍ଡୁଲ (ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶର ଅଞ୍ଚଳ ସମେତ) ରାୟଗଡା ଡିଭିଜନ୍ ଅଧୀନରେ ଅଛି। ତେଣୁ ପୂର୍ବ ତଟ ରେଳପଥ ଭୁବନେଶ୍ୱର ପାଇଁ କୌଣସି ରାଜସ୍ୱ କ୍ଷତି ହୋଇନାହିଁ। ଏହାବାଦ୍ ପଲାସା-ଇଚ୍ଛାପୁରମ ସେକ୍ସନରେ କୌଣସି ପ୍ରମୁଖ ଉତ୍ପନ୍ନ ମାଲ ପରିବହନ ଷ୍ଟେସନ ନାହିଁ। ତେଣୁ ପଲାସା-ଇଚ୍ଛାପୁରମ୍ ସେକ୍ସନ୍ ପ୍ରସ୍ତାବିତ ଦକ୍ଷିଣ-ପୂର୍ବ ରେଳପଥ ଜୋନ୍‌ର ବିଶାଖାପାଟଣା ଡିଭିଜନ୍‌ରେ ସାମିଲ ହେଲେ ପୂର୍ବତଟ ରେଳପଥ ପାଇଁ କୌଣସି ରାଜସ୍ୱ କ୍ଷତି ହେଉ ନ ଥିବା ରେଳ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

● ରାଜଧାନୀରେ ଘୁଙ୍ଘୁର ମିଶ୍ରଙ୍କୁ ଦୁଷ୍କର୍ମ ପ୍ରସଙ୍ଗ

## ପୀଡ଼ିତାଙ୍କୁ ନ୍ୟାୟ ଦେବା ବଦଳରେ ଶୋଷଣ କରିଛି ପୁଲିସ୍

ଭୁବନେଶ୍ୱର,୩।୪(ସମିସ): ରାଜଧାନୀ ଭୁବନେଶ୍ୱରରେ ୨୦୨୫ ଜୁନ୍ ମାସରେ ଘୁଙ୍ଘୁର ମିଶ୍ର ନାମକ ଜଣେ ମହିଳାଙ୍କ ସହିତ ଦୁଷ୍କର୍ମ ହେବା ଓ ଏହି ଘଟଣାକୁ ବର୍ଷେ ପୂରିବାକୁ ଯାଉଥିବା ବେଳେ ପୀଡ଼ିତାଙ୍କୁ ଏଯାଏଁ ମିଳିପାରି ନାହିଁ। ବାରମ୍ବାର ପୁଲିସ୍ ଦ୍ୱାରସ୍ଥ ହୋଇ ନିରାଶ ହୋଇଥିବା ପୀଡ଼ିତା ଜଣଙ୍କୁ ପୁଲିସ ନ୍ୟାୟ ଦେବା ବଦଳରେ ତାଙ୍କୁ ଶୋଷଣ କରିଛି ବୋଲି ବିଜେଡି ଅଭିଯୋଗ କରିବା ସହ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛି। ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ରଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ଓ ବିଜୁ ଯୁବ ଜନତା ଦଳର ମହାସଚିବ ସୋଫିଆ ଆଲାମ ଏହି ଘଟଣାକୁ ନେଇ ରାଜ୍ୟ ସରକାର ଓ ଆଇନଶୃଙ୍ଖଳା ବ୍ୟବସ୍ଥାକୁ କଠୋର ସମାଲୋଚନା କରିଛନ୍ତି।



ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ କହିଥିଲେ, ୨୦୨୫ ମସିହାରେ ଦୁଷ୍କର୍ମର ଶିକାର ହୋଇଥିବା ଘୁଙ୍ଘୁର ମିଶ୍ରଙ୍କ ପାଖରୁ ଭରତପୁର ଥାନାର ଏସ୍‌ଆଇ ପାର୍ଥସାରଥୀ ସ୍ୱାଇଁ, ଗଙ୍ଗାଧର ରାହୁଲ, କନଷ୍ଟେବଲ ସର୍ବେଶ୍ୱର ଦାସ ଓ ଆର ସତୀଶ ରାଓ ତଦନ୍ତ ଆଳରେ ତାଙ୍କ ଠାରୁ ଟଙ୍କା ନେବା ସହ ଆସାମୀକୁ ଧରିବା ବାହାନରେ ବିମାନ ଯାତ୍ରା କରିବା ପାଇଁ ଟିକେଟ ନେଇଥିଲେ। ରାତି ଅଧରେ ବିଭିନ୍ନ ଆଳ ଦେଖାଇ ତାଙ୍କୁ ନେଗେଟିଭ ଫେବର ମାଗିଥିଲେ। ଏ ସମସ୍ତ ଘଟଣାରୁ ଜଣାପଡୁଛି ପୁଲିସ୍ ପୀଡ଼ିତାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ଶୋଷଣ କରିବା ପାଇଁ ସବୁ ପ୍ରକାର ପଦକ୍ଷେପ ନେଇଛି। ପୁଲିସ୍ ପାଖରୁ ନିରାଶ ହେବା ପରେ ପୀଡ଼ିତା ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠକୁ ଯାଇ ଗୁହାରି କରିଥିଲେ ମଧ୍ୟ ତାଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ। ଏହି ଘଟଣାରେ ପୁଲିସ୍ ଡିଜି ଅବଗତ ଅଛନ୍ତି କି ନାହିଁ, ସେନେଇ ସନ୍ଦେହ ସୃଷ୍ଟି ହୋଇଛି। ଶେଷରେ ବାଧ ହୋଇ ଘୁଙ୍ଘୁର ମିଶ୍ର ଗଣମାଧ୍ୟମ ସମ୍ମୁଖରେ ନିର୍ଯାତନାର କାହାଣୀ ବଖାଣିଥିଲେ। ଗଣମାଧ୍ୟମରେ ମୁହଁ ଖୋଲିବା ପରେ ତାଙ୍କୁ ଅଜଣା ନମ୍ବରରୁ ହତ୍ୟା ଧମକ ମିଳୁଛି। ପୀଡ଼ିତାଙ୍କୁ ୨୪ ଘଣ୍ଟିଆ ସୁରକ୍ଷା ଦେବା ସହ ଏହି ଘଟଣାରେ ସମ୍ପୃକ୍ତ ପୁଲିସ୍ ଅଧିକାରୀ ମାନଙ୍କୁ ଚାକିରିରୁ ବହିଷ୍କୃତ କରିବା ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ତୁରନ୍ତ ଗିରଫ କରାଯାଉ ବୋଲି ବିଜେଡି ଦାବି କରିଛି। ପୀଡ଼ିତାଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଏ ଲଢ଼େଇ ଜାରି ରଖିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

- ■ ଦୁଷ୍କର୍ମ ପୀଡ଼ିତା ଘୁଙ୍ଘୁର ମିଶ୍ରଙ୍କୁ ନ୍ୟାୟ ଦେବାରେ ସରକାର ବିଫଳ
- ■ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜଣାଇ ମଧ୍ୟ ନ୍ୟାୟ ମିଳିଲାନି
- ■ ପୀଡ଼ିତାଙ୍କୁ ଟଙ୍କା ଓ ନେଗେଟିଭ୍ ଫେବର ମାଗୁଛି ପୁଲିସ୍

## କାଳବୈଶାଖୀ ଭାଙ୍ଗିଦେଲା ୪୧ ଘର

ବାରିପଦା, ୩।୪ (ସମିସ): ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ କାଳବୈଶାଖୀ ବ୍ୟାପକ କ୍ଷୟକ୍ଷତି କରିଛି। ବର୍ଷା-ପବନରେ ୪୧ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ବେଳେ ବଜ୍ରପାତରେ ୪ ଗୃହପାଳିତ ପଶୁଙ୍କ ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ଗୁରୁବାର ରାତିରେ କାଳବୈଶାଖୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ତାଣ୍ଡବ ରଚିଥିଲା। ଏଥିଯୋଗୁଁ ଜିଲ୍ଲାର ଶାମାଖୁଣ୍ଟା, ବାରିପଦା ଓ ବିଜାତଳା ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ୩ଟି ବ୍ଲକ୍‌ର ୯ଟି ଗ୍ରାମର ଲୋକେ କାଳବୈଶାଖୀ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ଶାମାଖୁଣ୍ଟା ବ୍ଲକ୍‌ର ଖାଣ୍ଡିଆ, ଭାଲକୀ ଓ ବାଲିଡିହା ପଂଚାୟତର ୪ଟି ଗ୍ରାମରେ ବିଶେଷ କ୍ଷୟକ୍ଷତି ଘଟିଛି। ପ୍ରବଳ ବେଗରେ ପବନ ଯୋଗୁଁ ବଡ଼ବଡ଼ ଗଛ ଭାଙ୍ଗିପଡ଼ିଥିବା ବେଳେ ବିଦ୍ୟୁତ୍ ଖୁଣ୍ଟ ଓଲଟି ପଡ଼ିଛି। ବହୁ ଲୋକଙ୍କ ଘରଛପର ଉଡ଼ିଯିବା ସହ କାନ୍ଥ ପଡ଼ି ଯାଇଛି। ସେହିପରି, କାଳବୈଶାଖୀ ଜନିତ ବଜ୍ରପାତରେ ୪ଟି ଛେଳିର ମୃତ୍ୟୁ ଘଟିଛି। ଶୁକ୍ରବାର ସକାଳେ ଜିଲ୍ଲା ଓ ବ୍ଲକ୍ ପ୍ରଶାସନ ପକ୍ଷରୁ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ବିପନ୍ନ ପରିବାରକୁ ସହାୟତା ଯୋଗାଉ ଦେଇଛନ୍ତି।

**ବଜ୍ରପାତରେ ୪ ଛେଳି ମୃତ**

## ରାମଦୋଳିରୁ ପଡ଼ି ଯୁବକ ମୃତ

ନବରଙ୍ଗପୁର, ୩।୪ (ସମିସ): ଗୁରୁବାର ନବରଙ୍ଗପୁର ଜିଲ୍ଲା ରାଇଘର କଳସୀ ମଣ୍ଡେଇରେ ଏକ ଅଘଟଣ ଘଟିଛି। ମଣ୍ଡେଇ ପଡ଼ିଆରେ ଚାଲିଥିବା ମେଳାରେ ଲାଗିଥିବା ରାମଦୋଳିରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କାନାହାଣ୍ଡି ଗ୍ରାମର ଦୀପକ ଗଣ୍ଡ (୨୨)। ଗୁରୁବାର ରାତିରେ ଉକ୍ତ ରାମଦୋଳି ଉପରୁ ଖସି ପଡ଼ି ଶ୍ରୀ ଗଣ୍ଡ ଗୁରୁତର ହୋଇଥିଲେ। ପୁଲିସ ତାଙ୍କୁ ଉଦ୍ଧାର କରି ରାଇଘର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲା। କିନ୍ତୁ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଜଣାଯାଇଛି। ଯୁବକଜଣଙ୍କ ନିଶାସକ୍ତ ଅବସ୍ଥାରେ ଥିବା ବେଳେ ଦୋଳି ଉପରୁ ଖସି ପଡ଼ିଥିବା କୁହାଯାଉଛି।


**AFFIDAVIT**

By virtue of an affidavit sworn before Executive Magistrate, Rajnagar, dated 30/03/2026, I, Niranjan Das, Address: At- Hariharpur, PO- Gopalpur, PS- Rajnagar, Dist- Kendrapara, Pin-754225, Odisha declare that I have changed my name from Anil Kumar Nayak to Niranjan Das. Henceforth, I shall be known as Niranjan Das for all purposes.

*Niranjan Das*

## ରାଜପୁର-ବଲଙ୍ଗିବାହାଲ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ

# ରାସ୍ତା ଅବରୋଧ କରି ଅଞ୍ଚଳବାସୀଙ୍କ ଧାରଣା

ଝାରସୁଗୁଡା/ବ୍ରଜରାଜନଗର,୩।୪(ସମିସ)

ଝାରସୁଗୁଡା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ ଗାନ୍ଧିଛକର ରାଜପୁର ଦେଇ ବଲଙ୍ଗିବାହାଲ ରାସ୍ତାରେ ଭାରିଯାନ ଚଳାଚଳକୁ ବିରୋଧ କରି ଶୁକ୍ରବାର ଅଞ୍ଚଳବାସୀ ରାଜପୁରଠାରେ ରାସ୍ତା ଅବରୋଧ କରିବା ସହ ଗଣଧାରଣା ଦେଇଥିଲେ। ରାଜପୁର ଗ୍ରାମ ମଧ୍ୟଦେଇ ଅନେକ ବାଲି ବୋଝେଇ ଟ୍ରକ୍ ଓ କୋଇଲା ଗାଡ଼ିର ଅହରହ ଚଳାଚଳ ଏବେ ଗ୍ରାମବାସୀ ସମେତ ଏହି ରାସ୍ତାରେ ଗମନାଗମନ କରୁଥିବା ଜନସାଧାରଣଙ୍କ ପାଇଁ କାଳ ସାଜିଛି। ଏହି ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ କରିବା ଏବଂ ଏକ ନୂତନ ବିକଳ୍ପ ରାସ୍ତା ନିର୍ମାଣ ପାଇଁ ଝାରସୁଗୁଡା ଜିଲ୍ଲାପାଳଙ୍କୁ ପୂର୍ବରୁ ସରପଞ୍ଚ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ତରଫରୁ ଅନେକ ଥର ଦାବିପତ୍ର ପ୍ରଦାନ କରାଯାଇଥିଲା। ଗତ ଫେବୃଆରୀ ୧୮ ଏବଂ ମାର୍ଚ୍ଚ ୨୪ ତାରିଖରେ ଏନେଇ ଲିଖିତ ଭାବରେ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଥିଲା। ଅଭିଯୋଗ ପରେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବାରୁ ଆଜି ରାଜପୁର ଠାରେ ରାଜପୁର ସରପଞ୍ଚଙ୍କ ନେତୃତ୍ୱରେ ହଜାର ହଜାର ଜନସାଧାରଣ ଏକତ୍ରିତ ହୋଇ ରାସ୍ତାକୁ ଅବରୋଧ କରିବା ସହିତ ଗଣଧାରଣା ଦେଇଥିଲେ। ଭାରିଯାନ ଚଳାଚଳ ଦିନ ୮ଟା ରୁ ୧୨ଟା ଓ ସନ୍ଧ୍ୟା



୪ଟାରୁ ରାତିର ୮ଟା ପର୍ଯ୍ୟନ୍ତ ବନ୍ଦ କରାଯିବାକୁ ଦାବି କରାଯାଇଥିଲା। ଏହା ଫଳରେ ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡି ଅଟକି ରହିଥିଲା। ଗାନ୍ଧିଛକରୁ ସୁନ୍ଦରଗଡ ଅଞ୍ଚଳକୁ ୩ ଘଣ୍ଟା ଧରି ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଥିଲା। ଏହାକୁ ନେଇ ଜିଲ୍ଲା ପ୍ରଶାସନ ତରଫରୁ ଝାରସୁଗୁଡା ତହସିଲଦାର ସଦାକର କୁମ୍ଭାର ଓ ଗାନ୍ଧିଛକ ଫାଣ୍ଡି ଅଧିକାରୀ ମଦନମୋହନ ନାୟକ ଅନ୍ଦୋଳନ ସ୍ଥଳରେ ପହଞ୍ଚି ବୁଝାସୁଝା କରିବା ସହିତ ସମାଧାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ରାଜପୁର ଗ୍ରାମକୁ ବାଇପାସ୍ ରାସ୍ତା କରିବା ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତାର ଡିପିଆର୍ ପ୍ରସ୍ତୁତି କରାଯାଇଛି। ୧୦ କିମି ବେଗରେ ଗ୍ରାମ ମଝିରେ ଗାଡିସବୁ ଯିବାଆସିବା କରିବା ଓ ବିଭିନ୍ନ ସ୍ଥାନରେ ବ୍ରେକର ଏବଂ କ୍ୟାମେରା ବ୍ୟବସ୍ଥା କରାଯିବା ନେଇ ପ୍ରତିଶ୍ରୁତି ଦିଆଯାଇଛି। ଜିଲ୍ଲାପାଳଙ୍କ ସହ କଥାହୋଇ ଅତିଶୀଘ୍ର ରାଜପୁର ରେଲୱେରେ ବନ୍ଦ ଥିବା ଲାଇଟକୁ ଚାଲୁ କରିବାକୁ ତହସିଲଦାର ପ୍ରତିଶୃତି ଦେବା ପରେ ଲୋକେ ଧାରଣାରୁ ହଟିଥିଲେ। ଏହାପରେ ଝାରସୁଗୁଡା ତହସିଲଦାରଙ୍କ ଅଧ୍ୟକ୍ଷତାରେ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପରୋକ୍ତ ବିଷୟରେ ଆଲୋଚନା କରାଯାଇ ଅତିଶୀଘ୍ର କାର୍ଯ୍ୟାନୁଷ୍ଠାନ ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ଉକ୍ତ ବୈଠକରେ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି

**ଗାନ୍ଧିଛକରୁ ସୁନ୍ଦରଗଡ଼କୁ ୩ ଘଣ୍ଟା ଯାତାୟାତ ଠପ୍**

ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ, ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, ଗାନ୍ଧିଛକ ଫାଣ୍ଡି ଅଧିକାରି ମଦନ ମୋହନ ନାୟକ, ପୂର୍ବତନ ସମିତିସଭ୍ୟ ଗଣେଶରାମ ବାଗ ପ୍ରମୁଖ ଉପସ୍ଥିତ ରହିଥିଲେ। ରାସ୍ତାରୋକ ଅନ୍ଦୋଳନରେ ରାଜପୁର ସରପଞ୍ଚ ସରସ୍ୱତୀ ନାୟକ, କୌଶଲ୍ୟା ଦେହୁରୀ, ୱାର୍ଡମେମ୍ବର ବାସନ୍ତୀ ସେଠ୍, ଭଗବତୀ ମାଝୀ, ମମତା ମେହେର, ଲତିକା ମାଝୀ, ଜେମା ମଲ୍ଲିକ, ଗ୍ରାମର ଦ୍ରୁପତି ପ୍ରଧାନ, ଦିବ୍ୟ କିଶାନ, ମେଘନଥ ପ୍ରଧାନ, ଗ୍ରାମର ମହିଳା ଓ ଭଦ୍ର ବ୍ୟକ୍ତି ଉପସ୍ଥିତ ଥିଲେ।

## ଶିବପ୍ରିୟା ମିଶ୍ରଙ୍କୁ ପ୍ରେମ ପୃଥିବୀ ଗଳ୍ପ ସମ୍ମାନ



ବ୍ରଜରାଜନଗର,୩।୪(ସମିସ): ଜିଲ୍ଲା ବ୍ରଜରାଜନଗର ଅଞ୍ଚଳ ଗାଳ୍ପିକା, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟା ତଥା ପୂର୍ବତନ ଶିକ୍ଷୟିତ୍ରୀ ଡ.ଶିବପ୍ରିୟା ମିଶ୍ରଙ୍କୁ 'ପ୍ରେମ ପୃଥିବୀ ଗଳ୍ପ ସମ୍ମାନ'ରେ ସମ୍ମାନିତ କରାଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପ୍ରେମ ହିଁ ଜୀବନ, ପ୍ରେମ ହିଁ ପ୍ରାର୍ଥନାର ପ୍ରଥମ ଶବ୍ଦ ବୋଲି ମତ ପ୍ରକାଶ ପାଇଥିଲା। ଭଦ୍ରକର ପ୍ରେମନଗର ପରିସରରେ 'ପ୍ରେମ ପୃଥିବୀ'ର ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ସାରସ୍ୱତ ସମ୍ମାନ ସମାରୋହ 'ପ୍ରେମ ପୃଥିବୀ' ପତ୍ରିକାର ସମ୍ପାଦକ କୈଳାସ ଚନ୍ଦ୍ର ପଣ୍ଡାଙ୍କ ଉଦ୍ୟମରେ ତଥା କଥାକାର ପବିତ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ପରିଚାଳିତ ହୋଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଡ.ଫନୀ ମହାନ୍ତି, ସମ୍ମାନିତ ଅତିଥି ଭାବେ ଡ.କବିତା ବାରିକ, ବିକାଶ ଚନ୍ଦ୍ର ଦାଶ, ଇଂ.ଯାମିନୀ କାନ୍ତ ଦାସ, ନିରାକାର ଦାସ, ଶିବପ୍ରିୟା ମିଶ୍ର, କିଶୋର ମିଶ୍ର, ପ୍ରଫୁଲ୍ଲ ଚକ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଖ୍ୟାତ ଗାଳ୍ପିକ ଅଚ୍ୟୁତାନନ୍ଦ ପତିଙ୍କୁ ପରମ ପ୍ରେମମୟ ପୁରୁଷ, ଡ.ଫନୀ ମହାନ୍ତିଙ୍କୁ ପ୍ରେମ ପୁରୁଷ, ଡ.କବିତା ବାରିକଙ୍କୁ ପ୍ରେମ ପ୍ରକୃତି ସମ୍ମାନ, ଡ.ପ୍ରଭାସ ଆଚାର୍ଯ୍ୟ ଓ ତାଙ୍କ ପତ୍ନୀ ପ୍ରଶିଖା ଆଚାର୍ଯ୍ୟଙ୍କୁ ସୁଖୀ ଦମ୍ପତି ସମ୍ମାନ, ଗାଳ୍ପିକା ଶିବପ୍ରିୟା ମିଶ୍ରଙ୍କୁ ପ୍ରେମ ପୃଥିବୀ ଗଳ୍ପ ସମ୍ମାନ, କିଶୋର ମିଶ୍ର ଓ ପ୍ରଫୁଲ୍ଲ ଚକ୍ରଙ୍କୁ ପ୍ରେମ ପୃଥିବୀ କବିତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏ ବର୍ଷ ଦୁଇ ଜଣ ଯୁବ କବି ଦେବଦତ୍ତ ମିଶ୍ର ଏବଂ ଶୁଭଶ୍ରୀ ମହାରଣାଙ୍କୁ ଯୁବ ପ୍ରତିଭା କବିତା ସମ୍ମାନ ଦିଆଯାଇଥିଲା। କବି ଅଶୋକ ପୁହାଣଙ୍କ ଅଧ୍ୟକ୍ଷତା ତଥା ସଂଯୁକ୍ତା ବଳଙ୍କ ସଂଯୋଜନାରେ ଆୟୋଜିତ ରାଜ୍ୟସ୍ତରୀୟ କବିତା ଆସରରେ ବହୁ ନିମନ୍ତ୍ରିତ କବି ଓ କବୟିତ୍ରୀ ଉପସ୍ଥିତ ଥିଲେ। ଚଇତାଳି ଖିଲାର ଧନ୍ୟବାଦ ଅର୍ପଣ କରିଥିଲେ।

## ଜେସିଆଇ ଝାରସୁଗୁଡା ଆଚିଭର୍ସ ପକ୍ଷରୁ କବିତା ଓ ଚିତ୍ରାଙ୍କନ ପ୍ରତିଯୋଗିତା

ଝାରସୁଗୁଡା,୩।୪(ସମିସ): ଉତ୍କଳ ଦିବସ ଅବସରରେ ଜେସିଆଇ ଝାରସୁଗୁଡା ଆଚିଭର୍ସ ପକ୍ଷରୁ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଅନଲାଇନ କବିତା ପ୍ରତିଯୋଗିତା ଏବଂ ଝାରସୁଗୁଡା ବାଳିକା ବିଦ୍ୟାଳୟଠାରେ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୩୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସମସ୍ତ ପ୍ରତିଯୋଗୀ ଉତ୍କଳର ସଂସ୍କୃତି ଏବଂ ନିଜ ରଚନାତ୍ମକ ସୃଜନଶୀଳତାକୁ ପ୍ରଦର୍ଶନ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ପ୍ରିନ୍ସିପାଲ, ଜେସିଆଇ ଝାରସୁଗୁଡା ଏଚିଭର୍ସର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।




## ପଣ୍ଡିତ ଦୀନ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର



ଝାରସୁଗୁଡା,୩।୪(ସମିସ): ଝାରସୁଗୁଡା ବିଟିଏମ୍ ସ୍ଥିତ ବିଜେପି କାର୍ଯ୍ୟାଳୟରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହାଅଭିଯାନ ଅନ୍ତର୍ଗତ ମଣ୍ଡଳ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ ଅଂଶଗ୍ରହଣ କରି ପଣ୍ଡିତଜୀଙ୍କ ଆଦର୍ଶ, ଏକାତ୍ମ ମାନବବାଦ ଓ ସମାଜସେବାର ମୂଲ୍ୟବୋଧ ଆଜି ଆମକୁ ପ୍ରେରଣା ଯୋଗାଉଛି ଏବଂ ଏପରି ପ୍ରଶିକ୍ଷଣ ଶିବିର ସଂଗଠନକୁ ସୁଦୃଢ଼ କରିବା ସହ ନେତୃତ୍ୱ କ୍ଷମତା ବିକାଶରେ ମୂଲ୍ୟବାନ ଭୂମିକା ନିଭାଇବ ବୋଲି କହିଥିଲେ। ଏଥିସହ ସମାଜର ସମଗ୍ର ଉନ୍ନତି ଓ ରାଷ୍ଟ୍ରସେବା ପାଇଁ ନିଜକୁ ସମର୍ପିତ କରିବାର ସଙ୍କଳ୍ପକୁ ଆହୁରି ଦୃଢ଼ କରାଇଥାଏ ବୋଲି ଏହି ଅବସରରେ ସେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ତ୍ରିପାଠୀଙ୍କ ସହିତ ଜିଲ୍ଲା ବିଜେପି ସଭାପତି ରଘୁନନ୍ଦନ ପଣ୍ଡା, ପ୍ରେମସେନ ରାୟ, ସୁନୀଲ ପଣ୍ଡାଙ୍କ ସହିତ ବହୁ ବଜେପି କର୍ମୀ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ, ନିଯୁକ୍ତି ପତ୍ର ବଣ୍ଟନ

ଝାରସୁଗୁଡ଼ା,୩।୪(ସମିସ): ଜିଲ୍ଲା ପ୍ରଶାସନ ଓ ପୌର ପରିଷଦର ମିଳିତ ଆନୁକୁଲ୍ୟରେ ଆଜି ବିଭିନ୍ନ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସର କାର୍ଯ୍ୟାଦେଶ ସହ ଯୁବପିଢ଼ିଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଡିଏମଏଫ ଅଡିଟୋରିୟମଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ସମାରୋହରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)-୨.୦ର କାର୍ଯ୍ୟାଦେଶ ଏବଂ ନିଯୁକ୍ତି ମେଳାରେ ଯୋଗ୍ୟ ବିବେଚିତ ହୋଇଥିବା ଯୁବକଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ଅତିରିକ୍ତ ଜିଲ୍ଲାପାଳ ବ୍ରଜ ବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ପୌର ପାଳିକା ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ ଏବଂ ଜିଲ୍ଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀଙ୍କ ସମେତ ବିଭିନ୍ନ ୱାର୍ଡର କାଉନସିଲର ଓ ସରକାରୀ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ତ୍ରିପାଠୀ ଯେତେବେଳେ ଜଣେ ଅସହାୟ ପରିବାର ମୁଣ୍ଡ ଉପରେ 'ଛାତ'ଟିଏ ପାଏ ଏବଂ ଜଣେ ଯୁବକ 'ନିଯୁକ୍ତି' ର ସୁଯୋଗ ପାଏ, ସେତେବେଳେ କେବଳ ଗୋଟିଏ ବ୍ୟକ୍ତି ନୁହେଁ, ବରଂ ସାରା ସମାଜର ବିକାଶ ହୁଏ ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ ସମୁଦାୟ ୮୭ ଜଣ ହିତାଧିକାରୀଙ୍କୁ ଅବାସ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ନିକଟରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ଚୟନ ହୋଇଥିବା ୬୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଛି। ଏହି ସମଗ୍ର କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିୟାରସିଂହ ପରିଚାଳନା କରିଥିଲେ।



## ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ମାମଲା; ୨ ଗିରଫ

ଦେବଗଡ,୩।୪(ସମିସ): ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ ପୃଥକ୍ ପୃଥକ୍ ଭାବେ ଦୁଷ୍କର୍ମ ଏବଂ ଅପହରଣ କରିବା ଅଭିଯୋଗରେ କୁଣ୍ଢେଇଗୋଳା ଥାନା ପୁଲିସ ଆଜି ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ





ରିଆମାଳ ଥାନା ମାଝୀମୁଣ୍ଡା ଗ୍ରାମର ଗୌରାଙ୍ଗ ଖାନଙ୍କ ପୁଅ ଆକାଶ ଖାନ(୧୯) ଓ କୁଣ୍ଢେଇଗୋଳା ଥାନା ତଲେଇସର ଗ୍ରାମର କୀର୍ତ୍ତନ ଶବର(୨୫)। ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଉଭୟ ଅଭିଯୁକ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କୁଣ୍ଢେଇଗୋଳା ଥାନାଞ୍ଚଳର ଜଣେ ୧୫ ବର୍ଷୀୟା ନାବାଳିକା ମାର୍ଚ୍ଚ ୧୪ ତାରିଖରେ ଉକ୍ତ ଥାନାଞ୍ଚଳର ଏକ ନିର୍ଦ୍ଦିଷ୍ଟ ଗ୍ରାମକୁ ଯାତ୍ରା ଦେଖିବାକୁ ଯାଇ ନିଖୋଜ ହୋଇଯାଇଥିଲେ। ନାବାଳିକାଙ୍କ ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ମଧ୍ୟ ତାଙ୍କର କୌଣସି ସନ୍ଧାନ ନମିଳିବାରୁ ନାବାଳିକାଙ୍କ ପିତା ଗତ ମାର୍ଚ୍ଚ ୧୭ ତାରିଖରେ କୁଣ୍ଢେଇଗୋଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। କୁଣ୍ଢେଇଗୋଳା ଥାନା ପୁଲିସ ଏନେଇ ଏକ ନିଖୋଜ ମାମଲା ରଜୁକରିଥିଲା। ନିଖୋଜ ନାବାଳିକାଙ୍କୁ ଉଦ୍ଧାର କରିବା ସହ ତାଙ୍କୁ ଅପହରଣ କରି ନେଇଥିବା ରିଆମାଳ ଥାନା ମାଝୀମୁଣ୍ଡା ଗ୍ରାମର ଗୌରାଙ୍ଗ ଖାନଙ୍କ ପୁଅ ଆକାଶ ଖାନ(୧୯)କୁ ଗିରଫ କରିଥିଲା। ତେବେ ଉଦ୍ଧାର ସମୟରେ ନାବାଳିକା ଜଣକ ୧୮ ସପ୍ତାହର ଗର୍ଭବତୀ ଥିବା ଜଣାପଡିଥିଲା। ତଦନ୍ତ ପରେ କୁଣ୍ଢେଇଗୋଳା ଥାନା ତଲେଇସର ଗ୍ରାମର କୀର୍ତ୍ତନ ଶବର(୨୫) ନାବାଳିକାଙ୍କୁ ଦୁଷ୍କର୍ମ କରିବାରୁ ସେ ଗର୍ଭବତୀ ହୋଇଥିବା ଜଣାପଡିଥିଲା। ଏହାପରେ ପୁଲିସ କୀର୍ତ୍ତନ ବିରୁଦ୍ଧରେ ଦୁଷ୍କର୍ମ ଓ ପୋକ୍‌ସୋ ମାମଲା ରଜୁ କରିବା ସହ ଆକାଶ ବିରୁଦ୍ଧରେ ଅପହରଣ ଓ ଦୁଷ୍କର୍ମ ମାମଲା କରିଥିଲା।

## ଅଞ୍ଚଳ ମହାବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା ସଭା

ପଦ୍ମପୁର, ୩।୪(ସମିସ): ଅଞ୍ଚଳ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଶିକ୍ଷା ବିଭାଗର ଯୁକ୍ତତିନି ତୃତୀୟ ବର୍ଷର ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ବିଦାୟ ସମ୍ବର୍ଦ୍ଧନା ସଭା ଅଧ୍ୟକ୍ଷ ଖଗେଶ୍ୱର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଶ୍ରୀ ଦାସ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମହାବିଦ୍ୟାଳୟରୁ ବିଦାୟ ସମ୍ବର୍ଦ୍ଧନଜ୍ଞାପନ କରି ସେମାନଙ୍କ ଭବିଷ୍ୟତର ଉଜ୍ଜଳ କାମନା କରିଥିଲେ। ବିଭାଗୀୟ ମୁଖ୍ୟ ଡ. ତୁଷାରକାନ୍ତ ସାହୁ ନିଜ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ନୈତିକତାର ସହ ରାଷ୍ଟ୍ର ଗଠନ ତଥା ବିକାଶ ଦିଗରେ ଅବଦାନ ନିମନ୍ତେ ପ୍ରେରିତ କରିଥିଲେ। ଅଧ୍ୟାପକ ଡ. ଭେଙ୍କଟେଶ୍ୱର ମେହେର ପରିମାଣ ଉପରେ ନିର୍ଭର ନ ହୋଇ ସମସ୍ତଙ୍କୁ ଦକ୍ଷତାବଳୀ ଗୁଡିକର ବିକାଶ ଦିଗରେ ଅଗ୍ରଗତି ହେବାପାଇଁ ପ୍ରୋତ୍ସାହିତ କରିଥିଲେ। ଅଧ୍ୟାପିକା ଡ. ସସ୍ମିତା ମେହେର ସମସ୍ତଙ୍କୁ ନିଜ ନିଜ ଲକ୍ଷ୍ୟ ହାସଲ ଦିଗରେ ଗୁରୁଜନ ଏବଂ ପିତାମାତାଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଶ୍ରୀକାନ୍ତ ସାହୁ ଭବିଷ୍ୟତ ଜୀବନର ମଙ୍ଗଳ କାମନା କରି ଆବେଗିକ ବିକାଶ ପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟର ଏକାଡେମିକ ବର୍ଷାର ଡ. ସରୋଜ କୁମାର ନାଏକ ନିଜ ଅଭିଭାଷଣରେ ସମସ୍ତଙ୍କର ସର୍ବାଙ୍ଗୀନ ବିକାଶ ଦିଗରେ ଅଗ୍ରଗତି ହେବାପାଇଁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବର୍ଷା ବେରିଆ ପରିଚାଳନା କରିଥିଲେ। ଏହି ସଭାରେ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଶର୍ମିଳା, ପ୍ରିୟଙ୍କା, ମୌସମୀ, ଓମ୍, ମାନସ, ଯଶୋବନ୍ତ, ବର୍ଷା, ଟିନା, ସୁନୀଲ, ପ୍ରୀତିଶ, ପ୍ରକାଶ ଓ ସମସ୍ତେ ବିଶିଷ୍ଟ ଭାବରେ ସହଯୋଗ କରିଥିଲେ।

## ବରଗଡ଼ରେ ସ୍ୱାସ୍ଥ୍ୟକର ପାନୀୟ ଉଦଘାଟିତ

ବରଗଡ଼,୩।୪(ସମିସ): ଆଜି ବରଗଡ଼ ଜର୍ଜ ହାଇସ୍କୁଲ ପଡିଆ ସମ୍ମୁଖରେ ବିଶିଷ୍ଟ ସମାଜସେବୀ ତଥା ଇଣ୍ଡିଆନ୍ ବିୟୁଟି କାଉନସିଲ ସଭାପତି ମୀନତି ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି ହେଲ୍‌ଦି ଡ୍ରିଙ୍କସ୍। ମାରୱାଡ଼ି ପଡ଼ାରେ ପରିବାର ପ୍ରତିପୋଷଣ କରୁଥିବା ପ୍ରତିମା ବିଶିଙ୍କ ପ୍ରୟାସ ଯୋଗୁଁ ଲୋକେ ମାଣ୍ଡିଆରୁ ପ୍ରସ୍ତୁତ ଲସି,




କଲରାଜୁସ, ଲାଉ ଜୁସ, ଅର୍ଜୁନ ଛାଲିର ରସ, ଗିଲୋୟ ଜୁସ, ଗଜା ମୁଗ, ବିଭିନ୍ନ ଫଳରୁ ପ୍ରସ୍ତୁତ ସାଲାଡ଼, ପନିପରିବାରୁ ପ୍ରସ୍ତୁତ ସାଲାଡ଼, ଆୟୁର୍ ବେଦିକ୍ ଚା ଇତ୍ୟାଦି ସୁଲଭ ମୂଲ୍ୟରେ ମିଳୁଛି। ତେବେ କର୍କଟ ପ୍ରବଣ ବରଗଡ଼ ଜିଲ୍ଲାରେ ଦିନକୁ ଦିନ ଏହି ସ୍ୱାସ୍ଥ୍ୟ ଉପଯୋଗୀ ପାନୀୟର ଚାହିଦା ବୃଦ୍ଧି ପାଇବ ବୋଲି ଆଶାରଖି ଆଜି ପ୍ରତିମା ଆରମ୍ଭ କରିଛନ୍ତି ଏହି ଜୁସ୍ ଷ୍ଟଲ। ଲୋକେ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେଲେ ପିଜା, ବର୍ଗର, ମୋମୋ, ଚାଉମିନ୍ ଆଦି ଫାଷ୍ଟ୍ ଫୁଡ୍‌ଠାରୁ ଦୂରେଇ ରହି ଏପରି ସ୍ୱାସ୍ଥ୍ୟକର ଖାଦ୍ୟ ପ୍ରତି ଆକୃଷ୍ଟ ହେବେ। ଯାହାକି ଲୋକଙ୍କ ଉତ୍ତମ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସହାୟକ ହେବ ବୋଲି ପ୍ରତିମା ବିଶି ଦୃଢ଼ତାର ସହ କହନ୍ତି। ଏଠାରେ ବିକ୍ରି ହେଉଥିବା ସମସ୍ତ ପାନୀୟ ଓ ଖାଦ୍ୟ ସ୍ୱାସ୍ଥ୍ୟ ପକ୍ଷେ ହିତକର ତଥା ପୋଷକରେ ପରିପୂର୍ଣ୍ଣ ବୋଲି ପରିବେଶବିତ୍ ସଞ୍ଜୟ ଖମାରୀ ଓ ସମାଜସେବୀ ତଥା ଡା. ରାମକୃଷ୍ଣ ପୁରୋହିତ ମତ ପ୍ରକାଶ କରିଛନ୍ତି।

## ମୁଲବାର ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

ବରଗଡ଼,୩।୪(ସମିସ): ଭଟଲି ବ୍ଲକ୍ ଅଧୀନ ମୁଲବାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନଶିକ୍ଷକ କୈଳାସ ଭୁଏଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗ, ସମ୍ମାନିତ ଅତିଥି ଦୟାରାମ୍ ରଥ, ଗଣେଶ ରାମ ସାହୁ, ପ୍ରାଣଧନ ଦେବତା, ବଳରାମ ମିଶ୍ର, ଜୀବର୍ଦ୍ଧନ ଭୋଇ, ସ୍କୁଲ କମିଟି ଅଧ୍ୟକ୍ଷ ଉମେଶ ସାହୁ, ସିଆରସିସି ଜୟରାମ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଭାବେ ସେବାରାମ ରଥ ଯୋଗ ଦେଇଥିଲେ। ଶିକ୍ଷକ ଆଶିଷ ରଥ, ହୃଦାନନ୍ଦ ବେହେରା, ଗୀତା ବରିହା, ନମିତା ସାହୁ, ସୁଶ୍ରିତା ସାହୁ ସହଯୋଗ କରିଥିଲେ। ତିଲୋତ୍ତମା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ପୌର ପ୍ରଶାସନ ପକ୍ଷରୁ ୫ 'ଜଳଛତ୍ର' ଉଦ୍‌ଘାଟିତ



ଝାରସୁଗୁଡ଼ା,୩।୪(ସମିସ): ବଢୁଥିବା ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ଓ ପୌର ପରିଷଦ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ୫ଟି ଜଳଛତ୍ର ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଝାରସୁଗୁଡ଼ା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖୋଲାଯାଇଥିବା ଜଳଛତ୍ରକୁ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ମାନସ ରଞ୍ଜନ ମଲ୍ଲିକ, ପୌର କର୍ମଚାରୀ, ସହରର ବୁଦ୍ଧିଜୀବୀ, ବିଭିନ୍ନ ୱାର୍ଡର କାଉନସିଲର, ଜଳ ସାଥୀ, ଜନସାଧାରଣ, ଜିଲ୍ଲା ପ୍ରଶାସନର କର୍ମଚାରୀ ଉପସ୍ଥିତ ଥିଲେ। ଆଜି ପୌରପାଳିକା ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୫ଟି ଜଳଛତ୍ର କାର୍ଯ୍ୟକ୍ଷମ ହୋଇଥିବା ବେଳେ ଆଗାମୀ ୩ ରୁ ୪ ଦିନ ମଧ୍ୟରେ ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନ ଓ ଛକମାନଙ୍କରେ ସମୁଦାୟ ୩୩ଟି ଜଳଛତ୍ର ଖୋଲାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏଥିସହ ସହରର ବିଭିନ୍ନ ପ୍ରମୁଖ ସ୍ଥାନରେ ବୁଲା ପଶୁପକ୍ଷୀଙ୍କ ପାଇଁ ସ୍ୱତନ୍ତ୍ର ପାନୀୟଜଳ କୁଣ୍ଡର ବ୍ୟବସ୍ଥା କରାଯାଇଛି ବୋଲି ପୌର ପାଳିକା ପକ୍ଷରୁ କୁହାଯାଇଛି। 'ଜଳ ସାଥୀ' ମାନଙ୍କ ଦ୍ୱାରା ଜଳଛତ୍ରର ପରିଚାଳନା କରାଯିବ ବୋଲି ଜଣାପଡ଼ିଛି।

## କାପୁଡ଼ି ସମାଜ ପକ୍ଷରୁ 'ହିଙ୍ଗୁଳାଇ ପ୍ରତିଭା ସମ୍ମାନ'



ବରଗଡ଼,୩।୪(ସମିସ): ସୋହେଲା ବ୍ଲକ୍ ଗର୍ଭଣା ହିଙ୍ଗୁଳାଇ ପୀଠରେ ପଶ୍ଚିମ ଓଡ଼ିଶା କାପୁଡ଼ି ସମାଜ ପକ୍ଷରୁ "ହିଙ୍ଗୁଳାଇ ପ୍ରତିଭା ସମ୍ମାନ' ପ୍ରଦାନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। କାପୁଡି ସମାଜର ସଭାପତି ଶ୍ରୀମୁଖ ନାଏକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାରୋହରେ ବିଜୁ ଜନତା ଦଳ ରାଜ୍ୟ ଉପସଭାପତି ସୁବ୍ରତ ସିଂ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ସମାଜସେବୀ ସତ୍ୟ ନାରାୟଣ ଦେବତା, ସଂସ୍କୃତି ଗବେଷକ ପ୍ରାଧ୍ୟାପକ ଟେକ୍‌ଚାନ୍ଦ ଦୁଆନ୍ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମାଜସେବୀ ତଥା ଶ୍ମଶାନ ବନ୍ଧୁ ସଂଘମିତ୍ରା ପଟେଲ ଓ ବିଶିଷ୍ଟ ସଙ୍କୀର୍ତ୍ତନ ଗୁରୁ ଡ. ପ୍ରମୋଦ ଦାଶଙ୍କୁ ଚଳିତବର୍ଷର "ହିଙ୍ଗୁଳାଇ ପ୍ରତିଭା ସମ୍ମାନ' ପ୍ରଦାନ କରାଯାଇଛି। କାପୁଡ଼ି ସମାଜର ସମ୍ପାଦକ ଲଳିତ ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ବିପ୍ଳବି କବି ନୀତିଶ ଆଚାର୍ଯ୍ୟ ମାନପତ୍ର ପାଠ କରିଥିଲେ। କାର୍ଯ୍ୟକ୍ରମରେ ପଡ଼ୋଶୀ ଛତିଶଗଡ଼ ସମେତ ବରଗଡ଼, ବଲାଙ୍ଗିର, ସୋନପୁର, ସମ୍ବଲପୁର, ବୌଦ୍ଧ ତଥା ଆଖ ପାଖ ଜିଲ୍ଲାର ଶତାଧିକ ସଦସ୍ୟ ସଦସ୍ୟା ଉପସ୍ଥିତ ରହିଥିଲେ। ଦିଲ୍ଲୀପ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ରାଜ୍ୟସଭାରେ ଆଦିବାସୀଙ୍କ ସୁରକ୍ଷା ଦାବିକଲେ ସାଂସଦ

ପଦ୍ମପୁର,୩।୪(ସମିସ): ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ଆନ୍ଧ୍ରପ୍ରଦେଶ ପୁନର୍ଗଠନ (ସଂଶୋଧନ) ବିଲ୍ ୨୦୨୬ ଉପରେ ଆଲୋଚନା ଅବସରରେ ସଂଘୀୟ ସଂବିଧାନିକ ମୂଲ୍ୟବୋଧ ଓ ଆଦିବାସୀ ଅଧିକାର ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସାଂସଦ ଶ୍ରୀ ବିଶି କହିଥିଲେ ଯେ ଏହି ଆଇନ କେବଳ ସାଧାରଣ ସଂଶୋଧନ ନୁହେଁ, ବରଂ ଏହାର ପ୍ରଭାବ ସଂଘୀୟ ବ୍ୟବସ୍ଥା ଓ ବିଶେଷକରି ଆଦିବାସୀ ସମୁଦାୟ ଉପରେ ପଡ଼ିପାରେ। ସେ କୋରାପୁଟ ଜିଲ୍ଲାର କୋଟିଆ ବ୍ଲକ୍ ଅଞ୍ଚଳ ସନ୍ଦର୍ଭରେ କହିଥିଲେ ସେଠାରେ ୨୧ ଗ୍ରାମରେ



ଆନ୍ଧ୍ର ପକ୍ଷରୁ ପ୍ରଶାସନିକ ହସ୍ତକ୍ଷେପ ହେଉଛି, ଯାହା ଆଦିବାସୀ ମଧ୍ୟରେ ଅସ୍ୱଷ୍ଟତା ସୃଷ୍ଟି କରୁଛି ଏବଂ ଏହି ପ୍ରସଙ୍ଗ ରାଜ୍ୟ ସୀମା ସ୍ୱଷ୍ଟତା ସହ ଜଡିତ ଓ ଏହାକୁ ସାମ୍ବିଧାନିକ ଓ ଆଇନଗତ ପଦ୍ଧତିରେ ସମାଧାନ କରାଯିବା ଉଚିତ। ପୋଲାଭରମ ପ୍ରକଳ୍ପ ସନ୍ଦର୍ଭରେ ସେ କହିଥିଲେ ଯେ ଏହାର ପ୍ରଭାବରେ ମାଲକାନଗିରି ଜିଲ୍ଲା ୩୦୦ ଗାଁର ୩ ଲକ୍ଷ ଲୋକ ବିସ୍ଥାପିତ ହେବେ, ସେଥି ମଧ୍ୟରୁ ୨ ଲକ୍ଷ ଆଦିବାସୀ ବିସ୍ଥାପିତ ହେବେ। କ୍ଷତିପୂରଣ, ଥଇଥାନ ଓ ପୁନର୍ବାସ ବ୍ୟବସ୍ଥାକୁ ସୁଦୃଢ କରିବା ଆବଶ୍ୟକ ବୋଲି ସାଂସଦ ଶ୍ରୀ ବିଶି କହିଥିଲେ।

# ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ; ଶବରଖି ରାସ୍ତା ଅବରୋଧ



**ବିଜେପୁର, ୩।୪(ସମିସ):** ବରଗଡ଼ ଜିଲ୍ଲା ବିଜେପୁରରେ ଜଣେ ବିଦ୍ୟୁତ୍ କର୍ମଚାରଙ୍କ ମୃତ୍ୟୁ ଘଟିଥିବାବେଳେ ଗଞ୍ଜେଇ ଭାଟି ଛକରେ ଶବ ରଖି ପରିବାର ବର୍ଗ ରାସ୍ତା ରୋକ କରିଥିଲେ। ମୃତବ୍ୟକ୍ତି ହେଉଛନ୍ତି ନିକଟସ୍ଥ ବାଉଶପୁଲା ଗ୍ରାମର ଯଦୁମଣି ତାଣ୍ଡି(୩୨)। ସେ ବିଜେପୁର ବିଦ୍ୟୁତ୍ ବିଭାଗରେ ଅସ୍ଥାୟୀ ଲାଇନ ମେନ୍ ଭାବରେ କାର୍ଯ୍ୟ କରୁଥିଲେ। ଗତ ଗୁରୁବାର ରାତିରେ ଲାଇନଖରାପ ଥିବାରୁ ବିଭାଗୀୟ ଜେଇ ସମ୍ବିତ ବହିଦାର ଡାକିବାରୁ ତାଙ୍କ ସାଙ୍ଗରେ ଯାଇଥିଲେ। କାମ ସାରି ଫେରିବା ବେଳେ ରାତି ପ୍ରାୟ ୧୦ ଟା ସମୟରେ ବାଞ୍ଜିଡୁଙ୍ଗୁରୀ ସିମେଣ୍ଟ ୱାର୍କସ ପାଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଥାନାରେ ଅଭିଯୋଗ ହେବାପରେ ପୁଲିସ ଏକ ମାମଲା ରୁଜୁ କରି ଶବ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ପ୍ରାଥମିକ ତଦନ୍ତରୁ ଏହା ଏକ ଦୁର୍ଘଟଣା ବୋଲି ପୁଲିସ ସନ୍ଦେହ କରିଛି। ପରିବାର ବର୍ଗ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରି ଶବ ରଖି ରାସ୍ତା ଅବରୋଧ କରି କ୍ଷତିପୂରଣ ଦାବି କରିଥିଲେ। ଘଟଣାସ୍ଥଳରେ ବିଜେପୁର ଥାନା ଅଧିକାରୀ ସୁଶାନ୍ତମଣି ମହାନ୍ତି, ବିଦ୍ୟୁତ୍ ବିଭାଗ ଏସଡିଓ ପ୍ରମୁଖ ପହଞ୍ଚି ବୁଝାସୁଝା କରିଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ଏସଡିଓ ୩୦ହଜାର ଟଙ୍କା ଆର୍ଥିକ ସହଯୋଗ କରିଥିଲେ।

### 'ଆମ ପୋଷାକ ଆମ ପରିଚୟ' ଅଭିଯାନ

# ଆଇଆଇଏଚ୍‌ଟିରେ ଫ୍ୟାଶନ୍ ଶୋ ଓ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀ

**ବରଗଡ଼, ୩।୪(ସମିସ)**


ଓଡ଼ିଆ ପକ୍ଷର ତୃତୀୟ ଦିବସ ଅବସରରେ ବରଗଡ଼ ସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହ୍ୟାଣ୍ଡଲୁମ୍ ଟେକ୍ନୋଲୋଜି ରେ 'ଆମ ପୋଷାକ ଆମ ପରିଚୟ' ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପାରମ୍ପରିକ ପୋଷାକ ପରିଧାନ ଦିବସ ପାଳନ ସହ ଏକ ଆକର୍ଷଣୀୟ ଫ୍ୟାସନ୍ ଶୋ ଏବଂ ହ୍ୟାଣ୍ଡଲୁମ୍ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବରଗଡ଼ର ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବୟନ ଶିଳ୍ପ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏବଂ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ, ପଦମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଓ ବରିଷ୍ଠ ଅଧ୍ୟାପକ ଦେବେନ୍ଦ୍ର କୁମାର ଯାଦବ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଆଇ.ଆଇ. ଏଚ୍.ଟିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବୁଣାଯାଇଥିବା ପାରମ୍ପରିକ ଓ ସମ୍ବଲପୁରୀ ପୋଷାକମାନଙ୍କର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା, ଯାହାକୁ ଶ୍ରୀମତୀ ସାହୁ ଉଦ୍‌ଘାଟନ କରିଥିଲେ। ପରେ ଫ୍ୟାସନ୍ ଶୋରେ ଛାତ୍ରଛାତ୍ରୀମାନେ ନିଜସ୍ୱ ଭଙ୍ଗୀ ଓ ପ୍ରତିଭାର ମାଧ୍ୟମରେ ଓଡ଼ିଶାର ବୟନ ଶିଳ୍ପର ସ୍ୱତନ୍ତ୍ର ପରିଚୟକୁ ସୁନ୍ଦର ଭାବରେ ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀମତୀ ସାହୁ କହିଥିଲେ ଯେ, ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଓଡ଼ିଆ ପାରମ୍ପରିକ ପୋଷାକ ପ୍ରତି ଲୋକମାନଙ୍କର ଆକର୍ଷଣ ବଢ଼ାଇବା, ନୂତନ ପିଢ଼ିକୁ ନିଜ ସଂସ୍କୃତି ସହିତ ଯୋଡ଼ିବା ଓ ଦୈନିକ ଜୀବନରେ ଏହାକୁ ଅନୁସରଣ କରିବାକୁ ପ୍ରେରିତ କରିବା। ସେହିପରି ସ୍ଥାନୀୟ ପୋଷାକ ଓ ପରମ୍ପରା ପ୍ରତି ଗର୍ବବୋଧ ସୃଷ୍ଟି କରିବା ମଧ୍ୟ ଏହାର ଉଦ୍ଦେଶ୍ୟ। ବୟନ ଶିଳ୍ପ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଏବଂ ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦେବଜିତ୍ ନନ୍ଦୀ କହିଥିଲେ ଯେ ଓଡ଼ିଶାର ବୟନଶିଳ୍ପ ଆମର ଗର୍ବ କରିବାର ବିଷୟ। ଏହି ଶିଳ୍ପ କୌଣସି ଯନ୍ତ୍ରରେ ନୁହେଁ ବରଂ ବୁଣାକାରର ହସ୍ତକୌଶଳରେ ଚାଲିଥାଏ ଓ ଏହା ଉତ୍କୃଷ୍ଟମାନର।




## ଟ୍ରାଫିକ ସିଗ୍‌ନାଲରେ ସେଡ୍ ବ୍ୟବସ୍ଥା ଦାବି

**ପଦ୍ମପୁର, ୩।୪ (ସମିସ):** ସହରର ମୁଖ୍ୟ ଛକ କୁହାଯାଉଥିବା ରଞ୍ଜିତ ସିଂ ଛକରେ ଟ୍ରାଫିକ ସିଗନାଲ ପାଇଁ ଏଠାରେ ଲୋକେ ଅଟକିଥାନ୍ତି। ଏହି ଛକ ଦେଇ ବରଗଡ଼ ଜିଲ୍ଲା ମୁଖ୍ୟାଳୟ ରୁ ନୃସିଂହନାଥ ଏବଂ ନୂଆପଡ଼ା ଜିଲ୍ଲା ମୁଖ୍ୟାଳୟକୁ ଯଉଟାଥିବା ଓ ବିଜୁଏକ୍ସ ପ୍ରେସ୍‌ୱେ ଓ ବଲାଙ୍ଗିରରୁ ଛତିଶଗଡ଼ ରାଜ୍ୟ ବାସନାକୁ ଯାଉଥିବା ମୁଖ୍ୟ ରାସ୍ତା ହୋଇଥିବା ବେଳେ ଟ୍ରାଫିକ ପାଖରେ ଅଟକୁଥିବା ଲୋକେ ବର୍ତ୍ତମାନ ବଢ଼ୁଥିବା ରୌଦ୍ର ତାପରେ ହନ୍ତସନ୍ତ ହେଉଛନ୍ତି। ଏନେଇ ଛକର ଚାରି ପାର୍ଶ୍ୱରେ ସିଗନାଲ ସମୟରେ ଟ୍ରାଫିକ ରେ ଛିଡ଼ା ହେଉଥିବା ଲୋକଙ୍କ ସୁବିଧା ପାଇଁ ସେଡ୍ ନିର୍ମାଣ ପାଇଁ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି ଯୁବ ସାମାଜିକ କର୍ମୀ ତଥା କଉନ୍ସିଲର ଇଂ. କୁନାଲ ପାଣିଗ୍ରାହୀ। ଏନେଇ ପଦ୍ମପୁର ବିଜ୍ଞାପିତ ଅଞ୍ଚଳ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ମଧ୍ୟ ଆଲୋଚାନ କରିଥିଲେ।

## ଘେଁସ ରେଞ୍ଜ ସର୍ଗିବାହାଲରେ ଭାଲୁ ଆତଙ୍କ



**ପଦ୍ମପୁର, ୩।୪(ସମିସ):** ବରଗଡ଼ ଜିଲ୍ଲା ଘେଁସ ବନଖଣ୍ଡ ଅଧୀନ ସର୍ଗିବାହାଲ ଅଞ୍ଚଳରେ ଭାଲୁ ଦେଖିବାକୁ ମିଳିଛି। ଭାଲୁଟି ଜନବସତି ମୁହାଁ ହେଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଛି। ଭାଲୁ ଭୟରେ ଲୋକେ ସନ୍ଧ୍ୟା ପରେ ଘରୁ ବାହାରିବାକୁ ଭୟ କରୁଥିବା ବେଳେ ମହୁଲ ଗୋଟେଇବା ବାଧାପ୍ରାପ୍ତ ହେଉଛି। ଖାଦ୍ୟ ଓ ପାଣି ଅନ୍ୱେଷଣରେ ଭାଲୁଟି ଜଙ୍ଗଲ ଛାଡ଼ି ଗାଁ ନିକଟକୁ ଆସିଥିବା ସୂଚନା ରହିଛି। ଖବରପାଇ ଘେଁସ ରେଞ୍ଜ ବନବିଭାଗର ଫରେଷ୍ଟର ସୁଶାନ୍ତ ଦାଶ ଓ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିରୀକ୍ଷଣ କରି ଭାଲୁକୁ ଜଙ୍ଗଲକୁ ଘଉଡ଼ାଇ ଥିବା ସୂଚନା ଦେଇଛନ୍ତି। ବନବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇ ରାତି ସମୟରେ ଏକୁଟିଆ ବାହାରକୁ ନ ଯିବା, ହାତରେ ଟର୍ଚ୍ଚ ଲାଇଟ୍ ବ୍ୟବହାର କରିବାକୁ ସତର୍କ କରିଛନ୍ତି।

## ଜନଗଣନା କର୍ମଚାରୀଙ୍କୁ ବୀମାଭୁକ୍ତ କରିବାକୁ ଦାବି

**ପଦ୍ମପୁର, ୩।୪(ସମିସ):** ଜନଗଣନା ପ୍ରକ୍ରିୟା ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ଏଥିରେ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜନଗଣନା ଦାୟିତ୍ୱରେ ଥିବା ପ୍ରାୟ ହଜାର ହଜାର ପ୍ରାଥମିକ ଶିକ୍ଷକ ଓ ସରକାରୀ କର୍ମଚାରୀଙ୍କୁ ସ୍ୱତନ୍ତ୍ର ବୀମାଭୁକ୍ତ କରିବା ପାଇଁ ବିଭିନ୍ନ କର୍ମଚାରୀଙ୍କ ପକ୍ଷରୁ ଦୃଢ଼ ଦାବି କରାଯାଇଛି। ଜନଗଣନା କାର୍ଯ୍ୟପାଇଁ କର୍ମଚାରୀମାନଙ୍କୁ ଦୁର୍ଗମ ଅଞ୍ଚଳ, ଜଙ୍ଗଲ ଘେରା ଗାଁ ଏବଂ ଅପହଞ୍ଚ ଇଲାକାକୁ ଯିବାକୁ ପଡ଼ିଥାଏ। ଯାତାୟାତ ସମୟରେ ଦୁର୍ଘଟଣା ଜନିତ ଭୟ, ସ୍ୱାସ୍ଥ୍ୟଗତ ସମସ୍ୟା ରହିଥିବାବେଳେ କାର୍ଯ୍ୟ ଅବଧି ମଧ୍ୟରେ ଯଦି କୌଣସି କର୍ମଚାରୀଙ୍କ ଅଘଟଣ ଘଟେ, ତେବେ ତାଙ୍କ ପରିବାରକୁ ଅତିକମରେ ୫୦ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉ। ଜନଗଣନା ସମୟରେ କୌଣସି ଶାରୀରିକ ଅସୁସ୍ଥତା ପାଇଁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ସୁବିଧା ଯୋଗାଇ ଦିଆଯାଉ। ଜନଗଣନା ହେଉଛି ଏକ ଜାତୀୟ କାର୍ଯ୍ୟ। ଏହି କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ନିଜ ଜୀବନକୁ ବାଜି ଲଗାଇ ଘରଘର ବୁଲି ତଥ୍ୟ ସଂଗ୍ରହ କରନ୍ତି। ତେଣୁ ସେମାନଙ୍କ ପାଇଁ ବୀମା ବ୍ୟବସ୍ଥା କରିବା ସରକାରଙ୍କ ନୈତିକ ଦାୟିତ୍ୱ ବୋଲି ନିୟୋଜିତ କର୍ମଚାରୀ କହି ଏହି ଦାବିକୁ ଗ୍ରହଣ କରି ସରକାର ବୀମାଭୁକ୍ତ କରି ଚିକିତ୍ସା ସୁବିଧା ଯୋଗାଇଦେବା ପାଇଁ ଦାବି କରିଛନ୍ତି।

## ହନୁମାନ ଜୟନ୍ତୀ ପାଳନ ପ୍ରସ୍ତୁତି

**ଅତାବିରା, ୩।୪(ସମିସ):** ଆସନ୍ତା ୧୪ ତାରିଖ ଅତାବିରାଠାରେ ମହାଆଡମ୍ବର ସହ ହିନ୍ଦୁ ସମାଜ ତରଫରୁ ହନୁମାନ ଜୟନ୍ତୀ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ହିନ୍ଦୁ ସମାଜର ସୁବାସ ନାଏକ, କୌଶିକ ମହାକୁଡ, ପ୍ରହଲ୍ଲାଦ ଉର୍ମା, ହେମସାଗର ପାତ୍ର, ହୃଦାନନ୍ଦ ପାତ୍ର, ଅଜିତ ପ୍ରଧାନ, କାର୍ତ୍ତିକ ମହାରଣା, ପ୍ରଦୀପ ମଲ୍ଲିକ, ବୀରେନ ହୋତା, ନବୀନ ଦାଶ, ଛନ୍ଦାଚରଣ ଓ ଭୋଜରାଜ ଛନ୍ଦ ପ୍ରମୁଖ ଯୋଗଦାନ କରି ଆସନ୍ତା ୧୪ ତାରିଖ ହନୁମାନ ଜୟନ୍ତୀ ଅବସରରେ ସେ ଦିନ ଅପରାହ୍ନରେ ଏକ ବିରାଟ ବାଇକ ଶୋଭାଯାତ୍ରା ଟିଏ ଆୟୋଜନ କରିବା ପାଇଁ ସ୍ଥିର କରିବା ପାଇଁ ପ୍ରସ୍ତାବ ଗ୍ରହଣ କରାଯାଇଥିଲା।

## ୨୧ କ୍ୱିଣ୍ଟାଲ ମହୁଲ ଫୁଲ ଜବତ; ଯୁବକ କୋର୍ଟ ଚାଲାଣ

**ବରଗଡ଼, ୩।୪(ସମିସ):** ବରଗଡ଼ ଅବକାରୀ ବିଭାଗ ମୋବାଇଲ ୟୁନିଟ ପକ୍ଷରୁ ଚଢ଼ଉ ସମୟରେ ବରଗଡ଼ ଜିଲ୍ଲା ପାଇକମାଳ ଥାନା ଅନ୍ତର୍ଗତ କୁକ୍ରିମାଲ ନିକଟରେ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୂଚନା ଅନୁସାରେ, ବରଗଡ଼ ଅବକାରୀ ବିଭାଗ ମୋବାଇଲ ୟୁନିଟ ପକ୍ଷରୁ ପାଇକମାଳ ଥାନା ଅନ୍ତର୍ଗତ କୁକ୍ରିମାଲ ନିକଟରେ ଝାରବନ୍ଧ ବ୍ଲକ ଡଭା ଗାଁର ପ୍ରତାପ ସାହୁ ଧଳା ରଙ୍ଗର ପିକଅ୍ ଗାଡ଼ିରେ ମହୁଲ ଫୁଲ ଚାଲାଣ କରୁଥିବା ସମୟରେ ଅବକାରୀ ବିଭାଗ ଚଢ଼ଉ କରି ଗିରଫ କରି ଗାଡ଼ି ଜବତ କରିଥିଲା। ଜବତ ସମୟରେ ୨୧ କ୍ୱିଣ୍ଟାଲ ୨୮ କେଜି ମହୁଲ ଫୁଲ ଜବତ କରି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଚଢ଼ଉ ସମୟରେ ଅବକାରୀ ଇନ୍ସପେକ୍ଟର ସୁଦର୍ଶନ ମୁଣ୍ଡା ସମେତ ଅବକାରୀ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ଶିକ୍ଷକ ବାଳମକୁନ୍ଦ ବାରିକଙ୍କ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା

**ଝାରବନ୍ଧ, ୩।୪(ସମିସ):** ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ ବୈତାଲି କ୍ଲଷ୍ଟର ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ବାଳମକୁନ୍ଦ ବାରିକଙ୍କ ଅବସରକାଳୀନ ବିଦାୟୀ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବୈତାଲି କ୍ଲଷ୍ଟର ସିଆରସିସି ଦିବସ କୁମାର ସାହୁ ଓ ଭଣ୍ଡାରଜୋରୀ କ୍ଲଷ୍ଟର ସିଆରସିସି ବିଷ୍ଣୁଚରଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେଶ ସୁନା, ସହାକାରୀ ଶିକ୍ଷକ ଅମରେଶ ଚନ୍ଦ୍ର ଭୋଇ ଓ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠ ମଧ୍ୟ ଉପସ୍ଥିତ ଥିଲେ। ଶିକ୍ଷକ ମହେନ୍ଦ୍ର କୁମାର ବାରିକ, ଲଳିତ କୁମାର ମଲ୍ଲିକ, ସତ୍ୟାନନ୍ଦ ସେଠ, ପ୍ରଭୁଦାସ ମହାନନ୍ଦ ଓ ଅଶୋକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ କପିଳେନ୍ଦ୍ର ବାଗଙ୍କ ନେତୃତ୍ୱରେ ଗ୍ରାମବାସୀ ଶିକ୍ଷକଙ୍କୁ ସମ୍ମାନ ଜଣାଇଥିଲେ।



## ନବୋଦୟ ପ୍ରବେଶିକା ପରୀକ୍ଷା ଉତ୍ତୀର୍ଣ୍ଣ ଛାତ୍ରକୁ ସମ୍ବର୍ଦ୍ଧନା

**ପାଇକମାଳ, ୩।୪(ସମିସ):** ପାଇକମାଳ ବ୍ଲକ ପାଇକମାଳ ପ୍ରାଥମିକ ବିଦ୍ୟାଳୟର ପଞ୍ଚମଶ୍ରେଣୀର ଛାତ୍ର ବିଜୟ କୁମାର ତ୍ରିପାଠୀ ୨୦୨୬-୨୭ ଶିକ୍ଷା ବର୍ଷ ନବୋଦୟ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏନେଇ ବିଦ୍ୟାଳୟ ପକ୍ଷରୁ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଲବଙ୍ଗଲତା ନାଗ ସଭାପତିତ୍ୱ କରିଥିଲେ। ଏବିଇଓ ରାଧେଶ୍ୟାମ ମେହେର ଅତିଥି ଭାବରେ ଯୋଗଦେଇ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଭିଭାବକ ନୃପମଣି ତ୍ରିପାଠୀଙ୍କ ପୁଅ ଅଟନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ଧନ୍ୟବାଦ ଦେଇଥିଲେ।

## ବିଲେଇଗଡ଼ ଗାଁରେ ଚବିଶପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ

**ଅମ୍ବାଭୋନା, ୩।୪(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ରୁଚିଦା ଗାଁ ପଞ୍ଚାୟତ ଅଧୀନସ୍ଥ ବିଲେଇଗଡ଼ ଗାଁରେ ଚବିଶ ପ୍ରହରୀ ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଲେଇଗଡ ଗାଁର ଗୌନ୍ତିଆ ଭାଗରଥୀ ପଧାନ ସପତ୍ନୀକ ଲକ୍ଷ୍ମୀ ପଧାନ କର୍ତ୍ତାଭାବେ ଦାୟିତ୍ୱ ନିଭାଇଥିଲେ। ମୁଖ୍ୟ ପୁରୋହିତ ଦୟାସାଗର ପୁରୋହିତଙ୍କ ମନ୍ତ୍ରୋଚ୍ଚାରଣ ସହ ତ୍ରିବିକ୍ରମ ପୁରୋହିତ ଓ ଚନ୍ଦନ ପୁରୋହିତ ପୂଜାପାଠରେ ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଅଞ୍ଚଳର ପୁରୁଣାବସ୍ତି, ବରଗଡ଼ ଜିଲ୍ଲାର ବାଦପାଲି ଓ ନୁଆଁଗଡ଼ ଆଦି ସ୍ଥାନର ସଙ୍କୀର୍ତ୍ତନ ମଣ୍ଡଳୀମାନେ ଯୋଗଦେଇ ଥିଲେ। ନାମଯଜ୍ଞ ପରିଚାଳନା କମିଟିର ନେତୃତ୍ୱରେ ଗାଁର ଯୁବକମାନେ ସୁଚାରୁ ଭାବେ ଅନୁଷ୍ଠାନ ପରିଚାଳନାରେ ସହଯୋଗ କରିଥିଲେ।

## ବରଗଡ଼ରେ ଆମ୍ ଆଦମୀ ପାର୍ଟି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବରଗଡ଼, ୩।୪(ସମିସ):** ଆମ୍ ଆଦମୀ ପାର୍ଟି ଏବେ ପଶ୍ଚିମ ଓଡ଼ିଶାର ବରଗଡ଼ ଜିଲ୍ଲାରେ ପାର୍ଟି କାର୍ଯ୍ୟାଳୟ ଆରମ୍ଭ କରିଛି। ଜିଲ୍ଲା ମୁଖ୍ୟାଳୟର ନିଶାମଣୀ ସ୍କୁଲ ପାଖରେ ଏହି କାର୍ଯ୍ୟାଳୟ ଶୁଭାରମ୍ଭ ହୋଇଛି। ରାଜ୍ୟ ସଂଗଠନ ସମ୍ପାଦକ ଭବାନୀ ସାହୁଙ୍କ ଉପସ୍ଥିତିରେ ଏହି ଅଫିସ ଆରମ୍ଭ ହୋଇଛି। ଏଥିରେ ଜିଲ୍ଲା ସଭାପତି ଯଦୁମଣି ପ୍ରଧାନ, ସାଧାରଣ ସମ୍ପାଦକ ସ୍ୱରୂପ ଭୋଇ, ନାରୀ ନେତ୍ରୀ ମାରିୟମ ବାର୍ଲା, ଅସିତ ସାହୁ, ମିଲୁ ନାଗ, ପ୍ରଦୀପ ବିଶ୍ୱାଳ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## ଡଙ୍ଗାଘାଟ ଗାଁରେ ଚବିଶ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୂତି

**ପଦ୍ମପୁର, ୩।୪(ସମିସ):** ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ତଥା ଅଷ୍ଟ ଦେବାଦେବୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବର ପ୍ରଥମ ବାର୍ଷିକ ମହୋତ୍ସବ ଅବସରରେ ପଦ୍ମପୁର ଅଧୀନ ଡଙ୍ଗାଘାଟ ଠାରେ ୨୪ ପ୍ରହରୀ ନାମଯଜ୍ଞର ପୂର୍ଣ୍ଣାହୁତି ହୋଇଯାଇଛି। ଚନ୍ଦ୍ରଶେଖର ସାହୁ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ସାହୁ ତଥା ସୁଶାନ୍ତ ପାଣ୍ଡେ ଓ ତାଙ୍କ ଧର୍ମପତ୍ନୀ ରୁବିତା ପାଣ୍ଡେ ଯଜ୍ଞକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଗଣନାଥ ମହାପାତ୍ର, ଚକ୍ରଧର ମହାପାତ୍ର, ଗୋପାଳକୃଷ୍ଣ ଦାଶ ଓ ସାନନ୍ଦ ମହାପାତ୍ରଙ୍କ ପୌରୋହିତ୍ୟରେ ଏହା ସମାପନ ହୋଇଛି। ଗାଁର ସମସ୍ତ ଗ୍ରାମବାସୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୀର୍ତ୍ତନ୍ୟ ମଣ୍ଡଳୀ, କ୍ଲବ୍, ଫୁଟବଲ୍ ଦଳ, କ୍ରିକେଟ୍ ଦଳ ସହଯୋଗ କରିଥିଲେ



## ଲକ୍ଷେ ଘର ଗଣ୍ଡା ସମାଜର ଚୈତ୍ର ପୂର୍ଣ୍ଣିମା ମହୋତ୍ସବ



**ପାଇକମାଳ, ୩।୪(ସମିସ):** ପାଇକମାଳ ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ଚୈତ୍ର ପୂର୍ଣ୍ଣିମା ମହୋତ୍ସବ ନୃସିଂହନାଥ ଲକ୍ଷେଘର ଗଣ୍ଡାସମାଜର କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶହ ଶହ ମହିଳାମାନେ କଳସ ଯାତ୍ରା ରେ ସାମିଲ ହୋଇ ନୃସିଂହନାଥରୁ ପାଣି ଆଣି ଜୟ ଛତ୍ରପତି ମଣିମା ଡୁଙ୍ଗି ଚୂହାନର ଗୁଡ଼ିରେ କଳସ ସ୍ଥାପନା କରିଥିଲେ। କଳସ ଯାତ୍ରାରେ ମୁଖ୍ୟକର୍ତ୍ତା ଭାବେ ମନୋରଞ୍ଜନ ସୁନା ଓ ତାଙ୍କର ଧର୍ମପତ୍ନୀ ସୁନନ୍ଦା ସୁନା, ପୂଜକ ଭାବରେ ପୂଜା ସାରଥୀ ସୁନା ଓ ମିତ୍ରଭାନୁ ତାଣ୍ଡି ପାଠ କରିଥିଲେ। ବରିଷ୍ଠ ଗବେଷକ ଡ. ଲଳିତ ଜଗତଙ୍କ ରଚିତ ଓ ନିର୍ଦ୍ଦେଶିତ ଲୋକ ନାଟକ ନିଶା ନିବାରଣ ଉପରେ ଆଧାରିତ ଯମ ରଜାର କଥା ଓ ନୃସିଂହ ମହାପ୍ରଭୁଙ୍କର ଅବତାର ଉପରେ ଆଧାରିତ ଲୋକ ନୃତ୍ୟ ଉପାୟ ସାଂସ୍କୃତିକ ଅନୁଷ୍ଠାନ ମାଣ୍ଡୋସିଲର କଳାକାରମାନଙ୍କର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହି ଅବସରରେ ଉପାୟ ଅନୁଷ୍ଠାନର ୪ ଜଣ କଳାକାର ଡ. ଲଳିତ ଜଗତ, ଅନିଶ ପାତ୍ର, ପ୍ରିୟାଂଶୁ କୁମାର ଜଗତ ଓ ଯମରଜା ଭୂମିକାରେ ଅଭିନୟ କରିଥିବା ସହଦେବ ସାହୁ, ଭେଲୁଆ ପଦରଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ସଭାପତି ଯୁଧିଷ୍ଠିର ଚାନ୍ଦ, ଉପସଭାପତି ମଣି ମହାନନ୍ଦ, ସମ୍ପାଦକ ରାଜୁ ମହାନନ୍ଦ, ଉପଦେଷ୍ଟା କ୍ଷେତ୍ରୀ ଲୁହାର, ମନୋରଞ୍ଜନ ସୁନା, ମୋହନ ଜଗତ, ଦିଲ୍ଲୀପ କୁମ୍ଭାର, ହରିରାମ ତାଣ୍ଡି ବେରନି ମହାନନ୍ଦ, ନବଘନ ତାଣ୍ଡି, ବିଜୟ ବାଗ, ମାୟା ତାଣ୍ଡି, ପଉଲସ୍ତି କୁମ୍ଭାର, ହରେ ମହାନନ୍ଦ, ଦାମୋଦର କନ୍ଧ, ମିଶ୍ର ବେଶ୍ରା, ଭଗବାନ ତାଣ୍ଡି ଧନୁ ଦୀପ, କୃଷ୍ଣ ସୁନା, ଦଶରଥ ଚାନ୍ଦ, ଶୁଭ ଛତର, ରଞ୍ଜିତା ଛତର, ରମେଶ ଦୀପ, ଅଲେଖ କୁମ୍ଭାର ଓ ୨୨ଟି ପଞ୍ଚାୟତର ସଭାପତି କାର୍ଯ୍ୟକର୍ତ୍ତାରେ ଉପସ୍ଥିତ ଥିଲେ।

## ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର ବାର୍ଷିକ ଉତ୍ସବ

**ପାଇକମାଳ, ୩।୪(ସମିସ):** ପାଇକମାଳ ବ୍ଲକ ଛେତଗାଁ ପଞ୍ଚାୟତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବ୍ରାହ୍ମଣଡିହି ଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନଶିକ୍ଷକ ମହାଦେବ ବେହେରା ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଛେତଗାଁ ସରପଞ୍ଚ ବନିତା ମହାନନ୍ଦ ଓ ସମ୍ମାନିତ ଅତିଥି ଭାବେ ଦୟାନିଧି କୈବର୍ତ୍ତ, ରାଜ କୁମାର ସ୍ୱାଇଁ, ଚିତ୍ର ବିଶ୍ୱାଳ ଭୋଜରାଜ ଭୋଇ ଯୋଗଦାନ କରିଥିଲେ। ସସ୍ମିତା ଭୋଇ ସଭାକୁ ସଂଯୋଜନା କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅମିତା ଦାସ, ଛିନଉ ଅମରି, ସଂଯୁକ୍ତା ଭୋଇ, ଭାରତୀ ବାଗ ସହଯୋଗ କରିଥିଲେ। ଆଶାଲତା ଭୋଇ ଧନ୍ୟବାଦ ଦେଇଥିଲେ।

## ପଦ୍ମପୁର ଏନ୍‌ଏସିରେ ସ୍ୱୟଂଗଣନା



**ପଦ୍ମପୁର, ୩।୪(ସମିସ):** ଜନଗଣନା-୨୦୨୭ ଅଭିଯାନର ଅଂଶ ଭାବରେ ସ୍ୱୟଂ ଗଣନା କାର୍ଯ୍ୟକ୍ରମ ଶୁକ୍ରବାର ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହାଙ୍କ ଦ୍ୱାରା ଆରମ୍ଭ ହୋଇଛି। ଏହି ଅବସରରେ ବରଗଡ଼ ଡେପୁଟି କଲେକ୍ଟର ସୁମତୀ ପଣ୍ଡା, ଜିଲ୍ଲା ଜନଗଣନା ଅଧିକାରୀ ଆଶୁତୋଷ ସିଂ, ପଦ୍ମପୁର ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଲୋକମାନଙ୍କୁ ଡିଜିଟାଲ ମାଧ୍ୟମରେ ସ୍ୱୟଂ ତଥ୍ୟ ଭରଣା କରିବା ପାଇଁ ପ୍ରୋତ୍ସାହିତ କରାଯାଉଛି। ଏହି କାର୍ଯ୍ୟକ୍ରମକୁ ପଦ୍ମପୁର ଏନ୍‌ଏସିର ସୌମ୍ୟ ବଲ୍ଲଭ ମହାପାତ୍ର, ଦୀନବନ୍ଧୁ ପଧାନ, କିଶୋର ପଣ୍ଡା, ଦିବ୍ୟକିଶୋର ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ।

### ହାତ ମାରିଲେ ଉଠିଯାଉଛି ପିଚୁ

# ଝରି-ଘୁନମୁନିପାଲି ଆର୍‌ଡି ରାସ୍ତା କାମ ନିମ୍ନମାନର

**ମେଲଛାମୁଣ୍ଡା, ୩।୪(ସମିସ)**



ଗାଁକୁ ସହର ସହ ଯୋଡ଼ି ବିକାଶର ମାର୍ଗ ପ୍ରଶସ୍ତ କରିବା ପାଇଁ ସରକାରଙ୍କ 'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା' ଏକ ଯୁଗାନ୍ତକାରୀ ପଦକ୍ଷେପ। କିନ୍ତୁ କିଛି ଅସାଧୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏହି ବିକାଶମୂଳକ ଯୋଜନା ଏବେ ବାଟବଣା ହେବାରେ ଲାଗିଛି। ସୋହେଲା ବ୍ଲକ ଝରିଗ୍ରାମଠାରୁ ଜିତପାଲି ଦେଇ ଘୁନୁନିପାଲି ପର୍ଯ୍ୟନ୍ତ ପ୍ରାୟ ୪ କିଲୋମିଟରରୁ ଊର୍ଦ୍ଧ୍ୱ ରାସ୍ତାରେ ମରାମତି କାମ ନିମ୍ନମାନର ହୋଇଥିବାନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ନିୟମ ଅନୁଯାୟୀ, ଯେକୌଣସି ପ୍ରକଳ୍ପସ୍ଥଳରେ କାର୍ଯ୍ୟର ଅଟକଳ ମୂଲ୍ୟ, ସାମଗ୍ରୀର ଅନୁପାତ ଇତ୍ୟାଦି ସୂଚନା ଫଳକ ରହିବା ବାଧ୍ୟତାମୂଳକ। ମାତ୍ର ଏହି ରାସ୍ତା କ୍ଷେତ୍ରରେ ସେଭଳି କୌଣସି ସୂଚନା ବୋର୍ଡ ନାହିଁ। ଫଳରେ କାର୍ଯ୍ୟର ସ୍ୱଚ୍ଛତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାସ୍ତା ମରାମତି ପାଇଁ ଲକ୍ଷ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲେ ସୁଦ୍ଧା, ସମ୍ପୃକ୍ତ ଠିକାଦାର କେବଳ ଅର୍ଥ ଆତ୍ମସାତ କରିବା ଲକ୍ଷ୍ୟରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରିଥିବା ପରିଲକ୍ଷିତ ହୋଇଛି। ପିଚୁ ଓ ଗେଟିର ମିଶ୍ରଣରେ ସାମାନ୍ୟତମ ମାନ ରକ୍ଷା କରାଯାଇ ନ ଥିବା ତଥା ଧୂଳିବାଲି ସଫା ନକରି ତାରି ଉପରେ ପିଚୁମିଶ୍ରଣ ପକାଯାଇଛି। ଫଳରେ ମଧ୍ୟ ପିଚୁସ୍ତର ସାମାନ୍ୟ ହାତ ଲଗାଇବା ମାତ୍ରେ ଉପୁଡ଼ି ଯାଉଛି। ଟ୍ରାକ୍ଟର, ଗାଡ଼ି ଚଳିଲେ ସଡ଼କ ଦବି ପିଚୁ ଉପୁଡ଼ିଯାଉଛି। ତା' ସହିତ ଅନେକ ସ୍ଥାନରେ ରାସ୍ତା ମରାମତି ନକରି ଛାଡ଼ି ଦିଆଯାଇଛି। ଏହି ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସମ୍ପୃକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ସୁଦ୍ଧା ପ୍ରତିକ୍ରିୟା ମିଳିପାରିନାହିଁ। ପ୍ରଶାସନ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରି ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ରକ୍ତଦାନ ଶିବିର; ୩୬ ୟୁନିଟ୍ ସଂଗ୍ରହ



**ବରଗଡ଼, ୩।୪(ସମିସ):** ବରଗଡ଼ ଜିଲ୍ଲା କଟାପାଲି, (ବରପାଲି )ଯୁକ୍ତ ତିନି କଲେଜରେ ଏନ୍‌ଏସ୍‌ଏସ୍ ବ୍ୟୁରୋ, କଟାପାଲି କଲେଜ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବରେ ଡାକ୍ତର ଅମିନ ଖେରାନି, ବରେଣ୍ୟ ଅତିଥି ଭାବରେ ପ୍ରିନ୍ସିପାଲ ବୁଦ୍ଧଦେବ ଭୋଇ, ଏନ୍‌ଏସ୍‌ଏସ୍ ମୁଖ୍ୟ ବିଭୁଦତ୍ତ ପଧାନ, କଲେଜର ସମ୍ପାଦକ ଅଶୋକ କୁମାର ତ୍ରିପାଠୀ, ରେଡକ୍ରସ ସଂଯୋଜକ ଲୋକନାଥ ସାହୁ ଯୋଗ ଦେଇଥିଲେ। ସର୍ବମୋଟ ୩୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସମସ୍ତ ଛାତ୍ର, ଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଉତ୍ସାହ ର ସହିତ ରକ୍ତ ଦାନ କରିଥିଲେ। ପରେ ରକ୍ତଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ କଲେଜ କର୍ତ୍ତୃପକ୍ଷଙ୍କୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

ସକାଳ
THE SAKALA



## ନବାହ୍ନ ପାରାୟଣ ଉଦ୍‌ଯାପିତ

**ବୌଦ୍ଧ, ୩।୪ (ସମିସ):** ବୌଦ୍ଧ ସହର ବୁଟୁପାଲିରେ ପବିତ୍ର ଶ୍ରୀରାମ ନବମୀ ଠାରୁ ଚାଲିଥିବା ନବାହ୍ନ ପାରାୟଣ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ଦେଖିବାକୁ ମିଳିଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ବ୍ୟାସ ଭାବରେ ରାଜେଶ ଦାଶ ପାରାୟଣ ପଠନ କରିଥିଲେ। ବୁଟୁପାଲିବାସୀଙ୍କ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରତିଦିନ ପାରାୟଣ ଶ୍ରବଣ ପାଇଁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଶୁକ୍ରବାର ପୂର୍ଣ୍ଣାହୁତି ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଛି।

## ଗ୍ୟାସ୍ ସଙ୍କଟରୁ ଅନେକ ହୋଟେଲ ବନ୍ଦ

**ବୌଦ୍ଧ, ୩।୪ (ସମିସ):** ବୌଦ୍ଧ ସହରରେ ରୋଷେଇ ଗ୍ୟାସର ସଙ୍କଟ ଯୋଗୁଁ ଦିନକୁ ଦିନ ଅନେକ ହୋଟେଲ ବନ୍ଦ ହୋଇଯାଉଥିବା ଦେଖିବାକୁ ମିଳିଛି। ଫଳରେ ବସ ଓ ବିଭିନ୍ନ ଯାନବାହାନରେ ଯାତାୟତ କରୁଥିବା ଯାତ୍ରୀ ମାନେ ଘୋର ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଘରୋଇ ଓ ବ୍ୟବସାୟିକ ଗ୍ୟାସ୍ ଯୋଗାଣ ବାଧାପ୍ରାପ୍ତ ହେଉଥିବା ଯୋଗୁଁ କେବଳ ହୋଟେଲ ନୁହେ ବିଭିନ୍ନ ଜଳଖିଆ ଦୋକାନ, ଚା ଦୋକାନ, ଫାଷ୍ଟଫୁଡ ଦୋକାନ ଗୁଡିକ ଦିନକୁ ଦିନ ବନ୍ଦ ହୋଇ ଯାଉଛି। ଯଦ୍ୱାରା ଉକ୍ତ ଦୋକାନ ଗୁଡିକର ମାଲିକ ଓ କାରୀଗର୍ ତଥା ଅନ୍ୟ କର୍ମଚାରୀମାନେ ମଧ୍ୟ କାମ ନପାଇ ଆର୍ଥିକ ସଙ୍କଟର ସମ୍ମୁଖିନ୍ ହେଉଥିବା ଅଭିଯୋଗ ହେଉଛି।

### ଜିଲ୍ଲା ସ୍ଥାପନକୁ ୩୪ ବର୍ଷ ପୂରିଲା

# ଭବିଷ୍ୟତ ପ୍ରଗତିକୁ ନେଇ ଆଶଙ୍କାରେ ସିନାପାଲିବାସୀ

**ସିନାପାଲି, ୩।୪(ସମିସ)**

ନୂଆପଡ଼ା ଜିଲ୍ଲା ଗଠନ ହେବାର ଇତି ମଧ୍ୟରେ ୩୪ ବର୍ଷ ବିତଯାଇଛି। ଅନେକ ଉତ୍ଥାନ ପତନ ମଧ୍ୟରେ ନୂଆପଡ଼ା ଜିଲ୍ଲାର ବିକାଶର କିଛି ଅଗ୍ରଗତି ଘଟିଛି ଆଉ ଅନେକ ବିକାଶମୂଳକ ଜନହିତକର କାର୍ଯ୍ୟ ଏବେ ବି ଅସମହିତ ମଧ୍ୟରେ ରହିଛି। ନୂଆପଡ଼ା ଜିଲ୍ଲା ୫ଟି ବ୍ଲକକୁ ନେଇ ଗଠିତ ହୋଇଥିବା ବେଳେ ୧୯୯୩ ମସିହା ଏପ୍ରିଲ ପହିଲା କଳାହାଣ୍ଡିରୁ ବିଭକ୍ତ ହୋଇ ନୂତନ ଜିଲ୍ଲାର ମାନ୍ୟତା ପାଇଲା। ଲୋକେ ନୂତନ ସୂର୍ଯ୍ୟୋଦୟର ଅନେକ ଆଶା ବାନ୍ଧି ରଖିଥିଲା ବେଳେ ସିନାପାଲିବାସୀଙ୍କ ପାଇଁ ଅନେକ ସ୍ୱପ୍ନ ଆଜିବି ଅଧୁରା ରହିଯାଇଛି। ଅନେକ ପ୍ରଗତି ହେଇଛି ତଥାପି ସିନାପାଲି ଅଞ୍ଚଳର ଅଧିବାସୀଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରୁଛି। ପୂର୍ବ ବିଜେଡି ଶାସନ ସମୟରେ କିଛି ଅଞ୍ଚଳକୁ ମେଗା ଜଳ ଯୋଗାଣ ପ୍ରକଳ୍ପ ମାଧ୍ୟମରେ ଚାଷର ଉନ୍ନତୀ ପାଇଁ ଜଳସେଚନ ସୁବିଧା, ବିଜୁ ଏକ୍ସପ୍ରେସ ୱେ, ଆଦିବାସୀ ବହୁଳ ଅଞ୍ଚଳ ରେ ଉଚ୍ଚ ଶିକ୍ଷାର ବିକାଶ ପାଇଁ ଯୁକ୍ତ +୨ କଲେଜ ସ୍ଥାପନ, ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ, ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ଆଦର୍ଶ ଗ୍ରାମୀଣ ବଜାର, ଗ୍ରାମୀଣ ଶିଶୁମାନଙ୍କ ଆମୋଦ ପ୍ରମୋଦ ପାଇଁ ବିଭିନ୍ନ ସ୍ଥାନରେ ଗ୍ରାମୀଣ ପାର୍କ, ଗମନ ଗମନ, ସେତୁ ନିର୍ମାଣ ଭଳି ଅନେକ ଉନ୍ନତୀ ମୂଳକ କାର୍ଯ୍ୟ କରାଯାଇଛି। ଯାହା ଗ୍ରାମୀଣ ବିକାଶର ଭିତ୍ତିଭୂମିକୁ ମଜଭୁତ କରିଛି। ହେଲେ ୨୦୨୪ ନିର୍ବାଚନରେ ପଟ୍ଟ ପରିବର୍ତ୍ତନ ହୋଇଛି। ରାଜ୍ୟ ରେ ବିଜେପି ସରକାର ଶାସନ ଭାର ସମ୍ଭାଳୁଛି। ସେପଟେ କେନ୍ଦ୍ରରେ ମଧ୍ୟ ବିଜେପି ସରକାର ରହିଛି। ଡବଲ ଇଞ୍ଜିନ ସରକାର ଅମଳରେ ସିନାପାଲିର ବିକାଶ ରଥ କେଉଁ ଆଡେ ଯାଉଛି ତାକୁ ନେଇ ଉଠିଛି ପ୍ରଶ୍ନ। ସିନାପାଲି ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଛତିଶଗଡ଼ ରାଜ୍ୟର ସୀମାରେ ଅବସ୍ଥିତ। ଏଠାରେ ଲୋକଙ୍କ ମୁଖ୍ୟ ସମସ୍ୟା ହେଉଛି କର୍ମ ସଂସ୍ଥାନର ଅଭାବ ରହିଛି। କୌଣସି କଳକାରଖାନା କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ନ ଥିବା ବେଳେ ଏଠିକାର ଲୋକେ ପେଟପାଟଣା ପାଇଁ ବାହାର ରାଜ୍ୟକୁ ଯିବାକୁ ପଡୁଛି। ଅନେକ




ସମୟରେ ଦାଦନ ଯାଇ ଶୋଷଣର ଶୀକାର ହେବା ସହ ନିର୍ଯାତିତ ହୋଇ ଅନେକ ମୃତ୍ୟୁବରଣ କରୁଛନ୍ତି। ଯାହା ଫଳରେ ପରିବାର ଉଜୁଡ଼ି ଯାଉଛି। ସେହିପରି ଆବଶ୍ୟକ ଜଳସେଚନର ସୁବିଧା ନ ଥିବାରୁ ମରୁଡ଼ି ପ୍ରଭାବିତ ହୋଇ ଚାଷୀଙ୍କ ମେରୁଦଣ୍ଡ ଦୋହଲି ପଡୁଛି। ଏଥିପାଇଁ ଅଞ୍ଚଳରେ ସବୁଜ ବିପ୍ଳବ ସୃଷ୍ଟି କରିବା ନେଇ ଉଦନ୍ତୀ ନଦୀରେ ପୂର୍ବ ସରକାର ପ୍ରସ୍ତାବିତ ବ୍ୟରେକ ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ କରିବାର ଆବଶ୍ୟକତା ରହିଛି। ଅଞ୍ଚଳର ଅନେକ ଚାଷୀ ବିଭିନ୍ନ ପନିପରିବା ସାଙ୍ଗକୁ ଶସ୍ୟ ଉତ୍ପାଦନ କରିବା ପାଇଁ ମୁଣ୍ଡ ଝାଳ ତୁଣ୍ଡରେ ମାରି ଅହରହ ସଂଗ୍ରାମ କରୁଥିବା ବେଳେ ଆବଶ୍ୟକ ବଜାର ବ୍ୟବସ୍ଥା ନାହିଁ। ଏପରିକି ଶୀତଳ ଭଣ୍ଡାର ମଧ୍ୟ ନାହିଁ। ଯାହାଫଳରେ ଉତ୍ପାଦିତ ଦ୍ରବ୍ୟକୁ ଶାଗ ମାଛ ଦରରେ ବିକ୍ରୀ କରି ଶୋଷିତ ହେଉଛନ୍ତି। ସେହିପରି ବଣଜଙ୍ଗଲରେ ପୁରୁଷାନୁକ୍ରମେ ବସତି କରି ଚାଷବାସ କରିବା ସହ ଲଘୁବନଯାତ ସଂଗ୍ରହ କରି ଗୁଜୁରାଣ ମେଣ୍ଟାଇବା ଆସୁଥିବା ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ସୁନିଶ୍ଚିତ କରି ଥଇଥାନ କରିବା, ସିନାପାଲି ସହରକୁ ନବୀକରଣ କରାଯାଇ ଏକ ସରସ ସୁନ୍ଦର ସହରର ପରିକଳ୍ପନା କରିବା, ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଖାଲିପଡ଼ିଥିବା ଡାକ୍ତର ପଦବୀ ସାଙ୍ଗକୁ ବିଶେଷଜ୍ଞ ନିୟୋଜିତ କରିବା ଅତ୍ୟାଧୁନିକ ପରୀକ୍ଷଣ ଯନ୍ତ୍ରପାତି, ଲେବ୍ରୋଟରୀ, ଆବଶ୍ୟକ କୋଠା ସାଙ୍ଗକୁ ଆମ୍ବୁଲାନ୍ସ ସେବାକୁ ସୁନିଶ୍ଚିତ କରିବା, ପ୍ରସ୍ତାବିତ ସିନାପାଲି ଅଞ୍ଚଳର କ୍ରୀଡ଼ାର ବିକାଶ ପାଇଁ ଷ୍ଟାଡିୟମ ନିର୍ମାଣ, ବିଭିନ୍ନ ଗ୍ରାମାଞ୍ଚଳକୁ ଯୋଗାଯୋଗ କରୁଥିବା ଛୋଟବଡ ନାଳା ଉପରେ ସେତୁ ନିର୍ମାଣ, ଉପାନ୍ତ ଅଞ୍ଚଳରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଅଚଳ ରହିଥିବା ବେଳେ ଏହାର ସମାଧାନ କରିବା ସହ ବଞ୍ଚିତ ରହିଥିବା ଗାଁ ଗଣ୍ଡା ଗୁଡିକରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରିବା, ସିନାପାଲିରେ ଆଇଟିଆଇ ସ୍ଥାପନ କରିବା, ପ୍ରସ୍ତାବିତ ସିନାପାଲି ସହରକୁ ଏନ୍‌ଏସି ତୁରନ୍ତ କାର୍ଯ୍ୟକାରୀ କରିବା, ପର୍ଯ୍ୟଟନସ୍ଥଳୀ ଥିପାଖୋଲ ଓ ସିନ୍ଦୂରଶିଳର ଭିତ୍ତିଭୂମିର ବିକାଶ ସହ ଅନେକ ସମସ୍ୟାର ସମାଧାନ କରିବା ଓ ପ୍ରସ୍ତାବିତ କାର୍ଯ୍ୟର ରୂପରେଖ ପ୍ରସ୍ତୁତ କରି ଓଡ଼ିଶାର ମାନଚିତ୍ରରେ ସିନାପାଲିକୁ ସ୍ୱତନ୍ତ୍ର ଉନ୍ନତୀ ଓ ବିକାଶର ବ୍ଲକ ରୂପେ ପରିଗଣିତ ହେବ ନା ନାହିଁ ତାକୁ ନେଇ ଆଶା ଓ ଆଶଙ୍କାରେ ରହିଛନ୍ତି ସିନାପାଲି ଅଞ୍ଚଳ ବାସୀ।



ବୌଦ୍ଧ ରାମଲୀଳାରେ ରାମ ଚନ୍ଦ୍ରଙ୍କ ସେତୁ ବନ୍ଧ ପ୍ରତିଷ୍ଠା ଦୃଶ୍ୟ

### ଡିଆଇସିଙ୍କ ବିଭିନ୍ନ ବିଭାଗ ପରିଦର୍ଶନ

# ଉତ୍ପାଦନ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ



**ରାଉରକେଲା, ୩।୪ (ସମିସ):** ରାଉରକେଲା ଇସ୍ପାତ କାରଖାନାର ବିଗତ ଆର୍ଥିକ ବର୍ଷରେ ଚମତ୍କାର ପ୍ରଦର୍ଶନ ନିମନ୍ତେ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ପାଇଁ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ (ଡିଆଇସି) ଆଲୋକ ବର୍ମା ବିଭିନ୍ନ ବିଭାଗ ପରିଦର୍ଶନ କରିଥିଲେ। ତାଙ୍କ ସହିତ ମାନବସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱ ରଞ୍ଜନ ପଲ୍ଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନୀଲ କୁମାର, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ମଧ୍ୟ ଉପସ୍ଥିତ ଥିଲେ। ଡିଆଇସି ବିଭିନ୍ନ ବିଭାଗରେ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ। ଆର୍‌ଏସ୍‌ପିର ବିଭିନ୍ନ ବିଭାଗର ସାମୂହିକଙ୍କୁ ସମ୍ବୋଧିତ କରି ଶ୍ରୀବର୍ମା ଉନ୍ନତ ମିଲ୍ ବ୍ୟବହାରରେ ଉନ୍ନତି ସହ ଫର୍ଣ୍ଣେସ୍ ନିର୍ଭରଯୋଗ୍ୟତା ମାଧ୍ୟମରେ ଉତ୍ପାଦନ ଏବଂ ସାମଗ୍ରିକ କାର୍ଯ୍ୟଦକ୍ଷତାକୁ ଆହୁରି ବୃଦ୍ଧି କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଏବିପି ଲକ୍ଷ୍ୟଗୁଡ଼ିକର ରୂପରେଖା ବର୍ଣ୍ଣନା କରି ଶ୍ରୀ ପଲାଇ ଆର୍‌ଏସ୍‌ପି ସାମୂହିକଙ୍କୁ ସକରାତ୍ମକ ମନୋଭାବ ସହିତ ଲକ୍ଷ୍ୟହାସଲ କରିବାକୁ ଉତ୍ସାହିତ କରିଥିଲେ।

## ଆର୍‌ଏସ୍‌ପି ପ୍ଲେଟ୍ ମିଲ୍ ବିଭାଗକୁ ୨୦୨୫-୨୬ ଚାମ୍ପିଅନ୍ ଟ୍ରଫି

**ରାଉରକେଲା, ୩।୪ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି)ର ପ୍ଲେଟ୍‌ମିଲ୍ ୨୦୨୫-୨୬ ବର୍ଷ ପାଇଁ 'ଚାମ୍ପିଅନ୍ସ ଅଫ୍ ଦି ଇୟର୍' ଟ୍ରଫି ହାସଲ କରିଥିବାବେଳେ ବ୍ଲାଷ୍ଟ ଫର୍ଣ୍ଣେସେସ୍ ରନର୍ସଅପ୍ ବିବେଚିତ ହୋଇଛି। ଏପ୍ରିଲ ପହିଲାରେ ଗୋପବନ୍ଧୁ ଅଡିଟୋରିୟମରେ ଅନୁଷ୍ଠିତ ବାର୍ଷିକ କାର୍ଯ୍ୟଦକ୍ଷତା ସମୀକ୍ଷା ଏବଂ ପୁରସ୍କାର ବିତରଣ ଉତ୍ସବରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉକ୍ତ ପୁରସ୍କାର ପ୍ରଦାନ କରିଥିଲେ। କାରଖାନାର ଚାରୋଟି ଜୋନ୍ ଏବଂ ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସର ବିଭାଗଗୁଡ଼ିକୁ ସେମାନଙ୍କର ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା ଏବଂ ଉଲ୍ଲେଖନୀୟ ସଫଳତା ପାଇଁ ପୁରସ୍କାର ପ୍ରଦାନ କରିଥିଲା ଯାହା ପାଇଁ ପ୍ଲାଣ୍ଟ ଆର୍ଥିକ ବର୍ଷ ୨୦୨୫-୨୬କୁ ସଫଳତାର ସହ ସମାପ୍ତ କରିଛି। ଆର୍‌ଏମ୍‌ଏଚ୍‌ପି ବିଭାଗକୁ ଲୌହ ଏବଂ କଞ୍ଚାମାଲ ଜୋନ୍‌ରୁ ଶ୍ରେଷ୍ଠ ବିବେଚିତ କରାଯାଇଥିଲା। ସେହିପରି ଇସ୍ପାତ ଏବଂ ସହାୟକ ଜୋନ୍‌ରୁ ଷ୍ଟିଲ ମେଲଟିଂ ସପ୍ ୨ ବିଜେତା ହୋଇଥିଲା। ରୋଲିଂ ମିଲ୍ ଜୋନ୍ ରୁ, ନୂତନ ପ୍ଲେଟ୍ ମିଲ୍ ପ୍ରଥମ ସ୍ଥାନ ହାସଲ କରିଛି। ସର୍ଭିସେସ୍ କ୍ଷେତ୍ରରୁ ପିପିସି ବିଭାଗ ବିଜେତା ଥିଲା ବେଳେ ଓଡ଼ିଶା ଖଣି ଗୋଷ୍ଠୀରୁ ବୋଲାନି ଓର ମାଇନ୍ସକୁ ବିଜେତା ଭାବରେ ବିବେଚିତ କରାଯାଇଥିଲା।



## ଜାମୁଡିହ ଉଚ୍ଚ ବିଦ୍ୟାଳୟରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ




**ଲହୁଣୀପଡ଼ା, ୩।୪ (ସମିସ):** କୋଇଡ଼ା ବ୍ଲକସ୍ଥିତ ଜାମୁଡିହ ଉଚ୍ଚ ବିଦ୍ୟାଳୟରେ ଭ୍ରାମ୍ୟମାଣ ବିଜ୍ଞାନ ପ୍ରଦର୍ଶନୀ ମୋବାଇଲ ସାଇନ୍ସ ପ୍ରଦର୍ଶନୀ ହୋଇଥିଲା। ଏହି ପ୍ରଦର୍ଶନୀ ଭ୍ୟାନ୍‌କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ମାହାନ୍ତ ଓ ଶିକ୍ଷକ ଶିକ୍ଷୟିତ୍ରୀ ସ୍ୱାଗତ କରିଥିଲେ। ବିଜ୍ଞାନ ସଂଯୋଜକ ସୁକାନ୍ତ କୁମାର ବେହେରା, ଟେକନିସିଆନ ସଞ୍ଜୟ ସାହୁ ଓ ଚାଳକ ରଣଜିତ ସାହୁ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପ୍ରକଳ୍ପ ଗୁଡ଼ିକୁ ବୁଲାଇ ଦେଖାଇଥିଲେ।

## ରୁଗୁଡ଼ିପାଲିର କାମନା ଦଣ୍ଡ ଆରମ୍ଭ




**କଣ୍ଟାମାଳ, ୩।୪(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ରୁଗୁଡ଼ିପାଲିର ପ୍ରସିଦ୍ଧ ଦଣ୍ଡଯାତ୍ରା ଆରମ୍ଭ ହୋଇଛି। ଏହି ଯାତ୍ରାରେ ଶିବ ଓ କାଳୀଙ୍କୁ ପୂଜା କରାଯାଇଥାଏ। ଏହି ଯାତ୍ରା ୧୩ ଦିନ ଧରି ଚାଲିବ। ଆଜିଠୁ ଆରମ୍ଭ ହୋଇଥିବା ଦଣ୍ଡଯାତ୍ରା ପଣା ସଂକ୍ରାନ୍ତିରେ ଉଦ୍‌ଯାପିତ ହେବ। ଦଣ୍ଡିଆମାନେ ମା' ଦଣ୍ଡକାଳୀ ଓ ଶିବଙ୍କୁ ସାଥିରେ ଧରି ଗାଁକୁ ଗାଁ ବୁଲି ମାନସିକଧାରୀଙ୍କ ମନସ୍କାମନା ପୂର୍ଣ୍ଣ କରିଥାନ୍ତି। ବିଶ୍ୱାସ ରହିଛି ମାଙ୍କୁ ପୂଜା କଲେ ସମସ୍ତ ଦୁଃଖ ଦୂର ହୋଇଥାଏ। ୧୩ ଦିନ ଧରି ପାଟ ଭୁକୁତାଙ୍କ ନିର୍ଦ୍ଦେଶ ଅନୁସାରେ ମା'ଙ୍କ ଦଣ୍ଡ ପାଳନ ହୋଇଥାଏ। ସକାଳୁ ମାନସିକଧାରୀ ଧବଳେଶ୍ୱର ମନ୍ଦିରରେ ପହଞ୍ଚି ମା' ଦଣ୍ଡକାଳୀ ଓ ଶିବଙ୍କୁ ବରଣ କରିଥାନ୍ତି। ମଧ୍ୟାହ୍ନରେ ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ ଇତ୍ୟାଦି ସମ୍ପନ୍ନ ହୋଇଥାଏ। ସନ୍ଧ୍ୟାରେ ମା'ଙ୍କ ଆଳତି ଓ ପୂଜାର୍ଚ୍ଚନା କରିବା ପରେ ଅଧ ରାତିରେ ମା'ଙ୍କୁ ଅନ୍ନ ପ୍ରସାଦ ଲାଗି କରାଯାଇଥାଏ। ରାତିରେ ସାଂସ୍କୃତିକ ନୃତ୍ୟ ପରିବେଶଣ କରାଯାଇଥାଏ। ଗୁରୁବାର ପ୍ରତ୍ୟୁଷରେ ଭୁକୁତାମାନେ ପୋଖରୀରେ ସ୍ନାନାଦି କର୍ମ ସାରିବା ପରେ ସୂର୍ଯ୍ୟପୂଜା ଓ ଦ୍ୱାରପାଳ ପୂଜା ସାରି ଆମ୍ବଗଛ ମୂଳରେ ଥିବା ଦଣ୍ଡ ଖୋଲି ମା' ଦଣ୍ଡକାଳୀ, ମହାଚଣ୍ଡି ଓ ପାର୍ଶ୍ୱ ଦେବତାଙ୍କୁ ପୂଜାର୍ଚ୍ଚନା କରିଥିଲେ। ଏହାପରେ ଗ୍ରାମ ପରିକ୍ରମା କରିବା ପରେ ଦଣ୍ଡକାଳୀ ମନ୍ଦିରକୁ ଫେରିଥିଲେ। ରାତିରେ ଦଣ୍ଡଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଭିନ୍ନ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ପୂଜକ ଖେଡୁ ବଡ଼ମାଲି ପୂଜାର୍ଚ୍ଚନା କରିଥିଲେ। ଗୁରୁ ମେସୁଆଙ୍କ ତତ୍ତ୍ୱାବଧାନରେ ପାଟ ଭୁକୁତାମାନେ ବିଭିନ୍ନ ଗ୍ରାମ ପରିକ୍ରମା କରି ମାନସିକଧାରୀଙ୍କ ଘର ସାମ୍ନାରେ ଦଣ୍ଡନୃତ୍ୟ ପରିବେଷଣ କରିବେ। ପଣା ସଂକ୍ରାନ୍ତି ଦିନ ମେରୁ ପାଇଁ ପ୍ରତ୍ୟାବର୍ତ୍ତନ କରିବେ।

### ରାସ୍ତା ପ୍ରକଳ୍ପ ମାର୍ଗ ପରିବର୍ତ୍ତନକୁ ନେଇ ବିବାଦ

# ୪୯ କୋଟିର କାମ ଅଟକିଲା

**ଥୁଆମୂଳରାମପୁର, ୩।୪(ସମିସ):** ଓଡ଼ିଶା ସରକାରଙ୍କ ଇଞ୍ଜିନିୟର-ଇନ୍-ଚିଫ୍ (ସିଭିଲ୍) କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ବିଡ୍ ଆମନ୍ତ୍ରଣ (ଅଇଏଫ୍‌ବି) ସୂଚନା ଅନୁଯାୟୀ କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପ ପାଇଁ ବ୍ୟାପକ ଅର୍ଥ ମଞ୍ଜୁର ହୋଇଥିଲା। ଡୁମେରପଦର ଠାରୁ ଗୋପୀନାଥପୁର ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପାଇଁ ପ୍ରାୟ ୪୦ କୋଟି ୪୧ ଲକ୍ଷ ଟଙ୍କା ଅନୁଦାନରେ କାମ ଚାଲିଥିବା ବେଳେ, ମହୁଲପାଟଣା ଠାରୁ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ସୀମା ପର୍ଯ୍ୟନ୍ତ ଭାୟା ଖମାରପଦର ୨୮ କି.ମି. ରାସ୍ତା ପାଇଁ ୪୯ କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ୪୪କୋଟି ୪୪ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୨୮.୧୨.୨୩ ରେ ଆରମ୍ଭ ଏବଂ ୨୭.୧୨.୨୫ ରେ ରାସ୍ତା ନିର୍ମାଣର କାର୍ଯ୍ୟ ଶେଷ କରିବା ନେଇ ସୂଚନା ଫଳକରେ ଉଲ୍ଲେଖ ରହିଥିଲା। ଖମାରପଦର ନିକଟରେ ସ୍ଥାପନ କରାଯାଇଥିବା ସୂଚନା ଫଳକରେ ବିଏମ୍‌ଏସ୍ ପ୍ରୋଜେକ୍ଟସ୍ ନାମକ ଠିକା ସଂସ୍ଥାର ନାମ ମଧ୍ୟ ଉଲ୍ଲେଖ ରହିଛି। ଏହି ପ୍ରକଳ୍ପ ତତ୍କାଳୀନ ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନରେ ଗ୍ରହଣ କରାଯାଇଥିଲା। ପ୍ରକଳ୍ପଟି ସଫଳ ହେଲେ ଥୁଆମୂଳରାମପୁର ଅଞ୍ଚଳର ସହ ନବରଙ୍ଗପୁର ଜିଲ୍ଲାର ସିଧାସଳଖ ସଡ଼କ





ଯୋଗାଯୋଗ ସ୍ଥାପିତ ହେବା ସହିତ ବ୍ୟବସାୟ, ଶିକ୍ଷା, ଚିକିତ୍ସା ଓ ଯାତାୟାତ ମାଧ୍ୟମରେ ସ୍ଥାନୀୟ ଲୋକଙ୍କୁ ବ୍ୟାପକ ଲାଭ ମିଳିବା ଆଶା କରାଯାଇଥିଲା। କିନ୍ତୁ, ବିଭାଗୀୟ ଅଧିକାରୀମାନେ ମୂଳ ରାସ୍ତା ମାର୍ଗରେ ପରିବର୍ତ୍ତନ କରି ଇନ୍ଦ୍ରାବତୀ ଜଳଭଣ୍ଡାର ପ୍ରକଳ୍ପ ରାସ୍ତା ମାର୍ଗରେ ବେଣାଖମାର ପର୍ଯ୍ୟନ୍ତ ନୂତନ ମାର୍ଗ ନିର୍ଦ୍ଧାରଣ କରିଥିବା ଅଭିଯୋଗ ଆସିଛି। ଏହି ପରିବର୍ତ୍ତନକୁ ଖମାରପଦର ଅଞ୍ଚଳବାସୀ କଠୋର ଭାବେ ବିରୋଧ କରିଥିଲେ। ଫଳରେ ରାସ୍ତା କାମ ଆରମ୍ଭ ହେବା ପୂର୍ବରୁ ଅଟକି ରହିଯାଇଛି। ନିର୍ଦ୍ଧାରିତ ରାସ୍ତା ପ୍ରକଳ୍ପକୁ ତୁରନ୍ତ ନିର୍ମାଣ କରାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ରାଜ୍ୟ ପ୍ରଶାସନ ଅବହେଳା ପ୍ରଦର୍ଶନ କରାଯାଇଥିବା ଅଭିଯୋଗ ଆଣିବା ସହ ଥୁଆମୂଳ ରାମପୁର ଭଳି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ବିକାଶକୁ ଉପେକ୍ଷା କରାଯାଉଛି।

### ଅନୁଦାନ ଫେରିଯିବା ଆଶଙ୍କା

ପରିସ୍ଥିତି ଏମିତି ହୋଇଛି ଯେ, ମଞ୍ଜୁର ହୋଇଥିବା ଏହି ବିପୁଳ ଅନୁଦାନ ରାଶି ଫେରସ୍ତ ହେବାର ଆଶଙ୍କା ଉପସ୍ଥିତ ହୋଇଛି। ଏନେଇ ଅଞ୍ଚଳବାସୀମାନେ ବିଭାଗୀୟ ଅଧିକାରୀଙ୍କୁ ଦାୟୀ କରି କହିଛନ୍ତି ଯେ, ପୂର୍ବ ନିର୍ଦ୍ଧାରିତ ରୁଟ୍‌କୁ ଅପରିବର୍ତ୍ତିତ ରଖାଯାଇଥାନ୍ତା, ତେବେ ଏପରି ପରିସ୍ଥିତି ସୃଷ୍ଟି ହେଉନଥାନ୍ତା ଏବଂ ଅଞ୍ଚଳର ଲୋକମାନେ ଏହାର ସର୍ବାଧିକ ଲାଭ ପାଇପାରିଥାନ୍ତେ। ଏହି ଘଟଣା ପ୍ରଶାସନୀୟ ଅସମନ୍ୱୟକୁ ସ୍ପଷ୍ଟ କରୁଛି। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେଇ ତୁରନ୍ତ ସମାଧାନ ନ କଲେ ଅଞ୍ଚଳର ଉନ୍ନୟନ ଉପରେ ଗଭୀର ପ୍ରଭାବ ପଡ଼ିବା ସମ୍ଭାବନା ରହିଛି।

### କାର୍ଲିଯୋଡି ଗାଁରେ ବିକାଶ ଅପହଞ୍ଚି

# ୧୧ ବର୍ଷ ହେଲା ଅନ୍ଧାରୀ ଜୀବନ, ପାନୀୟ ଜଳ ସ୍ୱପ୍ନ

**ଲାଞ୍ଜିଗଡ଼, ୩।୪(ସମିସ)**

ଗାଁରେ ଟ୍ରାନ୍ସଫର୍ମର ବସିଛି, ବିଦ୍ୟୁତ୍ ଖୁଣ୍ଟ ବି ଅଛି, ତାର ଟଣା ହୋଇଛି, କିନ୍ତୁ ବିଜୁଳି ନାହିଁ।ଟ୍ରାନ୍ସଫର୍ମର ଅଚଳହୋଇ ୧୧ ବର୍ଷ ବିତି ଗଲାଣି ହେଲେ ମରାମତି ହେଉନାହିଁ। ବର୍ତ୍ତମାନ ବିଦ୍ୟୁତ୍ ଉପଭୋକ୍ତା ୧୧ବର୍ଷ ହେଲା ଅନ୍ଧାରରେ ଦିନ କାଟୁଥିବା ଅଭିଯୋଗ ହୋଇଛି।ସେଭଳି ଖରାଦିନେ ପାନୀୟ ଜଳ ପାଇଁ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଆଦିବାସୀ ଅଧ୍ୟୁଷିତବେନଗାଁ ପଞ୍ଚାୟତ କାର୍ଲିଯୋଡ଼ିଗାଁର ଅବସ୍ଥା। ସୂଚନା ମୁତାବକ, କାର୍ଲିଯୋଡ଼ି ଗାଁରେ ୩୫ ଘର କୁଟିଆ କନ୍ଧ ସାମ୍ପ୍ରଦାୟର ଲୋକ ଦୀର୍ଘ ବର୍ଷ ଧରି ବସବାସ କରି ଆସୁଛନ୍ତି।ଗାଁ ବସତି ହୋଇ ୧୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ବିଜୁଳି ଓ ପାନୀୟ ଜଳର ସଙ୍କଟ ଦେଖାଦେଇଛି। ଏହିମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତଶପନ ପାଲଟିଛି। ଓଡ଼ିଶା ଭଳି ବିକଶିତ ରାଷ୍ଟ୍ରରେ ଏହି ଗାଁର ୩୫ ପରିବାର ପାଇଁ ଗୋଟିଏ ନଳକୂପ ରହିଥିବା ବେଳେ ତାହା ନିଅଣ୍ଟ ହେଉଛି। ନଳକୂପରୁ କିଛି ସମୟ ପାଣି ବାହାରିବା ପରେ ଗୋଳିଆ ଓ ପଥର ଗୁଣ୍ଡ ପାଣି ବାହାରୁଛି। ଗାଁରୁ କିଛି ଦୂର ଚାଷ ଜମି କଡ଼ରୁ କୁଣ୍ଡ କରି ସେହି ପାଣିକୁ ପାନୀୟ ଜଳ ରୂପେ ବ୍ୟବହାର କରିବା ଯୋଗୁଁ ଗାଁ ଲୋକଙ୍କ ଶରୀର ଅଧିକାଂଶ ସମୟରେ ଅସୁସ୍ଥ ରହୁଛି। ଜଳକଷ୍ଟ ବର୍ଷ ବର୍ଷ ଧରି





ଗାଁରେ ଲାଗି ରହିଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପ୍ରଶାସନ କିମ୍ବା ଜଳ ଯୋଗାଣ ଦାୟିତ୍ୱରେ ଥିବା ଅଧିକାରୀମାନେ ଶୁଣୁନଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।ସେହିଭଳି ଆଜିକୁ ୧୧ ବର୍ଷ ପୂର୍ବେ ମାତ୍ର ୧୯ ଘରକୁ ବିଦ୍ୟୁତ୍ ସଂଯୋଗ ହୋଇଥିଲା। ତେବେ ବିଦ୍ୟୁତ୍ ସଂଯୋଗର ମାତ୍ର ୧୫ ଦିନ ଆଲୁଅ ଜଳିବା ପରେ ଟ୍ରାନ୍ସଫର୍ମର ଅଚଳ ହୋଇଗଲା। ସେହିଦିନଠାରୁ ୧୧ ବର୍ଷ ହେଲା ଗାଁରେ ବିଜୁଳି ନାହିଁ। ଟ୍ରାନ୍ସଫର୍ମର ମରାମତି ପାଇଁ ବାରମ୍ବାର ଦାବି ହେଲେ ବି ବିଭାଗୀୟ ଅଧିକାରୀ ଶୁଣୁ ନାହାନ୍ତି ବୋଲି ଗାଁ ଲୋକେ କହୁଛନ୍ତି।ଅନ୍ୟପଟେ ସନ୍ଧ୍ୟା ହେଲେ ବନ୍ୟପ୍ରାଣୀ ଓ ହାତୀର ଭୟରେ ଥରୁଛି ଗାଁ। ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ଏହି ଗାଁ ଦେଇ ଅନେକ ସମୟରେ ହାତୀପଲ ଯିବା ଆସିବା କରିଥାଆନ୍ତି। ଗାଁକୁ ହାତୀପଲ ଆସିବା ଜାଣିପାରି ଭୟରେ ଗ୍ରାମବାସୀ ସମସ୍ତେ ଏକତ୍ରିତ ହୋଇ ଗାଁ ମୁଣ୍ଡରେ ନିଆଁ ଜାଳି ଉତ୍କଳ କରି ଜଗିବସିବାକୁ ପଡ଼ିଥାଏ। ଗାଁରେ ବିଦ୍ୟୁତ ନ ଥିବା ଯୋଗୁଁ ପିଲାଙ୍କ ପାଠପଢ଼ା ସାଙ୍ଗକୁ ଜରୁରୀକାଳୀନ ପରିସ୍ଥିତି ସାମ୍ନା କରିବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି ଗ୍ରାମବାସୀ।ଗାଁରେ ପାନିୟ ଜଳର ସୁବିଧା ଓ ବିଦ୍ୟୁତ ସଂଯୋଗ କରିବା ପାଇଁ ବାରମ୍ବାର ଅଭିଯୋଗ ପରେବି ଗାଁକୁ ପାନୀୟ ଜଳ କିମ୍ବା ବିଦ୍ୟୁତ୍ ସଂଯୋଗ ହୋଇନଥିବା ଯୋଗୁଁ ଗତ ୨୪ ସାଧାରଣ ନିର୍ବାଚନରେ ଭୋଟ୍ ବର୍ଜନ କରିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି।ଏନେଇ ବେନଗାଁ ସରପଞ୍ଚ ପୁରାଣା ମାଝୀଙ୍କୁ ପଚାରିବାରୁ ପଞ୍ଚାୟତ ପକ୍ଷରୁ ନଳକୂପ ଖୁଳିବା ପାଇଁ ବାରମ୍ବାର ଚେଷ୍ଟା କରାଯାଉଛି।କିନ୍ତୁ ପାହାଡିଆ ସ୍ଥାନରେ ଗାଁ ରହିଥିବା ଯୋଗୁଁ ସମ୍ଭବ ହେଉନାହିଁ। ଗାଁଠାରୁ କିଛି ଦୂରରେ ଖାଲୁଆ ଜମିରେ ଜଳ ସ୍ରୋତ ରହିଥିବା ସ୍ଥାନରେ ଗଭୀର ନଳକୂପ ଖୋଳାଯାଇ ସେଠାରୁ ପାଇପ ଲାଇନ ଯୋଗେ ଗାଁକୁ ଜଳ ଯୋଗାଣ ହେଲେ ଜଳକଷ୍ଟ ଦୂର ହୋଇ ପାରିବ। ଏହାକୁ ନେଇ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିବି ବୋଲି ପ୍ରକାଶ କରିଛନ୍ତି। ସମସ୍ୟା ପ୍ରତି ବ୍ଲକ ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ତୁରନ୍ତ ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇବେ। ପରିବାର ଲୋକଙ୍କ ସହିତ ହସ ଖୁସିର ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**ବୃଷ:** ଭାବି ଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପୁରୁଣା ନିବେଶରୁ ଲାଭ ମିଳିପାରେ। ସଙ୍ଗୀତପ୍ରେମୀଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମନ ପ୍ରସନ୍ନ ରହିବ।

**ମିଥୁନ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ସଫଳତା ପାଇବା ପାଇଁ ପରିଶ୍ରମ କରିପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ।

**କର୍କଟ:** ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଅଯଥା ଖର୍ଚ୍ଚ ବୃଦ୍ଧି ପାଇପାରେ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ହୋଇପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

**ସିଂହ:** ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ଦୀର୍ଘ ଦିନର ଆଶା ପୂରଣ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଚାକିରିରେ ସଫଳତା ମିଳିବ।

**କନ୍ୟା:** ମନୋସ୍କାମନା ପୂରା ହେବ। ପାରିବାରିକ ଜୀବନ ସୁଖମୟ ହେବ। ଅଫିସ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ଅଚାନକ ଖୁସି ଖବର ପାଇପାରନ୍ତି। ଯାନବାହନ କ୍ରୟ କରିପାରନ୍ତି।

**ତୁଳା:** ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ରାଜନୀତିରେ ସଫଳତା ମିଳିବ।

**ବିଛା:** ଆୟ ଅନୁସାରେ ବ୍ୟୟ ଅଧିକ ହୋଇପାରେ। ନୂତନ ବ୍ୟବସାୟ ପାଇଁ ବର୍ତ୍ତମାନ ଅନୁକୂଳ ସମୟ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ଧନୁ:** ଦୂରସ୍ଥାନକୁ ଯାତ୍ରା କରିବା ସମୟରେ ସତର୍କ ରୁହନ୍ତୁ। ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ମଜାମସ୍ତିରେ ଦିନ ବିତିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ଧୈର୍ଯ୍ୟ ରଖି କାମ କରିବା ଭଲ।

**କୁମ୍ଭ:** ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଘରେ ପୂଜାପାଠ ଆୟୋଜନ ହେବ। ଯାନବାହନ କ୍ରୟର ଯୋଗ ଅଛି।


**ମୀନ:** ଥକ୍କା ଅନୁଭବ କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ନକାରାତ୍ମକ ଚିନ୍ତା ଦୂର ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ଚକ୍ଷୁ ସମସ୍ୟା ହୋଇପାରେ।

## ଆଜିର ଇତିହାସ

- ୧୯୦୯- ହିମାଚଳ ପ୍ରଦେଶର କାଙ୍ଗଡ଼ା ଘାଟିରେ ଆସିଥିବା ଭୂମିକମ୍ପ ଯୋଗୁଁ ୨୦,୦୦୦ ଲୋକ ମୃତ।
- ୧୯୪୯- ଉତ୍ତର ଆଟ୍‌ଲାଣ୍ଟିକ୍ ସୈନ୍ୟ ସଂଗଠନ(ନାଟୋ)ର ସ୍ଥାପନା।
- ୧୯୬୮- ନାସା ଆପୋଲୋ ୬ ପ୍ରକ୍ଷେପଣ କଲା।
- ୧୯୭୯- ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଜୁଲ୍‌ଫିକର୍ ଅଲ୍ଲୀ ଭୁଟ୍ଟୋଙ୍କୁ ଫାଶୀ ଦିଆଗଲା।

ଆଜି ବାହୁଡ଼ିଥିଲେ

# ସ୍ୱଭାବକବି ଗଙ୍ଗାଧର ମେହେର



ଆଧୁନିକ ଯୁଗର ଅନ୍ୟତମ ପ୍ରଭାବଶାଳୀ ସାହିତ୍ୟରଥୀ ଭାବରେ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ମେହେର ଅମର ସ୍ୱାକ୍ଷର ଛାଡ଼ିଯାଇଛନ୍ତି। ପ୍ରକୃତି ଚିତ୍ରଣରେ ତାଙ୍କର ସ୍ୱତନ୍ତ୍ର ଦୃଷ୍ଟିକୋଣ ଥିଲା। ତାଙ୍କର ଭାଷା ଶୈଳୀ, ପ୍ରକୃତି ଚିତ୍ରଣ ଓ ଜନଜୀବନର ଚିତ୍ର ତାଙ୍କୁ "ସ୍ୱଭାବକବି"ର ସ୍ୱତନ୍ତ୍ର ପରିଚୟ ଦେଇଛି। 'ତପସ୍ୱିନୀ', 'କୀଚକ ବଧ', 'ପ୍ରଣୟବଲ୍ଲରୀ' ତାଙ୍କର ଉଲ୍ଲେଖନୀୟ କୃତି । ଗଙ୍ଗାଧର ମେହେର ୧୮୬୨ ମସିହା ଅଗଷ୍ଟ ୯ ତାରିଖରେ ଅବିଭକ୍ତ ସମ୍ବଲପୁର ବର୍ତ୍ତମାନ ବରଗଡ଼ ଜିଲ୍ଲା ବରପାଲିରେ ଜନ୍ମଗ୍ରହଣ କରିଥିଲେ। ବାଲ୍ୟକାଳରେ ଦାରିଦ୍ର୍ୟର କଷାଘାତ ଯୋଗୁଁ ସେ ଅଧିକ ଶିକ୍ଷାଲାଭ କରିପାରି ନ ଥିଲେ। ହେଲେ ପିଲାଦିନରୁ ସେ କବିତା ଲେଖିବା ଆରମ୍ଭ କରିଥିଲେ। ତାଙ୍କ ରଚନାର ଏକ ମୁଖ୍ୟ ଆକର୍ଷଣ ହେଲା ପାରମ୍ପରିକ ରଚନା କଳାକୁ ଆଣି ଆଧୁନିକ ଓଡ଼ିଆ ଶୈଳୀରେ ସଜେଇବା। ଯଦିଓ ନିଜର ରଚନାର ଆରମ୍ଭରେ ସେ ପାରମ୍ପରିକ ରଚନା ଶୈଳୀକୁ ଅନୁକରଣ କରୁଥିଲେ ହେଲେ ସମୟ କ୍ରମେ ତାଙ୍କ ଲେଖାକୁ ଆଧୁନିକ ଢାଞ୍ଚାରେ ପକାଇ ସେ ନିଜସ୍ୱ ଶୈଳୀରେ ଲେଖିଲେ। ଯାହା ତାଙ୍କର ପରିଚୟ ହୋଇ ଯାଇଥିଲା। ତାଙ୍କର ଆଦ୍ୟ ରଚନାବଳୀ ଭିତରେ 'ରସ ରତ୍ନାକର' ଓ 'ଅହଲ୍ୟା ସ୍ତବ' ଅନ୍ୟତମ। ଏଗୁଡ଼ିକ ରୀତିଯୁଗୀୟ ଶୈଳୀରେ ରଚନା କରାଯାଇଥିଲା। ସ୍ୱଳ୍ପ ଶିକ୍ଷା ସତ୍ତ୍ୱେ ବି ତାଙ୍କର ଓଡ଼ିଆ ଓ ସଂସ୍କୃତ ଭାଷାରେ ଗଭୀର ଜ୍ଞାନ ଥିଲା। ଏକ ସାଧାରଣ ଚାକିରି କରି ସେ ପରିବାର ପ୍ରତିପୋଷଣ କରୁଥିଲେ। ସେଥିପାଇଁ ତାଙ୍କୁ ବହୁ ବାଧାବିଘ୍ନର ସାମ୍ନା କରିବାକୁ ପଡ଼ିଥିଲା। ସେହିପରି ଓଡ଼ିଆ ଭାଷା ମହାସଙ୍କଟ ଦେଇ ଗତି କରୁଥିଲାବେଳେ 'ଇନ୍ଦୁମତୀ', 'କୀଚକ ବଧ', 'ତପସ୍ୱିନୀ', 'ପ୍ରଣୟବଲ୍ଲରୀ', 'ଉତ୍କଳ ଲକ୍ଷ୍ମୀ', 'ଅଯୋଧ୍ୟା ଦୃଶ୍ୟ' ଭଳି ଉଚ୍ଚକୋଟୀର କାବ୍ୟ ଓ କବିତା ରଚନା କରି ଓଡ଼ିଆ ଭାଷା ଆନ୍ଦୋଳନକୁ ସେ ତେଜୀୟାନ କରିଥିଲେ । 'ଅର୍ଘ୍ୟଥାଳି' ହେଉଛି ତାଙ୍କର ଲୋକପ୍ରିୟ କବିତା ସଂଗ୍ରହ। ତାଙ୍କ ରଚିତ ଶେଷ କାବ୍ୟ ଥିଲା 'ପଦ୍ମିନୀ'। ପ୍ରକୃତିର ଅସାଧାରଣ ବର୍ଣ୍ଣନା, ଆଦର୍ଶ ଚରିତ୍ର ଚିତ୍ରଣ, ମାନବତାର ଜୟଗାନ ଆଦି ତାଙ୍କ ସାହିତ୍ୟ କୃତିର ବିଶେଷତ୍ୱ। ତାଙ୍କ ରଚିତ 'ତପସ୍ୱିନୀ' କାବ୍ୟର "ମଙ୍ଗଳେ ଅଇଲା ଉଷା , ବିକଟ ରାଜୀବ ଦୃଶା" ଘରେ ଘରେ ପରିଚିତ। ୧୯୨୪ ମସିହା ଆଜିର ଦିନରେ ଏହି ସାରସ୍ୱତ ସାଧକଙ୍କର ପରଲୋକ ଘଟିଥିଲା।

# ଶହୀଦ ରଘୁ-ଦିବାକର



ରଣପୁର ରାଜା ଓ ରାଜକର୍ମଚାରୀଙ୍କ ଅନ୍ଧାରି ଶାସନ ଅଧୀନରେ ପ୍ରଜାଙ୍କ ପ୍ରତି ହେଉଥିବା ଅନ୍ୟାୟ, ଅବହେଳା ଓ ଅତ୍ୟାଚାର ବିରୋଧରେ ଲଢ଼ି ପ୍ରାଣବଳି ଦେଇଥିବା ଦୁଇଜଣ ବିପ୍ଳବୀ ବୀର ହେଉଛନ୍ତି ଶହୀଦ ଦିବାକର ପରିଡ଼ା ଓ ରଘୁନାଥ ମହାନ୍ତି। ପରାଧୀନ ଭାରତରେ ଓଡ଼ିଶାର ଅଧିକାଂଶ ଗଡ଼ଜାତର ରାଜାମାନେ, ବ୍ରିଟିଶ୍ ସରକାରର ବାହୁଛାୟା ତଳେ ରହି ପ୍ରଜା-ଶୋଷଣରେ ମାତିଥିଲେ। ପ୍ରଜାଙ୍କୁ ବଳପୂର୍ବକ ବେଠି ଖଟାଯାଉଥିଲା, ମାଗଣା ଭେଟି ଦେବାକୁ ପଡୁଥିଲା। ରଣପୁର ପ୍ରଜା ମଣ୍ଡଳର ସଂପାଦକ ଓ ସଂଗଠନ ସଂପାଦକ ଥିଲେ ଯଥାକ୍ରମେ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା। ଏହି ଦୁଇ ପ୍ରଚଣ୍ଡ ଦେଶପ୍ରେମୀ ଯୁବକଙ୍କ ନେତୃତ୍ୱରେ ରଣପୁର ପ୍ରଜା ଆନ୍ଦୋଳନ କ୍ରମଶଃ ଶକ୍ତିଶାଳୀ ହୋଇଥିଲା। ନିଜର ଜ୍ଞାନ ବୁଦ୍ଧି ବଳରେ ସେମାନେ ବିଦ୍ରୋହକୁ ତୀବ୍ର, ଶାଣିତ ଓ କୋଠର କରିପାରିଥିଲେ। ବ୍ରିଟିଶ ସରକାରଙ୍କ ଅକଥନୀୟ ଅତ୍ୟାଚାରକୁ ବିରୋଧ କରି ୧୯୩୯ ମସିହାରେ ରଣପୁର ଅଞ୍ଚଳର ହଜାର ହଜାର ପ୍ରଜା ମେଳିବାନ୍ଧି ଅତ୍ୟାଚାରୀ ରାଜାଙ୍କ ରାଜବାଟି ଅଭିମୁଖେ ଅଗ୍ରସର ହୋଇଥିଲେ । ଏହାଦେଖି ତତ୍କାଳୀନ ରାଜା ତାଙ୍କ ରାଜନୈତିକ ଅନୁଚର ବେଜେଲଗେଟ ସାହେବଙ୍କୁ ଏହି ଆନ୍ଦୋଳନକୁ ଦମନ କରିବା ପାଇଁ ରଣପୁର ଡକାଇଥିଲେ । ଉତ୍ୟକ୍ତ ପ୍ରଜାମାନେ ବେଜଲଗେଟଙ୍କୁ ପ୍ରବଳ ବିରୋଧ କରିଥିଲେ । ଏହି ଜନ ସମାଗମକୁ ଦମନ କରିବାକୁ ଆସିଥିବା ବେଜେଲଗେଟ, ସେଠାରେ ଘଟିଥିବା ଗଣ୍ଡଗୋଳରେ ନିହତ ହୋଇଥିଲେ। ଏହାର ପ୍ରତିଶୋଧ ସ୍ୱରୂପ ବ୍ରିଟିଶ ପ୍ରଶାସନ ରଘୁ-ଦିବାକରଙ୍କୁ ଗିରଫ କରି ହତ୍ୟାକାଣ୍ଡ ମକଦ୍ଦମା ଚଳାଇଥିଲେ। ରଘୁ-ଦିବାକରଙ୍କ ବିରୋଧରେ ମିଛ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା ଏବଂ ଉଭୟଙ୍କୁ ଫାଶୀ ଦଣ୍ଡ ପ୍ରଦାନ କରାଯାଇଥିଲା। ୧୯୪୧ ମସିହା ଆଜିର ଦିନରେ ଏହି ଦୁଇ ବୀର ସଂଗ୍ରାମୀଙ୍କୁ ଫାଶୀ ଦିଆଗଲା । ଦେଶମାତୃକା ପାଇଁ ଶହୀଦ ହୋଇ ଯୁଗଯୁଗ ପାଇଁ ଅମର ହୋଇଗଲେ ଏହି ଦୁଇ ବୀର ସଂଗ୍ରାମୀ ।




# 'କ୍ୱିନ୍ ୨'ରେ କଙ୍ଗନା

ବଲିଉଡ୍ ଅଭିନେତ୍ରୀ କଙ୍ଗନା ରାନାୱତଙ୍କ ଫିଲ୍ମ 'କ୍ୱିନ୍'କୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏହା ୨୦୧୪ରେ ଆସିଥିଲା। ବିକାଶ ବହଲ ଏହାର ନିର୍ଦ୍ଦେଶନା ଦେଇଥିଲେ। ଏଥିରେ ରାଜକୁମାର ରାଓ ଓ ଲିଜା ହେଡେନ୍ ମଧ୍ୟ ଅଭିନୟ କରିଥିଲେ। ଏବେ ଏହାର ସିକ୍ୱେଲକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ମୂଳ ଫିଲ୍ମ ଭଳି ଏହାର ସିକ୍ୱେଲରେ ବି କଙ୍ଗନା ଲିଡ୍ ରୋଲରେ ନଜର ଆସିବେ। ଏଥିରେ ସେ ରାନୀ ଭୂମିକାରେ ଦେଖାଯିବେ। ମୂଳ ଫିଲ୍ମରେ ସେ ଏକ ଛୋଟ ସହରର ଝିଅ ଭାବେ ଦେଖାଯାଇଥିବାବେଳେ ଏହାର ସିକ୍ୱେଲରେ ସହରୀ ଝିଅ ଭାବେ ନଜର ଆସିବେ। ଏଥିରେ ସେ ଦେଶର ବିଭିନ୍ନ ସହର ବୁଲୁଥିବାର ଦେଖାଯିବେ। ଏହାର ସୁଟିଂ ଚଳିତ ମାସ ଶେଷଆଡ଼କୁ ଆରମ୍ଭ ହେବ। କଙ୍ଗନାଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'ଇମରଜେନ୍ସି' ଫିଲ୍ମରେ ନଜର ଆସିଥିଲେ। ଏହା ୨୦୨୫ରେ ଆସିଥିଲା। 'କ୍ୱିନ୍ ୨' ବ୍ୟତୀତ କଙ୍ଗନା ଏକ ସାଇକୋଲଜିକାଲ ଥ୍ରିଲର୍ ଫିଲ୍ମରେ ମଧ୍ୟ ନଜର ଆସିବେ। ଏହାବାଦ୍ ସେ 'ଭାରତ ଭାଗ୍ୟ ବିଧାତା'ରେ ମଧ୍ୟ ଅଭିନୟ କରୁଛନ୍ତି।


ରହସ୍ୟମୟ ଗୁମ୍ଫା

# ରୁହନ୍ତି ଦୃଷ୍ଟିବାଧିତ ମାଛ



ଛତିଶଗଡ଼ର ଘଞ୍ଚ ଜଙ୍ଗଲ ଭିତରେ କୁଟୁମସର ଗୁମ୍ଫା ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ସଂରଚନା ପାଇଁ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହା ଏକ ଚୂନପଥର ଗୁମ୍ଫା । ହଜାର ହଜାର ବର୍ଷ ଧରି ଏହି ଗୁମ୍ଫା ମଧ୍ୟକୁ ସୂର୍ଯ୍ୟକିରଣ ପହଞ୍ଚି ନ ଥିବା କୁହାଯାଏ। ଏଠାରେ ଅନେକ ପ୍ରଜାତିର ଜୀବ ବସବାସ କରୁଥିବାବେଳେ ଗୁମ୍ଫା ମଧ୍ୟରେ ଥିବା ଦୃଷ୍ଟିବାଧିତ ମାଛ ପର୍ଯ୍ୟଟକଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ତେବେ ଏହି ମାଛଗୁଡ଼ିକ ଜନ୍ମରୁ ଏପରି ନ ଥାନ୍ତି। ଦୀର୍ଘ ଦିନ ଧରି ଅନ୍ଧକାର ମଧ୍ୟରେ ରହିବା ଦ୍ୱାରା ମାଛଗୁଡ଼ିକ ଆଖିରେ ଚର୍ବି ଭଳି ଏକ ଧଳା ପରସ୍ତ ଚଢ଼ିଯାଏ। ଫଳରେ ସେମାନେ ଦୃଷ୍ଟିଶକ୍ତି ହରାଇ ବସନ୍ତି। ଏହି ମାଛଗୁଡ଼ିକର ଦୃଷ୍ଟିଶକ୍ତି ନ ଥିଲେ ବି ସେମାନେ ଖୁବ୍ ସହଜରେ ରାସ୍ତା ଖୋଜି ନିଅନ୍ତି। ଏହାକୁ ଛତିଶଗଡ଼ର ପାତାଳଲୋକ କୁହାଯାଏ। ଗୁମ୍ଫା ଭିତରକୁ ଦେଖିଲେ ଏହା ଏଲିୟନ୍ ରହୁଥିବା ଅନ୍ୟ ଏକ ଗ୍ରହ ଭଳି ଲାଗିଥାଏ। କେବଳ ସେତିକି ନୁହେଁ, ଗୁମ୍ଫାର ଛାତରୁ ଓହଳି ଥିବା ଚୂନ ପଥର ପ୍ରାକୃତିକ ଝୁମରର ଅନୁଭବ ଦେଇଥାଏ। ଗୁମ୍ଫା ଭିତରର ପରିବେଶ ଏତେ ଶାନ୍ତ ଯେ, ଏଠାରେ ଜଣେ ନିଜର ହୃଦ୍‌ସ୍ପନ୍ଦନ ଶୁଣିପାରିବେ। ଗୁମ୍ଫା ଭିତର ସଦାସର୍ବଦା ଅନ୍ଧାର ରହୁଥିବାରୁ ଏଠାକୁ ଆସୁଥିବା ଲୋକେ ସାଥିରେ ଟର୍ଚ୍ଚ ନେଇ ଆସିଥାନ୍ତି। ବର୍ଷାଦିନେ ଗୁମ୍ଫା ମଧ୍ୟରେ ପାଣି ଭରିଯାଉଥିବାରୁ ଜୁନ୍ ୧୫ରୁ ଏହାକୁ ଚାରିମାସ ପାଇଁ ବନ୍ଦ କରି ଦିଆଯାଏ।

## ପ୍ରହେଳିକା



- ଗଛ ଗୋଟିଏକୁ କାନ୍ଧି ଗୋଟିଏ
ସେ କାନ୍ଧିରେ ଫଳ ଅନେକ ଥାଏ
ଫଳ ପାଚିଗଲେ ହୁଅଇ ଭୋଗ
କଞ୍ଚାବେଳେ ଭଜା ପାଟିକୁ ବାଗ
ତରକାରୀ ପାଇଁ ଲୋଡ଼ା
ପତରରେ ତା'ର ଠାକୁର ପ୍ରସାଦ
ମନ୍ଦିରରେ ହୁଏ ବଢ଼ା ।

ଉତ୍ତର :- କଦଳୀ

- କଞ୍ଚାବେଳେ ତରକାରୀ ହୁଅଇ
ପାଚିଲେ ଖାଇବ ଚୋପା କଟେଇ
ଭିଟାମିନ୍ ଭରପୁର ରହିଛି
ପାଞ୍ଚୋଟି ଅକ୍ଷର ନାମ ବହିଛି
ବିଷ ବିପରୀତ ଯାହା ହୋଇବ
ତା' ପାଖରେ ଭଣ୍ଡା ଶବ୍ଦ ଥୋଇବ
ଫଳଟିର ନାମ କହିବ ଯିଏ
ସବୁଠାରୁ ବଡ଼ ବୁଦ୍ଧିଆ ସିଏ।

ଉତ୍ତର :-ଅମୃତଭଣ୍ଡା



- ମାଟି ତଳେ ଫଳ ଫଳିଥାଏ
ଭଜା ଚଟଣି ଓ ଝୋଳହୁଏ
ଦରକାର ତରକାରୀ ପାଇଁ
ତା' ବିନା ତିଅଣ ହୁଏନାଇଁ
ପରଟା ଭିତରେ ଗଲେ ପଶି
ପାଟିକୁ ସୁଆଦ ଲାଗେ ବେଶି
ପଖାଳ ଭାତର ମିତ ସିଏ
ନାଆଁଟି ତାହାର କୁହ କିଏ ?

ଉତ୍ତର :- ଆଳୁ

ଜଗଦୀଶ ସାହୁ
ସଂଜପଡା, ଢେଙ୍କାନାଳ


## ବୈଶାଖ ମାସ

ବର୍ଷ ଆରମ୍ଭରେ ବୈଶାଖ ମାସ,
ସାଥୀରେ ଆଣଇ ଝଡ଼ ବତାସ
ତହ ତହ ତାତି ସହି ନୁହଁଇ
କାଳ ବୈଶାଖୀ ମାଡ଼ି ଆସଇ ॥
ଅକ୍ଷୟ ତୃତୀୟା, ଚନ୍ଦନ ଯାତ
ଚାପରେ ଖେଳନ୍ତି ଶ୍ରୀଜଗନ୍ନାଥ
ଆମ୍ବ ପାଚେ, ପଣସ ପାଚେ
ପାଚଇ ଜାମୁ କୋଳି
ଖରାରେ ବୁଲି କଣ୍ଟେଇ କୋଳି,
ଖାଆନ୍ତି ପିଲେ ତୋଳି ॥
ଖଣ୍ଡିଆ ଭୂତ ଘୁରି ଘୁରିକା
ଆକାଶେ ଯାଏ ଉଠି
ତାଳି ମାରିଣ ପିଲେ ନାଚନ୍ତି
ହୋଇଣ ବଡ଼ ଖୁସି ॥
ଖରାରେ ସିନା ବୁହଇ ଝାଳ
ଲାଗଇ ବଡ଼ ଥକ୍କା
ମାଆ କୁହନ୍ତି ପିଦେ ପଣା
ଲାଗଇ ବଡ଼ ମଜା।



ପୁଷ୍ପଲତା ସାହୁ
ଝାରସୁଗୁଡ଼ା

## କାଳବୈଶାଖୀ



ଗ୍ରୀଷମ କାଳ ଉପରବେଳା
କାଳବୈଶାଖୀ ଆସେ
ଆକାଶ ବକ୍ଷେ କଳା ବାଦଲ
ବିଜୁଳି ସହ ହସେ।
ଝଡ଼ ବେଗରେ ପବନ ବହେ
ବରଷା ଦାଉ ସାଧେ
ଘଡ଼ଘଡ଼ିର ଶବଦ ଶୁଭେ
ଘନ ବିଜୁଳି ମଧେ।
କିଛି ସମୟ ପାଇଁ ସେ ଆସି
ରଚଇ ତା'ର ଖେଳ
ବଜ୍ରାଘାତରେ ନେଇ ଯାଏ ସେ
ବହୁ ନିରୀହ ପ୍ରାଣ।
କାଳବୈଶାଖୀ ଆସୁଛି ଦେଖି
ସତର୍କ ହେବା ଆମେ
ଘର ଭିତରେ ନିରାପଦରେ
ରହିବା ସର୍ବ ଜନେ।
ଗଛ ମୂଳରେ ଆଶ୍ରୟ ନେବା
ନୁହଁଇ ନିରାପଦ
ଗଛ ଉପରେ ବିଜୁଳି ଖସେ
ଏହି କଥାଟି ସତ।
ଆମ ଜୀବନ ଅଟେ ମହାନ
ଏକଥା ମନେ ଭରି
କାଳବୈଶାଖୀ ବିଜୁଳି ଠାରୁ
ରହିବା ହୋଇ ଦୂରୀ।



ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର

## ସୁମନ

# ଅସୁବିଧାରେ ଭାଇ ହିଁ ସାହା

ସାନୁ ସବୁବେଳେ ତା'ର ସାନଭାଇ ସିନୁକୁ ଚିଡ଼ାଏ। କେବେ କଥାରେ ତ କେବେ ଇସାରାରେ ତ ଆଉ କେବେ ତା' ଚୁଟିକୁ ଭିଡ଼ି। ବାପାମାଆ ସାନୁ ଉପରେ ରାଗନ୍ତି। କୁହନ୍ତି କାହିଁକି ଛୋଟ ପିଲାଟାକୁ ହଇରାଣ କରୁଛୁ ? ସାନୁ କିନ୍ତୁ କାହାରି କଥା ଶୁଣେ ନାହିଁ। ବାରମ୍ବାର ସେ ସିନୁ ସହିତ ଲାଗେ। ଥରେ ସିନୁକୁ ସାନୁ ଏମିତି ଚିଡ଼େଇଲା ଯେ ସିନୁ କିଛି ନ ଖାଇ ନ ପିଇ କାନ୍ଦି କାନ୍ଦି ଶୋଇପଡ଼ିଲା। ସାନୁକୁ ତା'ର ମାଆ କହିଲେ, ଦେଖିଲୁ ତ ସେ କେତେ ନିରୀହ। ଏସବୁରେ କିନ୍ତୁ ସାନୁକୁ କିଛି ଫରକ ପଡୁ ନ ଥିଲା। ସାନୁର ସାଙ୍ଗ ଇନୁ। ଗାଁ ମୁଣ୍ଡରେ ଥିବା ବିଦ୍ୟାଳୟରେ ସାଙ୍ଗ ହୋଇ ଦୁହେଁ ପଢ଼ନ୍ତି। ସାନୁର ତ ଚିଡ଼ାଇବା ଅଭ୍ୟାସ ଅଛି। ସେ ଇନୁକୁ ବି ସେମିତି ଚିଡ଼େଇବାକୁ ଲାଗିଲା। ସାନୁର ବ୍ୟବହାରରେ ଅତିଷ୍ଠ ହୋଇ ଇନୁ ତାକୁ ପାନେ ଦେବାକୁ ଉପାୟ ପାଞ୍ଚିଲା। ଦିନେ ଇନୁ ସାନୁକୁ ବିଦ୍ୟାଳୟ ପାଖରେ ଥିବା ଏକ ଖାଲ ପାଖକୁ ଡାକି ସେହି ଖାଲକୁ ଠେଲିଦେଲା। ସ୍କୁଲ ଛୁଟି ହେବା ସମୟ ହେଲା। ସମସ୍ତେ ଯେ ଯୁଆଡ଼େ ଚାଲିଗଲେ। ସଞ୍ଜ ନଇଁ ଆସୁଥାଏ। ଖାଲ ଭିତରେ ପଡ଼ି ସାନୁ ଭୟରେ ଥରୁଥାଏ। କାରଣ ତାକୁ ରାତିସାରା ସେହି ଖାଲରେ ରହିବାକୁ ପଡ଼ିବ। ସେ ଜୋରରେ ଡାକ ପକାଇଲା। ସାନୁର ଡାକ କିନ୍ତୁ କାହାରି କାନରେ ପଡୁ ନ ଥାଏ। ତା' ପାଟିରୁ ବାହାରୁଥାଏ ସିନୁ ମୋତେ ବଞ୍ଚା। ସ୍କୁଲରୁ ଫେରିବାବେଳ ଡେରି ହେବାରୁ ସିନୁ ତା' ଭାଇ ସାନୁକୁ ଖୋଜିଲା। ବାପାଙ୍କୁ ବି କହିଲା। ବାପା ଓ ସିନୁ ମିଶି ସାନୁକୁ ଖୋଜିବାକୁ ବାହାରିଲେ। ବିଦ୍ୟାଳୟ ଚାରିପାଖ ସିନୁ ଖୋଜୁଥାଏ। ହଠାତ୍ ତା'ର ନଜର ଏକ ଖାଲ ଉପରେ ପଡ଼ିଲା । ସେହି ଖାଲପାଖକୁ ଯାଇ ଦେଖେତ ସାନୁ ତା' ଭିତରେ ବସି କାନ୍ଦୁଛି। ଡେରି ନ କରି ବଡ଼ ଦଉଡ଼ିଟିଏ ଆଣିଲା। ପାଖରେ ଥିବା ଏକ ବଡ଼ ଗଛର ଗଣ୍ଡିରେ ଦଉଡ଼ିକୁ ବାନ୍ଧି ଦେଲା। ଦଉଡ଼ିର ଅନ୍ୟ ପାଖକୁ ଖାଲ ଭିତରକୁ ପକାଇଦେଲା। ଦଉଡ଼ି ସାହାଯ୍ୟରେ ସାନୁ ଉପରକୁ ଉଠି ଆସିଲା। ସିନୁ ତା' ପାଖରେ ଥାଏ। ଏତିକିବେଳେ ବାପା ଆସି ପହଁଞ୍ଚିଲେ। କହିଲେ ଦେଖିଲୁ ତ ସାନୁ ସିନୁର ବୁଦ୍ଧିକୁ। ସାନୁ ଆଉଁସି ଦେଲା ସିନୁର ମୁଣ୍ଡକୁ। ଜେଜେଙ୍କଠାରୁ ଶୁଣିଥିଲା ଅସୁବିଧାରେ ଭାଇ ହିଁ ସାହା। ଆଉ ସିନୁକୁ ଓ ତାର ସାଙ୍ଗମାନଙ୍କୁ କେବେ ସାନୁ ଚିଡ଼ାଇବାର କେହି ଦେଖି ନାହାଁନ୍ତି। ଦୁଇ ଭାଇ ଖୁବ୍ ଖୁସିରେ ଚଳିଲେ।







ଶୁଭନାରାୟଣ ଶତପଥୀ
ବିଜିପୁର, ବ୍ରହ୍ମଗିରି, ପୁରୀ


## କୁନି ଆଙ୍କିଲେ





ବେଦାନ୍ତ କୁମାର ସାହୁ
ଅଷ୍ଟମ ଶ୍ରେଣୀ
ସେଣ୍ଟ୍ ଜାଭିୟର୍ ହାଇସ୍କୁଲ
ଚନ୍ଦ୍ରଶେଖରପୁର, ଭୁବନେଶ୍ୱର






ଶୁଭମ୍ ମହାନ୍ତି
ତୃତୀୟ ଶ୍ରେଣୀ
ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ବିସିପୁର





ସୌରଭ ରଞ୍ଜନ କର
ସପ୍ତମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
କଲେଜ ସ୍କୋୟାର, କଟକ





ଏସ୍. ସାଇ ସଙ୍କେତ
ତୃତୀୟ ଶ୍ରେଣୀ
ଭେଙ୍କଟେଶ୍ୱର ସ୍କୁଲ
ନିମାପଡ଼ା

## ଆୟରଙ୍କ ନେତୃତ୍ୱରେ ବ୍ୟାଟର୍‌ଙ୍କ ଦମ୍‌ଦାର୍ ପ୍ରଦର୍ଶନ

# ସୁପର କିଙ୍ଗ୍‌ସକୁ ହରାଇ କିଙ୍ଗ୍‌ସର ଦ୍ୱିତୀୟ ବିଜୟ

ଚେନ୍ନଇ,୩।୪(ଏଜେନ୍ସି)



ଶ୍ରେୟସ ଆୟର ଓ ତାଙ୍କ ବ୍ରିଗେଡ୍‌ର ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଶୁକ୍ରବାର ଖେଳାଯାଇଥିବା ଆଇପିଏଲ୍‌ର ୭ମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୫ୱିକେଟରେ ଚେନ୍ନଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ଏହା ଫଳରେ ଚଳିତ ଟୁର୍ଣ୍ଣାମେଣ୍ଟରେ ପଞ୍ଜାବ କିଙ୍ଗ୍‌ସ ୨ଟି ମ୍ୟାଚ୍‌ରୁ ୨ଟିରେ ବିଜୟ ହାସଲ କରିଛି। ଅନ୍ୟ ପକ୍ଷରେ ସୁପର କିଙ୍ଗ୍‌ସ ୨ଟି ମ୍ୟାଚ୍ ଖେଳି ୨ଟିରେ ପରାଜିତ ହୋଇଛି। ଏହି ମ୍ୟାଚ୍‌ରେ ଆୟୁଷ ମାହତ୍ରେ ୪୩ବଲ୍‌ରେ ୭୩, ଶିବମ ଦୁବେ ୨୭ବଲ୍‌ରେ ଅପରାଜିତ ୪୫ ଓ ସର୍ଫରାଜ ଖାନ୍ ୧୨ ବଲ୍‌ରେ ୩୨ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ସୁପର କିଙ୍ଗ୍‌ସ ନିର୍ଦ୍ଧାରିତ ୨୦ ଓଭରରେ ୫ ୱିକେଟ ହରାଇ ୨୦୯ ରନ୍ କରିଥିଲା। ଜବାବରେ ପ୍ରମୁଖ ବ୍ୟାଟରଙ୍କ ଦଳଗତ ପ୍ରଚେଷ୍ଟା ବଳରେ ପଞ୍ଜାବ କିଙ୍ଗ୍‌ସ ୧୮.୪ ଓଭରରେ ୫ୱିକେଟ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଥିଲା। ଦଳ ପକ୍ଷରରୁ ଓପନର ପ୍ରିୟାଂଶ ଆର୍ଯ୍ୟ ୧୧ବଲ୍‌ରୁ ୩ ଚୌକା ଓ ୪ଛକା ସହ ୩୯ ରନ୍ କରି ଭଲ ଆରମ୍ଭ କରିଥିଲେ। ଯାହା ଫଳରେ ପଞ୍ଜାବ ୩.୨ ଓଭରରେ ୫୦ରନ୍ ପୂରଣ କରିଥିଲା। ତାଙ୍କ ଆଉଟ ପରେ ପ୍ରଭସିମରନ ସିଂହ ୩୪ବଲ୍‌ରୁ ୪୩ରନ୍, କୁପର କୋନ୍ନୋଲୀ ୨୨ବଲ୍‌ରୁ ୬ଚୌକା ସହ ୩୬, ଅଧିନାୟକ ଶ୍ରେୟସ ଆୟର ୨୯ବଲ୍‌ରୁ ୪ଚୌକା ଓ ୩ଛକା ସହ ୫୦ ରନ୍ କରି ଦଳକୁ ବିଜୟର ନିକଟତର କରାଇବା ପରେ ଆଉଟ ହୋଇଥିଲେ। ଶଶାଙ୍କ ସିଂ ୬ବଲ୍‌ରେ ୧୪ ଓ ମାର୍କସ ଷ୍ଟୋଇନିସ୍ ୩ବଲ୍‌ରେ ୯ରନ୍ କରି ଶେଷଯାଏ ଅପରାଜିତ ରହିବା ସହ ଦଳକୁ ୫ ୱିକେଟରେ ଏହି ଦମ୍‌ଦାର ବିଜୟ ପ୍ରଦାନ କରିଥିଲେ। ଚେନ୍ନଇର ମ୍ୟାଟ ହେନରୀ ଓ ଅଂଶୁଲ କାମ୍ବୋଜ ୨ଟି ଲେଖାଏଁ ୱିକେଟ ନେଇଥିଲେ ମଧ୍ୟ ତାହା କିଛି କାମଦେଇ ନ ଥିଲା।

ଏହି ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ଟସ୍ ଜିତିବା ପରେ ଚେନ୍ନଇକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ସିଏସ୍‌କେର ମୁଖ୍ୟ ଖେଳାଳି ସଞ୍ଜୁ ସାମସନ ଦଳୀୟ ସ୍କୋର ୧୪ ରନ୍ ବେଳେ ୭ ରନ୍ କରି ଆଉଟ ହୋଇଯାଇଥିଲେ। ଦ୍ୱିତୀୟ ୱିକେଟରେ ଅଧିନାୟକ ଋତୁରାଜ ଗାଏକ୍ୱାଡ ଓ ଆୟୁଷ ମାହତ୍ରେ ୫୫ ବଲ୍‌ରୁ ୯୬ ରନ୍ ଉଠାଇ ଦଳକୁ ଏକ ବଡ ସ୍କୋର କରିବାର ପ୍ଲାଟଫର୍ମ ଦେଇଥିଲେ। ସେ ୬୮ ରନ୍ କରିଥିଲାବେଳେ ଶଶାଙ୍କ ସିଂ କ୍ୟାଚ୍ ହାତଛଡ଼ା କରିଦେଇଥିଲେ। ଏଥିରୁ ସେ ଫାଇଦା ଉଠାଇ ନ ପାରି ୭୩ ରନ୍‌ରେ ଆଉଟ ହୋଇଥିଲେ। ଏହି ସ୍କୋର କରିବାକୁ ସେ ୪୩ ବଲ୍‌ରେ ୬ ଚୌକା ଓ ୫ ଛକାର ସହାୟତା ନେଇଥିଲେ। ଶେଷ ଭାଗରେ ସର୍ଫରାଜ ଖାନ୍ ୧୨ ବଲ୍‌ରେ ୬ ଚୌକା ଓ ୧ଛକା ସହ ୩୨ ଏବଂ ଶିବମ ଦୁବେ ୨୭ବଲ୍‌ରୁ ୫ ଚୌକା ଓ ୧ ଛକା ସହ ୪୫ ରନ୍‌ରେ ଅପରାଜିତ ରହିଥିଲେ। ଗାଏକ୍ୱାଡ୍‌ଙ୍କ ବ୍ୟାଟରୁ ୨୮ ରନ୍ ମିଳିଥିଲାବେଳେ ସଞ୍ଜୁ ସାମସନ ୭ ରନ୍‌କରି ପୁଣିଥରେ ବ୍ୟାଟିଂରେ ଫେଲ୍ ମାରିଛନ୍ତି। ପଞ୍ଜାବ ପକ୍ଷରୁ କର୍ଣ୍ଣାଟକ ମିଡିୟମ୍ ପେସର ବିଜୟ କୁମାର ବ୍ୟାସକ ସର୍ବାଧିକ ୨ଟି, ଅଷ୍ଟ୍ରେଲୀୟ ଫାଷ୍ଟ ବୋଲର ଜାଭିୟର ବାର୍ଟଲେଟ, ଦକ୍ଷିଣ ଆଫ୍ରିକୀୟ ଫାଷ୍ଟ ବୋଲର ମାର୍କୋ ଜାନସେନ୍ ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ।

### ଆୟୁଷଙ୍କ ବ୍ୟାଟ୍ ଅଯୋଗ୍ୟ

ଏହି ମ୍ୟାଚ୍‌ରେ ଯୁବ ଖେଳାଳି ଆୟୁଷ ମାହତ୍ରେଙ୍କ ବ୍ୟାଟ୍‌କୁ ଅଯୋଗ୍ୟ ଘୋଷଣା କରିଛନ୍ତି ଅମ୍ପାୟାର। ଯାହା ଫଳରେ ସେ ତାଙ୍କ ପ୍ରଥମ ପସନ୍ଦର ବ୍ୟାଟରେ ଖେଳିବାକୁ ସମର୍ଥ ହୋଇ ନ ଥିଲେ। କିନ୍ତୁ ଏହି ବ୍ୟାଟରେ କିଛି ଅସୁବିଧା ଥିଲା ଭଳି ମନେ ହେଉ ନ ଥିଲା। ବୋଧହୁଏ ଅମ୍ପାୟାର ଠିକ୍ ଭାବେ ବ୍ୟାଟ୍‌କୁ ମାପି ନ ଥିଲେ ବୋଲି ଆଶଙ୍କା କରାଯାଉଛି।

### ସଂକ୍ଷିପ୍ତ ସ୍କୋର

**ଚେନ୍ନଇ ସୁପର କିଙ୍ଗ୍‌ସ**: ୨୦୯/୫, ୨୦ ଓଭର (ମାହତ୍ରେ-୭୩, ଦୁବେ-ଅପରାଜିତ ୪୫, ସର୍ଫରାଜ - ୩୨, ଗାଏକ୍ୱାଡ-୨୮, ବ୍ୟାସକ-୨/୩୮)।


**ପଞ୍ଜାବ କିଙ୍ଗ୍‌ସ**: ୨୧୦/୫, ୧୮.୪ ଓଭର (ଶ୍ରେୟସ-୫୦, ପ୍ରଭସିମରନ-୪୩, ପ୍ରିୟାଂଶ-୩୯, କୋନ୍ନୋଲୀ-୩୬, କାମ୍ବୋଜ-୨/୪୩, ହେନରୀ-୨/୫୪)।

### ଆଜିର ଆଇପିଏଲ୍ ମ୍ୟାଚ୍

| | |
|---|---|
| ଦିଲ୍ଲୀ ବନାମ ମୁମ୍ବଇ | ଗୁଜରାଟ ବନାମ ରାଜସ୍ଥାନ |
| ଭେନ୍ୟୁ-ଦିଲ୍ଲୀ | ଭେନ୍ୟୁ-ଅହମ୍ମଦାବାଦ୍ |
| ଖେଳ ଆରମ୍ଭ : ଅପରାହ୍ଣ ୩ଟା ୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଅଭିଷେକଙ୍କ ୨୫ ପ୍ରତିଶତ ମ୍ୟାଚ୍ ପାଉଣା କଟିବ



କୋଲକାତା, ୩।୪ (ଏଜେନ୍ସି): ଚଳିତ ଆଇପିଏଲ୍-୧୯ରେ ସନରାଇଜର୍ସ ହାଇଦରାବାଦ୍ ପ୍ରଥମ ବିଜୟ ସ୍ୱାଦ ଚାଖିଛି। ଗତକାଲି ଇଡେନରେ ଅନୁଷ୍ଠିତ ମ୍ୟାଚରେ ହାଇଦରାବାଦ ୬୫ ରନରେ ଘରୋଇ କୋଲକାତା ନାଇଟ୍ ରାଇଡର୍ସକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ସନରାଇଜର୍ସର ବିସ୍ଫୋରକ ଓପନର ଅଭିଷେକ ଶର୍ମା ୪ଟି ଲେଖାଏ ଚୌକା ଓ ଛକା ସହ ୨୧ ବଲରେ ୪୮ ରନର ଦ୍ରୁତ ପାଳି ଖେଳିଥିଲେ। ତେବେ ମ୍ୟାଚ୍ ପରେ ଅଭିଷେକଙ୍କ ଉପରେ ବଡ଼ ଜରିମାନା ଲାଗିଛି। ଆଇପିଏଲ୍‌ର ଆଚରଣ ସଂହିତା ଉଲ୍ଲଂଘନ କରିଥିବା ଅଭିଯୋଗରେ ରେଫରୀ ଅଭିଷେକଙ୍କ ମ୍ୟାଚ ପାଉଣାର ୨୫ ପ୍ରତିଶତ ଅର୍ଥ ଜରିମାନା କରିଛନ୍ତି। ଅଭିଷେକ ଆଚରଣ ସଂହିତାର ଧାରା ୨.୩ ଉଲ୍ଲଂଘନ କରି ଦୋଷୀ ସାବ୍ୟସ୍ତ ହୋଇଥିଲେ। ଏହି ଧାରା ମ୍ୟାଚ ସମୟରେ ଅଶ୍ଳୀଳ ଭାଷା କିମ୍ବା ଅପମାନଜନକ ଭାଷା ବ୍ୟବହାର ସହିତ ଜଡ଼ିତ। ପ୍ରତିପକ୍ଷ ବୋଲର ବ୍ଲେସିଙ୍ଗ ମୁଜାରବାନିଙ୍କ ବଲରେ ଆଉଟ୍ ହୋଇ ଫେରିବା ସମୟରେ ଅଭିଷେକ ନୈରାଶ୍ୟବ୍ୟକ୍ତ କରି କିଛି ଖରାପ ଭାଷା ପ୍ରୟୋଗ କରିଥିବା ଜଣାପଡ଼ିଛି।

## ଏନ୍‌ସିଏ କ୍ୟାମ୍ପ୍‌ରେ ଓଡ଼ିଶାର ୩ କ୍ରିକେଟର୍

ଭୁବନେଶ୍ୱର, ୩।୪ (ସମିସ): ବିସିସିଆଇ ଦ୍ୱାରା ପରିଚାଳିତ ଜାତୀୟ କ୍ରିକେଟ୍ ଏକାଡେମୀ (ଏନ୍‌ସିଏ)ର ୧୬ ବର୍ଷରୁ କମ୍ ଏଲିଟ୍ କ୍ୟାମ୍ପକୁ ଓଡ଼ିଶାର ୩ଜଣ ଖେଳାଳି ମନୋନୀତ ହୋଇଛନ୍ତି। ସେମାନେ ହେଲେ ଗୁଞ୍ଜନ ସାହୁ, ହିମନିଶ ସାହୁ ଓ ଆଶୁତୋଷ କୁମାର ନାୟକ। ଗତ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାରୁ ଏହି ୩ଜଣଙ୍କୁ ଏନ୍‌ସିଏ କ୍ୟାମ୍ପରେ ସାମିଲ କରାଯାଇଛି। ଗୁଞ୍ଜନ ଅହମ୍ମଦାବାଦରେ, ହିମନିଶ ଡେରାଡୁନରେ ଏବଂ ଆଶୁତୋଷ ଜୟପୁରରେ ମେ ୧୧ରୁ ଜୁନ ୬ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଶିବିରରେ ଭାଗନେବେ ବୋଲି ଜଣାପଡ଼ିଛି। ଏହି ଅବସରରେ ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ର ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସମସ୍ତ କର୍ମକର୍ତ୍ତା ଗୁଞ୍ଜନ, ଆଶୁତୋଷ ଓ ହିମନିଶଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

■ ଏସିଆନ୍ ବକ୍ସିଂ ଚାମ୍ପିଅନସିପ୍

## ୩ଟି ପଦକ ନିଶ୍ଚିତ କଲା ଭାରତ



ନୂଆଦିଲ୍ଲୀ,୩।୪(ଏଜେନ୍ସି): ମଙ୍ଗୋଲିଆର ଉଲ୍ଲାନବାତରଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିଅନସିପରେ ଭାରତ ୩ଟି ପଦକ ନିଶ୍ଚିତ କରିଛି। ଭାରତର ୩ଜଣ ବକ୍ସର ନିଖତ ଜରୀନ୍, ପ୍ରିୟା ଓ ପ୍ରୀତି ପାୱାର ସେମିଫାଇନାଲରେ ପ୍ରବେଶ କରିବା ଫଳରେ ଭାରତକୁ ଅତିକମ୍‌ରେ ୩ଟି କାଂସ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି। ସେମିରେ ପରାଜିତ ଖେଳାଳିଙ୍କୁ କାଂସ୍ୟ ପଦକ ମିଳିଥାଏ। ମହିଳା ୫୧ କିଲୋଗ୍ରାମ୍ ଶ୍ରେଣୀରେ ଜରୀନ୍, ୭୦ କେଜିରେ ପ୍ରିୟା ଓ ୫୪ କେଜିରେ ପ୍ରୀତି ପାୱାର ସହଜ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। କିନ୍ତୁ ସେମିଫାଇନାଲରେ ଏମାନଙ୍କ ପ୍ରତିଦ୍ୱନ୍ଦ୍ୱୀ ବେଶ ମଜଭୁତ ରହିଛନ୍ତି। ପୁରୁଷ ବିଭାଗ ୭୦ କେଜିରେ ଭାଗନେଇଥିବା ଦୀପକ କ୍ୱାର୍ଟର ଫାଇନାଲରୁ ବିଦାୟନେଇଛନ୍ତି।

■ କ୍ୟାଣ୍ଡିଡେଟ୍ସ ଚେସ୍

## ସିନ୍ଦାରୋଭ୍ ଏକକ ଅଗ୍ରଣୀ

ନୂଆଦିଲ୍ଲୀ,୩।୪(ଏଜେନ୍ସି): ଉଜବେକିସ୍ତାନର ୨୦ ବର୍ଷୀୟ ଖେଳାଳି ଜାଭୋଖୀର ସିନ୍ଦାରୋଭ୍ ସାଇପ୍ରସରେ ଚାଲିଥିବା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ଣ୍ଣାମେଣ୍ଟର ୫ମ ରାଉଣ୍ଡ ସୁଦ୍ଧା ପୁରୁଷ ବିଭାଗରେ ଏକକ ଅଗ୍ରଣୀ ରହିଛନ୍ତି। ୫ମ ରାଉଣ୍ଡରେ ସେ ଶୀର୍ଷ ଖେଳାଳି ହିକାରି ନାକାମୁରାଙ୍କୁ ପରାସ୍ତ କରି ୪.୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ରହିଛନ୍ତି। ମାଥିଆସ ବ୍ଲୁବାମ୍‌ଙ୍କୁ ହରାଇ ବିଶ୍ୱର ୩ ନମ୍ବର ଖେଳାଳି ଫାବିଆନୋ କାରୁଆନା ୩.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଅନିଶ ଗିରି ଓ ଭାରତର ରମେଶବାବୁ ପ୍ରଜ୍ଞାନନ୍ଦ ୨.୫ପଏଣ୍ଟ ଲେଖାଏଁ ସଂଗ୍ରହ କରି ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଛନ୍ତି। ମହିଳା ବିଭାଗରେ ଆନ୍ନା ମୁଜିଚୁକ ଓ କାଟେରିନା ଲାଗ୍ନୋ ୩ ପଏଣ୍ଟ ଲେଖାଏଁ ସଂଗ୍ରହ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଭାରତୀୟଙ୍କ ମଧ୍ୟରେ ଦିବ୍ୟା ଦେଶମୁଖ ତାଙ୍କଠାରୁ ଅଧିକ ରେଟିଂପ୍ରାପ୍ତ ଖେଳାଳି ତାନ୍ ଝୋଙ୍ଗୟିଙ୍କ ସହ ମ୍ୟାଚ୍ ଡ୍ର ରଖି ୨ପଏଣ୍ଟ ପାଇଛନ୍ତି। ଦିବ୍ୟା ଦେଶମୁଖ ଏକ ଲମ୍ବା ଲଢ଼େଇରେ ଚୀନର ଝୁ ଜିନରଙ୍କଠାରୁ ହାରିଯାଇଥିଲେ।

## ବୋଧନା ଶିବାନନ୍ଦନ

## ଇଂଲଣ୍ଡର ନଂ-୧ ଚେସ୍ ଖେଳାଳି



ଲଣ୍ଡନ,୩।୪(ଏଜେନ୍ସି): ୧୧ ବର୍ଷିୟା ଭାରତୀୟ ବଂଶୋଦ୍ଭବ ଖେଳାଳି ବୋଧନା ଶିବାନନ୍ଦନ ଏବେ ଇଂଲଣ୍ଡର ନଂ-୧ ମହିଳା ଚେସ୍ ଖେଳାଳି ବିବେଚିତ ହୋଇଛନ୍ତି। ସଦ୍ୟ ପ୍ରକାଶିତ ଅନ୍ତର୍ଜାତୀୟ ଚେସ୍ ଫେଡେରେସନ (ଫିଡେ) ରେଟିଂରେ ବୋଧନା ୨୩୬୬ ରେଟିଂ ପାଇଛନ୍ତି। ଫଳରେ ଇଂଲଣ୍ଡର ଲାନ୍ ୟାଓଙ୍କୁ ଅତିକ୍ରମ କରି ନଂ-୧ ଖେଳାଳି ହୋଇଛନ୍ତି। ତାମିଲନାଡୁର ତିରୁଚିରାପ୍ପଲୀର ବାସିନ୍ଦା ବୋଧନା ୨୦୦୭ରେ ମାତାପିତାଙ୍କ ସହ ଲଣ୍ଡନ ଚାଲିଆସିଥିଲେ। କରୋନାବେଳେ ଚେସ୍ ଖେଳ ପ୍ରତି ଆଗ୍ରହ ପ୍ରକାଶ କରିଥିବା ଏହି ୧୧ ବର୍ଷିୟା ଖେଳାଳି ଗତବର୍ଷ ମହିଳା ଅନ୍ତର୍ଜାତୀୟ ମାଷ୍ଟର ଟାଇଟଲ ହାସଲ କରିଛନ୍ତି। ବର୍ତ୍ତମାନ ପ୍ରକାଶିତ ରେଟିଂରେ ସେ ପ୍ରଥମଥର ଟପ୍-୧୦୦ ଜଣ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି ଓ ତାଙ୍କ ସ୍ଥାନ ୭୨ରେ ରହିଛି। ସେ ଏବେ ନର୍ଥଲଣ୍ଡନର ବାସିନ୍ଦା। ବୋଧନାଙ୍କ ଏହି ସଫଳତା ଲାଗି ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ଋଷି ସୁନକ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଋଷି ମଧ୍ୟ ଜଣେ ଭାରତୀୟ ବଂଶୋଦ୍ଭବ ଓ ଇନ୍‌ଫୋସିସ୍ ପ୍ରତିଷ୍ଠାତାଙ୍କ ଜ୍ୱାଇଁ।

## କିଟ୍‌ରେ ଆଇପିଏଲ୍ ଫ୍ୟାନ୍ ପାର୍କ



ଭୁବନେଶ୍ୱର, ୩।୪(ସମିସ): ଆଇପିଏଲ୍‌ର ସମର୍ଥକମାନଙ୍କ ଲାଗି ଏକ ଖୁସିର ଖବର। ଷ୍ଟାଡିୟମ୍‌ରେ ଖେଳ ଦେଖିବାଭଳି ଅନୁଭୂତି ମିଳିବା ସହ ମାଗଣାରେ ଖେଳ ଦେଖିବା ଲାଗି କିଟ୍ ପକ୍ଷରୁ ଏକ ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ବିସିସିଆଇର ଅନୁମତିକ୍ରମେ ଏହି ପାର୍କ ଦୂତୀ ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମ୍‌ରେ ସ୍ଥାପନା କରାଯାଇଛି। ଆବଶ୍ୟକୀୟ କ୍ରୀଡ଼ା ଭିତ୍ତିଭୂମି ପ୍ରତିଷ୍ଠା କରିବାରେ କିଟ୍ ଦେଶରେ ଏକ ଅଗ୍ରଣୀ ଅନୁଷ୍ଠାନ ହୋଇଥିବାରୁ ଏଠାରେ ଆଇପିଏଲ୍ ଫ୍ୟାନ୍ ପାର୍କ ଲାଗି ବିସିସିଆଇ ସୁଯୋଗ ଦେଇଛି। ଏଠାରେ ଆସନ୍ତାକାଲିଠାରୁ ବା ଏପ୍ରିଲ ୪ ତାରିଖ ଅପରାହ୍ଣ ୨ଟା ୩୦ ମିନିଟ୍‌ରୁ ଏହି ଫ୍ୟାନ୍ ପାର୍କ ସର୍ବସାଧାରଣଙ୍କ ଲାଗି ଖୋଲାଯିବ। ଏଠାରେ ଖେଳ ଦେଖିବା ଲାଗି କୌଣସି ଶୁଳ୍କ ନାହିଁ। କିନ୍ତୁ ନିଜ ପସନ୍ଦର ଟିମ୍‌କୁ ସମର୍ଥନ ଜଣାଇବା ଲାଗି ଫେସ୍ ପେଣ୍ଟିଂ, ଶିଶୁମାନଙ୍କ ଲାଗି ସ୍ୱତନ୍ତ୍ର ଖେଳର ବ୍ୟବସ୍ଥା କରାଯାଇଛି। ବିଭିନ୍ନ ପ୍ରକାର ଗେମ୍ ଜୋନ୍, ସୁଆଦିଆ ଖାଦ୍ୟ ଷ୍ଟଲ୍, ଭିଆଇପି ଅତିଥିଙ୍କ ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଏହି ପାର୍କରେ ଉପଲବ୍ଧ କରାଯାଇଛି। ଓଡ଼ିଶା ବ୍ୟତୀତ ରାଉରକେଲାରେ ବିସିସିଆଇ ପକ୍ଷରୁ ଏପରି ଫ୍ୟାନ୍ ପାର୍କର ବ୍ୟବସ୍ଥା କରାଯାଇଛି। ଓଡ଼ିଶାରେ ଆଇପିଏଲ୍ କୌଣସି ମ୍ୟାଚ୍ ଆୟୋଜିତ ହେଉ ନ ଥିଲେ ମଧ୍ୟ ବିଭିନ୍ନ ଟିମ୍‌ର ଅନେକ ପ୍ରଶଂସକ ରହିଛନ୍ତି। ଏଣୁ ସେମାନଙ୍କ ଲାଗି ଏହି ବ୍ୟବସ୍ଥା କରାଯାଇଛି। ଆସନ୍ତାକାଲି ବା ଶନିବାର ଡବଲ ହେଡର ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ ସହ ମୁମ୍ବଇ ଓ ଦ୍ୱିତୀୟ ମ୍ୟାଚ୍‌ରେ ଗୁଜରାଟ ସହ ରାଜସ୍ଥାନର ମୁକାବିଲା ହେବ। ସେହିପରି ରବିବାର ମଧ୍ୟ ଡବଲ ହେଡର ମ୍ୟାଚ୍ ଖେଳାଯିବ। ଏହି ଦିନ ହାଇଦରାବାଦ୍ ସହ ଲକ୍ଷ୍ନୌ ଓ ବେଙ୍ଗାଲୁରୁ ସହ ଚେନ୍ନଇର ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## କିଙ୍ଗ୍‌ଙ୍କୁ ୫ ୱିକେଟ; ଅଷ୍ଟ୍ରେଲିଆର ସିରିଜ୍ ସୁଇପ୍

ସେଣ୍ଟ କିଟ୍ସ, ୩।୪ (ଏଜେନ୍ସି): ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଥିବା ଅଷ୍ଟ୍ରେଲିଆ ମହିଳା କ୍ରିକେଟ୍ ଦଳ ଦିନକିଆ ସିରିଜ କ୍ଲିନସୁଇପ୍ କରିନେଇଛି। ଶୁକ୍ରବାର ଏଠାରେ ଅନୁଷ୍ଠିତ ଅନ୍ତିମ ତଥା ୩ୟ ଦିନକିଆ ମ୍ୟାଚରେ ଅଷ୍ଟ୍ରେଲିଆ ୯ ୱିକେଟରେ ଘରୋଇ ୱେଷ୍ଟଇଣ୍ଡିଜ ମହିଳା ଦଳକୁ ପରାସ୍ତ କରିଥିଲା। ପୂର୍ବରୁ ପ୍ରଥମ ଦୁଇଟି ମ୍ୟାଚକୁ ଯଥାକ୍ରମେ ୧୦୩ ଓ ୯୦ ରନରେ ଜିତିଥିବା ଭ୍ରମଣକାରୀ ଅଷ୍ଟ୍ରେଲିଆ ଏଥିସହ ୩-୦ରେ ସିରିଜ ପୋଛିନେଇଛି। ଅଷ୍ଟ୍ରେଲିଆ ଦଳ ମଧ୍ୟ ଏଥିପୂର୍ବରୁ ଟି-୨୦ ସିରିଜକୁ ୩-୦ରେ ଜିତିଥିଲା। ଫଳରେ ଏହି ଗସ୍ତରେ ଉଭୟ ସିରିଜ ଜିତି ଅଷ୍ଟ୍ରେଲିଆ ସିରିଜ ସୁଇପ୍ କରିନେଇଛି। ଶୁକ୍ରବାର ୱାର୍ନର ପାର୍କରେ ଅନୁଷ୍ଠିତ ୩ୟ ଦିନକିଆରେ ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ୱେଷ୍ଟଇଣ୍ଡିଜ ଲେଗ୍-ସ୍ପିନର ଆଲାନ କିଙ୍ଗ୍‌ଙ୍କ ବୋଲିଂକୁ ସାମ୍ନା କରି ନ ପାରି ୩୫.୪ ଓଭରରେ ୧୩୬ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଚିନେଲୀ ହେନରୀ ୪୨ ଓ ଅଧିନାୟିକା ହେଲୀ ମାଥ୍ୟୁସ ୩୪ ରନ କରିଥିଲେ। ଅଷ୍ଟ୍ରେଲିଆର କିଙ୍ଗ୍ ୧୦ ଓଭରରେ ମାତ୍ର ୧୯ ରନ ବ୍ୟୟରେ ୫ ୱିକେଟ୍ ସଫଳତା ପାଇଥିଲେ। ଜବାବରେ ଅଷ୍ଟ୍ରେଲିଆ ୧୯.୪ ଓଭରରେ ଜର୍ଜିଆ ଭଲ୍ (୨୩ ରନ)ଙ୍କ ୱିକେଟ୍ ହରାଇ ସହଜରେ ବିଜୟୀ ହୋଇଥିଲା।

## ରାଜ୍ୟ ବାସ୍କେଟ୍‌ବଲ୍ ଚାମ୍ପିଅନସିପ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୩।୪(ସମିସ): କଟକର ଜେଏନ୍ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ରାଜ୍ୟ ଜୁନିଅର ବାସ୍କେଟବଲ ଚାମ୍ପିଅନସିପ୍‌କୁ ଷଷ୍ଠ ବାଟାଲିୟନ କମାଣ୍ଡାଣ୍ଟ ସୂର୍ଯ୍ୟନାରାୟଣ ମଲ୍ଲିକ ଓ ଓଡ଼ିଶା ଅଲିମ୍ପିକ୍ ସଂଘ ସମ୍ପାଦକ ଅଭିଜିତ ପାଲ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏଥିରେ ରାଜ୍ୟର ୩୦ଟି ଜିଲ୍ଲା ଓ କ୍ଲବ୍ ଟିମ୍ ଅଂଶଗ୍ରହଣ କରୁଛନ୍ତି। ଆସନ୍ତା ୬ରେ ଏହା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ବାସ୍କେଟବଲ ସଂଘ ସଭାପତି ଜ୍ଞାନରଞ୍ଜନ ପରିଡ଼ା ଓ କୋଷାଧ୍ୟକ୍ଷ ପିକେ ବେହେରାଙ୍କ ସହ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ। ସମ୍ପାଦକ ଅଶୋକ ସାହୁ ସଭା ପରିଚାଳନା କରିଥିଲେ।

ୱାର୍ଲ୍ଡ ଆର୍ଚରୀ ପାରା ସିରିଜ୍

## ଶୀତଲ-ପାୟଲଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର,୩।୪(ସମିସ): ଭାରତର ଶୀତଲ ଦେବୀ ଓ ଓଡ଼ିଶାର ପାୟଲ ନାଗ୍‌ଙ୍କ ଯୋଡି ୱାର୍ଲ୍ଡ ଆର୍ଚରୀ ପାରା ସିରିଜ୍‌ରେ କମ୍ପାଉଣ୍ଡ ମହିଳା ଡବଲ୍ସରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଟୁର୍ଣ୍ଣାମେଣ୍ଟ ସାରା ପ୍ରାଧାନ୍ୟ ବିସ୍ତାର କରିଥିବା ଭାରତର ଏହି ଦୁଇ ପାରା ଆର୍ଚର ଆଜି ଅନୁଷ୍ଠିତ ଫାଇନାଲରେ କାଜାଖସ୍ତାନର ପ୍ରତିଦ୍ୱନ୍ଦ୍ୱୀଙ୍କୁ ୧୫୦-୧୪୭ ପଏଣ୍ଟରେ ପରାସ୍ତ କରିଥିଲେ। ଉଭୟଙ୍କର ଜନ୍ମରୁ ହାତ ନ ଥିବା ବେଳେ କଠିନ ପରିଶ୍ରମ, ନିଷ୍ଠା ଓ ଦୃଢ଼ ମାନସିକତା ବଳରେ ସଫଳତାର ଶିଖରରେ ପହଞ୍ଚିବାରେ ସମର୍ଥ ହୋଇଛନ୍ତି। ଏମାନେ ମଧ୍ୟ ଇଣ୍ଡିଭିଜୁଆଲ କାଟେଗୋରୀର ଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତାକାଲି ଫାଇନାଲ ମୁକାବିଲା ହେବ। ଉଭୟଙ୍କ ସଫଳତା ଲାଗି ପାରା ଆସୋସିଏସନ ଅଫ୍ ଓଡ଼ିଶା ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। ନିକଟରେ ଜମ୍ମୁ-କଶ୍ମୀରର ଶୀତଲ ଦେବୀଙ୍କୁ ବିଶ୍ୱର ବେଷ୍ଟ ପାରା ଆର୍ଚରଭାବେ ବିବେଚିତ କରାଯାଇଥିଲା। ଉଭୟ ଶୀତଲ ଓ ପାୟଲଙ୍କ ଇଚ୍ଛାଶକ୍ତି ନିକଟରେ ସେମାନଙ୍କ ଶାରିରୀକ ଅକ୍ଷମତା ହାର ମାନିଛି।

ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା ଉଦ୍‌ଯାପିତ

## ୨୧ ସ୍ୱର୍ଣ୍ଣ ସହ ୫୭ ପଦକ ଜିତି ଓଡ଼ିଶା ଦ୍ୱିତୀୟ

ଭୁବନେଶ୍ୱର, ୩।୪ (ସମିସ)



ଛତିଶଗଡ଼ରେ ଶେଷ ହୋଇଥିବା ପ୍ରଥମ ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ାରେ ଓଡ଼ିଶା ମୋଟ ୫୭ ପଦକ ଜିତି ଦ୍ୱିତୀୟ ସ୍ଥାନରେ ରହି ରନର୍ସଅପ୍ ହୋଇଛି। ଓଡ଼ିଶା ଜିତିଥିବା ପଦକ ମଧ୍ୟରେ ୨୧ ସ୍ୱର୍ଣ୍ଣ, ୧୫ ରୌପ୍ୟ ଓ ୨୧ କାଂସ୍ୟ ପଦକ ରହିଛି। ତେବେ ଓଡ଼ିଶାଠାରୁ କମ୍ ଅର୍ଥାତ୍ ମୋଟ୍ ୩୮ଟି (୨୩ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୭ କାଂସ୍ୟ) ପଦକ ଜିତିଥିଲେ ମଧ୍ୟ ସ୍ୱର୍ଣ୍ଣ ଦୃଷ୍ଟିରୁ କର୍ଣ୍ଣାଟକ ପ୍ରଥମ ସ୍ଥାନରେ ରହି ଚାମ୍ପିଅନ ହୋଇଛି। ଓଡ଼ିଶା କ୍ରୀଡ଼ାବିତ୍‌ମାନେ ଟ୍ରାକ୍ ଆଣ୍ଡ ଫିଲ୍ଡରୁ ସର୍ବାଧିକ ୨୪ଟି ପଦକ ବିଜୟୀ ହୋଇଛନ୍ତି। ଏହାପରେ ସନ୍ତରଣରୁ ୧୬, ଭାରୋତ୍ତୋଳନରୁ ୭, ହକିରୁ ୨, ତୀରନ୍ଦାଜୀରୁ ୭ ଓ କୁସ୍ତିରୁ ଗୋଟିଏ ପଦକ ହାସଲ କରିଥିଲେ। ଶୁକ୍ରବାର ଅନ୍ତିମ ଦିବସରେ ଓଡ଼ିଶା ୧ ସ୍ୱର୍ଣ୍ଣ ଓ ୩ ରୌପ୍ୟ ସହ ମୋଟ୍ ୪ଟି ପଦକ ଜିତିଥିଲା। ଏହି ସମସ୍ତ ପଦକ ତୀରନ୍ଦାଜୀରୁ ମିଳିଥିଲା। ପୁରୁଷ ଇଣ୍ଡିଭିଜୁଆଲ୍ ରିକର୍ଭରେ ଅର୍ଜୁନ ଖରା ସ୍ୱର୍ଣ୍ଣ ଓ ସୋମନାଥ ହେମ୍ବ୍ରମ ରୌପ୍ୟ ପଦକ ଜିତିଥିଲେ। ସେହିଭଳି ରିକର୍ଭ ମିକ୍ସଡ ଟିମ୍ ଇଭେଣ୍ଟରେ ଅର୍ଜୁନ ଓ ମମିତା ଓରାମ ଯୋଡ଼ି ରୌପ୍ୟ ଏବଂ ପୁରୁଷ ରିକର୍ଭ ଟିମ୍ ଇଭେଣ୍ଟରେ ଅର୍ଜୁନ, ସୋମନାଥ ଓ ରମାଇ ମୁର୍ମୁ ରୌପ୍ୟ ପଦକ ସଫଳତା ପାଇଥିଲେ।

ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ

## ୧ ରନରେ ଜିତି ସେମିରେ ଗ୍ରୀନ୍ସ



ଭୁବନେଶ୍ୱର, ୩।୪ (ସମିସ): ଶ୍ରୀ ଜୟଦେବ କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚାଲିଥିବା ପଣ୍ଡିତ ରାମକୃଷ୍ଣ ମହାପାତ୍ର ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦଳ ଭାବେ ଗ୍ରୀନ୍ସ କ୍ରିକେଟ ଏକାଡେମୀ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ରୋମାଞ୍ଚକ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ ଏକାଡେମୀ ମାତ୍ର ୧ ରନରେ ଟାଉନ କ୍ଲବକୁ ପରାସ୍ତ କରିଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ଦଳ ୩୦ ଓଭରରେ ୮ ୱିକେଟ୍ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ମିକୁନ ଦଳନାୟକ ୬୮, ଅଂଶୁମାନ ଯାଦବ ୩୦ ରନ କରିଥିଲେ। ଟାଉନ କ୍ଲବର ଇଶାନ ମହାପାତ୍ର ଓ ମୟଙ୍କ ପଟ୍ଟନାୟକ ୨ଟି ଲେଖାଏ ୱିକେଟ୍ ନେଇଥିଲେ। ଜବାବରେ ଟାଉନ କ୍ଲବ ଲଢୁଆ ପ୍ରଦର୍ଶନ କରିଥିଲେ ମଧ୍ୟ ୮ ୱିକେଟରେ ୧୯୫ ରନ କରିବାକୁ ସମର୍ଥ ହୋଇଥିଲା। ମୟଙ୍କ ୩୭ ବଲରୁ ୭୬ ରନର ଦ୍ରୁତ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଗ୍ରୀନ ଏକାଡେମୀର ଜଗନ୍ନାଥ ବେହେରା ୪ଟି ୱିକେଟ ନେଇ ଶ୍ରେଷ୍ଠ ବୋଲିଂ ପ୍ରଦର୍ଶନ କରିଥିଲେ। ଏହି ସଫଳତା ଲାଗି ଜଗନ୍ନାଥ ମ୍ୟାଚର ଶ୍ରେଷ୍ଠ ଖେଳାଳି ହୋଇଥିଲେ। ପୂର୍ବତନ କ୍ରିକେଟର୍ ରଶ୍ମିରଞ୍ଜନ ସ୍ୱାଇଁ, ଜ୍ୟୋତିରଞ୍ଜନ ପଣ୍ଡା ଅତିଥିଭାବେ ଯୋଗଦେଇଥିଲେ। ଆଜିର ମ୍ୟାଚକୁ ଅଜୟ ନାୟକ ଓ ଶାଶ୍ୱତୀ ଶତପଥୀ ପରିଚାଳନା କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS